# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୭/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, January 17/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 55 | ମୂଲ୍ୟ ₹୭/-



DADLS-83

# ଜୟ ଜଗନ୍ନାଥ









ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆଜି
୧୭ ଜାନୁଆରୀ ୨୦୨୪ ପୌଷ ଶୁକ୍ଳପକ୍ଷ ସପ୍ତମୀ ତିଥି
ଅପରାହ୍ନ ୦୧.୧୫ ଘଟିକାରେ
**'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର**
ଭବ୍ୟ ଲୋକାର୍ପଣ ସମ୍ପନ୍ନ ହେବ ।

ସକାଳ ୭ ଘଟିକାରୁ କାର୍ଯ୍ୟକ୍ରମର ସିଧାପ୍ରସାରଣ
ସମସ୍ତ ଓଡ଼ିଆ ଟିଭି ଚାନେଲ୍ ଏବଂ "IPR Odisha"
ୟୁଟ୍ୟୁବ୍ ଚାନେଲ୍‌ରେ ଦେଖିପାରିବେ ।




OIPR-15001/13/0267/2324

# ଅଯୋଧ୍ୟା

## ଏକ ନୂଆ ଇତିହାସର ରଚନା



ଉତ୍ତରପ୍ରଦେଶର ଡବଲ ଇଞ୍ଜିନ ସରକାର ଅଯୋଧ୍ୟାକୁ ବିଶ୍ୱ ମାନଚିତ୍ରରେ ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିବା ପାଇଁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ସହରରେ ₹୩୧,୦୦୦ କୋଟି ବ୍ୟୟରେ ୧୭୮ଟି ପ୍ରକଳ୍ପ ପ୍ରଦାନ କରାଯାଇଛି । ଆଗାମୀ ୧୦ ବର୍ଷ ମଧ୍ୟରେ ମାଷ୍ଟରପ୍ଲାନ୍ ୨୦୩୧ ଅନ୍ତର୍ଗତ ₹୮୫୦୦୦ କୋଟିର ବିକାଶମୂଳକ ପ୍ରକଳ୍ପ ରହିଛି ଯାହାକି ପୁନଶ୍ଚ ଭିତ୍ତିଭୂମିକୁ ଦୃଢ଼ୀଭୂତ କରିବ । ଏହି ଆତ୍ମନିର୍ଭର ଭାରତର ଲକ୍ଷ୍ୟକୁ ଧ୍ୟାନରେ ରଖି ଆଗାମୀ ଦିନରେ ଅଯୋଧ୍ୟାରେ ₹୧.୫୪ କୋଟିର ନିବେଶ ସହିତ ପ୍ରାୟ ୧.୩ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ । ଏଥିପାଇଁ ୟୁପିଜିଆଇଏସ୍ ସହିତ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଅବଧପୁରୀ, ଯାହାକି ସପ୍ତପୁରୀ ମଧ୍ୟରେ ସର୍ବୋତ୍ତମ, ଏହା ବିକାଶର ଏକ ନୂତନ ମଡେଲ ଭାବରେ ସ୍ଥାପିତ ହେଉଛି ।

'ଧର୍ମନଗରୀ' ଅଯୋଧ୍ୟାର ସାମଗ୍ରିକ ବିକାଶ ହେଉଛି ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ ଯାହାକୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଗ୍ରହଣ କରାଯାଉଛି । ସାରା ଦେଶବାସୀ ଓ ବିଶ୍ୱ ଏହି ଦିବ୍ୟ, ଭବ୍ୟ ଓ ନବ୍ୟ ଅଯୋଧ୍ୟାକୁ ଦେଖିବା ପାଇଁ ଚାହିଁ ରହିଛି । ଆମକୁ ଏହା ସୁନିଶ୍ଚିତ କରିବାକୁ ହେବ ଯେ ଅଯୋଧ୍ୟା ଆସୁଥିବା ପ୍ରତ୍ୟେକ ଯାତ୍ରୀ, ପର୍ଯ୍ୟଟକ ଯେପରି ଆନନ୍ଦ ଓ ସନ୍ତୋଷର ଭାବନା ନେଇ ଫେରିବେ ।

**ଯୋଗୀ ଆଦିତ୍ୟନାଥ**, ମୁଖ୍ୟମନ୍ତ୍ରୀ ଉତ୍ତରପ୍ରଦେଶ

ଅଯୋଧ୍ୟାର ଆମର ସର୍ବୋଚ୍ଚ ପରମ୍ପରା ଓ ବିକାଶମୂଳକ କାର୍ଯ୍ୟକୁ ସ୍ଥାପିତ କରାଯିବ । ଏଠାରେ ଆଧୁନିକ ଭିତ୍ତିଭୂମି ସହିତ ମାନବିକ ମୂଲ୍ୟବୋଧକୁ ସାମିଲ୍ କରାଯିବ ଯାହାକି ପର୍ଯ୍ୟଟକ, ତୀର୍ଥଯାତ୍ରୀ ସଭିଙ୍କ ପାଇଁ ଲାଭଦାୟକ ହେବ । ଆଗାମୀ ପିଢ଼ି ଜୀବନରେ ଅତି କମ୍‌ରେ ଥରେ ନିଶ୍ଚିତ ଭାବରେ ଅଯୋଧ୍ୟାକୁ ଆସିବା ପାଇଁ ଇଚ୍ଛା କରିବେ । ଆମେ ମିଳିତ ଭାବରେ ଅଯୋଧ୍ୟାର ସାଂସ୍କୃତିକ ଐତିହ୍ୟକୁ ବଜାୟ ରଖି ଏହାକୁ ଏକ ପ୍ରମୁଖ ସ୍ଥାନ ଭାବରେ ପରିଣତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ।

**ନରେନ୍ଦ୍ର ମୋଦି**, ପ୍ରଧାନମନ୍ତ୍ରୀ

## ଐତିହାସିକ ପଦକ୍ଷେପ

- ଅଯୋଧ୍ୟା ମ୍ୟୁନିସିପାଲ୍ କର୍ପୋରେସନର ଗଠନ
- ଅଯୋଧ୍ୟା ବାଇପାସରେ ବିଶାଳ ବସ୍ ଷ୍ଟେଶନର ନିର୍ମାଣ
- ରାଜର୍ଷି ଦଶରଥ ଅଟୋନୋମସ୍ ଷ୍ଟେଟ୍ ମେଡିକାଲ କଲେଜର ନିର୍ମାଣ
- ଭଜନ ସନ୍ଧ୍ୟା ସ୍ଥଳ, ମ୍ୟୁଜିୟମ, ଶ୍ରୀରାମ ପ୍ରତିମୂର୍ତ୍ତିର ନିର୍ମାଣ
- ଅଯୋଧ୍ୟାକୁ ସ୍ମାର୍ଟ ସିଟି ଭାବରେ ବିକାଶ
- ମହର୍ଷି ବାଲ୍ମୀକି ଅନ୍ତର୍ଜାତୀୟ ଏୟାରପୋର୍ଟ
- ଅଯୋଧ୍ୟା ଚାରିପାଖରେ ୪ ଲେନ୍‌ରେ ଅନେକ ରୋଡ୍‌ର ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ
- ଶ୍ରୀରାମ ମନ୍ଦିର ମାର୍ଗର ପ୍ରଶସ୍ତିକରଣ ଓ ସୌନ୍ଦର୍ଯ୍ୟକରଣ
- ଧର୍ମପଥ ସହିତ ଅନ୍ୟ ମାର୍ଗର ସମ୍ପ୍ରସାରଣ
- ମହର୍ଷି ମହେଶ ଯୋଗୀ ରାମାୟଣ ୟୁନିଭର୍ସିଟିର ପ୍ରତିଷ୍ଠା
- ଉତ୍ତରପ୍ରଦେଶ ଶ୍ରୀ ଅଯୋଧ୍ୟା ଜୀ ତୀର୍ଥ ବିକାଶ ପରିଷଦ
- ଇଣ୍ଡିଆନ ଟେମ୍ପଲ୍ ଆର୍କିଟେକ୍‌ଚର ମ୍ୟୁଜିୟମର ପ୍ରତିଷ୍ଠା
- ଅନ୍ତର୍ଜାତୀୟ ରାମାୟଣ ଓ ବୈଦିକ ଗବେଷଣା ଅନୁଷ୍ଠାନ
- ମଡେଲ୍ ସୋଲାର୍ ସିଟିର ବିକାଶ
- ଅଯୋଧ୍ୟାରେ ଆୟୋଜିତ ସମସ୍ତ ମେଳାକୁ ରାଜ୍ୟ ମାନ୍ୟତା

## ଶୁଭାରମ୍ଭ ହୋଇସାରିଥିବା ପ୍ରକଳ୍ପ

- ₹୧୪୬୩ କୋଟି ବ୍ୟୟରେ ମହର୍ଷି ବାଲ୍ମୀକି ଅନ୍ତର୍ଜାତୀୟ ବିମାନବନ୍ଦର ଅଯୋଧ୍ୟାଧାମ
- ₹୧୯୧୯ କୋଟି ବ୍ୟୟରେ ଜଉନପୁର-ଅଯୋଧ୍ୟା-ବାରବାଙ୍କୀ ରେଳ ଲାଇନ୍ ଅନ୍ତର୍ଗତ ୪ଟି ସେକ୍ସନର ଦୋହରୀକରଣ
- ₹୮୪୫ କୋଟି ବ୍ୟୟରେ ରାମ ପଥ (ସାହାଦତଗଞ୍ଜରୁ ନୟା ଘାଟ)ର ନିର୍ମାଣ
- ₹୨୪୧ କୋଟି ବ୍ୟୟରେ ଅଯୋଧ୍ୟା ଧାମ ଜଙ୍କସନର ରେଲୱେ ଷ୍ଟେଶନର ଆଧୁନିକୀକରଣ
- ₹୧୬୭ କୋଟି ବ୍ୟୟରେ ଓଭରହେଡ୍ ପାୱାରଲାଇନ୍‌ର ଭୂତଳ କାର୍ଯ୍ୟ
- ₹୭୫ କୋଟି ବ୍ୟୟରେ ବଡ଼ି ବୁଆ ରେଲ୍‌ୱେ କ୍ରସିଂଠାରେ ରେଳ ଓଭରବ୍ରିଜ୍‌ର ନିର୍ମାଣ
- ₹୬୮ କୋଟି ବ୍ୟୟରେ ଭକ୍ତି ପଥ (ଅଯୋଧ୍ୟା ମେନ୍ ରୋଡ୍‌ରୁ ଶ୍ରୀରାମ ଜନ୍ମଭୂମି ଭାୟା ହନୁମାନ ଗଢ଼ି)ର ନିର୍ମାଣ
- ₹୬୭ କୋଟି ବ୍ୟୟରେ ମହର୍ଷି ଅରୁନ୍ଧତୀ ପାର୍କିଂ ଓ କମର୍ସିଆଲ୍ କମ୍ପ୍ଲେକ୍ସ (ପୂର୍ବ ଓ ପଶ୍ଚିମ)
- ₹୬୫ କୋଟି ବ୍ୟୟରେ ଧର୍ମ ପଥ (ଏନ୍‌ଏଚ୍-୨୭ରୁ ନୟା ଘାଟ ପୁରୁଣା ବ୍ରିଜ୍)ର ନିର୍ମାଣ
- ₹୪୫ କୋଟି ବ୍ୟୟରେ ଏନ୍‌ଏଚ୍-୨୭ ବାଇବାସ୍ ମହୋବ୍ରା ବଜାରଠାରୁ ଶ୍ରୀରାମ ଜନ୍ମଭୂମି ଭାୟା ଟେଢ଼ି ବଜାର ଦେଇ ୪ ଲେନ୍ ରାସ୍ତାର ନିର୍ମାଣ
- ₹୪୧ କୋଟି ବ୍ୟୟରେ ଶ୍ରୀରାମ ଜନ୍ମଭୂମି ପଥ (ସୁଗ୍ରୀବ ଫୋର୍ଟରୁ ଶ୍ରୀରାମ ଜନ୍ମଭୂମି)ର ନିର୍ମାଣ
- ₹୩୭ କୋଟି ବ୍ୟୟରେ କଲେକ୍ଟୋରେଟ୍ ପରିସରରେ ଲକ୍ଷ୍ମଣ କୁଞ୍ଜ ସ୍ମାର୍ଟ ଭେହିକଲ୍ ପାର୍କିଂର ନିର୍ମାଣ
- ₹୩୪ କୋଟି ବ୍ୟୟରେ ପୋଲିସ କର୍ମଚାରୀଙ୍କ ପାଇଁ ଟ୍ରାଞ୍ଜିଟ୍ ହଷ୍ଟେଲ୍
- ₹୨୦ କୋଟି ବ୍ୟୟରେ ଅଯୋଧ୍ୟା-ସୁଲତାନପୁର ଏନ୍‌ଏଚ୍-୩୩୦ରୁ ଏୟାରପୋର୍ଟ ପର୍ଯ୍ୟନ୍ତ ୪ ଲେନ୍ ରାସ୍ତାର ନିର୍ମାଣ
- ₹୧୭ କୋଟି ବ୍ୟୟରେ ସୋହାୱାଲ୍ ଏରିଆରେ ପିସୱାରାଉଲି ଗ୍ରାମସଭାଠାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟର ନିର୍ମାଣ
- ₹୧୭ କୋଟି ବ୍ୟୟରେ ଅମନିଗଞ୍ଜଠାରେ ମଲ୍ଟି-ଲେଭଲ୍ ପାର୍କିଂ ଓ କମର୍ସିଆଲ୍ କମ୍ପ୍ଲେକ୍ସ

## ରୂପାନ୍ତରଣର ୮ଟି ଅବଧାରଣା





୮ଟି ପ୍ରମୁଖ ଅବଧାରଣାକୁ ଆଧାର କରି ସହରରେ ବିକାଶମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି, ଯାହାଦ୍ୱାରା ଏଠାରେ ଅତୁଳନୀୟ ସମୃଦ୍ଧି ହେବା ସହିତ ଏକ ଉଲ୍ଲେଖନୀୟ ସହରରେ ପରିଣତ ହେବ ।

### ସାଂସ୍କୃତିକ ଅଯୋଧ୍ୟା

ଏହାର ଉଦ୍ଦେଶ୍ୟ ହେଉଛି ଅଯୋଧ୍ୟାକୁ ଭାରତର ସାଂସ୍କୃତିକ ରାଜଧାନୀରେ ପରିଣତ କରିବା । ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ରହିଛି ଆକର୍ଷଣୀୟ ମନ୍ଦିର, ମୋନାଷ୍ଟେରିଜ୍ ଓ ଆଶ୍ରମର ନିର୍ମାଣ, ଗ୍ରାଣ୍ଡ ସିଟି ଗେଟ୍‌ର ନିର୍ମାଣ ଏବଂ ପ୍ରକଳ୍ପର କାର୍ଯ୍ୟକାରୀ ଯଥା ମନ୍ଦିର ମ୍ୟୁଜିୟମ ଯାହାକି କୌଶଳଗତ ପ୍ଲାନ ସହିତ ସମନ୍ୱିତ ହୋଇଛି ।

### ସକ୍ଷମ ଅଯୋଧ୍ୟା

ସକ୍ଷମ ଅଯୋଧ୍ୟା ବିଷୟ ଅନ୍ତର୍ଗତ, ଅଯୋଧ୍ୟାକୁ ଏକ ସମ୍ପୂର୍ଣ୍ଣ ନିର୍ଭରଶୀଳ ସହରରେ ବିକଶିତ କରିବା ପାଇଁ ଚେଷ୍ଟା କରାଯାଉଛି । ଏହାର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ମାଧ୍ୟମରେ ଉଲ୍ଲେଖନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଯେଉଁଥିରେ ରହିଛି ଦୈନିକ ନିଯୁକ୍ତି, ପର୍ଯ୍ୟଟନ ତଥା ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟ ।



### ସୁରମ୍ୟ ଅଯୋଧ୍ୟା

ଏଥିରେ ଅନ୍ତର୍ଭୁକ୍ତ ରହିଛି ଅନେକ ଗୁଡିଏ ପୋଖରୀ, ହ୍ରଦ, ପୁରାତନ ଜଳାଶୟର ସୌନ୍ଦର୍ଯ୍ୟକରଣ, ପୁରୁଣା ବଗିଚାର ବିକାଶ, ନୂତନର ପ୍ରତିଷ୍ଠା ଓ ହେରିଟେଜ୍ ଲାଇଟିଂ ସିଷ୍ଟମ ମାଧ୍ୟମରେ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଯେଉଁଥିରେ ତାରର ସମସ୍ୟା ରହିବ ନାହିଁ । ସଡକର ଆଲୋକୀକରଣ ସହିତ ବାହ୍ୟ ଆଲୋକ ବ୍ୟବସ୍ଥା ସହିତ ଅଯୋଧ୍ୟାର ବିକାଶ କରାଯାଉଛି ।

### ଭାବନାତ୍ମକ ଅଯୋଧ୍ୟା

ଭାବନାତ୍ମକ ଅଯୋଧ୍ୟାର ବିବେଚନା କରି, ସନାତନୀ ସମ୍ପ୍ରଦାୟଙ୍କର ଅଯୋଧ୍ୟା ତଥା ପ୍ରଭୁ ଶ୍ରୀରାମଙ୍କ ସହିତ ଏକ ଆବେଗିକ ସମ୍ପର୍କ ରହିଛି । ଏହି ଉଦ୍ଦେଶ୍ୟ ସହିତ, ସାଂସ୍କୃତିକ ବିଷୟକୁ ସହରର କାନ୍ଥ, ରାସ୍ତା ପାର୍ଶ୍ୱ ଓ ଛକରେ ସ୍ଥାନିତ କରାଯାଉଛି ।

### ଆଧୁନିକ ଅଯୋଧ୍ୟା

ଆଧୁନିକ ଅଯୋଧ୍ୟା ସ୍ଥାପନ କରିବା ପାଇଁ ଏହି ପବିତ୍ର ସହରରେ ଆଧୁନିକୀକରଣ କାର୍ଯ୍ୟ କରାଯାଉଛି, ଏହା ସହିତ ଅନେକ ଗୁଡିଏ ବ୍ୟବସ୍ଥା କରାଯାଉଛି । ପଦକ୍ଷେପ ଯଥା ସ୍ମାର୍ଟ ସିଟି, ସେଫ୍ ସିଟି, ସୋଲାର ସିଟି ଓ ଗ୍ରୀନଫିଲ୍‌ଡ ଟାଉନ୍‌ସିପ୍‌କୁ ଅଯୋଧ୍ୟାରେ ଆଧୁନିକୀକରଣ ପ୍ରଚେଷ୍ଟା ସ୍ୱରୂପ କରାଯାଉଛି ।

### ସୁଗମ୍ୟ ଅଯୋଧ୍ୟା

ସୁଗମ୍ୟ ଅଯୋଧ୍ୟାର ଅନୁପାଳନ ସହିତ, ଅନ୍ତର୍ଜାତୀୟ ବିମାନ ବନ୍ଦର, ଅଯୋଧ୍ୟା ଧାମ ଜଙ୍କସନ ରେଲୱେ ଷ୍ଟେସନ, ସହର ମଧ୍ୟରେ ତଥା ନିକଟବର୍ତ୍ତୀ ଜିଲ୍ଲାକୁ ୪ ଲେନ୍ ରାସ୍ତାର ବିକାଶ, ସରୟୁ ଓ ଇନଲ୍ୟାଣ୍ଡ ଜଳମାର୍ଗର ସଂଯୋଗ, ସରକାର ଅଯୋଧ୍ୟାକୁ ଯୋଗାଯୋଗ କ୍ଷେତ୍ରରେ ଉନ୍ନତ କରିବା ପାଇଁ କ୍ରମାଗତ ଭାବରେ କାର୍ଯ୍ୟ କରୁଛନ୍ତି ।



### ସ୍ୱଚ୍ଛ ଅଯୋଧ୍ୟା

ନାମ ସୂଚାଉଥିବା ଭଳି, ସ୍ୱଚ୍ଛ ଅଯୋଧ୍ୟା ବ୍ୟାପକ ପ୍ରଚେଷ୍ଟା କାର୍ଯ୍ୟକାରୀ ହେଉଛି ଯେଉଁଥିରେ ସଫେଇ ପଦକ୍ଷେପକୁ ସାମିଲ୍ କରାଯାଇଛି ଓ ଏହା ସହିତ ସହରରେ ଡ୍ରେନେଜ୍ ଓ ସିୱର ସିଷ୍ଟମର ଉନ୍ନତୀକରଣ କରାଯାଉଛି । ମୁଖ୍ୟମନ୍ତ୍ରୀ ଅଯୋଧ୍ୟାକୁ ପର୍ଯ୍ୟଟନ ଓ ଧାର୍ମିକ ବିଶ୍ୱାସର ଏକ ପ୍ରମୁଖ କେନ୍ଦ୍ର ତଥା ଦେଶର ସ୍ୱଚ୍ଛ ସହର କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ।

### ଆୟୁଷ୍ମାନ ଅଯୋଧ୍ୟା

ଆୟୁଷ୍ମାନ ଅଯୋଧ୍ୟା ଅବଧାରଣା ଅନ୍ତର୍ଗତ, ଅଯୋଧ୍ୟାର ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ବ୍ୟାପକ ପରିବର୍ତ୍ତନ କରାଯାଇଛି ଓ ରୋଗୀଙ୍କୁ ଉଚ୍ଚମାନର ଓ ସୁବିଧାଜନକ ଡାକ୍ତରୀ ସୁବିଧା ପ୍ରଦାନ କରିବା ସୁନିଶ୍ଚିତ କରାଯାଉଛି । ରାଜର୍ଷି ଦଶରଥ ଅଟୋନୋମସ୍ ଷ୍ଟେଟ୍ ମେଡିକାଲ କଲେଜ୍ କେବଳ ଡାକ୍ତରୀ ସେବା ପ୍ରଦାନ କରେ ନାହିଁ ବରଂ ଏହା ସହିତ ଜରୁରୀକାଳୀନ ଡାକ୍ତରୀ ସେବା କ୍ଷେତ୍ରରେ ବ୍ୟାପକ ଗବେଷଣା କାର୍ଯ୍ୟ କରାଯାଉଛି ।

## ନିର୍ମାଣାଧୀନ ପ୍ରକଳ୍ପ

- ₹୨୧୮୨ କୋଟି ବ୍ୟୟରେ ଗ୍ରୀନ୍‌ଫିଲ୍ଡ ଟାଉନଶିପ୍ ପ୍ରକଳ୍ପ
- ₹୩୦୦ କୋଟି ବ୍ୟୟରେ ବଶିଷ୍ଠ କୁଞ୍ଜ ଆବାସିକ ପ୍ରକଳ୍ପ
- ₹୨୯୭ କୋଟି ବ୍ୟୟରେ ଏନ୍‌ଏଚ୍-୨୭ରେ ଲକ୍ଷ୍ନୌ-ଅଯୋଧ୍ୟା ସେକ୍ସନରେ ଇପିସି ମୋଡ୍‌ରେ ୮.୦୦୦ କିମିରୁ ୧୨୧.୬୦୦ କିମି ପର୍ଯ୍ୟନ୍ତ ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ
- ₹୨୧୮ କୋଟି ବ୍ୟୟରେ ଏନ୍‌ଏଚ୍-୨୭ରେ ଅଯୋଧ୍ୟା ବାଇପାସ୍‌ରେ ଇପିସି ମୋଡ୍‌ରେ ୧୨୧.୬୦୦ କିମିରୁ ୧୪୪.୦୨୦ କିମି ପର୍ଯ୍ୟନ୍ତ ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ
- ₹୧୨୦ କୋଟି ବ୍ୟୟରେ ଅଯୋଧ୍ୟା ମ୍ୟୁନିସିପାଲ କର୍ପୋରେଶନ୍ ଓ ଅଯୋଧ୍ୟା ଡେଭଲପମେଣ୍ଟ ଅଥୋରିଟି ଅଫିସ୍ ବିଲ୍‌ଡିଂର ବିକାଶ
- ₹୪୦ କୋଟି ବ୍ୟୟରେ ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ)ର ନିର୍ମାଣ
- ₹୨୮ କୋଟି ବ୍ୟୟରେ ଉତ୍ରାଉଲା-ଫୈଜାବାଦ-ଆଲ୍ଲାହାବାଦ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ
- ₹୨୭ କୋଟି ବ୍ୟୟରେ ଗୌନାହି-ଦେଓଧି ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ
- ₹୨୪ କୋଟି ବ୍ୟୟରେ ଗୁପ୍ତର ଘାଟ ଓ ରାଜ ଘାଟ ମଧ୍ୟରେ ନୂତନ କଂକ୍ରିଟ୍ ଘାଟ ଓ ପ୍ରି-ବିଲ୍ଟ ଘାଟର ଆଧୁନିକୀକରଣ
- ₹୨୩ କୋଟି ବ୍ୟୟରେ ନୟା ଘାଟରୁ ଲକ୍ଷ୍ମଣ ଘାଟ ପର୍ଯ୍ୟନ୍ତ ପର୍ଯ୍ୟଟନ ସୁବିଧାର ବିକାଶ ଓ ସୌନ୍ଦର୍ଯ୍ୟକରଣ
- ₹୨୩ କୋଟି ବ୍ୟୟରେ ରାମ କି ପୈଡି ଠାରେ ପରିଦର୍ଶକ ଗ୍ୟାଲେରିର ନିର୍ମାଣ ।
- ₹୨୩ କୋଟି ବ୍ୟୟରେ ରାମ କି ପୈଡିଠାରୁ ରାଜଘାଟ, ରାଜଘାଟଠାରୁ ଶ୍ରୀରାମ ଜନ୍ମଭୂମି ମନ୍ଦିର ପର୍ଯ୍ୟନ୍ତ ତୀର୍ଥଯାତ୍ରୀ ପଥର ଦୃଢ଼ୀକରଣ ଓ ନବୀକରଣ
- ₹୨୦ କୋଟି ବ୍ୟୟରେ ଅଯୋଧ୍ୟା ଧାମ ଜଙ୍କସନ୍ ରେଳ ଷ୍ଟେଶନରୁ ରାମ ପଥ ପର୍ଯ୍ୟନ୍ତ ସ୍ମାର୍ଟ ରୋଡ୍ (କ୍ଷୀର ସାଗର ପଥ)ର ନିର୍ମାଣ
- ₹୨୦ କୋଟି ବ୍ୟୟରେ ଅଯୋଧ୍ୟା-ଲକ୍ଷ୍ନୌ ରୋଡ୍‌ରେ ଗେଟ୍ କମ୍ପ୍ଲେକ୍ସର ନିର୍ମାଣ
- ₹୨୦ କୋଟି ବ୍ୟୟରେ ଅଯୋଧ୍ୟା-ଆମ୍ବେଦକରନଗର ରୋଡ୍‌ରେ ଗେଟ୍ କମ୍ପ୍ଲେକ୍ସର ନିର୍ମାଣ
- ₹୨୦ କୋଟି ବ୍ୟୟରେ ଅଯୋଧ୍ୟା-ରାଏବରେଲି ରୋଡ୍‌ରେ ଗେଟ୍ କମ୍ପ୍ଲେକ୍ସର ନିର୍ମାଣ
- ₹୧୮ କୋଟି ବ୍ୟୟରେ ନାକା ହାଇୱେରୁ ନାକା ତୁଙ୍ଗି ପର୍ଯ୍ୟନ୍ତ ରାଏବରେଲି-ଅଯୋଧ୍ୟା ରୋଡ୍‌ର ୪ ଲେନ୍ ସହିତ ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ
- ₹୧୭ କୋଟି ବ୍ୟୟରେ ଅୱଧ ଆଗମନ ପଥ (କ୍ଷୀର ସାଗର ପଥରୁ ରାମ ପଥ)ର ନିର୍ମାଣ
- ₹୧୭ କୋଟି ବ୍ୟୟରେ ଗୁପ୍ତର ଘାଟର ସୌନ୍ଦର୍ଯ୍ୟକରଣ (ତୃତୀୟ ପର୍ଯ୍ୟାୟ)
- ₹୧୫ କୋଟି ବ୍ୟୟରେ ୪ଟି ଐତିହାସିକ ପ୍ରବେଶ ପଥର ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୭/୨୦୨୪ | Bhubaneswar, Wednesday, January 17/2024 | ପୃଷ୍ଠା-୧







# ଆଜି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଚଳଚଞ୍ଚଳ ଶ୍ରୀକ୍ଷେତ୍ର ।

**ଭୁବନେଶ୍ୱର/ପୁରୀ,୧୬ା୧ (ଅନିଲ ଦାସ/ ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ବୁଧବାର ଅନୁଷ୍ଠିତ ହେବ। ଏଥିଲାଗି ଜଗନ୍ନାଥ ଧାମ ମନ୍ତ୍ରଧ୍ୱନିରେ ମୁଖରିତ ହେଉଛି। ବଡ଼ଦାଣ୍ଡର ଚତୁଃପାର୍ଶ୍ୱ ସଜେଇ ହେଉଛି। ମହାଯଜ୍ଞ ଚାଲିଛି, ନାମସଂକୀର୍ତ୍ତନ ସହ ଭାବଭକ୍ତିରେ ସମଗ୍ର ପରିବେଶରେ ଭରିଯାଇଛି। ପରିକ୍ରମା ପ୍ରକଳ୍ପ ପାଇଁ ଉତ୍ସବମୁଖର ହୋଇଉଠିଛି ପୁରୀ ସହର।

ଲୋକାର୍ପଣ ଉତ୍ସବ ଅବସରରେ ସୂର୍ଯ୍ୟପୂଜା, ଧରିତ୍ରୀପୂଜା, ଗୋପୂଜା, ପଞ୍ଚକର୍ମ, ବାସ୍ତୁ ଶୋଧନ, ଅଧିବାସ, ଫଳକ ପୂଜା କରାଯିବ। ଅପରାହ୍ନ ୧ଟା ୧୫ମିନିଟ୍‌ରୁ ୧ଟା ୩୦ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପରିକ୍ରମା ପ୍ରକଳ୍ପର ଫଳକ ଉନ୍ମୋଚନ କରିବା କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୧ଟା ୩୦ରୁ ୨ଟା ମଧ୍ୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ଯଜ୍ଞ ପୂର୍ଣ୍ଣାହୁତି, ଆରତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯିବ। ଅପରାହ୍ନ ୨ଟାରୁ ୨ଟା ୩୦ ମଧ୍ୟରେ ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରା କରାଯିବ। ଅପରାହ୍ନ ୨ଟା ୩୦ରୁ ୩ଟା ପର୍ଯ୍ୟନ୍ତ ସଭାଗୃହରେ ସମ୍ବର୍ଦ୍ଧନା ☞ପୃଷ୍ଠା-୨

## ଘରେ ରହିବାକୁ ବାଧ କରିବାରୁ ପିଟି ମାରିଥିଲେ ବାନ୍ଧବୀ

**ହୋଟେଲ ବ୍ୟବସାୟୀଙ୍କ ହତ୍ୟା ଘଟଣା**

**ବାଲକାଟୀ,(ମନୋଜ ମଣ୍ଡଳ)/ ଭୁବନେଶ୍ୱର,୧୬ା୧ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ବାଲକାଟୀ ସାଗୁଆ ଗ୍ରାମର ହୋଟେଲ ବ୍ୟବସାୟୀ ବିଶ୍ୱଜିତ୍ ନାୟକ ହତ୍ୟା ଘଟଣାର ୫ଦିନ ପରେ ମଙ୍ଗଳବାର କମିଶନରେଟ୍ ପୋଲିସ ରହସ୍ୟ ଉନ୍ମୋଚନ କରିଛି। ହତ୍ୟାକରି ଫେରାର ଥିବା ବାନ୍ଧବୀ ସୁଙ୍କି ରାଣା (୩୬)ଙ୍କୁ ପୋଲିସ ପୁରୀରୁ ଗିରଫ କରିଛି। ପୁରୀର ଏକ ଆଶ୍ରମରେ ରହୁଥିବା ସୁଙ୍କି କିଛିଦିନ ହେଲା ଏକାକୀ ରହୁଥିବା ବିଶ୍ୱଜିତ୍‌ଙ୍କ ପାଖକୁ ଆସିଥିଲେ। ହେଲେ ପୁଣି ସେହି ଆଶ୍ରମକୁ ଫେରିଯିବାକୁ ସୁଙ୍କି ଚାହୁଁଥିବାରୁ ବିଶ୍ୱଜିତ୍ ବାରଣ କରୁଥିଲେ। ଏଥିପାଇଁ ଶୁକ୍ରବାର ଉଭୟଙ୍କ ଭିତରେ ହୋଇଥିବା ଭୀଷଣ ଝଗଡ଼ା ବେଳେ ସୁଙ୍କି ଅତ୍ୟଧିକ ରାଗିଯାଇ ବିଶ୍ୱଜିତ୍‌ଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିଥିଲେ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି। ପୋଲିସ ଟଙ୍କପାଣି ସେତୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଫାସ୍‌ଟାଗ୍ ପାଇଁ ପୁଣି ଦୌଡ଼

# ରାମଲାଲା: ଅନିଲ ମିଶ୍ରା ମୁଖ୍ୟ କର୍ତ୍ତା





ଡ. ଅନିଲ ମିଶ୍ରା

**ଅଯୋଧ୍ୟା,୧୬ା୧**

ଉତ୍ତର ପ୍ରଦେଶର ଅଯୋଧ୍ୟାସ୍ଥିତ ଅର୍ଦ୍ଧନିର୍ମିତ ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବରେ ହିନ୍ଦୁଧର୍ମର ୪ ଶଙ୍କରାଚାର୍ଯ୍ୟ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିବା ପରେ ଏହି ପ୍ରସଙ୍ଗକୁ ନେଇ ବଡ଼ ବିତର୍କ ମୁଣ୍ଡ ଟେକିଛି। ଏପରି କି ଆସନ୍ତା ୨୨ରେ ହେବାକୁ ଥିବା ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ରାଜନୀତୀକରଣ ଏବଂ ପ୍ରାଣପ୍ରତିଷ୍ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିକୁ ମଧ୍ୟ ଶଙ୍କରାଚାର୍ଯ୍ୟମାନେ ବିରୋଧ କରିଛନ୍ତି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାକୁ ନିର୍ବାଚନୀ ଲାଭ ପାଇଁ ଭାଜପାର ଏକ ରାଜନୈତିକ ଇଭେଣ୍ଟ ଦର୍ଶାଇ ଉତ୍ସବକୁ ବର୍ଜନ କରିଛନ୍ତି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତେ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଜଣେ ସଦସ୍ୟ ଡ. ଅନିଲ ମିଶ୍ରା ଓ ତାଙ୍କ ସ୍ତ୍ରୀ ଉଷା ମିଶ୍ରାଙ୍କୁ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଅନୁଷ୍ଠାନରେ ମୁଖ୍ୟ ଜଜମାନ (କର୍ତ୍ତା) କରାଯାଇଛି। ମୋଦି କେବଳ ପ୍ରତୀକାତ୍ମକ ଯଜମାନ ବା ନାମମାତ୍ର କର୍ତ୍ତା ଭୂମିକାରେ ରହିବେ ବୋଲି ରାମମନ୍ଦିର ମୁଖ୍ୟ ପୂଜକ ସତ୍ୟେନ୍ଦ୍ର ଦାସ ସୂଚନା ଦେଇଛନ୍ତି।

ଭାରତୀୟ ଜନତା ପାର୍ଟି (ଭାଜପା) ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବରୁ ରାମମନ୍ଦିରକୁ ଏକ ବଡ଼ ପ୍ରସଙ୍ଗ କରିବାକୁ ଚାହୁଁଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ସମ୍ମୁଖରେ ରଖି ପ୍ରଶଂସା ସାଉଁଟିବା ଲାଗି ଶାସକ ଦଳ ଅନେକ ଯୋଜନା କରିଥିଲା। ଯୋଜନା ମୁତାବକ ସବୁକିଛି ଚାଲିଥିବାବେଳେ ପ୍ରାୟ ୧୫ ଦିନ ତଳେ ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ତେବେ ୪ ଜଣ ଯାକ ଶଙ୍କରାଚାର୍ଯ୍ୟ ପ୍ରାଣପ୍ରତିଷ୍ଠାକୁ ଯିବେ ନାହିଁ ବୋଲି ଗତ ୧୧ ତାରିଖରେ ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ଏକ ଭିଡିଓ ☞ପୃଷ୍ଠା-୨

# ଜଳବାୟୁ ପରିବର୍ତ୍ତନ: ପକ୍ଷୀ ଆଗମନ ପ୍ରଭାବିତ

**ପ୍ରଚୁର ପରିମାଣର ଖାଦ୍ୟ ସହ ଅନୁକୂଳ ପରିବେଶ ଯୋଗୁ ଚିଲିକା, ସାତକୋଶିଆ, ଭିତରକନିକା, ହୀରାକୁଦ, ଅଂଶୁପା, ଅରାଚଣ୍ଡୀ ଆଦି ଆର୍ଦ୍ରଭୂମି ଅଞ୍ଚଳରେ ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ଅଧିକ ସମାଗମ ହୋଇଥାଏ। ତେବେ ଚଳିତ ଋତୁରେ ଅଧିକାଂଶ ସ୍ଥାନରେ ଏହି ଅତିଥି ପକ୍ଷୀଙ୍କ ସଂଖ୍ୟାରେ ହ୍ରାସ ଘଟିବା ପକ୍ଷୀପ୍ରେମୀ ଓ ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଥିବାବେଳେ ପର୍ଯ୍ୟଟକଙ୍କୁ ନିରାଶ କରିଛି। ଜଳବାୟୁ ପରିବର୍ତ୍ତନ ଜନିତ ଉତ୍ତାପ ବୃଦ୍ଧି, ଜଳାଶୟଗୁଡ଼ିକରେ ଜଳପତନ ହ୍ରାସ ସହ ଖାଦ୍ୟାଭାବ ଆଦି ପ୍ରତିକୂଳ ପରିବେଶ ପରିବ୍ରାଜକ ପକ୍ଷୀଙ୍କ ଓଡ଼ିଶା ଆଗମନକୁ ପ୍ରଭାବିତ କରିଥାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।**



**ଭୁବନେଶ୍ୱର, ୧୬ା୧ (ଅସମାପିକା ସାହୁ)**

ଓଡ଼ିଶାରେ ଦେଖାଦେଉଥିବା ଅଧିକାଂଶ ପରିବ୍ରାଜକ ପକ୍ଷୀ ଏସିଆ ଓ ୟୁରୋପର ବିଭିନ୍ନ ଦେଶରୁ ଆସିଥାନ୍ତି। ଆଉ କିଛି ପକ୍ଷୀ ଅନ୍ୟ ମହାଦେଶରୁ ମଧ୍ୟ ଏଠାକୁ ଆସି ସାମୟିକ ରହଣି କରିଥାନ୍ତି। ନିଜ ଅଞ୍ଚଳରେ ଅସହ୍ୟ ଥଣ୍ଡାଜନିତ ପ୍ରତିକୂଳ ପରିବେଶ ତଥା ବରଫପାତ ଯୋଗୁ ଖାଦ୍ୟାଭାବ ସମସ୍ୟା ସେମାନଙ୍କୁ ଦେଶାନ୍ତରୀ ହେବାକୁ ବାଧ କରିଥାଏ। ତେବେ ସେମାନଙ୍କ ଉପସ୍ଥିତି ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ଉତ୍ସାହିତ କରୁଥିବାରୁ ବନ ବିଭାଗ ପକ୍ଷରୁ ଏମାନଙ୍କ ସୁରକ୍ଷା ସହ ଅନୁକୂଳ ପରିବେଶ ସୃଷ୍ଟି କରାଯାଉଛି। କିନ୍ତୁ ଚଳିତବର୍ଷ ଆର୍ଦ୍ରଭୂମି ଅଞ୍ଚଳଗୁଡ଼ିକରେ ହୋଇଥିବା ପକ୍ଷୀ ଗଣନା ରିପୋର୍ଟ ଦେଖିଲେ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**
ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବକୁ ଭାଜପା ଏବଂ ଆର୍‌ଏସ୍‌ଏସ୍ ସମ୍ପୂର୍ଣ୍ଣ ରାଜନୈତିକ ନରେନ୍ଦ୍ର ମୋଦି ଉତ୍ସବରେ ପରିଣତ କରିଛନ୍ତି। ସେଥିପାଇଁ କଂଗ୍ରେସ ଉକ୍ତ ଉତ୍ସବକୁ ବର୍ଜନ କରିଛି। **–ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ନିତି ସରକାର ମାଇକରେ ଗାଏ
ବଜାର ମହଙ୍ଗା ଆପଣା ଛାଏଁ
ଧନୀ କି ପୋଷାଏ ତାହା
ଗରିବ ବାପୁଡ଼ା ମୁଣ୍ଡେ ହାତ ଦେଇ
କହେ ଆଉ ନାହିଁ ରାହା।

ବଜାରର ଦରବୃଦ୍ଧି ଧନୀ ଲୋକମାନଙ୍କ ପାଇଁ ସେତେଟା ଚିନ୍ତାଜନକ ହୋଇ ନ ଥାଏ। କେବଳ ଗରିବ ତଥା ଅଭାବୀ ଲୋକମାନଙ୍କ ଲାଗି ଏହା ମୁଣ୍ଡ ବ୍ୟଥାର କାରଣ ପାଲଟିଥାଏ। ସରକାର ଏବଂ ବ୍ୟବସାୟୀ ସଙ୍ଘ କିପରି ପ୍ରଚାରଧର୍ମୀ ହୋଇ ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ତା'ର ଏକ ନିଛକ ଉଦାହରଣ ଏଠାରେ ବର୍ଣ୍ଣନା କରାଯାଇଛି।

ନଈ କୂଳରେ ଘର କରି
କୁମ୍ଭୀର ସଙ୍ଗେ କିମ୍ପା କଳି।

ବିପଦପୂର୍ଣ୍ଣ ସ୍ଥଳରେ ରହୁଥିବା ବ୍ୟକ୍ତି ସର୍ବଦା ସତର୍କ ରହିବା ଉଚିତ ହୋଇଥାଏ। ଏପରିସ୍ଥଳେ ବିପଦ ସହ ଟକ୍କର ବା ମୁକାବିଲା ନ କରି ସେଥିରେ ସାଲିସ କରିନେବା ହିଁ ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଜଳବାୟୁ ପରିବର୍ତ୍ତନ ... ପ୍ରଥମ ପୃଷ୍ଠାରୁ...

ମିଶ୍ରିତ ଫଳ ନଜରକୁ ଆସୁଛି। କେଉଁଠି ପକ୍ଷୀ ସଂଖ୍ୟା କମିଛି ତ ଆଉ କେଉଁଠି ବଢ଼ିଛି। ହେଲେ ଅଧିକାଂଶ ସ୍ଥାନରେ ଏଥର ପରିବ୍ରାଜକ ବା ବିଦେଶୀ ପକ୍ଷୀ ଓଡ଼ିଶାକୁ କମ୍ ଆସିଥିବା ଜଣାପଡ଼ିଛି। ସାତକୋଶିଆରେ ଗତବର୍ଷ ୬୩ପ୍ରଜାତିର ୩,୮୭୮ଟି ପକ୍ଷୀ ଥିବାବେଳେ ଚଳିତବର୍ଷ ୮୧ ପ୍ରଜାତିର ୩,୩୩୦ଟି ପକ୍ଷୀ ଚିହ୍ନଟ ହୋଇଛନ୍ତି। ସେହିଭଳି ଅରାଚଣ୍ଡୀରେ ଗତବର୍ଷ ୧୧୧ ପ୍ରଜାତିର ୧୬,୧୦୭ଟି ପକ୍ଷୀ ଚିହ୍ନଟ ହୋଇଥିବା ବେଳେ ଏବର୍ଷ ୮୧ ପ୍ରଜାତିର ୧୧,୭୦୦ଟି ଚିହ୍ନଟ ହୋଇଛି। ଜଳବାୟୁ ପରିବର୍ତ୍ତନ ପକ୍ଷୀ ସଂଖ୍ୟା କମିବାର ଅନ୍ୟତମ ପ୍ରମୁଖ କାରଣ ବୋଲି ପକ୍ଷୀ ଗଣନାରେ ସାମିଲ ଥିବା ବହୁ ବିଶେଷଜ୍ଞ ମତ ରଖୁଛନ୍ତି। ପକ୍ଷୀ ବିଶାରଦ ପ୍ରଫେସର ଡ. ଶିବ ପ୍ରସାଦ ପରିଡ଼ା କହିଛନ୍ତି, ପକ୍ଷୀମାନେ ୪ଟି ମୁଖ୍ୟ ଉପାଦାନ ଖାଦ୍ୟ, ଜଳ, ଆଚ୍ଛାଦନ ଓ ସୁରକ୍ଷା ଥିବା ସ୍ଥାନକୁ ଶୀତ ଦିନେ ରହିବା ପାଇଁ ବାଛିଥାନ୍ତି। ସୁରକ୍ଷା ଯଦିଓ ମଣିଷ ବା ଅନ୍ୟ ପ୍ରାଣୀଙ୍କ ଦ୍ୱାରା ପ୍ରଭାବିତ ହୋଇପାରେ, କିନ୍ତୁ ପ୍ରଥମ ୩ଟି କାରଣ ସିଧାସଳଖ ଭାବରେ ଜଳବାୟୁ ପରିବର୍ତ୍ତନ ସହିତ ପରିବର୍ତ୍ତନଶୀଳ।

ଚିଲିକାର ମଙ୍ଗଳାଯୋଡ଼ିରେ ବିଦେଶୀ ପକ୍ଷୀଙ୍କ ସଂଖ୍ୟା ଚଳିତବର୍ଷ ଯଥେଷ୍ଟ କମିଯାଇଛି ବୋଲି ପର୍ଯ୍ୟଟକ ଅନୁଭବ କରୁଛନ୍ତି। ପର୍ଯ୍ୟଟକଙ୍କୁ ନେଇ ଯେଉଁସବୁ ଡଙ୍ଗା ମଙ୍ଗଳାଯୋଡ଼ିକୁ ଯାଉଛି, ପାଣି କମ୍ ଥିବାରୁ କାତ ମାରିବା କାଠିକର ପାଠ ହୋଇପଡୁଛି। ଏପରି କି ସେସବୁ ସ୍ଥାନରେ ବିଦେଶୀ ପକ୍ଷୀଙ୍କ ଉପସ୍ଥିତି ସେତେଟା ଦେଖିବାକୁ ମିଳୁନି। ଏନେଇ ବାର୍ଡ ଗାଇଡ୍ ମଧୁ ବେହେରା କହିଛନ୍ତି, ମଙ୍ଗଳାଯୋଡ଼ିରେ ଏଭଳି ଶୋଚନୀୟ ଅବସ୍ଥା ଦେଖାଯିବା ପ୍ରଥମ। ଗତବର୍ଷ ଖରାଦିନେ ତାପମାତ୍ରା ଅଧିକ ରହିଥିଲା। ବର୍ଷା ଦିନେ କିନ୍ତୁ ବର୍ଷାର ପରିମାଣ ଅନେକ ମାତ୍ରାରେ କମିଗଲା। ଫଳରେ ମଙ୍ଗଳାଯୋଡ଼ିରେ ଜଳପତନ ହ୍ରାସ ପାଇଛି। ପାଣିର ସ୍ତର କମିବା ଦ୍ୱାରା ପକ୍ଷୀଙ୍କ ପାଇଁ ଖାଦ୍ୟ କମିଗଲା ବୋଲି ମଧୁ କହିଛନ୍ତି। ଚଳିତବର୍ଷର ବାତ୍ୟା 'ମିଗ୍‌ଜୋମ୍' ମଧ ବାର୍ଡ ମାଇଗ୍ରେଶନକୁ ପ୍ରଭାବିତ କରି ଥାଇପାରେ ବୋଲି ବନ୍ୟପ୍ରାଣୀ ଗାଇଡ୍ ଲଳିତ ମୋହନ ପଣ୍ଡା ଆଶଙ୍କା କରିଛନ୍ତି। ସେ କହିଛନ୍ତି, ଏଥର ସାତପଡ଼ାର ବଡ଼କୁଦ ଅଞ୍ଚଳରେ ଗଣନାରେ ଥିଲି। ଯେଉଁ ରୁଟ୍ ଆମକୁ ଦିଆଯାଇଥିଲା, ସେହି ରୁଟ୍‌ରେ ଜଳସ୍ତର କମିଥିବାରୁ ଆମର ଡଙ୍ଗା ଆଗକୁ ଯାଇ ପାରି ନ ଥିଲା। ଫେରିବା ପୂର୍ବରୁ ସେ ସ୍ଥାନରେ ଚଲାବୁଲା କରି ବାଇନାକୁଲାରରେ ଦେଖିବାବେଳକୁ ଖଣ୍ଡେ ଦୂରରେ ୧ଲକ୍ଷ ୨୬ ହଜାର ଚଢ଼େଇଙ୍କ ସମାଗମ ଦେଖିବାକୁ ପାଇଥିଲୁ। ସେହି ଅଞ୍ଚଳରେ ବିଦେଶୀ ପକ୍ଷୀ ଆଗରୁ କେବେ ଦେଖା ଯାଇ ନ ଥିଲେ ବୋଲି ବନ କର୍ମଚାରୀମାନେ କହିଥିଲେ। ତେଣୁ ପକ୍ଷୀଙ୍କ ପାଇଁ ପ୍ରକୃଷ୍ଟ ସ୍ଥାନ ଓ ଖାଦ୍ୟ ନ ମିଳିଲେ ସଂଖ୍ୟା କମିବ ବୋଲି ଲଳିତ କହିଛନ୍ତି।

ପକ୍ଷୀପ୍ରେମୀ ତଥା ଆର୍କିଟେକ୍ଟ ଶକ୍ତି ନନ୍ଦ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁ ଏଥର ଶୀତଋତୁ ପ୍ରାୟ ତିନି ସପ୍ତାହ ବିଳମ୍ବରେ ଆସିଲା। ଗ୍ରୀଷ୍ମ ଦିନେ ଅଧିକ ଉତ୍ତାପ ବୃଦ୍ଧି ହୋଇଥିଲା। ରାଜ୍ୟରେ ବର୍ଷାର ପରିମାଣ ମଧ କମ୍ ଥିଲା। ଏହାଛଡ଼ା ଅଦିନିଆ ବର୍ଷା ମଧ ହୋଇଥିଲା। ଶୀତ ଦିନରେ ଯେତିକି ବିଦେଶୀ ପକ୍ଷୀମାନେ ଆସିଥାନ୍ତି, ସେତିକିବେଳେ ଆର୍ଦ୍ରଭୂମିରେ ଯଦି ପାଣି ଓ ଖାଦ୍ୟ ନ ଥିବ, ପକ୍ଷୀମାନେ ବାଧ ହୋଇ ଅନ୍ୟ ସ୍ଥାନକୁ ଯିବେ। ଏଥର ଚିଲିକା ପକ୍ଷୀ ଗଣନାରେ ମୋ ଭାଗରେ ସାତପଡ଼ାର ଅରଖକୁଦ ଅଞ୍ଚଳ ପଡ଼ିଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଆମେ ୪୨ହଜାର ପକ୍ଷୀ ଗଣନା କରିଥିଲୁ। ଆଗରୁ ସେ ଅଞ୍ଚଳରେ ବିଦେଶୀ ପକ୍ଷୀ କାଁ ଭାଁ ଯାଉଥିଲେ।

## ଆଜି ପରିକ୍ରମା ପ୍ରକଳ୍ପ ...

ଉତ୍ସବ ଅନୁଷ୍ଠିତ ହେବ। ଅପରାହ୍ଣ ୩ଟା ପରେ ସର୍ବସାଧାରଣ ପରିକ୍ରମା ମାର୍ଗକୁ ଯାଇପାରିବେ। ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ଲାଇଟ୍ ଏବଂ ସାଉଣ୍ଡ ଶୋ ବ୍ୟବସ୍ଥା କରାଯାଇଛି । ପରିକ୍ରମା ପ୍ରକଳ୍ପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର ପ୍ରଦକ୍ଷିଣ ମାର୍ଗ ପ୍ରସ୍ତୁତ ହୋଇଥିବା ବେଳେ ସାଧାରଣ ଭକ୍ତଙ୍କ ପାଇଁ ରହିଛି ଚଲାପଥ। ମହାପ୍ରଭୁଙ୍କ କାର୍ଯ୍ୟ ମହାପ୍ରଭୁଙ୍କ କୃପାରୁ ଠିକ୍ ଭାବରେ ଚାଲିଛି। ସମସ୍ତ କାର୍ଯ୍ୟ ଭଲରେ ସରିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି। ବୁଧବାର ପରିକ୍ରମା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବେ। ନିମନ୍ତ୍ରିତ ହୋଇଥିବା ଅତିଥିମାନେ ମଧ ଉପସ୍ଥିତ ରହିବେ। ଅତିଥିମାନଙ୍କ ସମସ୍ତ ଦାୟିତ୍ୱ ପ୍ରଶାସନ ପକ୍ଷରୁ କରାଯାଉଛି। ଅଧିକାରୀମାନେ ନିୟୋଜିତ ରହିଛନ୍ତି। ପୁରୀବାସୀ ଘରର ଦ୍ୱାର ସମ୍ମୁଖରେ କଳସ ସ୍ଥାପନ କରିବା କରିବା ସହ ରଙ୍ଗୋଲି ପକାଇ ଅତିଥିମାନଙ୍କୁ ସ୍ୱାଗତ କରନ୍ତୁ। ଯାହାଦ୍ୱାରା ପୁରୀକୁ ଆସିଥିବା ଅତିଥିମାନେ ଏକ ସୁଖଦ ଅନୁଭୂତି ନେଇଯିବେ ବୋଲି ଦାସ କହିଛନ୍ତି। ସେହିପରି ଭକ୍ତ ମାନଙ୍କ ଦର୍ଶନ କରିବାରେ କୌଣସି କଟକଣା ନାହିଁ। ବ୍ୟାରିକେଡ୍‌ରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ମହାପ୍ରଭୁଙ୍କ ଦର୍ଶନ କରି ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ।

## ମୋବାଇଲ ପାଇଁ ମା'ବାପାଙ୍କୁ ହାଣିଲା ଝିଅ




# ଫେବୃଆରୀ ୩ରୁ ଡଗ୍ ଶୋ'

**ଭୁବନେଶ୍ୱର, ୧୬।୧ (ଅସମାପିକା ସାହୁ)** ଓଡ଼ିଶା କେନେଲ କ୍ଲବ୍ ଏବଂ ଭେଟେରିନାରି କଲେଜର ମିଳିତ ଆନୁକୂଲ୍ୟରେ ବାର୍ଷିକ ଡଗ୍ ଶୋ' ଫେବୃଆରୀ ୩ ଓ ୪ ତାରିଖରେ ଅନୁଷ୍ଠିତ ହେବ। ଏନେଇ କେନେଲ କ୍ଲବ ନିଜ ଫେସ୍‌ବୁକ୍ ପେଜ୍‌ରେ ପୋଷ୍ଟ କରିଛି। ଏଥର ଦୁଇ ଦିନରେ ୬୩ତମ ଏବଂ ୬୪ତମ ଅଲ ବ୍ରିଡସ ଚାମ୍ପିୟନଶିପ୍ ଡଗ୍ ଶୋ' ଆୟୋଜନ ହେବ। ସମୟ ଅଭାବରୁ ଚଳିତ ବର୍ଷ କୌଣସି ସ୍ପେସିଆଲିଟି ଶୋ' ଆୟୋଜନ କରାଯିବନାହିଁ। ତେବେ ପ୍ରତିବର୍ଷ ଭଳି ଏଥର ମଧ ଲୋକପ୍ରିୟ ଓବିଡିଏନ୍ସ ଟ୍ରାଏଲସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୬୩ତମ ଅଲ ବ୍ରିଡସ ଶୋ'ରେ ବିଚାରପତି ଭାବେ ଡ. ମାରିଆ ୱେରବିଜକି ଯୋଗଦେବେ। ସେହିପରି ୬୪ତମ ଶୋ'ରେ ବିଚାରପତି ହେବେ ଆଲେକଜାଣ୍ଡାର ସୋରୋକୋ। ଉଭୟ ଆନ୍ତର୍ଜାତିକ ବିଚାରପତି ବେଲାରୁସ୍‌ର ବୋଲି ଜଣାପଡ଼ିଛି। ଓବିଡିଏନ୍ସ ଟ୍ରାଏଲ୍ସରେ ବିଚାରପତି ଭାବେ ହାଇଦ୍ରାବାଦର ଫିଲିପ ବଟ୍ ରହିବେ। ଦୁଇଦିନ ଧରି ହେବାକୁ ଥିବା ଏହି ଡଗ୍ ଶୋ' ଚଳିତ ବର୍ଷ ଓୟୁଏଟିସ୍ଥିତ ଭେଟେରିନାରି କଲେଜର ହକି ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଓଡ଼ିଶା କେନେଲ କ୍ଲବ୍‌ର ସଭାପତି ସୁବ୍ରତ ପୃଷ୍ଟି କହିଛନ୍ତି।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ମଙ୍ଗଳବାର ସମୀକ୍ଷା କରୁଛନ୍ତି।

## ରାମଲାଲା: ଅନିଲ ମିଶ୍ରା ... ପ୍ରଥମ ପୃଷ୍ଠାରୁ...

ଜାରି କରି କହିଥିଲେ। ପରବର୍ତ୍ତୀ ସମୟରେ ଦ୍ୱାରକା ପୀଠର ସଦାନନ୍ଦ ସରସ୍ୱତୀ ଏବଂ ଶାରଦା ପୀଠର ସ୍ୱାମୀ ଭାରତୀ ଶ୍ରୀତୀର୍ଥ ମଧ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ଫଳରେ ଉତ୍ସବରେ ଯୋଗଦେବାକୁ ପୂର୍ବରୁ ମନା କରିଥିବା କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ହିନ୍ଦୁତ୍ୱ ବିରୋଧୀ ଆଖ୍ୟା ଦେଇଥିବା ଭାଜପା ପାଇଁ ଅଡୁଆ ସ୍ଥିତି ଉପୁଜିଛି। ସମ୍ଭବତଃ ଏହି ପରିସ୍ଥିତିକୁ ଏଡ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅନୁଷ୍ଠାନରେ ପ୍ରତୀକାତ୍ମକ ଯଜମାନ କରାଯାଇଛି। ଏନେଇ ମୁଖ୍ୟ ପୂଜକ ସତ୍ୟେନ୍ଦ୍ର ଦାସ କହିଛନ୍ତି, ଅନୁଷ୍ଠାନ ଆରମ୍ଭ ହୋଇଯାଇଛି। ଏହା ଜାନୁୟାରୀ ୨୨ ପର୍ଯ୍ୟନ୍ତ ଚାଲିବ। ୧୧ ଜଣ ପୂଜକ ଦେବଦେବୀଙ୍କୁ ରୀତିନୀତି ଅନୁସାରେ ଆବାହନ କରୁଛନ୍ତି। ପ୍ରାଣପ୍ରତିଷ୍ଠା ୨୨ ତାରିଖ ମଧ୍ୟାହ୍ନ ୧୨ଟା ୨୦ରୁ ୪୦ ମିନିଟ୍ ଧରି ଚାଲିବ। ପ୍ରାଣପ୍ରତିଷ୍ଠା ବେଳେ ଟ୍ରଷ୍ଟ ସଦସ୍ୟ ଅନିଲ ମିଶ୍ରା ଓ ତାଙ୍କ ସ୍ତ୍ରୀ ଉଷା ମିଶ୍ରା ମୁଖ୍ୟ ଯଜମାନ ରହିବେ। ଜଜମାନ ହେଉଛନ୍ତି ପୂଜାର ମୁଖ୍ୟ କର୍ତ୍ତା, ଯାହାଙ୍କ ତରଫରୁ ସମ୍ପୂର୍ଣ୍ଣ ପୂଜାର୍ଚ୍ଚନା କରାଯାଇଥାଏ। ଅନିଲଙ୍କୁ ଅନୁଷ୍ଠାନ ଶେଷ ହେବା ପର୍ଯ୍ୟନ୍ତ ରୀତିନୀତିର ପାଳନ କରିବାକୁ ପଡ଼ିବ। କିନ୍ତୁ ପ୍ରଧାନମନ୍ତ୍ରୀ ପ୍ରତୀକାତ୍ମକ ଯଜମାନ ହୋଇଥିବାରୁ କେବଳ ୨୨ ତାରିଖରେ ଆସିବେ। ଶେଷ ଦିନରେ ପ୍ରାୟ ୮,୦୦୦ ଅତିଥି ଯୋଗଦେବେ। ସେମାନଙ୍କୁ ମୋଦି ସମ୍ବୋଧିତ କରିପାରନ୍ତି। ସେହିପରି ଲଗ୍ନ ବାହାର କରିଥିବା ଗଣେଶ୍ୱର ଶାସ୍ତ୍ରୀ ଦ୍ରାବିଡ, ପ୍ରାଣପ୍ରତିଷ୍ଠା ଦାୟିତ୍ୱରେ ଥିବା ପୁରୋହିତ ପଣ୍ଡିତ ଲକ୍ଷ୍ମୀକାନ୍ତ ଦୀକ୍ଷିତ ଏବଂ ରାମାନନ୍ଦ ସମ୍ପ୍ରଦାୟ ଶ୍ରୀମଠ ଟ୍ରଷ୍ଟର ମହାସଚିବ ସ୍ୱାମୀ ରାମବିନୟ ଦାସ ମଧ ଏକ ସାକ୍ଷାତ୍‌କାରରେ ଅନିଲ ମିଶ୍ରା ଯଜମାନ ହେବା ବିଷୟ ସ୍ପଷ୍ଟ କରିଛନ୍ତି। ସେମାନଙ୍କ ମତରେ ମିଶ୍ରା ଦମ୍ପତି ସଂକଳ୍ପଠାରୁ ନେଇ ପ୍ରାଣ ପ୍ରତିଷ୍ଠା ପୂର୍ଣ୍ଣାହୂତି ପର୍ଯ୍ୟନ୍ତ ୭ ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଜଣେ ଗୃହସ୍ଥ ହିଁ ଧର୍ମାନୁଷ୍ଠାନରେ ମୁଖ୍ୟ କର୍ତ୍ତା ହୋଇପାରିବେ। ତେଣୁ ଏହି ଗୁରୁଦାୟିତ୍ୱ ତୁଲାଇବା ପାଇଁ ମୋଦିଙ୍କ ପରିବର୍ତ୍ତେ ଅନିଲ ମିଶ୍ରାଙ୍କୁ ଚୟନ କରାଯାଇଥିବା ସେମାନେ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

# ଘରେ ରହିବାକୁ ବାଧ କରିବାରୁ ପିଟି ମାରିଥିଲେ ବାନ୍ଧବୀ

ନିକଟରୁ ହତ୍ୟାରେ ବ୍ୟବହୃତ କାଠଫାଳିଆ, ରକ୍ତଭିଜା ଲୁଗା ଓ ମୋବାଇଲ ଫୋନ୍ ଜବତ କରିଛି। ସୁଙ୍କିଙ୍କ ଘର ଝାରସୁଗୁଡ଼ା ଜିଲା ସଦର ଥାନା ଅଞ୍ଚଳରେ। ଗିରଫ ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୁଙ୍କିଙ୍କୁ ରିମାଣ୍ଡରେ ଆଣି ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ଯୋଜନା କରିଥିବା ସୂଚନା ମିଳିଛି।

### ଏମିତି ଗଢ଼ି ଉଠିଥିଲା ବିଶ୍ୱଜିତ-ସୁଙ୍କିଙ୍କ ଅବୈଧ ସମ୍ପର୍କ

ବିଶ୍ୱଜିତ୍‌ଙ୍କ ବାପା ବିପିନ ନାୟକ ଗାଁରେ ଅନ୍ୟ ଏକ ଘରେ ଦ୍ୱିତୀୟ ସ୍ତ୍ରୀ ଓ ୨ ପୁଅଙ୍କ ସହ ରୁହନ୍ତି। ବିଶ୍ୱଜିତ ଭୁବନେଶ୍ୱର ଭିଏସ୍‌ଏସ୍ ନଗରରେ ଏକ ହୋଟେଲ କରିଥିଲେ। ବିପିନଙ୍କ ପ୍ରଥମ ସ୍ତ୍ରୀ ଅର୍ଥାତ୍ ବିଶ୍ୱଜିତଙ୍କ ମା' ସରକାରୀ ଚାକିରିରୁ ଅବସର ପରେ ପୁରୀରେ ଏକ ଘର କିଣି ରହୁଛନ୍ତି। ବିଶ୍ୱଜିତଙ୍କ ସ୍ତ୍ରୀ ଅନ୍ୟ ଜଣେ ଯୁବକଙ୍କ ସହ ଚାଲିଯାଇଥିବା ବେଳେ ୧୪ ବର୍ଷର ପୁଅ ପୁରୀରେ ରହି ପାଠ ପଢୁଛନ୍ତି। ତେବେ ମା'ଙ୍କ ଦ୍ୱାରା ହିଁ ସୁଙ୍କିଙ୍କ ସହ ଅନୈତିକ ସମ୍ପର୍କରେ ଆସିଥିଲେ ବିଶ୍ୱଜିତ। ସୁଙ୍କି ରହୁଥିବା ପୁରୀର ଉକ୍ତ ଆଶ୍ରମକୁ ବିଶ୍ୱଜିତଙ୍କ ମା' ଯାଆନ୍ତି। ବିଶ୍ୱଜିତଙ୍କ ମା' ଓ ସୁଙ୍କିଙ୍କ ମଧ୍ୟରେ ଅଧିକ ମିଳାମିଶା ହୋଇଥିଲା। ପରେ ବିଶ୍ୱଜିତ ସେଠାକୁ ଯିବାରୁ ସୁଙ୍କିଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସ୍ତ୍ରୀ ବିନା ଏକା ଥିବା ବିଶ୍ୱଜିତ ସୁଙ୍କିଙ୍କ ସହ ଅଧିକ ଘନିଷ୍ଠ ହୋଇଥିଲେ।

### ଗାଁକୁ ଯିବା ଅନୁମତି ଆଣି ବିଶ୍ୱଜିତଙ୍କ ପାଖକୁ ଆସି ରହୁଥିଲେ

ସୁଙ୍କି ଓ ବିଶ୍ୱଜିତଙ୍କ ସମ୍ପର୍କକୁ ନେଇ ଆଶ୍ରମରେ ରହୁଥିବା ଅନ୍ୟମାନେ ଅଜ୍ଞ ଥିଲେ। ସୁଙ୍କି ବିଭିନ୍ନ



ବିଶ୍ୱଜିତ୍ ନାୟକ



ସୁଙ୍କି ରାଣା

ସମୟରେ ବିଶ୍ୱଜିତଙ୍କ ସହ ମୋବାଇଲରେ କଥା ହେଉଥିଲେ। ଏପରି କି ସୁଙ୍କି ତାଙ୍କ ପୈତୃକ ଗାଁକୁ ଯାଉଥିବା କଥା ମିଛରେ କହି ଆଶ୍ରମ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣୁଥିଲେ। ସୁଙ୍କି ଗାଁକୁ ନ ଯାଇ ବିଶ୍ୱଜିତଙ୍କ ବାଲକାଟୀସ୍ଥିତ ଘରେ ରହିଯାଉଥିଲେ।

### ସେଦିନ ଏମିତି ଘଟିଥିଲା...

ପ୍ରତିଥର ପରି ସୁଙ୍କି ମଧ ଡିସେମ୍ବର ୩୦ରୁ ଆଶ୍ରମରୁ ଆସି ବିଶ୍ୱଜିତଙ୍କ ଘରେ ରହିଥିଲେ। ହେଲେ ଆଶ୍ରମ କର୍ତ୍ତୃପକ୍ଷ ନିୟମିତ କଲ୍ କରି ଆସିବାକୁ କହୁଥିବାରୁ ସୁଙ୍କି ଦୋଛକିରେ ପଡ଼ିଯାଇଥିଲେ। ଏପଟେ ସୁଙ୍କିଙ୍କୁ ବିଶ୍ୱଜିତ ତାଙ୍କ ପାଖରେ ରହିବାକୁ ବାଧ କରୁଥିଲେ। ୧୨ ତାରିଖ ଅପରାହ୍ଣ ପ୍ରାୟ ୩ଟା ବେଳେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ସୁଙ୍କି ରାଗିଯାଇ ବିଶ୍ୱଜିତଙ୍କୁ ହତ୍ୟା କରିଥିଲେ। ଏହାପରେ ସୁଯୋଗ ଦେଖି ସନ୍ଧ୍ୟାରେ ସୁଙ୍କି ଉକ୍ତ କାଠଫାଳିଆକୁ ଲୁଗାରେ ଗୁଡ଼ାଇ ଏକ ଅଟୋରେ ପୁରୀସ୍ଥିତ ଆଶ୍ରମକୁ ଚାଲିଯାଇଥିଲେ। ସେ ସେହି କାଠଫାଳିଆକୁ ଟଙ୍କପାଣି ସେତୁ ନିକଟ ରାସ୍ତା ପାର୍ଶ୍ୱରେ ଫିଙ୍ଗିଦେଇଥିଲେ। ୧୩ ତାରିଖରେ ଏହି ଘଟଣା ଜଣାପଡ଼ିଥିଲା। ବିଶ୍ୱଜିତଙ୍କ ଭାଇ ପୂର୍ଣ୍ଣପ୍ରକାଶଙ୍କ ଏତଲା ଭିତ୍ତିରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୯/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଯା'ଙ୍କୁ ହତ୍ୟାକରି ୧୨ ବର୍ଷ ଜେଲରେ ରହିଥିଲେ ସୁଙ୍କି

ସୁଙ୍କି ଏହା ପୂର୍ବରୁ ନିଜ ଯା'ଙ୍କୁ ହତ୍ୟାକରି ୧୨ ବର୍ଷ ଜେଲରେ ରହିଥିଲେ ବୋଲି ପୋଲିସ ସୂଚନା ଦେଇଛି। ୨୦୦୫ରେ ସ୍ୱାମୀଙ୍କ ସହ ଯା'ଙ୍କ ଅନୈତିକ ସମ୍ପର୍କ ରହିଥିବା ସନ୍ଦେହ କରି ସୁଙ୍କି ଏହି ହତ୍ୟାକାଣ୍ଡ ଘଟାଇଥିଲେ। ସୁଙ୍କି ସର୍ତ୍ତମୂଳକ ଜାମିନରେ ଆସି ଜେଲର୍‌ଙ୍କ ସହାୟତାରେ ଉକ୍ତ ଆଶ୍ରମରେ ରହୁଥିଲେ ବୋଲି ପୋଲିସ କହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ କୃତ୍ତିକା ନକ୍ଷତ୍ର ସତକଥା କହି ବିବାଦୀୟ ହୋଇପାରନ୍ତି। ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ।

**ବୃଷ** ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଆମୋଦ ପ୍ରମୋଦର ମଉକା ଜୁଟିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସାଙ୍ଗକୁ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ଇଚ୍ଛା ବିରୋଧରେ କୌଣସି କାମ କରି ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ରୋହିଣୀ ନକ୍ଷତ୍ରର ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

**ମିଥୁନ** ଭୁଲ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପରିଜନଙ୍କ ସହିତ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ମୃଗଶିରା ନକ୍ଷତ୍ର ସକାଶେ ବିବାଦୀୟ ଘଟଣାର ଦିଗ ପରିବର୍ତ୍ତନ ହୋଇଯାଇପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କର୍କଟ** ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କଳା,ସାହିତ୍ୟରେ ଉନ୍ନତି କରିବା ସହ ଉଚ୍ଚଶିକ୍ଷା ପ୍ରତି ଆଗ୍ରହୀ ହୋଇପାରନ୍ତି। ଅଶ୍ଳେଷା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟ ଧରି କର୍ମ କଲେ ଉପକୃତ ହୋଇପାରିବେ।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ ହେତୁ ଆନନ୍ଦ ଅନୁଭବ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପୂର୍ବାଫାଲଗୁନୀ ନକ୍ଷତ୍ର ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ଏବଂ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ସହକର୍ମୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସରକାରୀ ସ୍ତରରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ହସ୍ତା ନକ୍ଷତ୍ରର ସତ୍‌ସଙ୍ଗ ଓ ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟରୁ ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବାର ସମ୍ଭାବନା ରହିଛି।

**ତୁଳା** ଆଜିର ସଭାସମିତି କାର୍ଯ୍ୟରେ ସ୍ୱାତୀ ନକ୍ଷତ୍ର ସଫଳତା ହାସଲ କରିବେ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆନୁଷ୍ଠାନିକ କାମରେ ଅତ୍ୟଧିକ ଦାୟିତ୍ୱ ନେବେ କିନ୍ତୁ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡିବେ।

**ବିଛା** ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ବିଶାଖା ନକ୍ଷତ୍ରର ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବାର ଆଶଙ୍କା ରହିଛି। ବିଳମ୍ବ ହେଲେ ମଧ ହାତକୁ ନେଇଥିବା କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ଧନୁ** ବ୍ୟସ୍ତ ବିବ୍ରତ ହୋଇ ଅଯଥାଗୁଡାଏ ଅତୀତ କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡିବ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ପୂର୍ବାଷାଢ଼ା ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମକର** ନୂତନ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ଶ୍ରବଣା ନକ୍ଷତ୍ରର ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ବିବାଦର ସମାଧାନପୂର୍ବକ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଶତଭିଷା ନକ୍ଷତ୍ର ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବେ। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**ମୀନ** କର୍ମକ୍ଷେତ୍ରରେ ବୃଥା ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଅପ୍ରିୟ ସତ୍ୟ କଥା ପ୍ରକାଶ କରିବାରୁ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ସାମାଜିକ ସ୍ତରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

ଆଜି ଜାନୁଆରୀ ୧୭ ତାରିଖ, ପୌଷ ଶୁକ୍ଳ ସପ୍ତମୀ ବୁଧବାର, ଦଶମ ଶିଖ୍‌ଗୁରୁ ଗୋବିନ୍ଦସିଂହଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ରେବତୀ/ମୀନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ୨୭ ନକ୍ଷତ୍ରେ ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହ ପ୍ରବେଶ, ଦେବତାଗଠନ ଓ ଜଳାଶୟାଦି ପ୍ରତିଷ୍ଠା ପାଇଁ ଶୁଭଦିନ। ସକାଳ ଘ.୦୬।୨୭ ଗତେ, ଘ.୦୭।୫୫ ମଧ୍ୟେ, ଘ.୧୦।୩୪ ଗତେ, ଘ.୧୧।୩୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୫୬ ଗତେ, ଘ.୦୧।୧୮ ମଧ୍ୟେ ରାହୁକାଳ।




# ବିଏସ୍‌କେୱାଇ ନବୀନ କାର୍ଡ ଆବେଦନ ୨୬କୁ ବୃଦ୍ଧି

**ଭୁବନେଶ୍ୱର, ୧୬।୧ (ଅସମାପିକା ସାହୁ)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ପାଇଁ ଆବେଦନ ସମୟ ବଢ଼ାଯାଇଛି। ଜନସାଧାରଣଙ୍କଠାରୁ ମିଳିଥିବା ମତାମତକୁ ବିଚାର କରି ରାଜ୍ୟ ସରକାର ମଙ୍ଗଳବାର ଅନ୍‌ଲାଇନ ଦରଖାସ୍ତ ପଞ୍ଜୀକରଣ ସମୟସୀମାକୁ ୨୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ଏକ ସ୍ୱତନ୍ତ୍ର ବିଭାଗୀୟ ବିଜ୍ଞପ୍ତି ଜାରି କରିଛନ୍ତି। ପୂର୍ବରୁ ଏହାର ସମୟସୀମା ୧୬ ତାରିଖ ପର୍ଯ୍ୟନ୍ତ ରହିଥିଲା। ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ଯୋଗ୍ୟ ବିବେଚିତ ପରିବାରମାନେ ଚଳିତବର୍ଷ ମେ’ ମାସ ଠାରୁ ତାଲିକାଭୁକ୍ତ ଘରୋଇ ହସ୍ପିଟାଲଗୁଡ଼ିକରେ ନିର୍ଦ୍ଧାରିତ ଗୁରୁତର ରୋଗଗୁଡ଼ିକର ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟମାନଙ୍କ ପାଇଁ ବାର୍ଷିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ସୁବିଧା ପାଇପାରିବେ।

ସେପଟେ ଏହି କାର୍ଡ ନେଇ ଆବେଦନ ବଢ଼ୁଛି। ଗ୍ରାମ ଓ ପଞ୍ଚାୟତ ସ୍ତରରେ ସଘନ ସଚେତନତା କାର୍ଯ୍ୟକ୍ରମ ଫଳରେ ଏହା ସମ୍ଭବ ହୋଇଛି। ୧୬ତାରିଖ ଅର୍ଥାତ୍ ମଙ୍ଗଳବାର ଅପରାହ୍ନ ୨ଟା ସୁଦ୍ଧା ମୋଟ ୩,୪୬,୨୯୪ଟି ପରିବାରଙ୍କର ଦରଖାସ୍ତ ଅନଲାଇନରେ ପଞ୍ଜୀକୃତ ହୋଇଛି। ଏହି ପଞ୍ଜୀକୃତ ଦରଖାସ୍ତରେ ୯.୭୦ ଲକ୍ଷରୁ ଊର୍ଦ୍ଧ୍ୱ ସଦସ୍ୟଙ୍କର ନାମ ରହିଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଗଞ୍ଜାମ ଜିଲାରୁ ସର୍ବାଧିକ ୪୮,୫୦୦, ଖୋର୍ଦ୍ଧା ଜିଲାରୁ ୨୬,୮୨୫, କଟକରୁ ୨୮,୭୯୪, ଭଦ୍ରକରୁ ୨୩,୦୪୨ ଏବଂ ବାଲେଶ୍ୱର ଜିଲାରୁ ୨୨,୫୭୦ ଦରଖାସ୍ତ ମିଳିଛି। ପୁରୀ ଜିଲାରୁ ୨୦,୭୪୪ ଦରଖାସ୍ତ ମିଳିଥିବାବେଳେ କେନ୍ଦ୍ରାପଡ଼ାରୁ ୧୯,୫୭୮ ଓ ନୟାଗଡ଼ରୁ ୧୪,୯୪୭ ଦରଖାସ୍ତ ଅନ୍‌ଲାଇନରେ ପଞ୍ଜୀକୃତ ହୋଇଛି। ଜଗତ୍‌ସିଂହପୁରରୁ ୧୫,୨୪୮, ଯାଜପୁରରୁ ୧୪,୦୬୧, ବରଗଡ଼ରୁ ୧୪,୫୬୯, ସୁନ୍ଦରଗଡ଼ରୁ ୧୨,୩୪୯, ଅନୁଗୋଳରୁ ୧୨,୩୯୭ ଏବଂ ଢେଙ୍କାନାଳରୁ ୧୧,୮୮୦ ଦରଖାସ୍ତ ମିଳିଛି। ୩୦ଟି ଯାକ ଜିଲାରୁ ଜିଲା ପିଛା ହାରାହାରି ୧୧,୫୦୦ରୁ ଊର୍ଦ୍ଧ୍ୱ ଦରଖାସ୍ତ ପଞ୍ଜୀକୃତ ହୋଇଛି।

# ମୋବାଇଲ ପାଇଁ ମା’ବାପାଙ୍କୁ ପନିକି ଚୋଟ

**ସୋର, ୧୬।୧ (ଜନ୍ମେଜୟ ମିଶ୍ର)**

ମୋବାଇଲରେ କଥା ହେବାକୁ ବାରଣ କରିବାରୁ ଝିଅ ରାଗ ସମ୍ଭାଳି ନ ପାରି ମା’ ବାପାଙ୍କୁ ପନିକିରେ ଆକ୍ରମଣ କରିଛନ୍ତି। ଏଥିରେ ମା’ ବାପା ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ଲାଗି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ସୋର ଥାନା ହାତୀଗଡିଆ ଗ୍ରାମରେ। ସୂଚନା ଅନୁଯାୟୀ, ସୋମବାର ରାତିରେ ଝିଅ କୁନି ସିଂ ମୋବାଇଲରେ ଦୀର୍ଘ ସମୟ ଧରି କଥା ହେଉଥିଲେ। ପ୍ରଥମେ ମା’ ବୁଦ୍ଧୁନି ସିଂ ଏହାକୁ ବିରୋଧ କରିଥିଲେ। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ପ୍ରଥମେ ମା’ଙ୍କୁ ପନିକିରେ ଆକ୍ରମଣ କରିଥିଲେ। ଏହାଦେଖି ବାପା ରଞ୍ଜିତ ରୋକିବାକୁ ଉଦ୍ୟମ କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ମା’ ବାପାଙ୍କ ଚିତ୍କାର ଶୁଣି ପାଖ ପଡୋଶୀ ଦୌଡ଼ି ଆସିଥିଲେ। ବୁଦ୍ଧୁନି ଓ ରଞ୍ଜିତ୍ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଏ ନେଇ ସୋର ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ଲାଞ୍ଚ ମାମଲା: ଭିଜିଲାନ୍ସ କୋର୍ଟରେ ଡାକ୍ତର ଦଣ୍ଡିତ

**କଟକ, ୧୬।୧ (କାର୍ତ୍ତିକ ସାହୁ)**

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଯାଜପୁର ଜିଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ମେଡିକାଲ ଅଫିସର ଡା. କରୁଣାକର ରାଉତ କଟକ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଭିଜିଲାନ୍ସ ସ୍ପେଶାଲ ଜଜ୍ ମଙ୍ଗଳବାର ମାମଲାର ରାୟ ପ୍ରକାଶ କରି ଡା. ରାଉତଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ୧୦,୦୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଆଦେଶ ରହିଛି। ଡା. ରାଉତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବାବେଳେ ଜଣେ ଠିକା ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଲାଞ୍ଚ ଦାବି କରିବା ସହ ଗ୍ରହଣ କରିଥିଲେ। ଠିକା ସ୍ୱାସ୍ଥ୍ୟକର୍ମୀ ଜଣଙ୍କ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟ ଟିମ୍‌ର ତଦାରଖବେଳେ ଅନୁପସ୍ଥିତ ଥିବାରୁ କାର୍ଯ୍ୟାନୁଷ୍ଠାନ ନେବାକୁ ମେଡିକାଲ ଅଫିସର ଡା. ରାଉତ କହିଥିଲେ। କଟକ ଡିଭିଜନ୍‌ର ପୂର୍ବତନ ଡିଏସ୍‌ପି ଭରତ ଚନ୍ଦ୍ର ସେଠୀ ମାମଲାର ତଦନ୍ତ କରିଥିଲେ। ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସର୍ବେଶ୍ୱର ବାରିକ ଓ ଆଡିସିନାଲ ପବ୍ଲିକ ପ୍ରସିକ୍ୟୁଟର ଦୀପକ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ। ଡା. ରାଉତ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଥିବାରୁ ତାଙ୍କୁ ଚାକିରିରୁ ବରଖାସ୍ତ କରିବା ନିମନ୍ତେ ଭିଜିଲାନ୍ସ ଉପଯୁକ୍ତ ଅଧିକାରୀଙ୍କ ନିକଟକୁ ଯିବ ବୋଲି ଭିଜିଲାନ୍ସ ପକ୍ଷରୁ ଜାରି ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ସ୍କୁଲରେ ବିଷ ପିଇଲେ ଛାତ୍ରୀ

**ଧରାକୋଟ, ୧୬।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଗଞ୍ଜାମ ଜିଲା ବଡ଼ଗଡ ଥାନା ଅନ୍ତର୍ଗତ ବାହଁରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମଧ୍ୟାହ୍ନଭୋଜନ ବିରତି ସମୟରେ ୭ମ ଶ୍ରେଣୀର ଜଣେ ଛାତ୍ରୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି। ତେବେ ଛାତ୍ରୀ ଜଣଙ୍କ କାହିଁକି ବିଷ ପିଇଲେ ତାହାର ପ୍ରକୃତ କାରଣ ଜଣାପଡିନି।

ପ୍ରକାଶ ଯେ, ଛାତ୍ରୀ ଜଣଙ୍କ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ନ କରି ସବୁଦିନ ଭଳି ଘରେ ଖାଇବାକୁ ଯାଇଥିଲେ। ଘରୁ ଆସିବା ବେଳେ ଏଟିଏମ୍‌ରୁ ଟଙ୍କା ଆଣି ଦେବାକୁ ମା’ କହିଥିଲେ। ମା’ଙ୍କୁ ଟଙ୍କା ଦେଇ ସେ ସ୍କୁଲକୁ ଆସିଥିଲେ। ମଧ୍ୟାହ୍ନଭୋଜନ ପରେ ପିଲାମାନେ ଖେଳୁଥିବା ବେଳେ ଛାତ୍ରୀ ଜଣଙ୍କ ବୋତଲରୁ କୌଣସି ତରଳ ପଦାର୍ଥ ପିଇ ଦେଇଥିଲେ। ତାଙ୍କର ଜଣେ ସହପାଠିନୀ ଏହା ଦେଖି ଜୋରରେ ପାଟି କରିଥିଲେ। ବିଷ ପିଇ ଛାତ୍ରୀ ବାନ୍ତି କରିବାରୁ ଶିକ୍ଷକମାନେ ତୁରନ୍ତ ଧରାକୋଟ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଏ ନେଇ ପ୍ରଧାନ ଶିକ୍ଷକ ପଦ୍ମଚରଣ ପଣ୍ଡାଙ୍କୁ ପଚାରିବାରେ ବିଦ୍ୟାଳୟରେ ଛାତ୍ରୀଙ୍କର କୌଣସି ଅସୁବିଧା ନ ଥିଲା, କାହିଁକି ସେ ଏପରି କଲେ ଜଣାପଡିନି ବୋଲି କହିଛନ୍ତି।



"ସଂସାରରେ କର୍ମର ଗତି ବଡ ଗହନ। ଅବତାର ଶ୍ରୀରାମ ଯେତେବେଳେ ବାଳୀକୁ ହତ୍ୟାକଲେ ଏବଂ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ତାଙ୍କ ଜାତିକୁ ମୁକ୍ତ କରିବା ଲାଗି ନିଜର ମାମୁଁ କଂସକୁ ବଧ କଲେ– କିଏ କହିବ– ସେମାନଙ୍କର ଏଇ କର୍ମ ପାପ ନା ପୁଣ୍ୟ ? କିନ୍ତୁ ତେବେ ବି, ଆମେ ଅନୁଭବ କରୁ ଯେ, ଭାଗବତ ଭାବରେ ଇ ଉଦ୍‌ବୁଦ୍ଧ ହୋଇ ସେମାନେ ଏ କାର୍ଯ୍ୟ କରିଥିଲେ। –ଶ୍ରୀଅରବିନ୍ଦ



# ଫାସ୍‌ଟାଗ୍ ପାଇଁ ପୁଣି ଦୌଡ଼

କୁହାଯାଉଛି ଟୋଲ୍ ପ୍ଲାଜାରେ ଗାଡ଼ିଗୁଡ଼ିକର ସହଜ ଯାତାୟାତ ଲାଗି ଫାସ୍‌ଟାଗ୍ ବ୍ୟବସ୍ଥା ଲାଗୁ କରାଯାଇଛି। ଦୀର୍ଘ ସମୟ ଯାନଗୁଡ଼ିକ ଧାଡ଼ିରେ ନ ରହି ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ (ଆର୍‌ଏଫ୍‌ଆଇଡି) ପ୍ରଯୁକ୍ତି ମାଧ୍ୟମରେ ଏହା ଚଳାଚଳ କରିପାରିବ। ଗାଡ଼ି ମାଲିକମାନେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକାରୀ ସଂସ୍ଥା ଭାରତର ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ନିୟମ ମାନି ଫାସ୍‌ଟାଗ୍ କଲେ। ଏବେ ପୁଣି ଏଥିରେ କେଁ ପୂରାଇ ଦିଆଯାଇ କୁହାଗଲାଣି, ବୈଧ ବାଲାନ୍ସ ଥାଇ ମଧ୍ୟ 'ତୁମ ଗ୍ରାହକଙ୍କୁ ଜାଣ' ବା କେୱାଇସି ସମ୍ପୂର୍ଣ୍ଣ ହୋଇ ନ ଥିଲେ ଜାନୁଆରୀ ୩୧ ପରେ ବ୍ୟାଙ୍କଗୁଡ଼ିକ ଫାସ୍‌ଟାଗ୍‌କୁ ଅକାମୀ କରିଦେବେ। 'ୱାନ୍ ଭେହିକିଲ୍ ୱାନ୍ ଫାସ୍‌ଟାଗ୍'କୁ ପ୍ରୋତ୍ସାହନ ଦେବା ଲାଗି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ଘୋଷଣା କରାଯାଇଛି, ଯାହା ଏବେ ଗାଡ଼ି ମାଲିକଙ୍କୁ ଅଧିକ ହଇରାଣ କରିବ।

FASTag
Easy to Cruise

ଦେଖିବାକୁ ଗଲେ ସରକାରଙ୍କ ଦ୍ୱାରା ନିର୍ମିତ ରାସ୍ତାରେ ଚଳପ୍ରଚଳ କରୁଥିବା ଯାନବାହନ ଅତ୍ୟଧିକ ମାତ୍ରାର ଅର୍ଥ ଦେଇ ପଞ୍ଜୀକରଣ କରାଇଥାଆନ୍ତି। ଏଥିରେ ରୋଡ୍ ଟ୍ୟାକ୍ସ ଭଳି ଟିକସ ମଧ୍ୟ ଅନ୍ତର୍ଭୁକ୍ତ। ତା'ଉପରେ ଲଦି ଦିଆଗଲା ଟୋଲ୍ ଟିକସ, ଯାହାଫଳରେ ବାହନ ମାଲିକଙ୍କୁ ଆହୁରି ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଏଥିରେ ଜନସାଧାରଣ କୌଣସି ଆପତ୍ତି ଉଠାଇ ନ ଥିଲେ। ସମସ୍ତେ ମେଣ୍ଢାଙ୍କ ଭଳି ସ୍ୱୀକାର କରି ଟୋଲ୍ ଟିକସ ଦେଉଛନ୍ତି। ପଚାରିଲେ ସରକାରୀ ସୂତ୍ରରୁ ଯୁକ୍ତି ଦର୍ଶାଯାଉଛି ଯେ, ପୃଥିବୀର ସବୁ ଦେଶରେ ଟୋଲ୍ ଟିକସ ରହିଛି। ସେଥିପାଇଁ ଭାରତରେ ରାଜରାସ୍ତା ନିର୍ମାଣକୁ ସାହାଯ୍ୟ କରିବା ପାଇଁ ଏହି ଟିକସ ଦିଆଯିବା ଉଚିତ। ଏଭଳି ଯୁକ୍ତିକୁ କେହି ପ୍ରଶ୍ନ କରୁନାହାନ୍ତି। ବିଦେଶରେ ଯେଉଁସବୁ ରାସ୍ତାରେ ଟୋଲ୍ ଟିକସ ଦେବାକୁ ପଡ଼ିଥାଏ, ସେଥିରେ ଦୁର୍ଘଟଣା ଘଟିଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡାକ୍ତର ସହିତ ଆମ୍ବୁଲାନ୍ସ ପହଞ୍ଚେ। ନିର୍ଦ୍ଧାରିତ ବ୍ୟବଧାନରେ ଟ୍ରମା କେନ୍ଦ୍ର ସ୍ଥାପନ କରାଯାଇଥାଏ। ପୋଲିସ କ୍ୟାମେରା ମାଧ୍ୟମରେ ଟ୍ରାଫିକ୍ ନିୟନ୍ତ୍ରଣ କରାଯାଉଥିବାରୁ ସେହି ଟିକସ ନିଆଯାଉଥିବା ରାସ୍ତାରେ ପ୍ରାୟତଃ ଭିଡ଼ରେ ଗାଡ଼ି ଅଟକିବାର ଦେଖାଯାଏ ନାହିଁ। ଗାଡ଼ି ଖରାପ ହେଲେ ମୁଖ୍ୟ ରାସ୍ତାରେ ରହିବାକୁ ଦିଆଯାଏ ନାହିଁ ଏବଂ ପ୍ରାୟ ସବୁ ଟୋଲ୍ ରାସ୍ତାରେ 'ଲେ–ବାଇ' ସୁବିଧା ସୃଷ୍ଟି କରାଯାଇଥାଏ, ଯେଉଁଥିରେ ସମସ୍ୟା ସମୟରେ କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁ ମୋଟରଗାଡ଼ି ମୁଖ୍ୟ ରାସ୍ତାରୁ ଯାଇ 'ଲେ–ବାଇ'ରେ ପାର୍କ ହୋଇପାରିବ। ଟୋଲ୍ ରାସ୍ତାରେ ବିଜୁଳି ଆଲୋକ ଦେବା ସହିତ ସାମ୍ନାରୁ ଆସୁଥିବା ଗାଡ଼ିର ଅତ୍ୟଧିକ ହେଡ୍‌ଲାଇଟ୍ ଚାଳକର ଆଖିରେ ଯେମିତି ପଡ଼ିବ ନାହିଁ ସେଥିପାଇଁ ମଝି (ମିଡିଆନ୍)ରେ ବ୍ୟବସ୍ଥା କରାଯାଇଥାଏ। ଦେଖିବାକୁଗଲେ ଟୋଲ୍‌ଟିକସ ପଡୁଥିବା ରାସ୍ତାରେ ଗାଡ଼ିଚାଳକ ଓ ଯାତ୍ରୀଙ୍କୁ ଅନେକ ସୁରକ୍ଷା ଓ ସୁବିଧା ଯୋଗାଇ ଦିଆଯାଏ, ଯାହାକି ଭାରତବର୍ଷରେ କୌଣସି ରାଜପଥରେ ଦେଖିବାକୁ ମିଳୁନାହିଁ। ଏପରିକି ଭାରତରେ ମହିଳାମାନଙ୍କ ପାଇଁ ରାଜପଥ କଡ଼ରେ ପରିଚ୍ଛନ୍ନ ଶୌଚାଳୟର ବ୍ୟବସ୍ଥା ଏପର୍ଯ୍ୟନ୍ତ କରାଯାଇ ନାହିଁ। ଅଧିକାଂଶ ପେଟ୍ରୋଲ୍ ପମ୍ପରେ ଥିବା ଶୌଚାଳୟ ବ୍ୟବହାରଯୋଗ୍ୟ ହୋଇପାରୁ ନାହିଁ। ତଥାପି ନାଗରିକଙ୍କ ତଥ୍ୟ ଜାଣିବା ପାଇଁ ଆମ ସରକାର ଗଛପତ୍ରରେ ପଡ଼ିଯାଉଛନ୍ତି।

**ଦେଖିବାକୁଗଲେ ଟୋଲ୍ ଟିକସ ପଡୁଥିବା ରାସ୍ତାରେ ଗାଡ଼ିଚାଳକ ଓ ଯାତ୍ରୀଙ୍କୁ ଅନେକ ସୁରକ୍ଷା ଓ ସୁବିଧା ଯୋଗାଇ ଦିଆଯାଏ, ଯାହାକି ଭାରତବର୍ଷରେ କୌଣସି ରାଜପଥରେ ଦେଖିବାକୁ ମିଳୁନାହିଁ। ଏପରିକି ଭାରତରେ ମହିଳାମାନଙ୍କ ପାଇଁ ରାଜପଥ କଡ଼ରେ ପରିଚ୍ଛନ୍ନ ଶୌଚାଳୟର ବ୍ୟବସ୍ଥା ଏପର୍ଯ୍ୟନ୍ତ କରାଯାଇ ନାହିଁ। ଅଧିକାଂଶ ପେଟ୍ରୋଲ୍‌ପମ୍ପରେ ଥିବା ଶୌଚାଳୟ ବ୍ୟବହାରଯୋଗ୍ୟ ହୋଇପାରୁ ନାହିଁ। ତଥାପି ନାଗରିକଙ୍କ ତଥ୍ୟ ଜାଣିବା ପାଇଁ ଆମ ସରକାର ଗଛପତ୍ରରେ ପଡ଼ିଯାଉଛନ୍ତି।**

# ବଜେଟ ପ୍ରକ୍ରିୟା ଫାର୍ସ ହୋଇଯାଉଛି



ସହଦେବ ସାହୁ

ଶୃଙ୍ଖଳିତ ଓ ହିସାବୀ ଜୀବନଯାପନ ପାଇଁ ପରିବାରଟିଏ ବଜେଟ କରିନିଏ। ସମାଜର ଶୃଙ୍ଖଳିତ ବିକାଶ ପାଇଁ ସରକାର ବଜେଟ କରନ୍ତି। ପ୍ରଥମଟି ପ୍ରାୟ ମାନସିକ, କିନ୍ତୁ ଦ୍ୱିତୀୟଟି ଲିଖିତ। ଗଣତାନ୍ତ୍ରିକ ସମାଜରେ ଜଣକର ହୁଇମ୍ (ଝୁଙ୍କ୍) ଉପରେ ରାଜ୍ୟ ବା ଦେଶ ଚାଲେ ନାହିଁ, ସମ୍ବିଧାନ ଅନୁଯାୟୀ ଯେଉଁ ଶାସନ ଚାଲେ ତହିଁରେ ସରକାରର ୩ଟି ଶାଖା–ଲେଜିସ୍‌ଲେଚର୍, ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି– ଭିତରେ ଛକାପଞ୍ଝା (ଚେକ୍‌ସ ଆଣ୍ଡ ବାଲାନସେସ୍) ଜରିଆରେ ସୀମା ଭିତରେ ରହନ୍ତି। କିନ୍ତୁ ଆମେ ଯେଉଁ ବିଲାତୀ 'ସଂସଦୀୟ' ବ୍ୟବସ୍ଥା ଗ୍ରହଣ କରିଛୁ ତହିଁରେ ଲେଜିସ୍‌ଲେଚର୍‌ର ପ୍ରାଧାନ୍ୟ ବେଶି। ପ୍ରଶାସନ କିପରି ଚାଲିବ ତାହାର ଆଇନ ତିଆରି କରେ ଲେଜିସ୍‌ଲେଚର୍, ଯାହାକୁ କଣ୍ଟ୍ରୋଲ କରେ ଏକ୍‌ଜିକ୍ୟୁଟିଭ୍ ଶାଖାର ହେଡ୍ – ଅର୍ଥାତ୍ ମନ୍ତ୍ରିମଣ୍ଡଳ। ତେଣୁ ସାଧାରଣ ଲୋକଙ୍କ ଧାରଣା ଯେ ମନ୍ତ୍ରିମଣ୍ଡଳ ହିଁ ସରକାର, ତାଙ୍କ ଉପରେ ଅଙ୍କୁଶ ନାହିଁ। ଏହି ଧାରଣା ସରକାର–ବ୍ୟବସ୍ଥାକୁ 'ଗଣ'ତାନ୍ତ୍ରିକ ନ କରି 'ଦଳ'ତାନ୍ତ୍ରିକ (ଫାସିବାଦୀ) ହେବାରେ ସାହାଯ୍ୟ କରୁଛି। ଶାସକ ଦଳର ସଭ୍ୟମାନେ ସରକାରୀ (ଏକ୍‌ଜିକ୍ୟୁଟିଭ୍) ଅଫିସର ଭଳି କାମ କରିବା ଆରମ୍ଭ କଲେଣି, ସରକାରୀ ଦଳର ନେତା ନିଜକୁ ସମ୍ବିଧାନର ଊର୍ଦ୍ଧ୍ୱରେ ଭାବିବା ଆରମ୍ଭ କଲେଣି। ବଜେଟ କ୍ଷେତ୍ରରେ ତାହା ଜଳ ଜଳ ଦିଶୁଛି। ବଜେଟ କରିବା ଭାର ଲେଜିସ୍‌ଲେଚର୍‌ର। ସମ୍ବିଧାନରେ ବଜେଟକୁ 'ପ୍ରୋସିଡିଓର୍ ଇନ୍ ଫାଇନାନ୍ସିଆଲ୍ ମ୍ୟାଟର୍ସ' ନାମ ଦେଇ ଧାରା ୧୧୨ରୁ ୧୧୭ରେ ୟୁନିୟନ (କେନ୍ଦ୍ର ସରକାର) ଏବଂ ଧାରା ୨୦୩ରୁ ୨୦୭ରେ ଦି ଷ୍ଟେଟ୍‌ସ (ରାଜ୍ୟ ସରକାରମାନଙ୍କ) କ୍ଷେତ୍ରରେ ସମାନ ପ୍ରକାରର ନିୟମ ବାନ୍ଧିଛି। ବଜେଟ ପାଇଁ ଆର୍ଥିକ ବର୍ଷ ଗଣାଯାଏ ଏପ୍ରିଲ ୧ରୁ ପର ବର୍ଷ ମାର୍ଚ୍ଚ ୩୧ ଯାଏ। ନିର୍ବାଚନରେ ଜିତିବା ପରେ ପରେ ଶାସକଦଳ କାମରେ ଲାଗିଯାଏ – କି କି କାମ କରିବ ତାହା ଏକ ପ୍ରସ୍ତାବ ଆକାରରେ ମନ୍ତ୍ରିମଣ୍ଡଳ ପେସ୍ କରେ। ମନ୍ତ୍ରିମଣ୍ଡଳର ପ୍ରସ୍ତାବ ଉପରେ ଅର୍ଥ ମନ୍ତ୍ରାଳୟ ବଜେଟ ତିଆରି କରେ। ଏହା ତିନିଟି ପର୍ଯ୍ୟାୟରେ ବିଭକ୍ତ। ମନ୍ତ୍ରିମଣ୍ଡଳ ଯେଉଁ ପ୍ରସ୍ତାବ ଆଣେ ତାହାକୁ ଅର୍ଥ ମନ୍ତ୍ରାଳୟ ଏକ ବାର୍ଷିକ ଆର୍ଥିକ ବିବରଣୀ (ଆନୁଆଲ୍ ଫାଇନାନ୍ସିଆଲ୍ ଷ୍ଟେଟ୍‌ମେଣ୍ଟ) ରୂପେ ତିଆରି କରେ ଓ ଅର୍ଥମନ୍ତ୍ରୀ ବିଧାନସଭାରେ ପେସ୍ କରନ୍ତି। ତାହା ପରେ କି କି କାମ ହେବ ପ୍ରତ୍ୟେକର ବିବରଣୀ ସହ ଖର୍ଚ୍ଚର ଅଟକଳ (ଏଷ୍ଟିମେଟ୍) ପେସ୍ କରନ୍ତି, ଏଥିରେ କେବଳ ସଂଖ୍ୟାଗୁଡ଼ିଏ ନ ଥାଏ, ବହୁତ ସୂଚନା ଥାଏ।



କେଉଁ କେଉଁ ଅଞ୍ଚଳରେ କି କି କାମ ହେବ, କେତେ ଆକାରର ବା ଆୟତନର, କେତେ ମୂଲ୍ୟରେ କାମ ସରିବ, କେତେ ଲାଭ ମିଳିବ, ଲୋକେ କେତେ କ୍ଷତିଗ୍ରସ୍ତ ହେବେ ଓ କେତେ ପରିମାଣରେ କ୍ଷତିପୂରଣ କରାହେବ, ତାହା ଥାଏ। ଏହା ଗୃହୀତ ହୋଇଗଲେ ଅର୍ଥବ୍ୟୟ ବିଲ୍ (ଆପ୍ରୋପ୍ରିଏସନ୍ ବିଲ୍) ଅର୍ଥମନ୍ତ୍ରୀ ଆଣନ୍ତି। ତାହା ଗୃହୀତ ହେଲା ପରେ ବିଲ୍ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ଯାଏ। ତା' ମିଳିଲା ପରେ ବଜେଟ ଆଇନରେ ପରିଣତ ହୁଏ। ସବୁ ପ୍ରକାରର ପ୍ରଚଳିତ ରୋଜଗାର ଏକତ୍ରିତ ହୋଇ ଗୋଟିଏ ପାଣ୍ଠିରେ ରହେ, ତା ନାଁ କନ୍‌ସୋଲିଡେଟେଡ୍ ଫଣ୍ଡ। ତହିଁରୁ ପଇସାଟିଏ ଆଣିବାକୁ ହେଲେ ତାହା ବିଧାନସଭା ଦ୍ୱାରା ଗୃହୀତ ଆପ୍ରୋପ୍ରିଏସନ୍ ବିଲ୍‌ରେ ଥିବା ଦରକାର; ତା' ମାନେ ବିଧାନସଭାର ମଞ୍ଜୁରୀ ବିନା ସରକାର ଖର୍ଚ୍ଚ କରିବା ଅସାମ୍ବିଧାନିକ। ଆପ୍ରୋପ୍ରିଏସନ୍ ବିଲ୍‌ରେ ଯେତେ ସାଙ୍କସନ୍ ହୋଇଛି ସେଥିଲାଗି କନ୍‌ସୋଲିଡେଟେଡ୍ ଫଣ୍ଡରେ ଯଥେଷ୍ଟ ଅର୍ଥ ଥାଇ ନ ପାରେ। ସେଥିଲାଗି ପୁରୁଣା ଟିକସ ବଢ଼ାଇ ଓ ନୂଆ ଟିକସ ଫି' ଆଦି ବସାଇ ରାଜସ୍ୱ ବଢ଼ାଯାଇଥାଏ। ବିଧାନସଭାର ବିନା ଅନୁମୋଦନରେ ପଇସାଟିଏ ବି ନାଗରିକମାନଙ୍କଠାରୁ ଆଦାୟ କରାଯାଇ ପାରିବ ନାହିଁ ବୋଲି ସମ୍ବିଧାନ କହେ। ତେଣୁ ସରକାର ବା ଏକ୍‌ଜିକ୍ୟୁଟିଭ୍ ଅର୍ଥମନ୍ତ୍ରୀଙ୍କ ଜରିଆରେ ଫାଇନାନ୍ସ ବିଲ୍ ଆଣେ। ଏ ବିଲ୍ ପାସ୍ ହୋଇଗଲା ପରେ ବଜେଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୁଏ। ବିଧାନସଭାର କାର୍ଯ୍ୟାବଳୀରୁ ଓ ମୁଦ୍ରିତ ବଜେଟ ପୁସ୍ତିକାରୁ ସାଧାରଣ ନାଗରିକ ବର୍ଷ ଯାକର ପ୍ରକଳ୍ପ ଓ ପ୍ରତି ପ୍ରକଳ୍ପର ଖର୍ଚ୍ଚ ଓ ଅବଧି ଜାଣେ । ଏବେ ତାହାର ବ୍ୟତିକ୍ରମ ଦେଖାଦେଉଛି। ବିଧାନସଭାର ଆପ୍ରୁଭାଲ୍ ନ ନେଇ ସରକାରୀ ତହବିଲ୍ (କନ୍‌ସୋଲିଡେଟେଡ୍ ଫଣ୍ଡ)ରୁ ପଇସା କାଢ଼ିନେଇ ଖର୍ଚ୍ଚ କରିପକାଉଛନ୍ତି, ନଚେତ୍ କୌଣସି କାର୍ଯ୍ୟ ହାତକୁ ନେଇ ତା' ପାଇଁ ଅର୍ଥ ଘୋଷଣା କରିବା ଏବଂ କ୍ୟାବିନେଟରେ ତା' ପାଇଁ ଅର୍ଥ ମଞ୍ଜୁର ହୋଇଯିବା ସମ୍ଭବ ହୁଅନ୍ତାନି! ଏସବୁ ଅସାମ୍ବିଧାନିକ, ସିଧା କଥାରେ ବେଆଇନ। ଆଇନ ବିରୋଧରେ କାମ କରିବା, ବିଧାନସଭାର ବିନା ଅନୁମୋଦନରେ, କେବଳ ମନ୍ତ୍ରିମଣ୍ଡଳର ପ୍ରସ୍ତାବରେ ଖର୍ଚ୍ଚ କରିଦେବାର ଅର୍ଥ ରାଜକୋଷକୁ ନିଜର ବଟୁଆ ଭଳି ଭାବିବା – ଏ ଭଲ ଉଦାହରଣ ସୃଷ୍ଟି କରୁନାହିଁ।

ସରକାର ଓ ନାଗରିକ (ପ୍ରତିନିଧିମାନଙ୍କ) ମାନଙ୍କ ଭିତରେ ଆସ୍ଥାର ସେତୁ ହେଉଛି ବଜେଟ । ମଝିରେ ମଝିରେ ସରକାର ତାଙ୍କର କାର୍ଯ୍ୟାବଳୀର ସମୀକ୍ଷା କରି ଯଦି ରଣନୀତି (ଷ୍ଟ୍ରାଟେଜିକ୍ ପ୍ରାୟରିଟି, ନିଜ ଦଳକୁ ପୁଣି ଥରେ ଶାସନଗାଦିରେ ରଖିବାର ଇଚ୍ଛାରେ) ବଦଳାନ୍ତି, ତାହା ସପ୍ଲିମେଣ୍ଟାରି ବଜେଟ ରୂପେ ପେସ୍ ହୁଅନ୍ତା, ଶାସକ ଦଳର ମେଜେରିଟି ଥିବାରୁ ପ୍ରତିନିଧିସଭା ଦ୍ୱାରା ମଞ୍ଜୁର ହୋଇଯାନ୍ତା। ଆମ ରାଜ୍ୟରେ କେଉଁଠି କ'ଣ କରାଗଲେ ଭୋଟର ଖୁସି ହେବେ ସେଠି ତାହା ଘୋଷଣା କରି ଦିନକ ଭିତରେ ଅର୍ଥ ମଞ୍ଜୁର ଓ ଅଳ୍ପ ଦିନରେ କାମ ଆରମ୍ଭ କରାଯାଉଛି। ନାଗରିକମାନଙ୍କୁ ଖୁସିରେ ରଖିବା ସରକାରଙ୍କ କାମ ହେବା ଉଚିତ, କିନ୍ତୁ ସମ୍ବିଧାନର ଖିଲାପ କରି ନୁହେଁ!

ଆମ ରାଜ୍ୟରେ ମନ୍ତ୍ରିମଣ୍ଡଳରେ ନୂଆ ପ୍ରସ୍ତାବଟିଏ ଗୃହୀତ କରାଇନେଲେ ସତେଯେପରି ବିଧାନସଭାର ଆବଶ୍ୟକତା ନାହିଁ ବୋଲି ବିଚାର କରାଯାଉଛି। ବିଧାନସଭାରେ ଲୋକପ୍ରତିନିଧିମାନଙ୍କ ସଭାରେ ଆଲୋଚନା ହେଉନାହିଁ, ଆପ୍ରୋପ୍ରିଏସନ୍ ବିଲ୍ ପାସ୍ ନ ହୋଇ କନ୍‌ସୋଲିଡେଟେଡ୍ ଫଣ୍ଡରୁ ଆବଶ୍ୟକ ଅର୍ଥ କାଢ଼ି ନିଆଯାଉଛି, ତା'ର ମଞ୍ଜୁରୀ ପାଇଁ ସପ୍ଲିମେଣ୍ଟାରି ଗ୍ରାଣ୍ଟ ବିଲ୍ ଆସୁନାହିଁ । ସବୁ ସରିଗଲା ପରେ ଦିନେ ଦି' ଦିନ ବିଧାନସଭା ଡାକିଦିଆଯାଉଛି, କ୍ୟାବିନେଟରେ ଯାହା କିଛି ପ୍ରସ୍ତାବ ଆସୁଛି ତାହାର ସଂଖ୍ୟା ୧୦ରୁ ୨୦ ହୋଇଥିଲେ ବି ଏକ ଘଣ୍ଟା ଭିତରେ ସରିଯାଉଛି। ଯୋଜନାର ଉଦ୍ଦେଶ୍ୟ ବୁଝାଇବା ପାଇଁ ନାଁ ନ ଦେଇ ରାଜ୍ୟବାସୀଙ୍କ ଧର୍ମଭୀରୁତାର ସୁଯୋଗ ନେଇ ଧର୍ମସ୍ଥାନରେ ବ୍ୟବହାର ହେଉଥିବା ଶବ୍ଦକୁ ସଂକ୍ଷିପ୍ତୀକରଣରେ ବ୍ୟବହାର କରୁଛନ୍ତି– ଯଥା ପୁରୀର ବିକାଶ ଯୋଜନାର ନାମ ଅବଢ଼ା, କେତେକ ମନ୍ଦିରର ବିକାଶର ନାଁ ପ୍ରସାଦ, ଗ୍ରାମାଞ୍ଚଳରେ ବସ୍‌ସେବାକୁ ଲକ୍ଷ୍ମୀ କହିବା। କନ୍‌ସୋଲିଡେଟେଡ୍ ଫଣ୍ଡରେ ବହୁତ ପଇସା ମିଳିଛି ବୋଲି ଆମେ ସାମୟିକ ସୁଖରେ ପଇସା ଲଗାଇବା, ଯାହା ପରେ ପରେ ନଷ୍ଟ ହୋଇଯିବ! ଧର୍ମଭୀରୁ ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ସରକାର ଯଦି ନିର୍ବାଚନ–ସର୍ବସ୍ୱ ହୁଅନ୍ତି, ଧର୍ମସଙ୍ଗତ ଶବ୍ଦଗୁଡ଼ିକୁ ଲଗାଇ ଖର୍ଚ୍ଚର ଅସଲ ଉଦ୍ଦେଶ୍ୟକୁ ଘୋଡ଼ାଇ ଜନଗ୍ରହଣଯୋଗ୍ୟ କରିପକାଇବେ ବୋଲି ମନ୍ତ୍ରିମଣ୍ଡଳ ଆଶା କରୁଥାନ୍ତି, ତାହା ରାଜ୍ୟର ସାମୂହିକ ବିକାଶର ପରିପନ୍ଥୀ ହେବ।

–sahadevas@yahoo.com

# ନାରୀ ସମାଜ ଓ ଅସମାନତା



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଭାରତରେ ୨୦୨୧ ତୁଳନାରେ ମହିଳାଙ୍କ ବିରୋଧରେ ଆପରାଧିକ ମାମଲା ୪ ପ୍ରତିଶତ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ମାମଲା (୩୧.୪ ପ୍ରତିଶତ) ସ୍ୱାମୀ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କ ଦ୍ୱାରା ନିର୍ଯାତନା ସହ ଜଡ଼ିତ। ଦିଲ୍ଲୀ ଏବେ ବି ମହିଳାଙ୍କ ପାଇଁ ସବୁଠାରୁ ଅସୁରକ୍ଷିତ ସହର, ଯେଉଁଠାରେ ପ୍ରତିଦିନ ହାରାହାରି ତିନୋଟି ବଳାତ୍କାର ମାମଲା ସାମ୍ନାକୁ ଆସୁଛି, ଯାହା ଦେଶର ୧୯ଟି ପ୍ରମୁଖ ସହରରେ ମହିଳାଙ୍କ ବିରୋଧରେ ହେଉଥିବା ଅପରାଧର ୨୯ ପ୍ରତିଶତ। ଏହା ନିକଟରେ ପ୍ରକାଶିତ ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ରିପୋର୍ଟର ତଥ୍ୟ। ଏହି ରିପୋର୍ଟରୁ ଜଣାପଡ଼ିଛି ଯେ ବହୁ ସଂଖ୍ୟକ ମହିଳା ଏବେ ବି ହିଂସାର ଶିକାର ହେଉଛନ୍ତି। ୨୦୧୫ରୁ ୨୦୧୮ ମଧ୍ୟରେ ହରିୟାଣାରେ ମହିଳାମାନେ ବିଭିନ୍ନ ଅପରାଧ ଅଭିଯୋଗ ଆଣିଥିବା ୪ ଲକ୍ଷ ଏଫ୍‌ଆଇଆର୍‌କୁ ବିଶ୍ଳେଷଣ କରି ନିକଟରେ କରାଯାଇଥିବା ଅନ୍ୟ ଏକ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଆମର ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ବିଭିନ୍ନ ସ୍ତରରେ ଭେଦଭାବ ରହିଛି। ଏ ସମ୍ପର୍କରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ତଦନ୍ତ ଓ ଶୁଣାଣି ସମୟରେ ସାଧାରଣତଃ ମହିଳା ଅଭିଯୋଗକାରୀଙ୍କୁ ଭଲ ବ୍ୟବହାର କରାଯାଏ ନାହିଁ, ପୋଲିସ ସେମାନଙ୍କୁ ଗମ୍ଭୀରତାର ସହ ନେଉନାହିଁ ଏବଂ ବେଳେବେଳେ କୋର୍ଟ କାର୍ଯ୍ୟରେ ଅବହେଳା ମଧ୍ୟ କରିଥାଏ। ୨୦୧୦ର ଏକ ମାମଲାରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ କହିଥିଲେ ଯେ ମହିଳାଙ୍କ ବିରୋଧରେ ଆକ୍ରମଣ ଓ ହିଂସାର ଅଧିକାଂଶ ମାମଲା କ୍ଷୁଦ୍ର ଅଭିଯୋଗ ଆଧାରରେ ଦାଏର କରିଛନ୍ତି। ବିଚାରକୁ ନିଅନ୍ତୁ, ଏନ୍‌ସିଆର୍‌ବି ରିପୋର୍ଟରେ କେବଳ ପଞ୍ଜୀକୃତ ମାମଲା ଉଲ୍ଲେଖ ରହିଛି, ଏହା ପ୍ରକୃତ ସଂଖ୍ୟା ନୁହେଁ, କୌଣସି ନା କୌଣସି କାରଣରୁ ଅନେକ ପଞ୍ଜୀକୃତ ହୋଇ ନ ଥିବା ମାମଲା ରହିଛି। ଅନ୍ତରଙ୍ଗ ସାଥୀଜନିତ ହିଂସା ଭାରତରେ ଏକ ସାଧାରଣ କଥା। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ, ୨୦୧୯–୨୧ ଅନୁସାରେ ପ୍ରାୟ ୩୧.୫ ପ୍ରତିଶତ ମହିଳା ୧୫ ବର୍ଷ ବୟସ ପରେ ଶାରୀରିକ କିମ୍ବା ଯୌନ ହିଂସାର ସମ୍ମୁଖୀନ ହୁଅନ୍ତି।

ଅନେକ ମହିଳା ଥାନାରେ ରିପୋର୍ଟ ଦାଖଲ କରନ୍ତି ନାହିଁ କିମ୍ବା ସାମାଜିକ ପ୍ରତିଶୋଧ, କଳଙ୍କ, ଥାନାରେ ଅନୁଚିତ ବ୍ୟବହାରର ସମ୍ମୁଖୀନ ହେବା ଏବଂ ନିର୍ଯାତିତ ନ୍ୟାୟିକ ବ୍ୟବସ୍ଥା ଭୟରେ ସେମାନଙ୍କୁ ରିପୋର୍ଟ ପ୍ରତ୍ୟାଖ୍ୟାନ କରିବାକୁ ଚାପ ପକାଯାଉଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ତଥ୍ୟ ଅନୁଯାୟୀ, ଶାରୀରିକ କିମ୍ବା ଯୌନ ହିଂସା ମାମଲାରେ ମାତ୍ର ୫.୨ ପ୍ରତିଶତ ପୀଡ଼ିତା ପୋଲିସର ସହାୟତା ଲୋଡିଥାନ୍ତି। ଏପରି କି ତାମିଲନାଡୁ ଏବଂ କର୍ଣାଟକ ଭଳି ଉଚ୍ଚ ସାକ୍ଷରତା ହାର ଥିବା ରାଜ୍ୟରେ ମଧ୍ୟ ମହିଳାଙ୍କ ବିରୋଧରେ ଅପରାଧ ରିପୋର୍ଟିଂ ହାର କମ୍, ଯାହା ଦର୍ଶାଉଛି ଯେ ସାକ୍ଷରତା ସହିତ ଏହାର କୌଣସି ସମ୍ପର୍କ ନାହିଁ। ସମଗ୍ର ବିଶ୍ୱରେ ୧୦ ପ୍ରତିଶତରୁ କମ୍ ମହିଳା ହିଂସା ବିରୋଧରେ ପୋଲିସର ସହାୟତା ଲୋଡ଼ିଥାନ୍ତି।




ଏହାର ପ୍ରଭାବ ଅତ୍ୟନ୍ତ ସୀମିତ ରହିଛି। ଅନେକ ଆଇନ ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ କାର୍ଯ୍ୟକାରିତା ପ୍ରକ୍ରିୟାରେ ଉନ୍ନତି ଆଣିବା ଆବଶ୍ୟକ ଏବଂ ଏହାକୁ ସ୍ୱଚ୍ଛ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ଇଲେକ୍ଟ୍ରୋନିକ ପ୍ରମାଣର ବ୍ୟବହାର, ତଦନ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି, ଠିକ୍ ସମୟରେ ଚାର୍ଜଶିଟ ଦାଖଲ କରିବା ସହ ପୀଡ଼ିତଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି , ପୀଡ଼ିତାଙ୍କୁ ଅଧିକ ସହାନୁଭୂତି ଏବଂ ସମ୍ବେଦନଶୀଳତାର ଆବଶ୍ୟକତା ରହିଛି କାରଣ ସେମାନେ ଦୀର୍ଘଦିନ ଧରି ଚାଲୁଥିବା ଅଦାଲତ ମାମଲାରେ ପ୍ରତିଦିନ ଅପମାନିତ ହୁଅନ୍ତି। ଏହା ଦ୍ୱାରା ସେମାନେ ବିଶ୍ୱାସ କରନ୍ତି ଯେ ବ୍ୟବସ୍ଥା ଅଭିଯୁକ୍ତଙ୍କ ପାଇଁ ଅନୁକୂଳ। ୨୦୨୨ ଶେଷ ସୁଦ୍ଧା ଦେଶର ବିଭିନ୍ନ ଅଦାଲତରେ ପାଖାପାଖି ୫ କୋଟି ମାମଲା ବିଚାରାଧୀନ ଥିଲା। ଅନେକ ମାମଲାରେ ତଦନ୍ତ ଓ ଶୁଣାଣି ସମୟରେ ସାକ୍ଷୀମାନେ ମୁହଁ ଫେରାଇ ନେଉଛନ୍ତି ବୋଲି ଜଣେ ଆଇନ ବିଶେଷଜ୍ଞ ଦୁଃଖପ୍ରକାଶ କରିଛନ୍ତି ଏବଂ ପୀଡିତା ବାଧ୍ୟ ହୋଇ କୋର୍ଟ ବାହାରେ ବସବାସ କରୁଛନ୍ତି। ଏହି କାରଣରୁ ଆମ ଦେଶରେ ଅପରାଧୀଙ୍କ ଦୋଷୀ ସାବ୍ୟସ୍ତ ହାର ବହୁତ କମ୍ ରହିଛି। ୨୦୨୧ରେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୨୬.୫ ପ୍ରତିଶତ ଥିବା ବେଳେ ୨୦୨୦ରେ ଏହା ୨୯.୮ ପ୍ରତିଶତ ଥିଲା। ୧୯୯୩ରେ ଜାତିସଂଘ ମହିଳାଙ୍କ ବିରୋଧରେ ହିଂସା ଉଚ୍ଛେଦ ସଂକ୍ରାନ୍ତ ଘୋଷଣାନାମାରେ ଘୋଷଣା କରିଥିଲା ଯେ ପାରମ୍ପରିକ ଭାବେ ଲିଙ୍ଗଗତ ଅସନ୍ତୁଳନ ଥିବା ସମାଜରେ ଏଭଳି ଅପରାଧ ଘଟୁଛି।

ଡ୍ରଗ୍ସ ଏବଂ ଅପରାଧ ଉପରେ ଜାତିସଂଘ କାର୍ଯ୍ୟାଳୟ ଅନୁଯାୟୀ, ପୁରୁଷମାନଙ୍କ ପାଇଁ ପୁରୁଷଙ୍କ ଦ୍ୱାରା ପରିକଳ୍ପିତ ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ମହିଳାମାନଙ୍କ ପ୍ରତିନିଧିତ୍ୱ କମ୍ କିନ୍ତୁ ପୀଡ଼ିତା ଭାବରେ ସେମାନଙ୍କ ଅଂଶଗ୍ରହଣ ଅତ୍ୟଧିକ। ସମଗ୍ର ବିଶ୍ୱରେ ପ୍ରାୟ ୩୦ ପ୍ରତିଶତ ମହିଳା କହିଛନ୍ତି ଯେ ସେମାନେ ଜୀବନରେ ଅତିକମ୍‌ରେ ଥରେ ଅନ୍ତରଙ୍ଗ ସାଥୀ କିମ୍ବା ଅଣସାଥୀଙ୍କ ଦ୍ୱାରା ଶାରୀରିକ କିମ୍ବା ଯୌନ ହିଂସାର ସମ୍ମୁଖୀନ ହୋଇଛନ୍ତି। ଦେଶ ଓ ବିଦେଶରେ ଘରୋଇ ହିଂସା ଏକ ନୂତନ ଅଧ୍ୟୟନ ଅନୁଯାୟୀ, ଯୁକ୍ତରାଷ୍ଟ୍ର ଆମେରିକାରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ବିରୋଧରେ ଆଇନ ପାରିତ ହୋଇଥିଲେ ମଧ୍ୟ ମହିଳା ଓ ବାଳିକାଙ୍କ ବିରୋଧରେ ହେଉଥିବା ଅପରାଧ ସମାଜ ଓ ଅର୍ଥନୀତିରେ ସେମାନଙ୍କ ଅଂଶଗ୍ରହଣ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏହି କାରଣରୁ ବିଶ୍ୱ ପ୍ରତିବର୍ଷ ୧.୫ ଟ୍ରିଲିୟନ ଡଲାର କ୍ଷତି ସହୁଛି।

ଅନେକ ଦେଶ ସେମାନଙ୍କ ଜିଡିପିର ୧.୨ରୁ ୩.୭ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ କ୍ଷତି ସହିଥାନ୍ତି। ଗବେଷଣାରୁ ଜଣାପଡିଛି ଯେ ଭାରତରେ ଜଣେ ଅନ୍ତରଙ୍ଗ ସାଥୀଙ୍କ ହିଂସାତ୍ମକ ଘଟଣା ଜଣେ ମହିଳାଙ୍କୁ ହାରାହାରି ପାଞ୍ଚ ଦିନ ପାଇଁ କାମକୁ ଯିବାକୁ ବାରଣ କରିଥାଏ। ଯେହେତୁ ଭାରତ ଦ୍ରୁତ ଗତିରେ ବିକାଶ କରୁଛି, ଶ୍ରମ ବଜାରରେ ମହିଳାଙ୍କ ଅଂଶଗ୍ରହଣ ଏବଂ ସେମାନଙ୍କ ମଧ୍ୟରେ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିଶ୍ଚିତ ଭାବେ କେବଳ ଆଇନ ପ୍ରଣୟନ କରିବା ଯଥେଷ୍ଟ ନୁହେଁ, ସଚ୍ଚୋଟତାର ସହ ଏହାକୁ ପାଳନ କରିବା ମଧ୍ୟ ଜରୁରୀ।

**ନୟାଗଡ଼, ମୋ: ୯୪୩୭୬୪୨୯୪୭**

## ଏଇ ଭାରତରେ

ଅଧାରୁ ଏମବିଏ ଛାଡ଼ି ଛତୁଚାଷରେ ଲାଗିଗଲେ ଶଙ୍କର ମିନା। ଏବେ ଛତୁମଞ୍ଜିରୁ ସେ ମାସକୁ ୧୩ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଶଙ୍କର ୮୦ ଟନ୍ ଛତୁମଞ୍ଜି ଉତ୍ପାଦନ କରି କେଜି ୮୦ରୁ ୧୧୫ ଟଙ୍କା ମୂଲ୍ୟରେ ବିକ୍ରି କରୁଛନ୍ତି। ପ୍ରଥମେ ଛତୁଚାଷ ତାଙ୍କ ଗ୍ୟାରେଜରେ ଆରମ୍ଭ କରିଥିଲେ। ଏବେ 'ଜୀବନ ମସ୍‌ରୁମ୍' ନାମକ ଏକ ଛତୁମଞ୍ଜି ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଶଙ୍କରଙ୍କ ଜନ୍ମ ରାଜସ୍ଥାନର ଏକ ଗାଁରେ। ତାଙ୍କ ପିତା ଜଣେ କୃଷକ । ବହୁ ସମୟରେ ଚାଷରେ କ୍ଷତିହେବାରୁ ତାଙ୍କ ପରିବାରର ଆୟରେ ଅସ୍ଥିରତା ଦେଖାଯାଉଥିଲା ଓ ସେମାନେ ଚଳିବାରେ ଅସୁବିଧା ହେଉଥିଲା। ତେବେ ଏକ କୃଷିଭିତ୍ତିକ ସ୍ଥାୟୀ ରୋଜଗାର ପାଇଁ ସେ ଚିନ୍ତାକରି ଛତୁମଞ୍ଜି ଉତ୍ପାଦନକୁ ବାଛିଥିଲେ। ତାଙ୍କ ଦ୍ୱାରା ପ୍ରସ୍ତୁତ ଛତୁମଞ୍ଜି ଭାରତର ବିଭିନ୍ନ ରାଜ୍ୟ ସମେତ ଭୁଟାନ, ନେପାଳ, ୟୁଏଇକୁ ରପ୍ତାନି କରାଯାଉଛି । ସୋଲାନ୍ ସ୍ଥିତ ଆଇସିଏଆର୍ ଡାଇରେକ୍ଟୋରେଟ ଅଫ୍ ମସ୍‌ରୁମ୍ ରିସର୍ଚ୍ଚରୁ ପ୍ରଶିକ୍ଷଣ ନେଇ ସେ ମଞ୍ଜି ଉତ୍ପାଦନ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଜାନୁଆରୀ ୧୯୭୫

- ଭାରତରେ କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ନୂତନ ଯୋଜନା ପ୍ରସ୍ତୁତ।
- ଗଙ୍ଗାସାଗରରେ ମକର ସଂକ୍ରାନ୍ତି ବୁଡ଼ ପକାଇବାକୁ ଯାଇଥିବା ଯାତ୍ରୀମାନଙ୍କ ମଧ୍ୟରୁ ୧୪ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ବଦନେ ଲୁଚେ ତବ ନିଶାର ଅନ୍ଧକାରେ
ଅନ୍ତର କାନ୍ଦେ ମୋର ନିରାଟ ହାହାକାରେ।
ଯାଏଁ ମୁଁ ଅପସରି
ଡାକିବି କାନି ଧରି
ନିଶାର ଅନ୍ଧକାରେ
ନିରାଟ ହାହାକାରେ !

–(ଆଶ୍ୱାସନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | 2 | | | | |
| | | 2 | 3 | | | 4 | | |
| | 4 | | | 9 | | | | 5 |
| | 7 | 3 | | | | 8 | | |
| 2 | 5 | | | | | | | |
| | | | 1 | | 9 | | | 7 |
| | | 1 | | | | | 3 | |
| | | | | 6 | | | | 2 |
| 3 | | 7 | 8 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 7 | 5 | 4 | 3 | 8 | 2 | 9 |
| 3 | 4 | 8 | 6 | 9 | 2 | 5 | 1 | 7 |
| 5 | 9 | 2 | 7 | 8 | 1 | 6 | 4 | 3 |
| 6 | 3 | 9 | 2 | 1 | 5 | 7 | 8 | 4 |
| 4 | 8 | 5 | 9 | 3 | 7 | 2 | 6 | 1 |
| 2 | 7 | 1 | 8 | 6 | 4 | 3 | 9 | 5 |
| 7 | 1 | 3 | 4 | 2 | 6 | 9 | 5 | 8 |
| 8 | 5 | 6 | 1 | 7 | 9 | 4 | 3 | 2 |
| 9 | 2 | 4 | 3 | 5 | 8 | 1 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ହିତାଧିକାରୀଙ୍କୁ ମିଳୁନି ସୁବିଧା

ମହାଶୟ,

ବିଭିନ୍ନ ନିର୍ମାଣ କାର୍ଯ୍ୟର ମୂଳବିନ୍ଦୁ ନିର୍ମାଣ ଶ୍ରମିକ। ରାଜଧାନୀକୁ ଆସି କାମ କରୁଥିବା ଶ୍ରମିକମାନଙ୍କ ମଧ୍ୟରେ ଅନେକଙ୍କ ନିକଟରେ ଆଜି ପର୍ଯ୍ୟନ୍ତ ପରିଚୟପତ୍ର ନାହିଁ। ଆଉ ଯେଉଁମାନେ ପରିଚୟପତ୍ର ପାଇଥିଲେ ସେମାନେ ନବୀକରଣ କରି ନ ପାରିବାରୁ କାର୍ଡ କଟିଯାଇଛି। ଫଳରେ ଉପଲବ୍ଧ ଥିବା ସୁବିଧା ସୁଯୋଗରୁ ସେମାନେ ବଞ୍ଚିତ ହେଉଛନ୍ତି। ସାରା ରାଜ୍ୟରେ ୪୦ ଲକ୍ଷ ପଞ୍ଜୀକୃତ ଶ୍ରମିକ ଥିବାବେଳେ ରାଜଧାନୀରେ ଦେଢ଼ଲକ୍ଷ ଶ୍ରମିକ ରହିଥିବା ସୂଚନା ମିଳିଛି। ଯଦି ରାଜଧାନୀରେ ସେମାନଙ୍କ ସଂଖ୍ୟା ଏତିକି ତାହାହେଲେ କଟକଠାରୁ ଆଉ ସବୁ ବଡ଼ ସହର ଓ ଛୋଟ ସହରର କଥା ଚିନ୍ତା କରନ୍ତୁ। ତେବେ ଏହି ଲେବର କାର୍ଡରେ ଯଦି ଉପଯୁକ୍ତ ଯାଞ୍ଚ କରାଯିବ ଏଥିରୁ କାର୍ଡ ପାଇଥିବା ଅନେକ ଲୋକ ବାହୁଡ଼ିଯିବେ। ସୂଚନାଯୋଗ୍ୟ ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କୁ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଲେ ୪ଲକ୍ଷ ଟଙ୍କା, ସ୍ୱାଭାବିକ ମୃତ୍ୟୁ ଘଟିଲେ ୨ଲକ୍ଷ ଟଙ୍କା, ମୃତଦେହ ଦାହ ଲାଗି ୧୦ ହଜାର, ଘର ତିଆରି କରିବାକୁ ଦେଢ଼ଲକ୍ଷ ଟଙ୍କା, ପ୍ରସୂତିକାଳୀନ ସହାୟତା ୧୦ ହଜାର, ଡାକ୍ତରୀ ଚିକିତ୍ସା ପାଇଁ ୩ ଲକ୍ଷ ଟଙ୍କାର ବୀମା ସୁବିଧା କରିଛନ୍ତି। ସେହିପରି ଶ୍ରମିକଙ୍କୁ ୬୦ ବର୍ଷ ହୋଇଗଲେ ୫୦୦ଟଙ୍କା ଭତ୍ତା, ଷଷ୍ଠ, ସପ୍ତମ ବାଳିକାଙ୍କ ପାଇଁ ବାର୍ଷିକ ୨ହଜାର, ଅଷ୍ଟମ ଓ ଦଶମ ଶ୍ରେଣୀ ପାଇଁ ୮ ହଜାର, ଉଚ୍ଚଶିକ୍ଷା ଲାଗି ୪୦ ହଜାର ଟଙ୍କା, ଝିଅ ବାହାଘର ପାଇଁ ୫୦ ହଜାର ଟଙ୍କା ସହାୟତା ଦିଆଯାଉଥିବା କୁହାଯାଉଛି। ମାତ୍ର ଅଧିକାଂଶ ଶ୍ରମିକ ଏହିସବୁ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। କାରଣ ଅନେକ ଲୋକଙ୍କ କାର୍ଡ ନଥିବାବେଳେ ଆଉ କେତେକ ଅନ୍‌ଲାଇନ ସମସ୍ୟା କାରଣରୁ କାର୍ଡ ନବୀକରଣ କରିପାରୁନାହାନ୍ତି। ତେଣୁ ସରକାର ଲେବର କାର୍ଡର ସାମଗ୍ରିକ ସୁବିଧା ପ୍ରଦାନ କରନ୍ତୁ।

**–ଯୁଧିଷ୍ଠିର ମହାରଣା, ଆଇନଜୀବୀ ଓ ସାଧାରଣ ସମ୍ପାଦକ, କନ୍‌ଷ୍ଟ୍ରକ୍ସନ ମଜଦୁର ସଂଘ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନାଇଜେରିଆରେ ବୋଟ୍ ଦୁର୍ଘଟଣା

## ୮ ମୃତ, ଶତାଧିକ ନିଖୋଜ

**ଆବୁଜା,୧୬।୧:** ନାଇଜେରିଆରେ ଏକ ବୋଟ୍ ବୁଡ଼ିଯିବାରୁ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ନିଖୋଜ ହୋଇଯାଇଛନ୍ତି। ଯାତ୍ରୀମାନେ ସୋମବାର ନାଇଜର ରାଜ୍ୟର ବୋର୍ଗୁ ଜିଲାରୁ କେବି ରାଜ୍ୟର ଏକ ମାର୍କେଟକୁ ଯାଉଥିବାବେଳେ ନାଇଜର ନଦୀରେ ବୋଟ୍ ଓଲଟିପଡ଼ି ବୁଡ଼ିଯାଇଥିଲା। କ୍ଷମତାଠାରୁ ବହୁ ଅଧିକ ଯାତ୍ରୀ ଥିବାରୁ ବୋଟ୍‌ଟି ପବନ ମାଡ଼ରେ ଓଲଟି ପଡ଼ିଥିବା କୁହାଯାଉଛି। ସ୍ଥାନୀୟ ବୁଡ଼ାଳି ଓ ଗାଁ ଲୋକମାନେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ନାଇଜେରିଆରେ ବୋଟ ବିପର୍ଯ୍ୟୟ ଅନେକ ସମୟରେ ଘଟୁଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଉ ନାହିଁ। ଏପରିକି ବୋଟ୍ ଦୁର୍ଘଟଣାରେ କେତେ ଲୋକଙ୍କ ଜୀବନ ଯାଉଛି, ତା'ର ରେକର୍ଡ ମଧ୍ୟ ରହୁନାହିଁ।

## ୨୨ରେ ମମତାଙ୍କ ସଦ୍‌ଭାବନା ରାଲି

**ନୂଆଦିଲ୍ଲୀ,୧୬।୧:** ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ସବୁଧର୍ମର ଲୋକଙ୍କୁ ନେଇ ଏକ ସଦ୍‌ଭାବନା ରାଲି କରିବେ ବୋଲି ମଙ୍ଗଳବାର ଘୋଷଣା କରିଛନ୍ତି। ପ୍ରାଣପ୍ରତିଷ୍ଠା ଉତ୍ସବ ଭାଜପାର ଏକ ପ୍ରାକ୍ ନିର୍ବାଚନୀ ନାଟକବାଜ କହି ମମତା ଉକ୍ତ ଉତ୍ସବକୁ ଯିବେ ନାହିଁ ବୋଲି ପୂର୍ବରୁ କହିଥିଲେ। ୨୨ ତାରିଖରେ ଟିଏମ୍‌ସି ନେତ୍ରୀ କାଳୀଘାଟ ମନ୍ଦିରରେ ପୂଜା ପରେ ସବୁ ଧର୍ମର ଲୋକଙ୍କ ସହ ସଦ୍‌ଭାବନା ରାଲିରେ ଯୋଗଦେବେ। ହାଜ୍‌ରା ଛକରୁ ଶୋଭାଯାତ୍ରା ଆରମ୍ଭ ହୋଇ ମନ୍ଦିର, ମସ୍‌ଜିଦ, ଗୀର୍ଜା, ଗୁରୁଦ୍ୱାରା ଆଦି ସ୍ଥଳକୁ ସ୍ପର୍ଶ କରି ପାର୍କ ସର୍କସ ମଇଦାନରେ ଶେଷ ହେବ।

# ମାନ୍‌ଙ୍କୁ ହତ୍ୟା ଧମକ, ମୋଦିଙ୍କୁ ଚ୍ୟାଲେଞ୍ଜ

## ଏସ୍‌ଏଫ୍‌ଜେରେ ସାମିଲ ପାଇଁ ଗ୍ୟାଙ୍ଗଷ୍ଟରଙ୍କୁ ଡାକିଲେ ପନ୍ନୁନ

**ଚଣ୍ଡିଗଡ଼,୧୬।୧**

ସାଧାରଣତନ୍ତ୍ର ଦିବସରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏବଂ ପୋଲିସ ମହାନିର୍ଦ୍ଦେଶକ ଗୌରବ ଯାଦବଙ୍କୁ ହତ୍ୟା କରିବା ପାଇଁ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତା ଗୁରପତ୍‌ୱନ୍ତ ସିଂ ପନ୍ନୁନ ମଙ୍ଗଳବାର ଧମକ ଦେଇଛନ୍ତି। ବେଆଇନ ସଂଗଠନ ଶିଖ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ)ର ପ୍ରତିଷ୍ଠାତା ପନ୍ନୁନ ଏକ ଭିଡିଓ ବାର୍ତ୍ତାରେ ଉପରୋକ୍ତ ଧମକ ଦେଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ମୋଦି ଲୋକପ୍ରିୟ ନେତା ହୋଇଥିଲେ, ସାଧାରଣତନ୍ତ୍ର ଦିବସରେ ବିନା ସୁରକ୍ଷାରେ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଯୋଗଦେବାକୁ ସେ କହିଛନ୍ତି। ଏସ୍‌ଏଫ୍‌ଜେ ଖଲିସ୍ତାନୀ ପତାକା ଉଡ଼ାଇବା ସହ ଶହୀଦ ନିଜ୍ଜର ହତ୍ୟାର ପ୍ରତିଶୋଧ ନେବ ବୋଲି ସେ ଭିଡିଓ ବାର୍ତ୍ତାରେ କହିଛନ୍ତି। ଗତବର୍ଷ ଜୁନ୍‌ରେ କାନାଡ଼ାର ସୁରୀ ସହରର ଏକ ଗୁରୁଦ୍ୱାରାରେ ଖଲିସ୍ତାନୀ ନେତା ହରଦୀପ୍ ସିଂ ନିଜ୍ଜରଙ୍କୁ ହତ୍ୟା କରାଯାଇଥିଲା। ପଞ୍ଜାବର ଗାଙ୍ଗଷ୍ଟରମାନେ ଏସ୍‌ଏଫ୍‌ଜେରେ ସାମିଲ ହେବା ଏବଂ ରାଜନୈତିକ ନେତାମାନଙ୍କୁ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଯୋଗଦେବାକୁ ନ ଦେବା ପାଇଁ ପନ୍ନୁନ କହିଛନ୍ତି। ସେ ପଞ୍ଜାବ ମୁଖ୍ୟମନ୍ତ୍ରୀ ମାନ୍‌ଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିୟନ୍ତ ସିଂଙ୍କ ସହ ତୁଳନା କରିଛନ୍ତି, ଯାହାଙ୍କୁ ୧୯୯୫ ଅଗଷ୍ଟ ୩୧ ବିସ୍ଫୋରଣରେ ହତ୍ୟା କରାଯାଇଥିଲା। ଏହି ବିସ୍ଫୋରଣରେ ଅନ୍ୟ ୧୭ ଜଣଙ୍କ ଜୀବନ ଯାଇଥିଲା। ବେଆଇନ ଘୋଷିତ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ ଏହି ବିସ୍ଫୋରଣ ଘଟାଇଥିଲା। ସେହିପରି ୧୯୯୦ ବିସ୍ଫୋରଣରେ ତତ୍କାଳୀନ ପୋଲିସ ଅଫିସର ଗୋବିନ୍ଦ ରାମଙ୍କୁ ହତ୍ୟା କରାଯିବା ଭଳି ପଞ୍ଜାବ ପୋଲିସ ଡିଜିଙ୍କୁ ହତ୍ୟା କରାଯିବ ବୋଲି ପନ୍ନୁନ କହିଛନ୍ତି। ଅତୀତରେ ମଧ୍ୟ ପନ୍ନୁନ ଓ ତାଙ୍କ ସଂଗଠନ ଧମକ ଦେଇଥିଲେ। ରାଜ୍ୟର ଭିଆଇପିମାନଙ୍କ ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକ ସତର୍କତା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପଞ୍ଜାବ ପୋଲିସର କେତେଜଣ ଅଫିସର କହିଛନ୍ତି।


ଭଗୱନ୍ତ ମାନ୍


ଗୁରପତ୍‌ୱନ୍ତ ସିଂ ପନ୍ନୁନ

## ଇଣ୍ଡିଆ ମେଣ୍ଟ ଲୋକ ସଭା ନିର୍ବାଚନ ଜିତିବ: ରାହୁଲ


ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଅବସରରେ ନାଗାଲାଣ୍ଡର କୋହିମାଠାରେ ସମର୍ଥକମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

**ଚିଫୋବୋଜୋଉ(ନାଗାଲାଣ୍ଡ),୧୬।୧**

ଇଣ୍ଡିଆନ ନ୍ୟାଶନାଲ ଡେଭେଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲିଆନ୍ସ (ଇଣ୍ଡିଆ) ବ୍ଲକ୍‌ର ଦଳଗୁଡ଼ିକ ମଧ୍ୟରେ ଆସନ ଭାଗବଣ୍ଟା ପ୍ରସଙ୍ଗର ଶୀଘ୍ର ସମାଧାନ ହୋଇଯିବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପା ବିରୋଧରେ ବିରୋଧୀ ଦଳଗୁଡ଼ିକର ଏହି ମେଣ୍ଟ ବିଜୟ ହାସଲ କରିବ ବୋଲି ରାହୁଲ ଦାବି କରିଛନ୍ତି। ଇଣ୍ଡିଆ ବ୍ଲକ୍ ଏକ ଆଦର୍ଶଗତ ମେଣ୍ଟ ଏବଂ ଏହାର ନେତାମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ମାନ ଓ ଶ୍ରଦ୍ଧା ରହିଛି, ଯାହାକି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ଭାଜପାର ନୀତି ଠାରୁ ଭିନ୍ନ। ଇଣ୍ଡିଆ ବ୍ଲକ୍‌ର ସ୍ଥିତି ଭଲ ରହିଥିବା ରାହୁଲ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଅବସରରେ ନାଗାଲାଣ୍ଡରେ ଏକ ଖବରଦାତା ସମ୍ମିଳନୀକୁ କହିଛନ୍ତି। ଆସନ ଭାଗବଣ୍ଟା ନେଇ ସହଯୋଗୀ ଦଳଗୁଡ଼ିକ ସହ ଆଲୋଚନା ବେଶ୍ ଭଲ ଚାଲିଛି। ଆଲୋଚନାରେ କୌଣସ ଜଟିଳତା ନ ଥିବାରୁ ଖୁବ୍‌ଶୀଘ୍ର ଆସନ ଭାଗବଣ୍ଟା ନିଷ୍ପତ୍ତି ହୋଇଯିବ ବୋଲି ରାହୁଲ ନିଶ୍ଚିତ ଥିବା କହିଛନ୍ତି।

### ସାମରିକ ସାମର୍ଥ୍ୟ ର‌୍ୟାଙ୍କିଙ୍ଗ୍

## ଚତୁର୍ଥ ସ୍ଥାନରେ ଭାରତ

**ନୂଆଦିଲ୍ଲୀ,୧୬।୧**

ଚଳିତବର୍ଷ ୧୪୫ ଦେଶର ସାମରିକ ସାମର୍ଥ୍ୟକୁ ନେଇ ର‌୍ୟାଙ୍କିଙ୍ଗ୍ ପ୍ରସ୍ତୁତ କରାଯାଇଛି। ଏହି ତାଲିକା ଅନୁଯାୟୀ ଆମେରିକା ବିଶ୍ୱର ସବୁଠୁ ଶକ୍ତିଶାଳୀ ସାମରିକ ଶକ୍ତି ହୋଇଥିବାବେଳେ ଏହା ପଛକୁ ରୁଷିଆ ଏବଂ ଚାଇନା ଅଛନ୍ତି। ଭାରତ ଏହି ତାଲିକାର ଚତୁର୍ଥ ସ୍ଥାନରେ ରହିଥିବା ଗ୍ଲୋବାଲ ଫାୟାରପାୱାର ୱେବ୍‌ସାଇଟ୍‌ରେ ଦର୍ଶାଯାଇଛି। ସୈନ୍ୟ ସଂଖ୍ୟା, ସାମରିକ ଉପକରଣ, ଆର୍ଥିକ ସ୍ଥିରତା, ଭୌଗୋଳିକ ଉପସ୍ଥିତି ଏବଂ ଉପଲବ୍ଧ ସମ୍ବଳ ଆଦି ୬୦ରୁ ଊର୍ଦ୍ଧ୍ୱ ବିଷୟକୁ ଏକାଠି ବିଚାରକୁ ନିଆଯାଇ ଶକ୍ତି ସୂଚକାଙ୍କ ସ୍କୋର ନିର୍ଦ୍ଧାରଣ କରାଯାଇଥିଲା। ତାଲିକାର ପ୍ରଥମ ୧୦ଟି ସ୍ଥାନରେ ଆମେରିକା, ରୁଷିଆ, ଚାଇନା, ଭାରତ, ଦକ୍ଷିଣ କୋରିଆ, ବ୍ରିଟେନ, ଜାପାନ, ତୁର୍କୀ, ପାକିସ୍ତାନ ଏବଂ ଇଟାଲୀ ରହିଥିବାବେଳେ ନିମ୍ନ ଆଡୁ ୧୦ଟି ସ୍ଥାନରେ ଭୁଟାନ, ମୋଲଡୋଭା, ସୁରିନାମ୍, ସୋମାଲିଆ, ବେନିନ୍, ଲାଇବେରିଆ, ବେଲିଜ୍, ସିଏରା ଲିଓନ୍, ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ୍ ଏବଂ ଆୟର୍ଲାଣ୍ଡ ରହିଛି। ସାମରିକ ସାମର୍ଥ୍ୟ କ୍ଷେତ୍ରରେ ଭୁଟାନ ସବୁଠୁ ଦୁର୍ବଳ ବୋଲି ତାଲିକାରେ ଦର୍ଶାଯାଇଛି।



## ଇରାକ୍, ସିରିଆରେ ଇରାନ୍‌ର ମିଶାଇଲ ମାଡ଼

**ତେହରାନ୍,୧୬।୧**

ଇରାନ୍‌ର ଶକ୍ତିଶାଳୀ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ପକ୍ଷରୁ ଇରାକର କୁର୍ଦ୍ଦିଶ ଅଞ୍ଚଳରେ ମିଶାଇଲ ମାଡ଼ କରାଯାଇଛି। ଇରାନ ଏହି ଟାର୍ଗେଟ ସ୍ଥଳକୁ ଇସ୍ରାଏଲର 'ଗୁପ୍ତଚର ମୁଖ୍ୟାଳୟ' ବୋଲି ଅଭିହିତ କରିଛି। ସେହିପରି ସିରିଆର ଉତ୍ତର ଭାଗରେ ଥିବା ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର କେତେକ ସ୍ଥାନରେ ମଧ୍ୟ ତେହରାନ୍ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଇରାକ୍‌ର ଏର୍ବିଲ୍‌ରେ ଅନ୍ୟୂନ ୮ଟି ବିସ୍ଫୋରଣ ଶୁଣାଯାଇଥିଲା। ଏହି ଆକ୍ରମଣରେ ୪ ଜଣ ନିହତ ହୋଇଛନ୍ତି। ଇରାକ୍ ଏହାକୁ ଏର୍ବିଲ୍ ନାଗରିକଙ୍କ ବିରୋଧରେ ଇରାନ୍‌ର ଅପରାଧ ବୋଲି ଅଭିହିତ କରିଛି।

## ଶର୍ମିଳା ଆନ୍ଧ୍ର ପିସିସି ସଭାପତି

**ନୂଆଦିଲ୍ଲୀ,୧୬।୧**



ୱାଇ.ଏସ୍. ଶର୍ମିଳା ରେଡ୍ଡୀ ଆନ୍ଧ୍ରପ୍ରଦେଶ କଂଗ୍ରେସ କମିଟି ସଭାପତି ନିଯୁକ୍ତ ହୋଇଛନ୍ତି। ପୂର୍ବତନ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ରାଜଶେଖର ରେଡ୍ଡୀଙ୍କ ଝିଅ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଗତ ୪ ତାରିଖରେ ତାଙ୍କ ଦଳ ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟିକୁ କଂଗ୍ରେସରେ ବିଲୀନ କରାଇଥିଲେ। ସୋମବାର ଆନ୍ଧ୍ର ପିସିସି ସଭାପତି ପଦରୁ ଇସ୍ତଫା ଦେଇଥିବା ଗିଡିଗୁ ରୁଦ୍ର ରାଜୁଙ୍କୁ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ କରାଯାଇଛି। ଆନ୍ଧ୍ର ବିଧାନସଭା ନିର୍ବାଚନ ଆଗାମୀ ଲୋକ ସଭା ନିର୍ବାଚନ ସହ ଏକସଙ୍ଗେ ଅନୁଷ୍ଠିତ ହେବ।

## ଜାପାନ ଏୟାରପୋର୍ଟରେ ଦୁଇ ବିମାନ ମଧ୍ୟରେ ଧକ୍କା

**ଟୋକିଓ,୧୬।୧:** ଜାପାନର ହୋକାଇଡୋ ଦ୍ୱୀପରେ ଥିବା ନ୍ୟୁଚିଟୋସ୍ ଏୟାରପୋର୍ଟରେ ମଙ୍ଗଳବାର କୋରିଆ ଏୟାରଲାଇନ୍ସର ଏକ ବିମାନ କାଥେ ପାସିଫିକ୍ ଏୟାରୱେଜ୍ ବିମାନକୁ ଧକ୍କା ଦେଇଛି। ଏଥିରେ କେହି ଆହତ ହୋଇନାହାନ୍ତି। କାଥେ ପାସିଫିକ୍ ଏୟାରୱେଜ୍‌ର ବିମାନଟି ଏୟାରପୋର୍ଟରେ ଛିଡ଼ା ହୋଇଥିବାବେଳେ କୋରିଆ ଏୟାରଲାଇନ୍ସର ଏ୩୩୦ ବିମାନ ଏହାକୁ ପିଟିଥିଲା। କୋରିଆ ବିମାନରେ ୨୮୯ ଯାତ୍ରୀ ଥିଲେ। ସୂଚନାଯୋଗ୍ୟ, ୨ ସପ୍ତାହ ପୂର୍ବରୁ ଟୋକିଓର ହାନେଡା ଏୟାରପୋର୍ଟ ରନ୍‌ୱେରେ ଜାପାନ ଏୟାରଲାଇନ୍ସର ଏକ ବିମାନ ସେଠାରେ ଥିବା ତଟରକ୍ଷୀ ବିମାନକୁ ଧକ୍କା ଦେଇଥିଲା।

## କୁନୋ ପାର୍କରେ ଦଶମ ଚିତାର ମୃତ୍ୟୁ

**ଭୋପାଳ,୧୬।୧**

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ମଙ୍ଗଳବାର ଅପରାହ୍ନ ୩ଟା ୧୭ରେ ଆଉ ଏକ ଆଫ୍ରିକୀୟ ଚିତା 'ଶୌର୍ଯ୍ୟ'ର ମୃତ୍ୟୁ ଘଟିଛି। ଏହା ହେଉଛି ୨୦୨୨ରେ ନାମ୍ବିଆରୁ ଅଣାଯାଇଥିବା ୧୦ମ ଚିତାର ମୃତ୍ୟୁ। ମୃତ ଚିତାଙ୍କ ମଧ୍ୟରେ ୭ ବୟସ୍କ ଓ ୩ ଶାବକ ରହିଛନ୍ତି। ଏହା ପୂର୍ବରୁ ଗତବର୍ଷ ଅଗଷ୍ଟ ୨ରେ ନବମ ଚିତାର ମୃତ୍ୟୁ ଘଟିଥିଲା। ଏହି ନାମ୍ବିଆ ଚିତାମାନଙ୍କ ମୃତ୍ୟୁ ପାଇଁ ସଂକ୍ରମଣକୁ ଦାୟୀ କରାଯାଇଥିବାବେଳେ ଶୌର୍ଯ୍ୟର ମୃତ୍ୟୁର କାରଣ ମୃତଦେହ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ପାର୍କ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ପ୍ରକାଶ ଯେ, ୧୯୫୨ରେ ଭାରତରେ ଚିତାବଂଶ ଲୋପ ପାଇଥିବା ଘୋଷଣା କରାଯାଇଥିଲା। ୨୦୨୨ ଓ ୨୦୨୩ରେ ଦୁଇଟି ପର୍ଯ୍ୟାୟରେ ୨୦ ଆଫ୍ରିକୀୟ ଚିତାଙ୍କୁ କୁନୋ ନ୍ୟାଶନାଲ ପାର୍କକୁ ଅଣାଯାଇଥିଲା।



### ଜଳବାୟୁ ପରିବର୍ତ୍ତନ

## ୧୪.୫ ନିୟୁତଙ୍କ ଜୀବନ ପ୍ରତି ବିପଦ

**ଡାଭୋସ୍,୧୬।୧**

ବିଶ୍ୱ ସମୁଦାୟ ଆଗରେ ସବୁଠୁ ବଡ଼ ଆହ୍ୱାନ ରୂପେ ଛିଡ଼ା ହୋଇଛି ଜଳବାୟୁ ପରିବର୍ତ୍ତନ। ଜଳବାୟୁ ସଙ୍କଟ ପ୍ରଭାବରୁ ସୃଷ୍ଟି ହେଉଥିବା ବିପର୍ଯ୍ୟୟ ଯୋଗୁ ୨୦୫୦ ସୁଦ୍ଧା ବିଶ୍ୱବ୍ୟାପୀ ୧୪.୫ ନିୟୁତ ଜଣଙ୍କ ମୃତ୍ୟୁ ଘଟିପାରେ। ଏଥିସହ ୧୨.୫ ଟ୍ରିଲିୟନ୍ ଆମେରିକୀୟ ଡଲାରର କ୍ଷତି ହୋଇପାରେ ବୋଲି ମଙ୍ଗଳବାର ସୁଇଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲୁଇଏଫ୍) ପକ୍ଷରୁ ଏକ ବିଶ୍ଳେଷଣରେ ସତର୍କ କରାଯାଇଛି। ତେବେ ବିଶ୍ୱର ସମସ୍ତ ପକ୍ଷ ନିର୍ଣ୍ଣାୟକ ଓ ରଣନୈତିକ ପଦକ୍ଷେପ ନେଲେ ଏହାର ମୁକାବିଲା ସମ୍ଭବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। 'କ୍ୱାଣ୍ଟିଫାଇଙ୍ଗ୍ ଦି ଇମ୍ପାକ୍ଟ ଅଫ୍ କ୍ଲାଇମେଟ୍ ଚେଞ୍ଜ ଅନ୍ ହ୍ୟୁମାନ୍ ହେଲ୍‌ଥ' ଶୀର୍ଷକ ରିପୋର୍ଟ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ବାର୍ଷିକ ବୈଠକ ୨୦୨୪ରେ ଉନ୍ମୋଚିତ ହୋଇଛି। ଏଥିରେ ଜଳବାୟୁ ପରିବର୍ତ୍ତନକୁ ଏକ ନୂଆ ଦୃଷ୍ଟିରୁ ଅନୁଶୀଳନ କରାଯାଇଛି। କ୍ଲାଇମେଟ୍ ଚେଞ୍ଜ ଯୋଗୁ ମଣିଷର ସ୍ୱାସ୍ଥ୍ୟ, ବୈଶ୍ୱିକ ଅର୍ଥନୀତି ଏବଂ ବିଶ୍ୱର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ପଡ଼ିବାକୁ ଥିବା ପରୋକ୍ଷ ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି।

ପ୍ରକୃତି ଓ ବିଶ୍ୱ ଅର୍ଥନୀତିକୁ ଜଳବାୟୁ ପରିବର୍ତ୍ତନ ପ୍ରଭାବିତ କରିବା ଉପରେ ଅଧିକ ଆଲୋଚନା ହେଉଥିବାବେଳେ ବିଶ୍ୱର ତାପମାତ୍ରା ବୃଦ୍ଧି କାରଣରୁ ମଣିଷଙ୍କ ସ୍ୱାସ୍ଥ୍ୟ ଏବଂ ବୈଶ୍ୱିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଏହାର ନକାରାତ୍ମକ ପ୍ରଭାବକୁ ଅଣଦେଖା କରାଯାଇ ପାରିବ ନାହିଁ ବୋଲି ଡବ୍ଲୁଇଏଫ୍ ଏକ୍‌ଜିକ୍ୟୁଟିଭ୍ କମିଟି ସଦସ୍ୟ ତଥା ସେଣ୍ଟର୍ ଫର୍ ହେଲ୍‌ଥ ଆଣ୍ଡ୍ ହେଲ୍‌ଥକେୟାର ମୁଖ୍ୟ ଶ୍ୟାମ ବିଶେନ୍ ମତ ରଖିଛନ୍ତି। ସେ କହିଛନ୍ତି, ଅଙ୍ଗାରକାମ୍ଳ ଉତ୍ସର୍ଜନକୁ ହ୍ରାସ କରା ନ ଗଲେ ଏବଂ ମୁକାବିଲା ପାଇଁ ବୈଶ୍ୱିକ ସ୍ତରରେ ଉନ୍ନତ ଉପାୟ ଓ ଉପକରଣ ବ୍ୟବସ୍ଥା କରା ନ ଗଲେ ସଦ୍ୟ ପ୍ରଗତିକୁ ଆମେ ହରାଇବସିବା। ବିଶେଷକରି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଜଳବାୟୁ ସହିଷ୍ଣୁ ରୂପେ ଗଢ଼ି ତୋଳିବାକୁ ପଡ଼ିବ ବୋଲି ଶ୍ୟାମ କହିଛନ୍ତି। ପୃଥିବୀର ହାରାହାରି ତାପମାତ୍ରା ବୃଦ୍ଧିକୁ ୨.୫ ଡିଗ୍ରୀରୁ ୨.୯ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସୀମିତ ରଖିବା ପାଇଁ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆନ୍ତଃ ସରକାରୀ ପ୍ୟାନେଲ (ଆଇପିସିସି) ଧାର୍ଯ୍ୟ କରିଥିବାବେଳେ ଏହି ଉଦ୍‌ବେଗଜନକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ବନ୍ୟା, ମରୁଡ଼ି, ଗ୍ରୀଷ୍ମ ପ୍ରବାହ, କ୍ରାନ୍ତୀମଣ୍ଡଳୀୟ ଝଡ଼, ବନାଗ୍ନି ଓ ସାମୁଦ୍ରିକ ପତନ ବୃଦ୍ଧିକୁ ନକାରାତ୍ମକ ପ୍ରଭାବ ପାଇଁ ମୁଖ୍ୟତଃ ଦାୟୀ କରାଯାଇଛି। ୨୦୫୦ ସୁଦ୍ଧା ଖାଦ୍ୟ ଅଭାବରୁ ୮.୫ ନିୟୁତ ଓ ମରୁଡ଼ିରେ ୩.୨ ନିୟୁତ ଲୋକ ମୃତ୍ୟୁମୁଖରେ ପଡ଼ିବେ ବୋଲି ସତର୍କ କରାଯାଇଛି। ସେହିପରି ଗ୍ରୀଷ୍ମ ପ୍ରବାହର ପ୍ରଭାବରେ ୭.୧ ଟ୍ରିଲିୟନ୍ ଡଲାର କ୍ଷତି ହେବ। ଏଥିରେ ଆଫ୍ରିକା ଓ ଦକ୍ଷିଣ ଏସୀୟ ଅଞ୍ଚଳ ସର୍ବାଧିକ ପ୍ରଭାବିତ ହେବା ଆଶଙ୍କା କରାଯାଇଛି।

### ଫୁର୍‌ସତ୍



## ୭ ବର୍ଷୀୟା ବଡିବିଲ୍ଡର

**ୱାଶିଂଟନ:** ବଡି କରିବାକୁ ବଡ଼ ବଡ଼ ଲୋକ ଘଣ୍ଟା ଘଣ୍ଟା ଧରି ପରିଶ୍ରମ କରିବା ସହ ଖାଦ୍ୟପେୟର ବିଶେଷ ଧ୍ୟାନ ରଖିବାକୁ ପଡ଼ିଥାଏ। ହେଲେ ଜଣେ ଛୋଟ ଝିଅ ଖେଳ ଖେଳରେ ଏପରି ବଡି କରିଦେଇଛନ୍ତି। ଆମେରିକାର ଲସ୍ ଏଞ୍ଜେଲସ୍‌ରେ ରହୁଥିବା କାଇନଲି ହାଇମେନଙ୍କ ବୟସ ୭ ବର୍ଷ ହୋଇଥିବାବେଳେ ତାଙ୍କ ସ୍ୱପ୍ନ ବହୁତ ବଡ଼। ସେ ତାଙ୍କ ସ୍ୱପ୍ନ ପାଇଁ ନିଜ ମନକୁ ନିୟନ୍ତ୍ରଣ କରିପାରି ଏପରି ବଡି ହାସଲ କରିପାରିଛନ୍ତି। ସେ ଜିମ୍ ଯାଇ ୱେଟ୍ ଟ୍ରେନିଂ କରି ଫୋକସ୍ ପାଇଁ ଏକ୍ସରସାଇଜ କରନ୍ତି। କାଇନଲିଙ୍କ ସୋସିଆଲ ମିଡିଆରେ ୭ ଲକ୍ଷରୁ ଅଧିକ ଫଲୋଅର୍ସ ଅଛନ୍ତି। ସେ ୩ ବର୍ଷ ବୟସରୁ ଏକ୍ସରସାଇଜ ଆରମ୍ଭ କରିଥିଲେ। ସେ ଲସ୍ ଏଞ୍ଜେଲସ୍‌ରେ ହେଉଥିବା ବ୍ୟୁଟି କଣ୍ଟେଷ୍ଟରେ ଭାଗ ନେବା ସହ ଗ୍ଲାମରସ୍ ଜୀବନ ବିତାଉଛନ୍ତି। ତାଙ୍କ କସ୍‌ମେଟିକ ଜିନିଷରେ ମଧ୍ୟ ସଉକ ରହିଛି। ସେ ସୁନ୍ଦର ମେକ୍‌ଅପ ମଧ୍ୟ କରନ୍ତି। କାଇନଲିଙ୍କ ମା' ଏଞ୍ଜେଲ ତାଙ୍କୁ ଏ ସବୁ କାମ ପାଇଁ ପୂରା ସମର୍ଥନ କରନ୍ତି। ଏଞ୍ଜେଲଙ୍କ କହିବା କଥା, କସରତ କରି କାଇନଲିଙ୍କ ଶରୀର ପଥର ପରି ମଜଭୁତ ହୋଇଗଲାଣି। ସେ ୨ ବର୍ଷ ବୟସରୁ ହିଁ ବ୍ୟୁଟି କଣ୍ଟେଷ୍ଟରେ ଭାଗ ନେବା ଆରମ୍ଭ କରିଦେଇଥିଲେ। ଏହା ବ୍ୟତୀତ ସେ ଜିମ୍ନାଷ୍ଟିକ୍‌ରେ ମଧ୍ୟ ୧ ନମ୍ବର। ମହାମାରୀ ସମୟରେ ହିଁ ସେ ଘରେ ଜିମ୍ନାଷ୍ଟିକ୍ ଆରମ୍ଭ କରିଥିଲେ। ହେଲେ ସେ ଏବେ ଛୋଟ ଥିବାରୁ ପ୍ରତିଯୋଗିତାରେ ଭାଗ ନେଇପାରିବେନି।

## ମାର୍ଚ୍ଚ ୧୫ରେ ଅଦାଙ୍କ 'ବସ୍ତର: ଦ ନକ୍ସଲ ଷ୍ଟୋରି'



**ମୁମ୍ବାଇ:** ଅଭିନେତ୍ରୀ ଅଦା ଶର୍ମାଙ୍କ ଅଭିନୀତ 'ଦ କେରଳ ଷ୍ଟୋରି' ବିଦେଶରେ ହିଟ୍ ସାବ୍ୟସ୍ତ ହୋଇଥିବାବେଳ ତାଙ୍କ କ୍ୟାରିୟର ପାଇଁ ଏକ ମାଇଲଖୁଣ୍ଟ ପାଲଟିଥିଲା। ଫିଲ୍ମ ମାତ୍ର ୩୦ କୋଟି ଟଙ୍କାରେ ପ୍ରସ୍ତୁତ ହୋଇ ୩୩୦ କୋଟି ଟଙ୍କା ରୋଜଗାର କରିଥିଲା। ବର୍ତ୍ତମାନ ଅଦା ଏଭଳି ଆଉ ଏକ ଫିଲ୍ମରେ ନଜରକୁ ଆସିବେ। ଯାହାର ରିଲିଜ୍ ଡେଟ୍ ଘୋଷଣା ହୋଇଛି। ନିକଟରେ ଅଭିନେତ୍ରୀ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ବସ୍ତର: ଦ ନକ୍ସଲ ଷ୍ଟୋରି'ର ପୋଷ୍ଟର ଶେୟାର କରିଛନ୍ତି। ନିର୍ମାତା ବିପୁଲ ଅମୃତଲାଲ ଶାହା, ନିର୍ଦ୍ଦେଶକ ସୁଦୀପ୍ତୋ ସେନ୍ ଆଉ ଏକ ଆକର୍ଷଣୀୟ ସତ୍ୟ କାହାଣୀକୁ ଦର୍ଶକଙ୍କ ସାମ୍ନାକୁ ଆଣିବାକୁ ପୂରା ପ୍ରସ୍ତୁତ ଅଛନ୍ତି। ଫିଲ୍ମର ରିଲିଜ୍ ତାରିଖ ଘୋଷଣା ପରେ ଦର୍ଶକ ଏହାକୁ ଅପେକ୍ଷା କରିଛନ୍ତି। ଟିମ୍ ଫିଲ୍ମର ଫାଷ୍ଟଲୁକ୍ ପୋଷ୍ଟର ଜାରି କରିଛି। ଫିଲ୍ମର ପୋଷ୍ଟର ଶେୟାର କରି ଅଦା ଲେଖିଛନ୍ତି, 'ଦ କେରଳ ଷ୍ଟୋରି'ର ସାହସୀ କାହାଣୀକାରଙ୍କଠାରୁ 'ବସ୍ତର: ଦ ନକ୍ସଲ ଷ୍ଟୋରି' କାହାଣୀ ଆସିଛି। ପୋଷ୍ଟରରେ ଏକ ମୃତଦେହକୁ ଟାଙ୍ଗିବାର ଦୃଶ୍ୟ ସହ ଫିଲ୍ମର ଝଲକ ଦେଖିବାକୁ ମିଳିଥିଲା। ଫିଲ୍ମ ମାର୍ଚ୍ଚ ୧୫ରେ ସାରା ବିଶ୍ୱ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଏହା ଏକ ଅସଲ କାହାଣୀ ଉପରେ ଆଧାରିତ। ଯେଉଁଥିରେ ଦେଶରେ ନକ୍ସଲବାଦକୁ ଚିତ୍ରଣ କରାଯାଇଛି। ଫିଲ୍ମ ମାତ୍ର ୫୦ କୋଟି ଟଙ୍କାରେ ତିଆରି ହୋଇଛି।

## ବିଲେଇ ପାଇଁ ପ୍ରତିବର୍ଷ ଖର୍ଚ୍ଚ କରନ୍ତି ୧୧ ଲକ୍ଷ

**କୋପେନହାଗେନ**

ସମସ୍ତେ ନିଜ ପୋଷା ପ୍ରାଣୀକୁ ବେଶ୍ ଭଲ ପାଇଥାନ୍ତି। ହେଲେ ଡେନ୍‌ମାର୍କ କୋପେନହାଗେନର ୩୯ ବର୍ଷୀୟା ଯୁବତୀ ଫନଜାହ ମୋଗେନ୍ସନ ତାଙ୍କ ପୋଷା ପ୍ରାଣୀ ପାଇଁ ଯାହା କରନ୍ତି, ତାହା କ୍ୱଚିତ୍ କେହି କରୁଥିବେ କି ନାହିଁ। ମହିଳା ଜଣଙ୍କ ତାଙ୍କ ପୋଷା ବିଲେଇ ପ୍ରତି ବର୍ଷରେ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଫନଜାହ ପିଲାବେଳୁ ବିଲେଇକୁ ବେଶ୍ ଭଲ ପାଉଥିଲେ। ସେଥିପାଇଁ ସେ ୧୦ ବର୍ଷ ପୂର୍ବେ ମୋଣ୍ଟି ଏବଂ ମୌଲି ନାମକ ୨ଟି ବିଲେଇକୁ ପାଳିଥିଲେ। ଫନଜାହ ୨ ବିଲେଇକୁ ନିଜ ପିଲା ଭଳି ଲାଳନପାଳନ କରନ୍ତି। ମହିଳା ନିକଟରେ ଟିକ୍‌ଟକ୍‌ରେ ତାଙ୍କ ୨ ବିଲେଇଙ୍କ କାହାଣୀ କହିଛନ୍ତି। ୨୦୧୩ରେ ସେ ବିଲେଇ ରଖିବା ନେଇ ଚିନ୍ତା କରୁଥିବାବେଳେ ପରେ ସେ ଏକ ଅନ୍‌ଲାଇନରେ ବିଲେଇ ମଗାଇ ପାଳିଥିଲେ। ଦିନେ ବିଲେଇର ଦେହ ଖରାପ ହେବାରୁ ସେ ତାକୁ ନେଇ ଡାକ୍ତରଙ୍କ ପାଖକୁ ଯାଇଥିଲେ। ସେଠାରେ ଡାକ୍ତର ମୋଣ୍ଟିକୁ ବଂଶଗତ ରୋଗ ଥିବା କହିଥିଲେ। ତା'ର ଗୁଣସୂତ୍ର ଅସାମାନ୍ୟ। ଫଳରେ ତାକୁ ଠିକ୍‌ରେ ଶୁଣାଯାଉନି। ତା'ର ଜୀବନକାଳ ବେଶି ସମୟ ନୁହେଁ। ସେଥିପାଇଁ ସେ ଡାକ୍ତରଙ୍କ ସହ ପରାମର୍ଶ କରିବାରୁ ଚିକିତ୍ସା ପାଇଁ ପ୍ରତି ବର୍ଷ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି କହିଥିଲେ। ମୋଣ୍ଟି ୪ ବର୍ଷ ହୋଇଥିବାବେଳେ ଫନଜାହ ତାକୁ ପାଳିଥିଲେ। ଏବେ ତାକୁ ୧୪ ବର୍ଷ ହେଲାଣି। ସେ ସେବେଠାରୁ ତା' ପାଇଁ ପ୍ରତି ବର୍ଷ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ସେ ବିଲେଇ ପାଇଁ ବୀମା କରିଛନ୍ତି। ସେଥିପାଇଁ ଚିକିତ୍ସା ହେଉଥିବା ଖର୍ଚ୍ଚର ୨୦ ପ୍ରତିଶତ ସେ ଦେଉଛନ୍ତି।



## ସଂକ୍ଷେପରେ

### ଇଭିଏମ୍ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଶୁଭାରମ୍ଭ

ନୂଆପଡ଼ା,୧୬।୧(ମକାରୁ ବେମାଲ)

୨୦୨୪ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ଇଭିଏମ ଭିଭିପିଏଟିରେ କିଭଳି ଭୋଟଦାତା ନିଜର ମତ ସାବ୍ୟସ୍ତ କରିବେ ସେ ସମ୍ପର୍କରେ ସଚେତନ କରିବା ପାଇଁ ମଙ୍ଗଳବାର ୨ଟି ଇଭିଏମ ଭିଭିପିଏଟି କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ୨ଟି ଇଭିଏମ ଭିଭିପିଏଟି କେନ୍ଦ୍ରରେ କିଭଳି ନିଜର ମତଦାନ କରିବେ, ସେ ବିଷୟରେ ଭୋଟରଙ୍କୁ ସଚେତନ କରୁଛନ୍ତି। ଭୋଟଦାତାଙ୍କୁ ସଚେତନ କରିବା ପାଇଁ ଏକ ସଚେତନ ରଥ ବାହାରି ସମଗ୍ର ଜିଲା ପରିକ୍ରମା କରିବ। ୧୬ ତାରିଖରୁ ଆସନ୍ତା ୨୮ ପର୍ଯ୍ୟନ୍ତ ଜିଲା ସମସ୍ତ ବୁଥକୁ ଯାଇ ସଚେତନ କରିବା ପାଇଁ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଚାର ଗାଡିରେ ଭୋଟଦାତାମାନଙ୍କୁ ସଚେତନ କରାଯିବା ବ୍ୟବସ୍ଥା କରାଯାଇଛି। ବିଶେଷ ଭାବେ ଯୁବ ଭୋଟର ତଥା ନୂତନ ଭୋଟଦାତା ଏହି ଭୋଟଦାନ ପ୍ରକ୍ରିୟା ଓ ପ୍ରଣାଳୀ ସମ୍ପର୍କରେ ଜାଣି ସଚେତନ ହୋଇ ପାରିବେ ବୋଲି ଉପଜିଲାପାଳ ସୁବାଷ ଚନ୍ଦ୍ର ରଇତ ସୂଚନା ଦେଇଛନ୍ତି।

### ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



ଖଡ଼ିଆଳ,୧୬।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ଖଡିଆଳ ଥାନା ଏଏସଆଇ ରେବତୀ ଦୁର୍ଗା ଯୋଗଦେଇ ମହିଳା ସୁରକ୍ଷିତ ହେଲେ ଦେଶ ବିକଶିତ ହେବ ବୋଲି ମତବ୍ୟକ୍ତ କରିଥିଲେ। କଲେଜ ଅଧ୍ୟକ୍ଷା ସସ୍ମିତା ପ୍ରଭା ସାମଲ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପିକା କଳ୍ପସ୍ରୀ ଆଚାର୍ଯ୍ୟ, ଚେତନା ନାଏକ, ମମତା ସାହୁ, ଇପଶିତା ହୋତା, ଜ୍ୟୋସ୍ନା ସାହୁ, ସୁଜିତ କୁମାର ପାତ୍ର, ଗୀରିସୂତା ଛତ୍ରିଆ, ପନଙ୍ଗ ସିଂ ନିନା, ଲିଲି ସାହୁ, ସୁବର୍ଣିନି ସେଠୀ, ଜ୍ୟୋସ୍ନା ସେଠୀ, ଚକ୍ରଧର ଭୋଇ, ଟଙ୍କଧର ଭରାଶଗ୍ରିଆ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀମାନେ ଯୋଗ ଦେଇଥିଲେ। ଟ୍ରେନର ନିଳୀମା ବାରିକ ତାଲିମ ପ୍ରଦାନ କରିଥିଲେ।

### ମକର ସଂକ୍ରାନ୍ତି ସହ ଷୋହଳ ପ୍ରହର ନାମଯଜ୍ଞ

ରୁପ୍ରାରୋଡ୍,୧୬।୧(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଭୀମକେଲା ପହଞ୍ଚାୟତ ସାନ୍ଦୁଲ ନଦୀ କୂଳରେ ଅବସ୍ଥିତ ଶ୍ରୀ ରାମେଶ୍ୱର ମହାଦେବ ପୀଠରେ ମକର ସଂକ୍ରାନ୍ତି ପର୍ବ ସହ ଷୋହଳ ପ୍ରହର ଅଖଣ୍ଡ ନାମ ଯଜ୍ଞ ଅନୁଷ୍ଠିତ ହେଉଛି। ରବିବାର ଅପରାହ୍ନରେ ମହିଳା ଓ ଝିଅ ମାନଙ୍କ ଦ୍ୱାରା କଳସ ଯାତ୍ରା ହୋଇଥିବା ବେଳେ ସୋମବାର ରାମେଶ୍ୱର ପୀଠ ଓ ବିଷ୍ଣୁ ମନ୍ଦିରରେ ପୂଜାର୍ଚ୍ଚନା, ହୋମଯଜ୍ଞ ସହ ହରିହର ମିଳନ ପର୍ବ କରାଯାଇଥିଲା। ଏଥିରେ ବିଷ୍ଣୁଙ୍କ କର୍ତ୍ତା ରୂପେ କୁବେର ରଣା ଓ ତାଙ୍କ ପତ୍ନୀ ରହିଥିଲେ। ଶିବଙ୍କ କର୍ତ୍ତା ଭାବେ ସୁଶାନ୍ତ କୃମ୍ପୀ ଓ ହିରାଦେଇ କୃମ୍ପୀ ସହ ଚଣ୍ଡୀ ମନ୍ଦିର କର୍ତ୍ତା ରୂପେ ସୁଦର୍ଶନ ମାଝି ଏବଂ ବିତୁଲା ମାଝୀ ଦାୟିତ୍ୱ ନିର୍ବାହ କରିଥିଲେ। ମକର ସଂକ୍ରାନ୍ତି ପରଦିନ ସକାଳୁ ହରିରାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଷୋହଳ ପ୍ରହର ନାମଯଜ୍ଞର ଶୁଭାରମ୍ଭ ହୋଇଥିଲା। କର୍ତ୍ତା ରୂପେ ଲକ୍ଷ୍ମଣ ଗଉଡ ଓ ସରସ୍ୱତୀ ଗଉଡ କାର୍ଯ୍ୟ ନିର୍ବାହୀ କରିଥିବା ବେଳେ ୮ଟି ଗ୍ରାମ କାନ୍ଦୁଲଝରେ, ସିହିନୀ, ପଲସାପଡା, ଲୁଥୁରବନ୍ଧ, ଖାଇଙ୍ଗ, ନୂଆପଡ଼ା, ତୁଣ୍ଡୁଲା (ଝିଅ ଦଳ), ରିଗିଡିମାଲ (ଝିଅ ଦଳ) ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଅଂଶ ଗ୍ରହଣ କରିଥିଲେ। ମକର ସଂକ୍ରାନ୍ତି ପୂଜା କମିଟି ସଭାପତି ଗଣ୍ଡାଲାଲ ଜାଲ, ସମ୍ପାଦକ ବିଜୟ ବୈଠାରୁ, କୋଷାଧ୍ୟକ୍ଷ ଭାଗ୍ୟବନ୍ତ ମାଝି ସହ ଭୀମକେଲା ଗ୍ରାମବାସୀଙ୍କ ସହଯୋଗରେ ମକର ମେଳା ଓ ନାମଯଜ୍ଞ ପରିଚାଳିତ ହେଉଛି।

# ୫ଜଣଙ୍କୁ କଳାହାଣ୍ଡି ବରପୁତ୍ର ସମ୍ମାନ



ଅତିଥିଙ୍କ ଦ୍ୱାରା କଳାହାଣ୍ଡି ବରପୁତ୍ର ସମ୍ମାନ ପ୍ରଦାନ କରାଯାଉଛି।



ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଭବାନୀପାଟଣା,୧୬।୧(ଉତ୍ତମ କୁମାର ଦାଶ)

**ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାର ତୃତୀୟ ସନ୍ଧ୍ୟା**

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ୨୬ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ସାଂସ୍କୃତିକ ସଭାରେ ଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥି, ଏସ୍‌ପି ଅଭିଲାଷ ଜି, ଆଇଏଫଏସ୍‌ମାନେ ଆଜିଙ୍କେ ବାବୁରାଓ, ପାର୍କ କଶ୍ୟପ, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର କାଲାଇଭାନନ୍, ଉତ୍ତର ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର, ଲାଞ୍ଜିଗଡ ବେଦାନ୍ତ ଏସୋସିଏଟ୍ ଭାଇସ ପ୍ରେସିଡେଣ୍ଟ ବିଭୁଦତ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ସହିତ ନାଗରିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହେବା ଆଜିର ସମୟରେ ଆବଶ୍ୟକତା ରହିଛି ବୋଲି ଜିଲାପାଳ କହିଥିଲେ। କୁଳପତି ଶତପଥି କଳାହାଣ୍ଡି ଉତ୍ସବ ମହାପର୍ବ ହେଲେ ଦର୍ଶକ ଏହାର ସମ୍ପତ୍ତି ବୋଲି କହିଥିଲେ। ସଭା ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସତ୍ୟନାରାୟଣ ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ଚଳିତବର୍ଷ ଜିଲାରେ ଦଶମ ଶ୍ରେଣୀ ପରୀକ୍ଷାରେ ଟପ୍ପର ହୋଇଥିବା ୩ଟି ବୋର୍ଡର ଛାତ୍ରୀ ଜିଗିଶା ଭୋଇ, ଉନ୍ନତୀ ବେମାଲ, ପ୍ରିୟଦର୍ଶିନୀ ନାଏକ, ଦମୟନ୍ତୀ ନାଏକ, ଛାତ୍ର ଜ୍ଞାନ ରଞ୍ଜନ ଦାଶ, ଓମ୍ ଧ୍ୱନୀ ତ୍ରିପାଠୀ, ନିଗମେଶ୍ୱର ମିଶ୍ରଙ୍କୁ ଜ୍ଞାନଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବେଦାନ୍ତ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଲାପଟପ୍ ପ୍ରଦାନ କରାଯାଇଥିଲା। ସେହିପରି କଳା ଓ ସଂସ୍କୃତି ପାଇଁ ପଦ୍ମନାଭ ରାଜୁ, କୃଷି କ୍ଷେତ୍ରରେ ରଜନୀ କାନ୍ତ ସା, କ୍ରୀଡା ଅନୁପମ କ୍ଷେତ୍ରରେ ଶ୍ୟାମପଦ ବାବୁ, ସାମାଜିକ କ୍ଷେତ୍ରରେ ଗଣେଶ ରାମ ସିଂହ ଓ ସାହିତ୍ୟ କ୍ଷେତ୍ରରେ ହରେକୃଷ୍ଣ ମେହେରଙ୍କୁ କଳାହାଣ୍ଡି ବରପୁତ୍ରରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ବିତରଣୀ ସଭାକୁ ପ୍ରଦୀପ ଚନ୍ଦ୍ର ମୁଣ୍ଡ ଓ ଶୁଭେନ୍ଦୁ ପଣ୍ଡା ପରିଚାଳନା କରିଥିଲେ। ପରେ ଶହୀଦ ରେଣ୍ଡୋ ମାଝି ମଞ୍ଚରେ ଭବାନୀପାଟଣାସ୍ଥିତ ଭବାନୀଶଙ୍କର ଘୁମୁରା ଦଳ, ମହ୍ଲାର ଓଡିଶୀ ନୃତ୍ୟ, ନୃତ୍ୟ ରସିକା ଭବାନୀପାଟଣା, ଆସାମର ବିହୁ, ସମ୍ବଲପୁର କହଁର ସାଂସ୍କୃତିକ ଅନୁଷ୍ଠାନ, ଖୋର୍ଦ୍ଧାର କଳିଙ୍ଗ ପାଇକ ଆଖଡା, ଭବାନୀପାଟଣା ବିକାଶ ବଜାଶାଲ, ଜେକେ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଦ୍ୱିତୀୟ ପାରବା ମଞ୍ଚରେ ମଧ ଜିଲା ତଥା ରାଜ୍ୟ ବାହାର କଳାକାରମାନେ ନିଜ କଳା ପ୍ରଦର୍ଶନ କରିଥିଲେ।

# ଜିଲା ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ

ଭବାନୀପାଟଣା,୧୬।୧(ଉତ୍ତମ କୁମାର ଦାଶ)



ମୁଖ୍ୟଅତିଥି ପ୍ରଫେସର ସଞ୍ଜୟ ଶତପଥୀ ଉଦ୍‌ବୋଧନ ଦେଉଛନ୍ତି।

ଭବାନୀପାଟଣା ପ୍ରାଥମିକ ଶିକ୍ଷକ ଭବନରେ ମଙ୍ଗଳବାର କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘର ୧୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ସୁରେନ୍ଦ୍ର ମୋହନ ଯୋଷୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ବରିଷ୍ଠ ଖବରଦାତା ଶାନ୍ତନୁ କୁମାର ବେହେରା, ସଂଘ ଜିଲା ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମଙ୍କ ଜୀବନୀ କାହାଣୀ ଉପରେ ଉପସ୍ଥିତ ଶିକ୍ଷକଙ୍କୁ ଉଦାହରଣ ଦେଇ ମୁଖ୍ୟଅତିଥି ଶତପଥୀ ଉପସ୍ଥିତ ଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକ ତଥା ଅଭିନେତା ଅଜିତ କୁମାର ନାୟକ ଓ ଗାଳ୍ପିକ ଡିଲେଶ୍ୱର୍ ରଣାଙ୍କୁ ସମ୍ମାନିତ କରାଯାଇଥିଲା। ସଭାରେ ଉପସଭାପତି ବୀରେନ୍ଦ୍ର ବାଗ, ଉପସଭା ନେତ୍ରୀ ଅର୍ଚ୍ଚନା ମିଶ୍ର କୋଷାଧ୍ୟକ୍ଷ ଶିବ ଦାସ, ଜିଲା ସଂଗଠନ ସମ୍ପାଦକ ପଦ୍ମ ନାଏକ, ଜିଲା ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ପଧାନ, ଲିଙ୍ଗରାଜ ନାଏକ, ପୂର୍ଣ୍ଣଚନ୍ଦ୍ର ପୂଝାରୀ, ଜିଲା ଉପଦେଷ୍ଟା ମଣ୍ଡଳୀ ଗଣେଶ ବେହେରା, ଭୁବନେଶ୍ୱର ପଟ୍ଟନାୟକ, ବିନୋଦ ବିହାରୀ ମଣ୍ଡଳ ଜିଲା କୋର୍ କମିଟି ସଦସ୍ୟ ଦିଲୀପ ଖାନଶମା, ଜଗଦୀଶ ପାଣି, ଯୋଗେଶ୍ୱର ମିଶ୍ର, ଶ୍ରୀନିବାସ ଆଚାରି, ଅମରେନ୍ଦ୍ର ପଟ୍ଟନାୟକ, ତପନ କୁମାର ବେହେରା ଉପସ୍ଥିତ ଥିଲେ। ମଧୁସୂଦନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ବିରେନ୍ଦ୍ର ବାଗ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ୧୩ଟି ବ୍ଲକର ସଭାପତି ସମ୍ପାଦକ ଓ କୋର କମିଟି ସଦସ୍ୟ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

# କ୍ରଶର ବ୍ଲାଷ୍ଟିଂକୁ ଗ୍ରାମବାସୀଙ୍କ ବିରୋଧ

କର୍ଲାମୁଣ୍ଡା,୧୬।୧(ପ୍ରଦୀପ କୁମାର ସାହୁ)



ଗ୍ରାମବାସୀ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତ ଅବୁଜବାହାଲଠାରେ ଥିବା ମୀନମାନ ପାହାଡ଼ରେ ଜଣେ ଲିଜଧାରୀ କ୍ରଶର ମାଲିକଙ୍କ ଦ୍ୱାରା ପଥର ବ୍ଲାଷ୍ଟିଂ କରୁଥିବାରୁ ନିକଟରେ ଥିବା ପଡାବାସୀ ଭୟଭିତ ରହୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗଳବାର ଶତାଧିକ ମହିଳାପୁରୁଷ କର୍ଲାମୁଣ୍ଡା ତହସିଲଦାର ଅରୁଣ ବର୍ଗେଙ୍କୁ କ୍ରଶର ବନ୍ଦ କରିବାକୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପତ୍ରରେ ୪୦୦ ମିଟର ଦୂରରେ ବିଦ୍ୟାଳୟ ଓ ୨୫୦ ମିଟର ଦୂରରେ ହରିଜନ ଆଦିବାସୀ ପଡା ରହିଛି। ସେ ପାଖରେ ପୋଖରୀ ଓ ଗୋଚରଣ ଭୂମି ରହିଥିବା ବେଳେ ମାଲିକ ଜଣକ କଂମ୍ପ୍ରେସର ମାଧମରେ ବିରାଟ ଗାତମାନ ଖୋଲି ଡିନାମାଇଟରେ ପଥରଗୁଡିକ ବ୍ଲାଷ୍ଟିଂ କରୁଥିବା ଦର୍ଶାଇଛନ୍ତି। ଏ ନେଇ ତହସିଲଦାର ଅରୁଣ ବର୍ଗେଙ୍କୁ ପଚାରିବାରୁ ଏବେ ଏହା ଆମ ବିଭାଗରେ ନାହିଁ, ଏଣୁ ଅଭିଯୋଗକାରୀଙ୍କ ଦରଖାସ୍ତ ମାଇନିଂ ବିଭାଗକୁ ପଠାଇବୁ ବୋଲି କହିଛନ୍ତି। ଏଥିରେ ଭାଜପା ନେତା ଶରତ ସାହୁ, ପଞ୍ଚାନନ ସାହୁ, ଭିକାରୀ ଚରଣ ସାହୁ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ହାତୀବନ୍ଧା ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ସିନାପାଲି,୧୬।୧(ମନଫୁଲ ମେହେର)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତୀବନ୍ଧା ଗୋକୁଳାନନ୍ଦ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଟିକେଲାଲ ମେହେର ସଭାପତିତ୍ୱ କରିଥିବା ବେଳେ ନୋଡାଲ ଅଫିସର ଅଧ୍ୟାପକ ଧ୍ରୁବଚରଣ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା କଞ୍ଚନାବାଲା ଜେନା, ଅଧ୍ୟାପକ ସନ୍ତୋଷ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଓଡ଼ିଆ ଭାଷା ଓ ତାର ବିଭିନ୍ନ ଦିଗ ଉପରେ ମଞ୍ଚାସୀନ ଅତିଥି ନିଜ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଲିଖନ ପ୍ରତିଯୋଗିତା, ଓଡ଼ିଆ ସାହିତ୍ୟ ଓ ଏହାର ମହତ୍ତ୍ୱ ଉପରେ ବିତର୍କ, ଓଡ଼ିଆ ହସ୍ତାକ୍ଷର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# କଳାହାଣ୍ଡି ଉତ୍ସବ ଘୁମୁରାରେ ମନ ମୋହୁଛି ବେଦାନ୍ତ ଷ୍ଟଲ



ଜିଲାପାଳ, ଏସ୍‌ପି ବେଦାନ୍ତ ଷ୍ଟଲ ପରିଦର୍ଶନ କରୁଛନ୍ତି।

ଭବାନୀପାଟଣା,୧୬।୧(ଉତ୍ତମ କୁମାର ଦାଶ)

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ ପ୍ରତିବର୍ଷ ଭଳି ଏଥର ମଧ ବେଦାନ୍ତ ପକ୍ଷରୁ ମୁଖ୍ୟମଞ୍ଚ ନିକଟରେ ଆକର୍ଷଣୀୟ ଷ୍ଟଲ କରାଯାଇଛି। ଏହାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ଶୁଭାରମ୍ଭ କରିଥିଲେ। ଷ୍ଟଲ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଲାଷ ଜି., ଜିଲା ପରିଷଦ ମୁଖ୍ୟନିର୍ବାହୀ ଅଧିକାରୀ ସଚିନ ପାୱାର ପ୍ରମୁଖ ପରିଦର୍ଶନ କରି ପ୍ରଶଂସା କରିଥିଲେ। ବେଦାନ୍ତର ଏହି ଷ୍ଟଲ ଦେଖିବା ପାଇଁ ଦର୍ଶକମାନଙ୍କ ମଧ୍ୟରେ ଭିଡ଼ ଦେଖିବାକୁ ମିଳୁଛି। ଏହି ଷ୍ଟଲରେ ବାଲୁକା କଳା ପ୍ରଦର୍ଶନ କରାଯାଇଛି। ସେହିଭଳି ଶକ୍ତିମୟୀ ଫାଉଣ୍ଡେସନର ସଖୀ ବ୍ରାଣ୍ଡରେ ବିଭିନ୍ନ ପ୍ରସ୍ତୁତି ପ୍ରଦର୍ଶିତ ହୋଇଛି। ଡୋକରାର ସଉରା ଆର୍ଟତଥା ବେଦାନ୍ତର ଜୟଯାତ୍ରା ଉପରେ ଫଟୋ ଚିତ୍ର ଗ୍ୟାଲେରିରେ ପ୍ରଦର୍ଶିତ ହୋଇଛି। ଏହି ଷ୍ଟଲର ନିଆରା ଢଙ୍ଗରେ ସାଜସଜ୍ଜା ଦର୍ଶକଙ୍କୁ ମନମୋହିଛି।

### ଇନ୍ଦ୍ରାବତୀ ବାମ କେନାଲ ଡିଭିଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ

କୋକସରା,୧୬।୧(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଉପର ଇନ୍ଦ୍ରାବତୀ ବାମ କେନାଲ କୁସୁମଖୁଣ୍ଟି ଡିଭିଜନ ପ୍ରଭାଗ ନମ୍ବର ୧ ଆନୁକୂଲ୍ୟରେ ମଙ୍ଗଳବାର ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। କୁସୁମଖୁଣ୍ଟି ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ କୁସୁମଖୁଣ୍ଟି ବାମ କେନାଲ ଅଧୀକ୍ଷଣ ଯନ୍ତ୍ରୀ ଦ୍ରୁପ କୁମାର ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ, ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ବିଇଓ ରଶ୍ମିତା ନେତମ, ଏବିଇଓ ଆଲୋରାଣୀ ହଲଦାର, ଦେଉଣ୍ଡି ପାଣି ପଞ୍ଚାୟତ ସମ୍ପାଦିକା ମହିଳା ଚାଷୀ ସୌଦାମିନୀ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅମୋଜ ପଣ୍ଡା ଓ ବିଭିନ୍ନ ପାଣି ପଞ୍ଚାୟତର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଇନ୍ଦ୍ରାବତୀ ବାମ କେନାଲ ଅଧୀନ ଜୟପାଟଣା, କୋକସରା, କଳମପୁର, ଜୁନାଗଡ଼ ଓ ଧର୍ମଗଡ଼ ବ୍ଲକର ୧୧୧ ପାଣି ପଞ୍ଚାୟତର ମୋଟ ୩୯ ହଜାର ୮୩୦ ହେକ୍ଟର ପାଖାପାଖି ୧ ଲକ୍ଷ ଚାଷଜମିକୁ ବାମ କେନାଲରୁ ଜଳସେଚନ ହେଉଥିବା ଓ ଜଳସେଚନର ସୁପରିଚାଳନା ପାଇଁ ଅଧୀକ୍ଷଣ ଯନ୍ତ୍ରୀ ପାଣି ପଞ୍ଚାୟତ ଓ ଚାଷୀଙ୍କ ସହଯୋଗ କାମନା କରିଥିଲେ। ବାମ କେନାଲ ଓ ମେଗାଲିଫ୍ଟ କେନାଲ ଆମ ଅଞ୍ଚଳର ଚାଷୀଙ୍କ ପାଇଁ ଗଙ୍ଗା ଭଳି ବରଦାନ ସଦୃଶ, ଭୋକର ଭୁଗୋଳରୁ ଆମ ଜିଲା ଆଜି ସବୁଜ ସଫଳ ହୋଇଛି ବୋଲି ଅତିଥିମାନେ କହିଥିଲେ। ତେବେ କିଛି ପାଣି ପଞ୍ଚାୟତ ସଦସ୍ୟମାନେ ଜଳସେଚନର ସୁପରିଚାଳନାରେ ବିଭାଗୀୟ ଅବହେଳାରୁ ଉପର ମୁଣ୍ଡରୁ ତଳ ମୁଣ୍ଡକୁ ଜଳସେଚନରେ ଅନେକ ଅସୁବିଧା ହେଉଥିବା ଅଭିଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ସମେତ ୪ଜଣ ସଫଳ ଚାଷୀ ଦିଲୀପ ବେହେରା, ଅଜୟ ବେହେରା, ନୀଳମଣି ପୁଞ୍ଜି, ଜିତେନ୍ଦ୍ର ପ୍ରଧାନଙ୍କୁ ପୁରସ୍କୃତ କରାଯାଇଛି। ପାଣି ପଞ୍ଚାୟତ ସଭାପତି ଆଦିତ୍ୟ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ କୁସୁମଖୁଣ୍ଟି ବାମ କେନାଲ ଡିଭିଜନର କର୍ମଚାରୀମାନେ ସହଯୋଗ କରିଥିଲେ।

# ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ କ୍ରୀଡ଼ା କ୍ଷେତ୍ରରେ ସଫଳତା



ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟର ଖେଳାଳିମାନେ।

ଲାଞ୍ଜିଗଡ଼,୧୬।୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ କ୍ରୀଡ଼ା କ୍ଷେତ୍ରରେ ସଫଳତାର ପାହାଚ ଚଢିଚାଲିଛି। ପ୍ରଥମେ ଡିଏଭି ଜୋନର ଉତ୍ତରପ୍ରଦେଶ ମିରଟରେ ଆୟୋଜିତ ଜାତୀୟ ଫୁଟବଲ ପ୍ରତିଯୋଗିତା ବାଳକ ବିଭାଗରେ ଡିଏଭି ଲାଞ୍ଜିଗଡ଼ ଛାତ୍ରମାନେ ରନର୍ ଅପ ହୋଇଥିଲେ। ପୁଣି ଜାତୀୟ ତୀରନ୍ଦାଜ ପ୍ରତିଯୋଗିତାରେ ବାଳିକା ବିଭାଗରେ ଦଳଗତ ରନର୍ ଅପ୍ ହୋଇଥିବା ବେଳେ ବାଳକ ବିଭାଗରେ ଦଳଗତ ତୃତୀୟ ସ୍ଥାନ ହାସଲ କରିଥିଲେ। ଉକ୍ତ ତୀରନ୍ଦାଜ ପ୍ରତିଯୋଗିତାରେ ବ୍ୟକ୍ତିଗତ ବାଳକ ବିଭାଗରେ କ୍ଷୀରୋଦ କୁମାର ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ଓ ବାଳିକା ବିଭାଗରେ ପି.ଭି.ଶ୍ରୀ ପୂଜିତା ତୃତୀୟ ସ୍ଥାନରେ ବ୍ରୋଞ୍ଜ ପଦକ ପ୍ରାପ୍ତ କରିଥିଲେ। ସେହିପରି ହରିୟାଣାର ପାନିପଥଠାରେ ଜାତୀୟ କାରାଟେ ପ୍ରତିଯୋଗିତାରେ ବାଳକ ବିଭାଗରେ କିରଣ ବେମାଲ ବ୍ୟକ୍ତିଗତ ଦ୍ୱିତୀୟ ସ୍ଥାନ ପାଇ ରୌପ୍ୟ ପଦକ ହାସଲ କରିଥିଲେ। ଜିଲା, ବ୍ଲକ ଏବଂ ଅଞ୍ଚଳ ପାଇଁ ଏହି ବିଦ୍ୟାଳୟର ଗୌରବ ଆଣିଥିବାରୁ ଅଧ୍ୟକ୍ଷ ସଦାନନ୍ଦ ହୋତା ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ବିଦ୍ୟାଳୟ ଏହି ଗୌରବକୁ ଅକ୍ଷୁର୍ଣ୍ଣ ରଖିବାକୁ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ।

# ପଞ୍ଚାୟତ ଅଫିସ ଘେରିଲେ ବରିଷ୍ଠ ନାଗରିକ




ଖଡ଼ିଆଳ,୧୬।୧(ସୁଜିତ୍ କୁମାର ପ୍ରଧାନ)

ବିଭିନ୍ନ ଦାବି ନେଇ ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଚୀନ୍ଦାଗୁଡ଼ା ପଞ୍ଚାୟତ ଅଫିସ ଘେରିଲେ ବରିଷ୍ଠ ନାଗରିକ। ନାଗରିକ ଅଧିକାର ଚାରିଟେବୁଲ ଟ୍ରଷ୍ଟ ନେତୃତ୍ୱରେ ଶହ ଶହ ବରିଷ୍ଠ ମହିଳା ଓ ପୁରୁଷ ଭତ୍ତା ହିତାଧିକାରୀମାନେ ଏକ ଶୋଭାଯାତ୍ରା କରି ଚୀନ୍ଦାଗୁଡ଼ା ପଞ୍ଚାୟତ ଅଫିସ ଘେରାଉ କରି ୫ ଦଫା ଦାବି ନେଇ ଗର୍ଜିବା ସହ ସ୍ଥାନୀୟ ସରପଞ୍ଚଙ୍କୁ ଦାବିପତ୍ର ଦେଇଥିଲେ। ଭତ୍ତା ଟଙ୍କା ବୃଦ୍ଧି ସହ ପୂର୍ବ ଭଳି ହାତରେ ଭତ୍ତା ଟଙ୍କା ପ୍ରଦାନ ଦିଆଯାଉ, ଘରେ ଘରେ ଭତ୍ତା ଟଙ୍କା ଯାଉ, ଋତୁ କାଳୀନ ଜରାଶ୍ରମ, ବରିଷ୍ଠ ନାଗରିକ ଯୋଜନା କାର୍ଯ୍ୟକାରୀ, ତୀର୍ଥ ଭ୍ରମଣ ସୁଯୋଗ ଦାବି ନେଇ ପଞ୍ଚାୟତ ଅଫିସ ଆଗରେ ଗର୍ଜିଛନ୍ତି ବରିଷ୍ଠ ନାଗରିକ। ପରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସରପଞ୍ଚଙ୍କୁ ପ୍ରଦାନ କରିଛନ୍ତି। ବରିଷ୍ଠ ନାଗରିକଙ୍କ ଦାବି ଯଥାର୍ଥ । ସରକାର ଏଥି ପ୍ରତି ଧ୍ୟାନ ଦେବା ଜରୁରୀ, ଏହି ଦାବିପତ୍ର ବିଡ଼ିଓଙ୍କ ମାଧ୍ୟମରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କୁ ପ୍ରେରଣ କରାଯିବ ବୋଲି ସରପଞ୍ଚ କହିଛନ୍ତି।

# ଜଳ ସଂରକ୍ଷଣ, ସୁଷମ ବଣ୍ଟନ ଉପରେ ଗୁରୁତ୍ୱ

ନୂଆପଡ଼ା,୧୬।୧(ମକାରୁ ବେମାଲ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଘାଟିତ**

ସ୍ଥାନୀୟ ଜଳ ସେଚନ ବିଭାଗ ପରିସରରେ ମଙ୍ଗଳବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦଯାପିତ ହୋଇଯାଇଛି। ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉଜ୍ଜ୍ୱଳ ଜାନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଉପଜିଲାପାଳ ସୁବାଷ ଚନ୍ଦ୍ର ରଇତ ମୁଖ୍ୟଅତିଥି, ଜଉଠା ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଶିଶିର କୁମାର ମୁଣ୍ଡା, କୋମନା ଜଳ ସେଚନ ବିଭାଗ ଏସଡିଓ ତରୁଣ ନାଏକ, ଆମ ଓଡିଶା ନବୀନ ଓଡିଶା ଜିଲା ସଂଯୋଜକ ରାମଲାଲ ହଂସ, ଜିଲା ପରିଷଦ ସଦସ୍ୟ ଅବନି ରଞ୍ଜନ ଯୋଶୀ, ଭରତଲାଲ ରାଉତ, ଭାନୁ ପ୍ରତାପ ସିଂ ମାଝି, ସାମାଜିକ କର୍ମୀ ଧନୀରାମ ସାହୁ, ଡୁମେରବାହାଲ ଜଳସେଚନ ପ୍ରକଳ୍ପ ସଭାପତି ରାଧେଶ୍ୟାମ ଶାନ୍ତ, ସାଇପଲା ପ୍ରକଳ୍ପ ସଭାପତି ଶୋଭାରାମ ସାହୁ, ସୁନ୍ଦର ଜଳ ସେଚନ ପ୍ରକଳ୍ପ ସଭାପତି ଚନଂଚନ ଶଗରିଆ, ଗଜିନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଭାବେ ଯୋଗଦେଇଥିଲେ। ଜଳ ସଂରକ୍ଷଣ ଓ ଜଳର ସୁଷମ ବଣ୍ଟନ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ପାଣି ପଞ୍ଚାୟତ ସଚେତନ ପାଇଁ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ସଙ୍ଗୀତ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପାଣି ପଞ୍ଚାୟତ ସଚେତନ ପାଇଁ ଛାତ୍ରୀଛାତ୍ର ଓ ଯୁବତୀଯୁବକ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୌରଭ ରଞ୍ଜନ ପ୍ରଧାନ, ସୌମୀୟ ରଞ୍ଜନ ନାଏକ, ଶିବାନନ୍ଦ ପ୍ରଧାନ, ବିଘ୍ନେଶ୍ୱର ପ୍ରଧାନ, ଜନାର୍ଦ୍ଦନ ନାଏକ, ଲୋକନାଥ ରଥ ପ୍ରମୁଖ ସହଯୋଗ କରିଥିବା ବେଳେ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ୱିଲସନ କେରକେଟା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୨୯ରେ ରାଜ୍ୟପାଳଙ୍କ ସୁବର୍ଣ୍ଣପୁର ଗସ୍ତ

ସୋନପୁର,୧୬।୧(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶାର ରାଜ୍ୟପାଳ ରଘୁବର ଦାସ ଆସନ୍ତା ୨୯ ତାରିଖରେ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିବେ। ରାଜଭବନ ପକ୍ଷରୁ ସୋମବାର ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲାପାଳ ଓ ଏସ୍‌ପିଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ରାଜ୍ୟପାଳ ସକାଳ ସାଢେ ୮ଟାରେ ବଲାଙ୍ଗୀରରୁ କାର ଯୋଗେ ସୁବର୍ଣ୍ଣପୁର ଅଭିମୁଖେ ଆସିବେ। ପୂର୍ବାହ୍ନ ୧୦ଟାରେ ସୁବର୍ଣ୍ଣପୁର ସର୍କିଟ୍ ହାଉସରେ ପହଞ୍ଚିବା ପରେ ବିଭିନ୍ନ ସ୍ଥାନୀୟ କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ପରେ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିବା ସହ ଅଭିଭାବକ ଓ ଅଙ୍ଗନୱାଡି କର୍ମୀଙ୍କ ସହିତ ପୋଷଣ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିବେ । ଅପରାହ୍ନରେ ରାଜ୍ୟପାଳ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରି ଯିବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟପାଳଙ୍କ ଗସ୍ତ ସମ୍ପର୍କିତ ଚିଠି ମିଳିବା ପରେ ଜିଲା ପ୍ରଶାସନ ଚଳଚଞ୍ଚଳ ହୋଇଉଠିଛି।

### ୧୦ହଜାର ଗଞ୍ଜେଇ ଗଛ ନଷ୍ଟକଲା ପୋଲିସ

ଘଣ୍ଟାପଡା,୧୬।୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଘଣ୍ଟାପଡ଼ା ପୋଲିସ ପକ୍ଷରୁ ସୋମବାର ଚଢ଼ାଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଘଣ୍ଟାପଡ଼ା ଥାନା ଅନ୍ତର୍ଗତ ତେନ୍ତୁଲିମୁଣ୍ଡା ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲର ୭ ଏକର ପରିମିତ ଜାଗାରେ ବେଆଇନ ଭାବେ ଗଞ୍ଜେଇ ଚାଷ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା । ପୋଲିସ ୧୦ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଘଣ୍ଟାପଡା ଥାନା ଏସଆଇ ବିଶ୍ୱାମିତ୍ର ଲୋଇଙ୍କ ନେତୃତ୍ୱରେ ପୋଲିସ ଟିମ୍ ଏହି ଚଢାଉ କରିଥିଲା । ନଷ୍ଟ ଗଞ୍ଜେଇ ଗଛର ଆନୁମାନିକ ବଜାର ମୂଲ୍ୟ ୬୦ଲକ୍ଷ ଟଙ୍କା ହେବ ବୋଲି ଥାନାଧିକାରୀ ବଳଭଦ୍ର ଗଣ୍ଡ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଘଣ୍ଟାପଡ଼ା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।

### ଆରମ୍ଭ ହେଲା ମହିଷାସୁର ଦରବାର



ବିନିକା,୧୬।୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବର ମଙ୍ଗଳବାର ଦ୍ୱିତୀୟ ଦିନରେ ମହିଷାସୁର ଦରବାରକୁ ନଗରପାଳ ସୁବାଷ ଚନ୍ଦ୍ର ଭୁଏ ଫିତା କାଟି ଉଦ୍‌ଘାଟନ କରିଛନ୍ତି । ରାଜଅତିଥି ଭାବେ କମିଟିର ସଭାପତି ସନ୍ତୋଷ କୁମାର ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପଧାନ, ସାମାଜିକ କର୍ମୀ ପ୍ରଶାନ୍ତ ବାବୁ, ଶିକ୍ଷାବିତ୍ ନୀଳାଚଳ ମେହେର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଭାପତି ପଣ୍ଡା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ରାଜ ଦରବାରରେ ୮ ଗୋଟି ନୃତ୍ୟଶିଳ୍ପୀ ଦଳ ଭାଗ ନେଇଥିଲେ। ମହିଷାସୁର ଭୂମିକାରେ ଅଭିନୟ କରୁଥିବା ଗୋପାଳ ପଣ୍ଡାଙ୍କ ଅଭିନୟ ଓ ନୃତ୍ୟଶିଳ୍ପୀଙ୍କ ଗୀତନାଚ ଦର୍ଶକଙ୍କୁ ବିମୋହିତ କରିଥିଲା।

### ସାହିତ୍ୟ ପ୍ରତିଯୋଗିତା

ସୋନପୁର,୧୬।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳା ଯୁକ୍ତ ଦୁଇ କଲେଜରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରଯୋଜନାରେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ଗୋପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବରେ ପ୍ରାଧାପିକା ନମିତା ରଥ,ପ୍ରାଧାପକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଓ ଅଧାପକ ସତ୍ୟନାରାୟଣ ମହାକୁଡ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ନୋଡ଼ାଲ ଅଫିସର ପ୍ରାଧାପକ ଡ. ପୁରୁଷୋତ୍ତମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓ ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ଗୋବିନ୍ଦ ପଧାନ, କାଶୀନାଥ ମିଶ୍ର, ବିଭୀଷଣ ପଧାନ, ଗଦାଧର ପଧାନ, ନୀଳାମ୍ବର ପଧାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜଳର ବ୍ୟବହାରିକ ବାର୍ତ୍ତା ପ୍ରଚାର ପାଇଁ ଗଡ଼ିଲା ରଥ

ସୋନପୁର,୧୬।୧(ମୃତ୍ୟୁଞ୍ଜୟ ଶତପଥୀ)



ଜିଲାପାଳ ବିମଳେନ୍ଦୁ ରାୟ ପାଣି ପଞ୍ଚାୟତ ରଥର ଶୁଭାରମ୍ଭ କରୁଛନ୍ତି।

ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ମଙ୍ଗଳବାରଠାରୁ ଜାନୁୟାରୀ ୩୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳିତ ହେଉଛି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାରେ ପାଣି ପଞ୍ଚାୟତ ପକ୍ଷ ପାଳନରେ ଉଠା ଜଳସେଚନ, କ୍ଷୁଦ୍ର, ମଧ୍ୟମ, କେନାଲ ଓ ତେଲ ଜଳସେଚନ ବିଭାଗ ଅନ୍ତର୍ଭୁକ୍ତ ହୋଇଛି। ମଙ୍ଗଳବାର ସକାଳେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରୁ ଜଳର ବ୍ୟବହାରିକ ବାର୍ତ୍ତା ପ୍ରଚାର ପାଇଁ ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ୯ ଦିନ ଧରି ଜିଲାର ସମସ୍ତ ଅଞ୍ଚଳ ବୁଲିବା ସହ ଜଳର ସୁବିନିଯୋଗ ବାର୍ତ୍ତା ପ୍ରଚାର କରିବ। ସେହିପରି

**ସୁବର୍ଣ୍ଣପୁରରେ ପାଣି ପଞ୍ଚାୟତ ପକ୍ଷ ପାଳିତ**

ପୂର୍ବାହ୍ନରେ ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ସୁବର୍ଣ୍ଣପୁର ଉଠା ଜଳସେଚନ ବିଭାଜନ ପକ୍ଷରୁ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନର ଶୁଭାରମ୍ଭ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗଦେଇ ପାଣି ପଞ୍ଚାୟତଗୁଡିକରେ କିପରି ଅଧିକରୁ ଅଧିକ କୃଷକମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ଆୟୋଜିତ ସଚେତନତା ସଭାରେ ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପାଢୀ, ନାବାର୍ଡର ଏଜିଏମ୍ ସତ୍ୟ ସ୍ୱରୂପ ବେଦାନ୍ତ, ସୋନପୁର କୃଷି ଜିଲା ଅଧିକାରୀ ଦିଲ ରଞ୍ଜନ ମହାଲିକ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ ଯୋଗଦାନ କରିଥିଲେ। ଅତିଥିମାନେ ପ୍ରକଳ୍ପ ଅଞ୍ଚଳରେ ପାଣି ପଞ୍ଚାୟତ ଗଠନ, ମହିଳାମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି, ଫସଲ ଉତ୍ପାଦନରେ ବୃଦ୍ଧି ଓ ଜଳ ସଂରକ୍ଷଣ ଏବଂ ଆବଣ୍ଟନ ବିଷୟରେ ବିଶଦ ଆଲୋଚନା କରିବା ସହ ଉପସ୍ଥିତ ଚାଷୀ ଓ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କୁ ସଚେତନ କରିଥିଲେ। ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ଶତାଧିକ ଚାଷୀ ଓ ପାଣି ପଞ୍ଚାୟତର କର୍ମକର୍ତ୍ତା ଯୋଗଦାନ କରିଥିଲେ।

# ବିଏସ୍ଏଫ୍ କ୍ଲବ ସୋନପୁର ଚାମ୍ପିୟନ



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ବୌଦ୍ଧ/ପୁରୁଣାକଟକ,୧୬।୧(ଅଜିତ କୁମାର ବାରିକ/ସୁକାନ୍ତ ପଟ୍ଟନାୟକ)

**ପ୍ରଥମ ସର୍ବଭାରତୀୟ ତିଲେଶ୍ୱର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ଫକୀର ଚରଣ ଖେଳପଡିଆରେ ଫ୍ରେଣ୍ଡସ ଆସୋସିଏଶନ ତିଲେଶ୍ୱର ପକ୍ଷରୁ ପ୍ରଥମ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳ ଜେଡି କ୍ଲବ ଫୁଲବାଣୀ (କନ୍ଧମାଳ) ଓ ବିଏସଏଫ କ୍ଲବ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ,ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସରସରା ସରପଞ୍ଚ ହରି ନାଏକ, ବୀରନରସିଂହପୁର ସରପଞ୍ଚ ଚନ୍ଦନା, ବାମଣ୍ଡା ସରପଞ୍ଚ ଇନ୍ଦୁମତି ଝାଙ୍କର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଭୟ ଦଳର ଖେଳାଳିଙ୍କ ଚିତ୍ତାକର୍ଷକ ଖେଳ ଖେଳପ୍ରେମୀଙ୍କୁ ଆନନ୍ଦ ଦେଇଥିବା ବେଳେ ଖେଳରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଶେଷରେ ଖେଳରେ ଟ୍ରାଇବ୍ରେକର ଜରିଆରେ ସୋନପୁର ଦଳ ୪-୨ ଗୋଲରେ ବିଜୟୀ ହୋଇ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା । ଖେଳକୁ ଜାତୀୟ ରେଫରି ସୁବ୍ରତ କୁମାର ପୁରୋହିତ, ସୁଜିତ ରାଜହଂସ, ମାନସ ବିଶ୍ୱାଳ ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରି ଭାବେ ଦିଲିପ କୁମାର ରାଉତ ଓ ମ୍ୟାଚ କମିଶନର ଭାବେ ରଞ୍ଜନ ଯୋଶୀ କାର୍ଯ୍ୟ ତୁଲାଇଥିଲେ। ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ଦଳ ସୋନପୁରକୁ ୨୭ ହଜାର ୨୭ ଟଙ୍କା, ଟ୍ରଫି ଓ ରନର୍ସ ଦଳ ଫୁଲବାଣୀକୁ ୨୨ହଜାର ୨୨ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଫ୍ରେଣ୍ଡସ ଆସୋସିଏଶନର ସଭାପତି ଝୁନୁ ବେହେରା, ସମ୍ପାଦକ ରମେଶ ସାମଲ, ସୁଶିଲ ଦେହୁରୀ, ଦେବରାଜ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ସୁଜ୍ଞାନ କର୍ଣ୍ଣ, ନିକୁଞ୍ଜ ବେହେରା, ଦେବରଞ୍ଜନ ବିଶି ଓ ଅନ୍ୟ ସଦସ୍ୟଙ୍କ ସହଯୋଗରେ ଖେଳ ହୋଇଥିଲା । ଖେଳରେ ଚିୟର ଗାର୍ଲସଙ୍କ ନୃତ୍ୟ ଖେଳପ୍ରେମୀଙ୍କୁ ଆନନ୍ଦ ଦେଇଥିଲା।

# ଖଡ଼ଙ୍ଗ ନଦୀ ଲୋକଙ୍କ ଜୀବନରେଖା ପାଲଟିବ

ଖୁଣ୍ଟିଗୋରା,୧୬।୧(ମକରନ୍ଦ ସାହୁ)



ମହୋତ୍ସବରେ ଯୋଗ ଦେଇଥିବା ଅତିଥି।

ବୌଦ୍ଧ ଓ ବଲାଙ୍ଗୀର ଜିଲା ସୀମାନ୍ତ ଖଡ଼ଙ୍ଗ ନଦୀ ଲୋକଙ୍କ ପାଇଁ ଜୀବନ ରେଖା ପାଲଟିବ। ଲଣ୍ଡାଗାଁ ନିକଟରେ ଏକ ଜଳଭଣ୍ଡାର ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି। ଉକ୍ତ ଜଳଭଣ୍ଡାର ପାଣିରେ ଶତାଧିକ ହେକ୍ଟର ଜମିରେ ପାଣି ମାଡି ପାରିବ। ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ବନ୍ଧଗୋରା ଖଡଙ୍ଗ ଲୋକ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ରାଜ୍ୟର ହସ୍ତତନ୍ତ ବିଭାଗର ଉପଦେଷ୍ଟା ସୌଭାଗ୍ୟ ରଞ୍ଜନ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। କମିଟିର ସଭାପତି ମନୋଜ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ଅଶୋକ ସାହୁ ମୁଖ୍ୟବକ୍ତା, ବିସିସିବି ସଭାପତି ଅରୁଣ ପ୍ରଧାନ, ରେଙ୍ଗାଲି ସରପଞ୍ଚ ପ୍ରତିନିଧି ପ୍ରମୋଦ ରଣା, ଯୁବନେତା ନିହାର ରଞ୍ଜନ ବେହେରା , ଆଇନଜୀବୀ ମନୋଜ ଶର୍ମା, ପଶ୍ଚିମଓଡିଶା ବିକାଶ ପରିଷଦ ସଭ୍ୟ ସୁବୋଧ ପଧାନ, ବିଜେଡି ବ୍ଲକ ସଭାପତି ବାଲମୁକୁନ୍ଦ ମେହେର, ବରିଷ୍ଠ ବିଜେଡି ନେତା ପ୍ରଭାତ ପ୍ରଧାନ, ଖୁଣ୍ଟିଗୋରା ନାଏବ ସରପଞ୍ଚ ରବିଚନ୍ଦ୍ର ମହାକୁଡ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହାପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଓଡ଼ିଆ ସିନେ ଅଭିନେତ୍ରୀ ସସ୍ମିତା ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଲୋଇସିଂହାର ସୁର ସଙ୍ଗମ କଳା ପରିଷଦ ପକ୍ଷରୁ ନାଚଗୀତ କାର୍ଯ୍ୟକ୍ରମ ଦଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସୁଶାନ୍ତ ବାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ରଣା ଧନ୍ୟବାଦ ଦେଇଥିଲେ।

**ଖଡ଼ଙ୍ଗ ଲୋକ ମହୋତ୍ସବ**

### ୨୧ତମ ପୁଆ ଏମ୍ଏମ୍‌ସିସି କ୍ରିକେଟ ଟୁର୍ନାମେଣ୍ଟ: ଅର୍ଡା ଦଳ ଚାମ୍ପିୟନ

ତରଭା,୧୬।୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ପୁଆ ବନ୍ଧାଖେଳ ପଡିଆଠାରେ ପୁଆ ମା' ମାହେଶ୍ୱରୀ କ୍ରିକେଟ କ୍ଲବ (ଏମଏମସିସି) ଆନୁକୂଲ୍ୟରେ ଚାଲିଥିବା ୨୧ତମ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ବଲାଙ୍ଗୀର ବେହେରାପାଲି ଦଳକୁ ହରାଇ ଅର୍ଡା ଦଳ ବିଜୟୀ ହୋଇ ଟ୍ରଫି ସହ ନଗଦ ୧୫ ହଜାର ଅର୍ଥ ରାଶି ହାସଲ କରିଛନ୍ତି । ପ୍ରଥମେ ଅର୍ଡା ଦଳ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ବିନିମୟରେ ୧୧୫ ରନ ସଂଗ୍ରହ କରିଥିଲେ । ଏହାର ଜବାବରେ ବଲାଙ୍ଗୀର ବେହେରାପାଲି ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ୬୧ ରନ ରନ ସଂଗ୍ରହ କରି ପରାସ୍ତ ହୋଇଥିଲେ । ଫଳରେ ଅର୍ଡା ଦଳ ଚାମ୍ପିୟନ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁଆ ସମିତିସଭ୍ୟ ହେମନ୍ତ ମାଝୀ ଓ ସମ୍ମାନିତ ଅତିଥି ଭାବରେ ନିମାଇଁ ଚରଣ ଖଣ୍ଡଗିରି, ମନୋରଞ୍ଜନ ସା, ମୁରଲୀ ନାଏକ,ମାନଭଞ୍ଜନ ମିଶ୍ର ଓ ଅନ୍ତର୍ଯ୍ୟାମୀ ସାହୁ ଯୋଗ ଦେଇଥିଲେ। ନିହାର ଓ ଜିତୁ ଖେଳ ପରିଚାଳନା କରିଥିଲେ । ସ୍କୋର୍‌ର ଦାୟିତ୍ୱରେ ଥିଲେ ସୀତୁ ନାଏକ ଓ ଉତ୍ତମ ନାଏକ। ଉମେଶ ବାଗ ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ ବେହେରାପାଲି ଦଳର ଅରୁଣ, ମ୍ୟାନ ଅଫ ଦି ମ୍ୟାଚ ଅର୍ଡା ଦଳର ଲୁଲୁ, ବେଷ୍ଟ ସିକ୍ସସର, ବେଷ୍ଟ ବୋଲର ଅରୁଣ, ବେଷ୍ଟ କିପର ନିହାର, ବେଷ୍ଟ କମେଣ୍ଟେଟର ଉମେଶ ବାଗଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ନରେଶ, କଳାନିଧି, ପାଣ୍ଡବ, ମନୋରଞ୍ଜନଙ୍କ ସହ ଏମଏମସିସିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ଉତ୍ତମ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ନାହିଁ ନାହିଁରେ ବୌଦ୍ଧ ଜିଲା



ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଓ ଅନ୍ୟମାନେ।

ବୌଦ୍ଧ,୧୬।୧(ଅଜିତ କୁମାର ବାରିକ)

**ଭାଜପାର ଖବରଦାତା ସମ୍ମିଳନୀ**

ବୌଦ୍ଧ ଜିଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ମଙ୍ଗଳବାର ଦିନ ଜିଲା କାର୍ଯ୍ୟାଳୟଠାରେ ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ଆରମ୍ଭରେ ଜିଲାର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୌରମୋହନ ମିଶ୍ରଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ସମ୍ମିଳନୀରେ ବୌଦ୍ଧ ଏକ ନାହିଁ ନାହିଁର ଜିଲା ବୋଲି ଜିଲା ସଭାପତି ମହାନ୍ତି ଅଭିଯୋଗ କରାଯିବା ସହ ସହରରେ ଥିବା ବାବା ଚନ୍ଦ୍ରଚୂଡ ମନ୍ଦିରର ଗର୍ଭଗୃହ ମରାମତି ପାଇଁ ତୁରନ୍ତ ରାଜ୍ୟ ସରକାର ଅର୍ଥ ପ୍ରଦାନ କରିବାକୁ ଦାବି କରିଥିଲେ। ସରକାର ବିଭିନ୍ନ ମଠ, ମନ୍ଦିର ଓ ମସଜିଦର ଉନ୍ନତି ପାଇଁ ଅର୍ଥ ଯୋଗାଇ ଦେଇଥିବା ବେଳେ ସହରର ମାତଙ୍ଗେଶ୍ୱର ମନ୍ଦିରକୁ ଅର୍ଥ ଯୋଗାଇବାରେ କାହିଁକି ଅଣଦେଖା ବୋଲି ପ୍ରଶ୍ନ କରିଥିଲେ । ରାଜ୍ୟ ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ୧୭ ତାରିଖକୁ ଛୁଟି ଘୋଷଣା କରିଥିବା ବେଳେ ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଦିନ ଛୁଟି ଘୋଷଣା କରିବାକୁ ଦାବି କରାଯାଇଥିଲା ।

ବୌଦ୍ଧ ଜିଲା ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ଗମନାଗମନ କ୍ଷେତ୍ରରେ ବହୁ ପଛରେ ପଡିଥିବା ବେଳେ ସ୍ଥାନୀୟ ବିଧାୟକଙ୍କ ନୀରବତାକୁ ଦଳ ପକ୍ଷରୁ ଦୃଢ ନିନ୍ଦା କରାଯାଇଥିଲା । । ଏହି ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ, ସାଧାରଣ ସଂପାଦକ ତାପସ ପଟ୍ଟନାୟକ, ପ୍ରେମାନନ୍ଦ ମିଶ୍ର ଉପସ୍ଥିତ ଥିଲେ।

**ପ୍ରଥମ ଦଧିବାବନ କ୍ରିକେଟ କପ୍ ଉଦ୍‌ଘାଟିତ**

# ଦେଉଳମୁଣ୍ଡା ସେମିଫାଇନାଲରେ

ଅମରପାଲି,୧୬।୧(ପୀତାମ୍ବର ସାହୁ)



ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦରଠାରେ ଡିବିସିସି ଆନୁକୂଲ୍ୟରେ ପ୍ରଥମ ଦଧିବାବନ କ୍ରିକେଟ କପ୍ ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ହଳପଦର ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା ଓ ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବିଶାଳପାଲି ଓ କୋଟସମଲେଇ ମଧ୍ୟରେ ହୋଇଥିଲା। ବିଶାଳପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ରେ ୭ ଉଇକେଟ ହରାଇ ୧୦୯ ରନ କରିଥିଲା। ଜବାବରେ କୋଟସମଲେଇ ଦଳ ଆବଶ୍ୟକ ୧୧୦ ରନକୁ ୭ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। କୋଟସମଲେଇ ଦଳର ହିମାଂଶୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ଦେଉଳମୁଣ୍ଡା ଓ ଖଣ୍ଡହତା ମଧ୍ୟରେ ହୋଇଥିଲା। ଦେଉଳମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୧୧୬ ରନ କରିଥିଲା। ଜବାବରେ ଖଣ୍ଡହତା ଦଳ ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୯୦ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚରେ ରାହୁଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା କୋଟସମଲେଇ ଓ ଦ୍ୱିତୀୟ ମ୍ୟାଚ ର ବିଜେତା ଦେଉଳମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ଦେଉଳମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୯ ଉଇକେଟ ହରାଇ ୯୭ ରନ କରିଥିଲା। ଜବାବରେ କୋଟସମଲେଇ ଦଳ ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୯୦ ରନ କରି ପରାସ୍ତ ହୋଇଥିଲା। ଫଳରେ ଦେଉଳମୁଣ୍ଡା ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ଦେଉଳମୁଣ୍ଡାର ମିଲନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଡୁଙ୍ଗୁରିପାଲି,୧୬।୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସଭାଗୃହଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଶୁଣିବା ସହ ୭୬ଟି ପଞ୍ଜୀକୃତ ଅଭିଯୋଗ ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ । ସେଥିମଧ୍ୟରୁ



ବ୍ୟକ୍ତିଗତ ୬୫ ଗୋଟି ଓ ସାମୁହିକ ୧୧ଗୋଟି ଗ୍ରହଣ କରାଯାଇଥିଲା । ୯ ଗୋଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା। ଏହି ଦରଖାସ୍ତର ଅଭିଯୋଗକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଶିବିରରେ ଜାତୀୟ ରାଜପଥ ଫଟାମୁଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ମୁକେଶ କୁମାର ଭୋଇ, କିଶୋର ଚନ୍ଦ୍ର ମେହେର, ରଙ୍କ ଭୋଇ, ପ୍ରକାଶ ସେଠ, ସାଗର ଜେନା ପ୍ରମୁଖ ଅଭିଯୋଗ କରିଥିଲେ । ଡୁଙ୍ଗୁରିପାଲି ବିଡ଼ିଓ ରୋହିତ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଜିଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ଉପ ଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର,ରାମପୁର ତହସିଲଦାର ରାମକୃଷ୍ଣ ମିଶ୍ର, ଜିଲା ଅବକାରୀ ଇନ୍ସପେକ୍ଟର ପ୍ରହ୍ଲାଦ ସା, ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ତୁଲେଶର ଖାଖା, ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

### ସିଲାଟିମୁଣ୍ଡାରେ ସୁଲିଆ ଯାତ୍ରା ପାଳିତ

ତରଭା,୧୬।୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧୀନ ସିଲାଟି ମୁଣ୍ଡା ଗ୍ରାମରେ ଦଶବର୍ଷ ହେଲା ସୁଲିଆ ଯାତ୍ରା ପାଳିତ ହୋଇଆସୁଛି। ଚଳିତବର୍ଷ ବହୁ ସଂଖ୍ୟକ ଶ୍ରଦ୍ଧାଳୁ, ମାନସିକଧାରୀ ମଙ୍ଗଳବାର ସକାଳୁ ସୁଲିଆପଦାରେ ଜମା ହୋଇ ସୁଲିଆବୁଢାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ପାରମ୍ପରିକ ବାଦ୍ୟ ଓ ଭକ୍ତଙ୍କ ହୁଳହୁଳିରେ ସୁଲିଆପଦା ଦୁଲୁକି ଉଠିଥିଲା। ମାନସିକଧାରୀମାନେ ଆଣିଥିବା କୁକୁଡ଼ା, ବୋଦା, ମେଣ୍ଢା ବଳି ଦିଆଯାଇଥିଲା। ଏହି ଯାତ୍ରାରେ ପ୍ରେମ ରଞ୍ଜନ ଭୁଏ, ବନମାଳୀ କୁଅଁର, ରାଜକିଶୋର କୁଅଁର, କପିଳାସ ଭୁଏ, ସତ୍ୟନାରାୟଣ ଭୁଏ, ନାରାୟଣ କାଳସେ, କୁଞ୍ଜ କୁଅଁର, ସୀତାରାମ କୁଅଁର ଓ ଚମରା କୁଅଁର ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ । ସୁଲିଆପଦାରେ ବିଭିନ୍ନ ପ୍ରକାର ଦୋକାନ ପଡିଥିଲା । ରାତିରେ ସିଲେଟମୁଣ୍ଡା ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତରଭା ବ୍ଲକ ଅଞ୍ଚଳରେ କେବଳ ସିଲାଟିମୁଣ୍ଡା ଗ୍ରାମରେ ସୁଲିଆଯାତ୍ରା ପାଳନ ହେଉଥିବାରୁ ଏଠାରେ ପ୍ରବଳ ଭିଡ ହୋଇଥାଏ।

# ଇଣ୍ଟରନେଟ୍ ସେବାର ସମୀକ୍ଷା

ସୋନପୁର,୧୬।୧(ମୃତ୍ୟୁଞ୍ଜୟ ଶତପଥୀ)



ଉପଦେଷ୍ଟା ଅନୁଭବ ପଟ୍ଟନାୟକ ସମୀକ୍ଷା କରୁଛନ୍ତି।

**ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ବିଦ୍ୟା ଉପଦେଷ୍ଟାଙ୍କ ସୁବର୍ଣ୍ଣପୁର ଗସ୍ତ**

ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ଉପଦେଷ୍ଟା ଅନୁଭବ ପଟ୍ଟନାୟକ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ଗସ୍ତ କରିଛନ୍ତି। ଜିଲାର ବିଭିନ୍ନ ବ୍ଲକରେ ମୋ ସେବା କେନ୍ଦ୍ର, ଆମ ବ୍ୟାଙ୍କ ସେବା, ୫-ଟି ସ୍କୁଲ ପରିଦର୍ଶନ କରି ଇଣ୍ଟରନେଟ ସେବାର ସମୀକ୍ଷା କରିଛନ୍ତି । ପ୍ରଥମେ ପଟ୍ଟନାୟକ ବୀରମହାରାପୁରଠାରେ ପହଞ୍ଚିବା ପରେ ବ୍ଲକ କାର୍ଯ୍ୟାଳୟ, ମୂର୍ଷୁଣ୍ଡି ପଞ୍ଚାୟତ, ରଘୁନାଥ ହାଇସ୍କୁଲ ଏବଂ ଚମ୍ପାମାଲ ମୋ ସେବା କେନ୍ଦ୍ର ବୁଲି ଦେଖିଥିଲେ । ପରେ ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ସହ କ୍ଷେମାଲୋଏ ପଞ୍ଚାୟତ କାର୍ଯ୍ୟାଳୟ, ଯଉଁରାଭଉଁରା ହାଇସ୍କୁଲ ଏବଂ ଆଇଁଲାଛଟସ୍ଥିତ ମୋ ସେବା କେନ୍ଦ୍ର ବୁଲି ଦେଖିବା ସହ ଜନସାଧାରଣଙ୍କ ପାଖରେ ମୋ ସେବା, ଆମ ବ୍ୟାଙ୍କ ସେବା ଠିକ ଭାବରେ ପହଞ୍ଚି ପାରୁଛି କି ନାହିଁ ଏବଂ ଇଣ୍ଟରନେଟ ସେବା କିଭଳି ରହିଛି ତଦାରଖ କରିଥିଲେ । ଏହି ଅବସରରେ ଯାଉଁରାଭଉଁରା ହାଇସ୍କୁଲ ପରିସରରେ ପଟ୍ଟନାଏକ ବୃକ୍ଷରୋପଣ କରିଥିଲେ । ଏହି ସମୟରେ ଉଲୁଣ୍ଡା ବିଡ଼ିଓ କରିସ୍ମା, ବୀରମହାରାଜପୁର ବିଡ଼ିଓ ରଘୁନାଥ ପାଣିଗ୍ରାହୀ, ଯଉଁରାଭଉଁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଧେଶ୍ୟାମ ପୁରୋହିତ, ସ୍ୱୟଂଭୁ ପୁରୋହିତଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ। ସେହିପରି ଅପରାହ୍ନରେ ସୋନପୁର ବ୍ଲକର ସାଗରପାଲି ଗଙ୍ଗାଧର ମେହେର ହାଇସ୍କୁଲ ଏବଂ ବଲାଡି ମୋ ସେବା କେନ୍ଦ୍ର ବୁଲି ଦେଖିଥିଲେ । ପରେ ତରଭା ବ୍ଲକ କାର୍ଯ୍ୟାଳୟ, ଘାଟକଇଁତରା ମୋ ସେବା କେନ୍ଦ୍ର, ଶିବତୁଲା ହାଇସ୍କୁଲ ପରିଦର୍ଶନ କରିଥିଲେ । ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦାନ କରି ୫-ଟି ସ୍କୁଲଗୁଡିକରେ ଶତପ୍ରତିଶତ ଇଣ୍ଟରନେଟ ସୁବିଧା ଉପଲବ୍ଧ କରିବା ନିମନ୍ତେ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲାପାଳ ବିମଳେନ୍ଦୁ ରାୟ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ତିଲେଶ୍ୱର ଖାଖା, ଚିତ୍ତରଞ୍ଜନ ମିଶ୍ର, ଅର୍ଜୁନ ମାଝୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ସଂକ୍ଷେପରେ

### ନିର୍ମାଣ ଟଙ୍କା ମାଗିବାରୁ ଶ୍ରମିକଙ୍କୁ ମାଡ଼ ଅଭିଯୋଗ

**ବଡ଼ଗାଁ, ୧୬।୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବସ୍ତିରେ ଜଣେ ବ୍ୟକ୍ତିଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରିଥିବା ଜଣେ ଶ୍ରମିକ ତାଙ୍କ ମଜୁରୀ ବାବଦ ଟଙ୍କା ମାଗିବାରୁ କାର୍ଯ୍ୟରେ ନିୟୋଜିତ କରିଥିବା ବ୍ୟକ୍ତି ଶ୍ରମିକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିସହ ବଡ଼ଗାଁ ଛାଡି ନ ଗଲେ ଜୀବନରୁ ମାରି ଦେବାକୁ ଧମକ ଦେଇଛନ୍ତି। ଏନେଇ ଶ୍ରମିକ ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଦଫା ୩୪୧/୨୯୪/୩୨୩/୫୦୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ରାଜ୍ୟ ଜାମତଡାରୁ ଆସି ବଡ଼ଗାଁରେ ଶ୍ରମିକ କାମ କରୁଥିବା କରିମ୍ ଅନସାରୀଙ୍କୁ ଜଣେ ବ୍ୟକ୍ତି ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିଥିଲେ। ଗୋଟିଏ ମାସ ପରେ ଶ୍ରମିକ କରିମ ଟଙ୍କା ମାଗିବାରୁ କାମରେ ନିୟୋଜିତ କରିଥିବା ବ୍ୟକ୍ତିଙ୍କ ସ୍ତ୍ରୀ ଓ ଭାଇ ମାଡ ମାରି ବଡ଼ଗାଁ ଛାଡି ନ ଗଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ।

### ନୂଆ ଓ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ବଣାଇଁ, ୧୬।୧(ପ୍ରଦୀପ ତ୍ରିପାଠୀ):** ବଣାଇଗଡ଼ ମହାବିଦ୍ୟାଳୟ ଆନୁକୂଲ୍ୟରେ ନୂଆ ଓ ଓଡିଶା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜେନାମଣି ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଯଦୁପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅସୀମ ମଲ୍ଲିକ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ସମ୍ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅୟୋଜିତ ପ୍ରତିଯୋଗୀତାରେ ଝିଁଡାପାଲୀ ବଲାଣୀପାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସରୋଜ କୁମାର ସାହୁ ବିଚାରକ ଭାବେ ଯୋଗଦେଇ ସୂଚାରୁ ରୂପେ ପ୍ରତିଯୋଗୀତା ପରିଚାଳନା କରିଥିଲେ। ଅୟୋଜିତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଭାବେ ବଣାଇଁଗଡ଼ ମହାବିଦ୍ୟାଳୟର ଓଡିଆ ବିଭାଗ ଅଧ୍ୟାପକ ଶୀତଳ ମହାନନ୍ଦଙ୍କ ସମେତ ବହୁ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

### ସଡ଼କ ଦୁର୍ଘଟଣାରେ ଆହତ ଲୋକୋ ପାଇଲଟଙ୍କ ମୃତ୍ୟୁ

**ବନ୍ଧମୁଣ୍ଡା, ୧୬।୧(ସୁବ୍ରତ ଦେ):** ରବିବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ଲୋକୋ ପାଇଲଟ୍ କାହ୍ନୁ ଚରଣ ସାହୁଙ୍କ ମଙ୍ଗଳବାର ଚିକିତ୍ସାଧୀନ



ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ରବିବାର ରାତିରେ ରାଉରକେଲାରୁ ବନ୍ଧମୁଣ୍ଡାକୁ ବାଇକ୍ ଯୋଗେ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ସୁପର ସ୍ପେଶାଲିଷ୍ଟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାଉରକେଲା ପ୍ଲାଣ୍ଟ ସାଇଟ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଅନୁକୂଳଚନ୍ଦ୍ରଙ୍କ ୧୩୬ ତମ ଜନ୍ମ ମହୋତ୍ସବ

**ବଣାଇଁ, ୧୬।୧(ପ୍ରଦୀପ ତ୍ରିପାଠୀ):** ବଣାଇଁ ଦେଓଗାଁସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ଏବଂ ସତ୍‌ସଙ୍ଗ ବିହାର ମନ୍ଦିରର ଅଷ୍ଟମ ବାର୍ଷିକ ଶୁଭ ଉଦ୍‌ବୋଧନ ସ୍ମୃତି ମହୋତ୍ସବ ମକର ସଂକ୍ରାନ୍ତିରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ପ୍ରାର୍ଥନା, ସହ ଠାକୁରଙ୍କୁ ଏକ ସୁସଜ୍ଜିତ ରଥରେ ଅବସ୍ଥାନ କରି ଭଜନ କୀର୍ତ୍ତନର ତାଳେତାଳେ ସହର ପରିକ୍ରମା ପରେ କାର୍ଯ୍ୟକ୍ରମ ସ୍ଥଳକୁ ନିଆଯାଇଥିଲା। ଡ. କୈଳାସ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ରିତିକ ଏକାଦୁଶିଆ ପ୍ରଧାନ ସତ୍‌ସଙ୍ଗ ପରିଚାଳନା କରିଥିଲେ। ସତ୍‌ସଙ୍ଗ ବିହାରର ପ୍ରମୁଖ କାର୍ଯ୍ୟକର୍ତ୍ତା ତ୍ରିଲୋଚନ ପ୍ରଧାନ, ଲୋକନାଥ ସ୍ୱାଇଁ, ନୀଳକଣ୍ଠ ସାହୁ, ନାରାୟଣ ଜେନା, ଗୋବର୍ଦ୍ଧନ ଘଡ଼େଇ, ପରମେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିବା ସହ ଠାକୁରଙ୍କ ଭଜନ ପରିବେଷଣ କରିଥିଲେ।

# ଦିବ୍ୟାଙ୍ଗ କଲ୍ୟାଣଙ୍କୁ ମିଳୁନାହିଁ ଭତ୍ତା

**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

**କୁତ୍ରା, ୧୬।୧(ଦେବାଶିଷ ସାହୁ)**

ସରକାର ବୃଦ୍ଧ, ଦିବ୍ୟାଙ୍ଗଙ୍କ ସୁବିଧା ପାଇଁ ରାସନ କାର୍ଡଠାରୁ ଆରମ୍ଭ କରି ଭତ୍ତା ଦେବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି। ହେଲେ ଏହାର ଲାଭ ଅନେକ ହିତାଧିକାରୀ ପାଉ ନାହାଁନ୍ତି। ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ସାଧୁମୁଣ୍ଡା ଡିପାପଡାରରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏହି ଗ୍ରାମର କଲ୍ୟାଣ ବାବା(୬୫)ଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଭତ୍ତା ମିଳି ପାରି ନାହିଁ। କେବେ ତାଙ୍କୁ ଭତ୍ତା ମିଳିବ ଏବଂ ତାଙ୍କ ଦୁଃଖ ଦୂର ହେବ ତାହାକୁ ନେଇ ସେ ଚାତକ ପରି ଅନାଇ ବସିଥିବା କୋହଭରା କଣ୍ଠରେ କହିଛନ୍ତି। ଦେହରେ ବଳ ଥିବାବେଳେ ସେ ନିଜେ କାମକରି ଚଳୁଥିଲେ। ହେଲେ ଗୋଟିଏ ବର୍ଷ ହେବ ପକ୍ଷାଘାତରେ ଶିକାର ହେବାପରେ ସବୁ କିଛି ଓଲଟପାଲଟ ହୋଇଯାଇଛି। ଏବେ ଆଶାବାଡି ହିଁ ତାଙ୍କର ସାହାଭରସା ପାଲଟିଛି। ଯଦି ଏଭଳି ପରିସ୍ଥିତିରେ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳନ୍ତା ତେବେ ବାକିତକ ଜୀବନ ସୁରୁଖୁରୁରେ କଟିଯାନ୍ତା ବୋଲି



କଲ୍ୟାଣ ବାବା।

ତରକେରା ସରପଞ୍ଚଙ୍କୁ ଜଣାଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଭତ୍ତା ମିଳିପାରି ନାହିଁ। ଏନେଇ ସରପଞ୍ଚ ବୁଧୁବାରୀ ଏକ୍କାଙ୍କୁ ପଚାରିବାରୁ, ସେ ବହୁ ପୂର୍ବରୁ ମୋ ପାଖକୁ ଆସିଥିଲେ। ସେତେବେଳେ ତାଙ୍କୁ ୬୦ ବର୍ଷ ହୋଇ ନ ଥିଲା। ମୁଁ ତାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ତିଆରିକରିବାକୁ କହିଥିଲେ। ପରେ ସେ ଆଉ କିଛି କହି ନ ଥିବା ସରପଞ୍ଚ ଏକ୍କା କହିଛନ୍ତି। ବ୍ଲକ ତଥା ଜିଲା ପ୍ରଶାସନ ଅସହାୟ ବୃଦ୍ଧଙ୍କୁ ଶୀଘ୍ର ଭତ୍ତା ଦେବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ନିମନ୍ତ୍ରଣ



**ସୁନ୍ଦରଗଡ଼, ୧୬।୧(ଜୟ ନାରାୟଣ ମେଣ୍ଡୁଲୀ)**

ଜାନୁୟାରୀ ୨୭ରେ ଲୋକାର୍ପଣ ହେବାକୁ ଯାଉଛି ସମ୍ବଲପୁରର ସମଲେଇ ପ୍ରକଳ୍ପ। ଏହି ଭବ୍ୟ ଲୋକାର୍ପଣ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ ପତ୍ର ପ୍ରଦାନ ନିମନ୍ତେ ମଙ୍ଗଳବାର ସୁନ୍ଦରଗଡ଼ରେ ପହଞ୍ଚିଥିଲେ ସମ୍ବଲପୁରର ଏକ ସ୍ୱତନ୍ତ୍ର ଦଳ। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ଏକ ନିମନ୍ତ୍ରଣ ପତ୍ର ପ୍ରଦାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସଙ୍କୀର୍ତ୍ତନ ମାଧ୍ୟମରେ ଏହି ସ୍ୱତନ୍ତ୍ର ଟିମ୍‌କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସ୍ଥାନୀୟ ସଦଭାବନା ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁରର ଏହି ସ୍ୱତନ୍ତ୍ର ଟିମ୍‌ରେ ରହିଥିଲେ ସମଲେଇ ମନ୍ଦିରର ଟ୍ରଷ୍ଟି ପ୍ରଫୁଲ୍ଲ ହୋତା, ପୂଜକ ବିରେନ୍ଦ୍ର ରାୟ ଓ ସୁଧୀର ରାୟ ଏବଂ ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ସଜ୍ଜିତ ମାର୍କି ଯୋଗ ଦେଇଥିଲେ। ଜିଲାରୁ ୭ଟି ଦେବୀ ପୀଠରୁ ଟ୍ରଷ୍ଟି ଏବଂ ପୂଜକ ଉପସ୍ଥିତ ରହି ଏହି ନିମନ୍ତ୍ରଣ ପତ୍ର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଡା . ଅନନ୍ତ ଆଚାର୍ଯ୍ୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଅନ୍ୟାନ୍ୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ମିଳିଲାନି ମହାପ୍ରୟାଣ ଗାଡ଼ି, କାର୍‌ରେ ଗଲା ମୃତଦେହ

**ସୁନ୍ଦରଗଡ, ୧୬।୧(ଜୟ ନାରାୟଣ ମେଣ୍ଡୁଲି)**

ଡାକ୍ତରଖାନାରେ ମୃତ୍ୟୁ ବରଣ କରୁଥିବା ଗରିବ ବ୍ୟକ୍ତିଙ୍କ ମୃତଦେହ ଘରକୁ ନେବାପାଇଁ ସରକାରଙ୍କ ତରଫରୁ ମହାପ୍ରୟାଣ ଗାଡି ବ୍ୟବସ୍ଥା ହୋଇଛି। ହେଲେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କର ମୃତଦେହ ଘରକୁ ନେବାକୁ ତାଙ୍କ ପରିବାର ଲୋକଙ୍କୁ ମହାପ୍ରୟାଣ ଗାଡି ମିଳିନଥିବା ଅଭିଯୋଗ ହୋଇଛି। ମିଳିଥିବା ଅଭିଯୋଗ ଅନୁସାରେ, ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ଟିମାଡିହି ଗ୍ରାମର ସୁରେଶ ପଟେଲ (୬୦)ନାମକ ଜଣେ ବ୍ୟକ୍ତି ଜିଲା ମୁଖ୍ୟ ଡାକ୍ତର ଖାନାରେ ରହି ଚିକିତ୍ସିତ ହେଉଥିଲେ। ଗତ କିଛିଦିନ ହେବ ଘରକୁ ଫେରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେ ହଠାତ୍ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ମୃତଦେହ ନେବାପାଇଁ ପରିବାର ଲୋକେ ମହାପ୍ରୟାଣ ଗାଡି ପାଇଁ ଟୋଲ ଫ୍ରି ନମ୍ବରରେ ଫୋନ କରିଥିଲେ। ଭୁବନେଶ୍ୱର କଲ୍ ସେଣ୍ଟରରୁ ତାଙ୍କୁ ଡାକ୍ତରଖାନାର ଏକ ଟୋକନ ମାଗିଥିଲେ। ହେଲେ ଟୋକନ ତାଙ୍କୁ ମିଳି ନ ଥିବାରୁ ମହାପ୍ରୟାଣ ଗାଡି ମିଳି ନ ଥିଲା। ଶେଷରେ ଏହି ଗରିବ ପରିବାର ସହରର ଜଣେ ବଦାନ୍ୟ ବ୍ୟକ୍ତି ସୁଶୀଲପତିଙ୍କ ସହାୟତାରେ ରାତିରେ ଏକ କାର୍ ଯୋଗେ ମୃତଦେହକୁ ନେଇ ଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲା। ହେଲେ ସେମାନେ ଫୋନ ଉଠାଇ ନ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

# ମା'ପୁଅଙ୍କୁ ମରଣାନ୍ତକ ଆକ୍ରମଣ, ଯୁବକ ଗିରଫ

**ବଡ଼ଗାଁ, ୧୬।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ନିକଟ ବିରଙ୍ଗାପଡାର ଜଣେ ଯୁବକ ଗ୍ରାମର ଜଣେ ମହିଳା ଓ ତାଙ୍କ ପୁଅଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ସଂପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସୁଶିଲ ଟେଟେ(୨୫)। ମିଳିଥିବା ସୂଚନା ଅନୁଯାୟୀ, ସାମାନ୍ୟ କଥାକୁ ନେଇ ସୁଶୀଲ ଗ୍ରାମର ଜସ୍ମିତା କିରୋ ଓ ତାଙ୍କ ପୁଅ କୁଲଦୀପଙ୍କୁ ପିଢ଼ାରେ ଆକ୍ରମଣ କରିଥିଲେ। କୁଲଦୀପଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ଜୟ ପ୍ରକାଶ ମେଡିକାଲକୁ ପଠାଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି। ଜସ୍ମିତା ଗୁରୁତର ଆହତ ହୋଇଛନ୍ତି।



ସୁନ୍ଦରଗଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନେ ପ୍ରଶିକ୍ଷଣ ତାଲିମ ନେଉଛନ୍ତି।

# ବାଲିଶଙ୍କରାରେ ମକର ଯାତ୍ରା

**ବାଲିଶଙ୍କରା, ୧୬।୧( ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକର ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତି ଅବସରରେ ମକରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ରାମ ଜାନକୀ ଜଗନ୍ନାଥ ମନ୍ଦିରଠାରେ ମକରଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୫୦ ବର୍ଷରୁ ଅଧିକ ହେବ ଏଠାରେ ମକରଯାତ୍ରା ହେଉଛି। ମକରସଂକ୍ରାନ୍ତି ପୂର୍ବଦିନରୁ ମନ୍ଦିର ପରିସରକୁ ସଫାସୁତୁରା କରିବା ସହ ବିଭିନ୍ନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ମନ୍ଦିରରେ ପୂଜାପାଠ ସହ ସଂକୀର୍ତ୍ତନ୍ୟମଣ୍ଡଳୀ ପ୍ରଭୁଙ୍କ ମହିମା ଗାନ କରିଥିଲେ। ଏହାସହ ରାତିରେ ଆର୍କେଷ୍ଟ୍ରା କରାଯାଇଥିଲା। ଅଶୋକ ସା, ନଗେନ୍ଦ୍ର ସିଂ, ଶରତ ସିଂ, ସୁଗ୍ରୀବ ବାଘ, ଟଙ୍କଧର ପଣ୍ଡା, ଲଡୁଲାଲ ସା, ଶିବଶଙ୍କର ତିଗ୍ଗା, ଅନିଲ ବାଘ, ଟିକୁ ତନ୍ତୀ ପ୍ରମୁଖ ସହାୟତାର ହାତ ବଢାଇଥିଲେ।

# ମତଦାନ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



ଉପଜିଲାପାଳ ମତଦାନ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ କରୁଛନ୍ତି।

**ବଣାଇଁ, ୧୫।୧ (ପ୍ରଦୀପ ତ୍ରିପାଠୀ)**

ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ୍‌ର ବ୍ୟବହାର ଜାଣି ନ ଥିବା ମତଦାତାଙ୍କ ପାଇଁ ସ୍ଥାନୀୟ ବଣାଇଁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉପଜିଲାପାଳ ସୁରଞ୍ଜନ ସାହୁ ମତଦାନ ପ୍ରଶିକ୍ଷଣ କେନ୍ଦ୍ର ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଫେବୃୟାରୀ ଶେଷ ସପ୍ତାହ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ଜଣାପଡିଛି । ନୂତନ ମତଦାତା କିମ୍ବା ଯେଉଁ ମତଦାତା ମାନେ ଆଗରୁ ଇଭିଏମ୍ ମେଶିନ୍‌ରେ ମତଦାନ କରିନାହାନ୍ତି ସେମାନଙ୍କୁ ଶିକ୍ଷା ଦେବା ସହ ସଚେତନ କରିବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି। ବଣାଇଁ ନିର୍ବାଚନ ମଣ୍ଡଳୀ ସ୍ତରରେ ଏହି ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲେ ହେଁ ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତ ସ୍ତରରେ ମଧ୍ୟ ଏଭଳି ପ୍ରଶିକ୍ଷଣ କେନ୍ଦ୍ର ଚାଲିବ ବୋଲି ଉପ ଜିଲାପାଳ ସୂଚନା ଦେଇଛନ୍ତି । କେବଳ ସେତିକି ନୁହେଁ ମତଦାନ ଏକ ସାମ୍ବିଧାନିକ ଅଧିକାର ହୋଇଥିବା ବେଳେ ସମସ୍ତେ ସଚେତନ ହେବା ଓ ସାମ୍ପ୍ରତିକ ବ୍ୟବସ୍ଥାରେ ଇଭିଏମ୍ ମେଶିନ୍ ତଥା ଭିଭିପାର୍ଟ ମେସିନ୍‌କୁ ବ୍ୟବହାର କରି କେମିତି ମତ ସାବ୍ୟସ୍ତ କରିବେ ସେଥିନେଇ ସଚେତନ ହେବା ପାଇଁ ଉପଜିଲାପାଳ ସୁରଞ୍ଜନ ସାହୁ ମତଦାତାଙ୍କୁ ଅପିଲ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଣାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଆଶିଷ ମହାପାତ୍ର, ସହକାରୀ ଜିଲାପାଳ ଶୋଭନ ପ୍ରୀତମ ପଣ୍ଡା, ବବିତା ମୁର୍ମୁ ଓ ନିର୍ବାଚନରେ ନିୟୋଜିତ ଅନ୍ୟନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ସୁନ୍ଦରଗଡ, ୧୬।୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକ ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ଆତ୍ମ ସୁରକ୍ଷା ପାଇଁ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଛାତ୍ରୀମାନେ ଉପଯୁକ୍ତ ଭାବେ ପ୍ରଶିକ୍ଷିତ ହୋଇ ନିଜର ସୁରକ୍ଷା କରିପାରିବେ ବୋଲି ଆଶା ପ୍ରକାଶ କରିଥିଲେ। ସୁନ୍ଦରଗଡ ସରକାରୀ ମେଡିକାଲ କଲେଜର ରେସିଡେଣ୍ଟ ଡା. ପୂରବକାନ୍ତ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷିତ ହୋଇ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଛାତ୍ରୀମାନେ ନିଜକୁ ସୁରକ୍ଷିତ କରିପାରିବେ ବୋଲି କହିଥିଲେ। ଅଧ୍ୟାପିକା ଚାରୁଲତା ନାଏକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଭା କାର୍ଯ୍ୟ ଶେଷ ପରେ ପ୍ରଶିକ୍ଷିକା ମିତା ଧୁରୁଆ ଓ ପ୍ରଭାସିନୀ ଗର୍ଡିଆ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଶିବିରରେ ମୋଟ ୩୫୯ଜଣ ଛାତ୍ରୀଙ୍କୁ ୧୨ଟି ଗ୍ରୁପ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ଶିବିର ଜାନୁଆରୀ ୨୭ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ସଞ୍ଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ସାମୂହିକ ଶ୍ରାଦ୍ଧ ଦେଲେ ଟିମ୍ ଶ୍ମଶାନ ବନ୍ଧୁ

**ସୁନ୍ଦରଗଡ, ୧୬।୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ରାମଜୀ ମନ୍ଦିର ପରିସରରେ ମଙ୍ଗଳବାର ୫୬ ପୁଣ୍ୟାତ୍ମାଙ୍କ ଉଦ୍ଦେଶ୍ୟରେ ସାମୂହିକ ଶ୍ରାଦ୍ଧ, ବ୍ରାହ୍ମଣଙ୍କ ଦ୍ୱାରା ଭଗବତ ଗୀତା ପାଠ ଓ ହୋମ କର୍ମ ପରେ ବ୍ରାହ୍ମଣଙ୍କୁ ଦାନଦପାନ କରିବା ସହିତ ଗଙ୍ଗା ପ୍ରସାଦ ପରସିଥିଲେ ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟମାନେ। ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡା, ଦେବେନ୍ଦ୍ର ସାହୁ, ଶିଶିର କୁମାର ବେହେରା, ଚିଣ୍ଟୁ ରକ୍ସା, କମଲେଶ ସମସ୍ତ କର୍ମ କରିଥିଲେ। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ସଦର ବିଧାୟିକା କୁସୁମ ଟେଟେ, ପୌରପାଳିକାର ପୌରାଧକ୍ଷ ତନୟା ମିଶ୍ର, ଉପନଗରପାଳ ଲଲାଟେନ୍ଦୁ ପରିଡା, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଉପଜିଲାପାଳ ଦାଶରଥି ସରାବୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ କାହ୍ନୁ ଚରଣ ନାଏକ, ଜେଜେଟିଏର ଅଧ୍ୟକ୍ଷ ସଞ୍ଜୟ ନନ୍ଦ, କୋଷାଧ୍ୟକ୍ଷ ଅବଦୁଲ ସାଜିଦ, ଏସଟିଓଏର ସଭାପତି ରିତେଶ ପଟେଲ, ଜିଲା କ୍ରିଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ରୋଟାରିଆନ ପିଣ୍ଟୁ ଦତ୍ତ, ବରିଷ୍ଠ ନାଗରିକ କମିଟିର ସମସ୍ତ କର୍ମକର୍ତ୍ତା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ନାଗରିକ ସଂଘ ତଥା ଅନୁଷ୍ଠାନ ଓ ପ୍ରତିଷ୍ଠାନର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହିତ ଶ୍ମଶାନ ବନ୍ଧୁର ଏତାଦୃଶ ମାନବିକ କାର୍ଯ୍ୟକୁ ପ୍ରଶଂସା କରିଥିଲେ।




ବିଧାୟିକା କୁସୁମ ଟେଟେ ଓ ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟମାନେ।

# ଲାଇଙ୍ଗ୍ ମକର ଉତ୍ସବ ଉଦ୍‌ଯାପିତ

**ରାଜଗାଙ୍ଗପୁର, ୧୬।୧ (ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ ଲାଇଙ୍ଗ ଗ୍ରାମରେ ୨ଦିନ ଧରି ଚାଲିଥିବା ମକର ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ଏହି ଉତ୍ସବକୁ ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ନରସିଂହ ମିଞ୍ଜ, ପ୍ରିୟଦର୍ଶୀନି ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ମୀନାବଜାର ବସିବା ସହ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଦିନରେ ବା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ଡା. ସିଏସ ରାଜନ ଏକ୍କା ଯୋଗଦେଇ ଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ବୃନ୍ଦ।

ଲାଇଙ୍ଗ ଜଗନ୍ନାଥ ମନ୍ଦିରରେ ହରହରି ମିଳନ ହେବାସହ ବରଗଡରୁ ଆସିଥିବା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଉତ୍ସବ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପାଳନ ହୋଇଆସୁଛି। ବର୍ତ୍ତମାନ ଏହି ଉତ୍ସବ ନବଜ୍ୟୋତି ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ହେଉଛି।

# ଲାଠିକଟାରେ ଯୁଗ୍ମ ଜନଶୁଣାଣି

**ଲାଠିକଟା, ୧୬।୧(ରାମେଶ୍ୱର ଖଡାଙ୍ଗା)**

ଲାଠିକଟା ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡା. ପରାଗ ହର୍ଷଦ ଗଭାଲି ଓ ରାଉରକେଲା ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର ଯୋଗଦେଇ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ। ଜନଶୁଣାଣିରେ ମୋଟ ୧୧୫ ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୬୦ବ୍ୟକ୍ତିଗତ ଓ ୫୫ ସାମୂହିକ ସମସ୍ୟା ଥିଲା। ୧୯ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡ଼ିକର ତୁରନ୍ତ ବିଚାର କରାଯାଇ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ୬ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜନ ଶୁଣାଣିରେ ସୁନ୍ଦରଗଡ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ମନୋଜ ମହାଜନ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ଲାଠିକଟା ବିଡିଓ ଚାରୁଲତା ସିଂହଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ ପାଳନ

ଦେବଗଡ,୧୬।୧
(ଶଶାଙ୍କ ଶେଖର ଝାଙ୍କର)

ମଣ୍ଡି ସମସ୍ୟା ସମେତ ଜିଲାର ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ମଙ୍ଗଳବାର ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସକାଳ ୬ରୁ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ପୌରାଞ୍ଚଳ ନୀଳବେର୍ଣ୍ଣୀସାହି ବାଇପାସ ଛକ ସମେତ ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକର ବିଭିନ୍ନ ସ୍ଥାନରେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଜିଲା ଦେଇଯାଇଥିବା ପ୍ରାୟ ସମସ୍ତ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଯାନ ବାହାନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ସେହିପରି ବସ୍ ସେବା ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଯାତ୍ରୀମାନେ ସମସ୍ୟାର ସମ୍ମୁଖିନ ହୋଇଥିଲେ। ସକାଳେ କଂଗ୍ରେସ ନେତା ଓ କର୍ମୀମାନେ ପିକେଟିଂ କରି ଦୈନିକ ବଜାର ସମେତ ବିଭିନ୍ନ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନ ଆଦି ବନ୍ଦ କରିଥିଲେ। କୃଷକଙ୍କ ସ୍ୱାର୍ଥ ନିମନ୍ତେ ଚାଲିଥିବା ଏହି ବନ୍ଦ ପାଳନକୁ ଜିଲା କୃଷକ ସଂଘର୍ଷ ସଂଘ ସମର୍ଥନ କରିଥିବା ବେଳେ ସଂଘର୍ଷ ସଂଘର ସାଧାରଣ ସମ୍ପାଦକ ଗୁଣନିଧି ବେହେରା ଓ ଉପସଭାପତି ଦେବରାଜ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଚାଷୀ ଏଥିରେ ସାମିଲ ହୋଇଥିଲେ।



ରାସ୍ତାରେ ଧାନବସ୍ତା ରଖି କଂଗ୍ରେସ କର୍ମୀମାନେ ବନ୍ଦ ପାଳନ କରୁଛନ୍ତି।

## କୃଷକ ମାରଣ ନୀତି ପ୍ରତିବାଦ

ପୂର୍ବାହ୍ନ ପ୍ରାୟ ୧୦ ଟାରେ କଂଗ୍ରେସ ନେତା, କର୍ମୀ ଓ କୃଷକ ସଂଘର୍ଷ ସଂଘର ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନ ବସ୍ତା ରଖି ଅଭିନବ ଉପାୟରେ ପ୍ରତିବାଦ ଜଣାଇବା ସହ ପିକେଟିଂ କରି ସରକାରୀ, ବେସରକାରୀ କାର୍ଯ୍ୟାଳୟ,ବ୍ୟାଙ୍କ, ପୋଷ୍ଟ ଅଫିସ ଓ ଶିକ୍ଷାନୁଷ୍ଠାନ ଗୁଡିକୁ ବନ୍ଦ କରିଥିଲେ। ଏହି ଅବସରରେ ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ଅଭିଯୋଗ କରିଥିଲେ ଯେ, ଶିଳ୍ପ ବିହୀନ ଦେବଗଡ ଜିଲାର ଚାଷୀଙ୍କ ଜୀବନ ଜୀବୀକା ପାଇଁ ଧାନ ଚାଷ ଏକମାତ୍ର ପନ୍ଥା ହୋଇଥିବା ବେଳେ ଧାନ ସଂଗ୍ରହ ସମୟରେ ମିଲର୍ସମାନେ ସେମାନଙ୍କୁ ଶୋଷଣ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଯୋଗାଣ ବିଭାଗ ଓ ଜିଲା ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। ଗତମାସ ୧୫ ତାରିଖ ଠାରୁ ଜିଲାରେ ଧାନ କିଣା ଆରମ୍ଭ ହୋଇଥିଲେ ହେଁ ପ୍ରାୟ ଏକ ମାସ ହେବ ଟୋକନ ପାଇଥିବା ଚାଷୀଙ୍କ ଟୋକନ ଅବଧି ଶେଷ ହେବାକୁ ବସିଛି। ୨୫ କୁଇଣ୍ଟାଲରୁ ଅଧିକ ଧାନ ଦେବାକୁଥିବା ଚାଷୀଙ୍କୁ ମଣ୍ଡିରେ ଧାନ ନ ଦେଇ ମିଲକୁ ନେଇ ଦେବାକୁ ବାଧ କରାଯାଉଛି। ମିଲର୍ସ ମର୍ଜିରେ ମଣ୍ଡି ଗୁଡିକରେ କୁଇଣ୍ଟାଲ ପିଛା ସାଢେ ୩ କିଲୋରୁ ୮ କିଲୋ ପର୍ଯ୍ୟନ୍ତ କଟନି ଛଟନି କରାଯାଉଛି। ଏପରିକି ମିଲର୍ସ ପକ୍ଷରୁ ନିୟୋଜିତ ଦଲାଲମାନେ ମଣ୍ଡି ଗୁଡିକରେ ଉପସ୍ଥିତ ରହି ଅନଧିକୃତ ଭାବେ ଧାନର ମାନ ଯାଞ୍ଚ କରିବା ସହିତ ଧାନ ଗୁଡିକୁ ସଠିକ ମାନର ବୋଲି ଦର୍ଶାଇବାକୁ ଚାଷୀଙ୍କ ଠାରୁ ଲାଞ୍ଚ ସଂଗ୍ରହ କରୁଛନ୍ତି। ତେଣୁ ଏହାର ପ୍ରତିବାଦରେ ବନ୍ଦ ପାଳନ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଏଥିରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, ଜିଲା କଂଗ୍ରେସ ଓବିସି ସେଲ ସଭାପତି ସୁବାସ ଚନ୍ଦ୍ର ଭୋଇ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ରିଆମାଳ ବ୍ଲକ କଂଗ୍ରେସ କମିଟି ସଭାପତି ସୁଶାନ୍ତ କୁମାର ସ୍ୱାଇଁ,ବାରକୋଟ ବ୍ଲକ କଂଗ୍ରେସ ସଭାପତି ଯଶୋବନ୍ତ ସାହୁ, ତିଲେଇବଣି ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ ଓ ଜିଲା ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁଲାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ କୃଷକ ସଂଘର୍ଷ ସଂଘର ବହୁ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ।

# ଭାଜପାରେ ଯୋଗଦେବାର ୨୪ ଘଣ୍ଟା ନ ପୂରୁଣୁ ଇସ୍ତଫା

ଦେବଗଡ,୧୬।୧
(ଶଶାଙ୍କ ଶେଖର ଝାଙ୍କର)

ଭାଜପାରେ ଯୋଗଦେବାର ୨୪ ଘଣ୍ଟା ନ ପୁରୁଣୁ ଦଳରୁ ଇସ୍ତଫା ଦେଇଛନ୍ତି ପୂର୍ବତନ ଜିଲା ସଭାପତି ମୀନକେତନ ପ୍ରଧାନ। ଯାହାକି ଚର୍ଚ୍ଚାର ବିଷୟ ପାଲଟିଛି। ସୋମବାର କେନ୍ଦ୍ର ମନ୍ତ୍ରୀଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଥିଲେ ମୀନକେତନ। ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ଉପସଭାପତି ଭାରତ ଭୂଷଣ ପ୍ରଧାନ, ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ ଓ ରଞ୍ଜିତ ପଟେଲଙ୍କ ଉପସ୍ଥିତିରେ ପ୍ରଧାନ ଆନୁଷ୍ଠାନିକଭାବେ ଭାଜପା ଯୋଗଦେବା ସହ ଅନ୍ତଃକନ୍ଦଳ ଓ ବିଶୃଙ୍ଖଳା ଯୋଗୁ ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ। ଭାଜପା ପଦାଧିକାରୀମାନେ ତାଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ। ମାତ୍ର ମଙ୍ଗଳବାର ସେ ଭାଜପା ଜିଲା ସଭାପତିଙ୍କ ଜରିଆରେ ରାଜ୍ୟ ଭାଜପା ସଭାପତିଙ୍କୁ ତାଙ୍କର ଇସ୍ତଫା ପତ୍ର ପଠାଇବା ସହିତ ସେ ଏକ ଅଭିଯୋଗ ପତ୍ର ନେଇ ଯାଇଥିବା ସମୟରେ ୩ ଭାଜପା କର୍ମୀ ତାଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସାମ୍ନାକୁ ନେଇ ତାଙ୍କ କାନ୍ଧରେ ଭାଜପା ଉତ୍ତରୀୟ ପାକାଇ ଦଳରେ ସାମିଲ କରିଥିବା ଅଭିଯୋଗ କରିଥିଲେ। ଏହି ସବୁ କାମ ଠିକ୍ ଲାଗିନଥିବାରୁ ସ୍ୱଇଚ୍ଛାରେ ଭାଜପାରୁ ଇସ୍ତଫା ଦେଇଥିବା ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ଅନ୍ୟ ପକ୍ଷରେ ସେ ବିଗତ ୨ ବର୍ଷ ହେଲା ବିଜେଡିରେ କାମ କରିଆସୁଛନ୍ତି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଥିବା ପର୍ଯ୍ୟନ୍ତ କାମ କରିବେ ବୋଲି ଏକ ଭିଡିଓ ବାର୍ତ୍ତା ଯୋଗେ ଜଣାଇଛନ୍ତି।

# ନିକ୍ରିମାଳ ଶିବାଳୟରେ ଶିଶୁ ଉଦ୍ୟାନ ଲୋକାର୍ପିତ



ଅତିଥିମାନେ ଶିଶୁ ଉଦ୍ୟାନ ଲୋକାର୍ପଣ କରୁଛନ୍ତି।

ଦେବଗଡ଼, ୧୬।୧
(ଶଶାଙ୍କ ଶେଖର ଝାଙ୍କର)

ତିଳେଇବଣି ବ୍ଲକ ଅଧିନ ବଣିଆଁକିଲିଣ୍ଡା ପଞ୍ଚାୟତ ନିକ୍ରିମାଳ ଗାଁ ବାବା ସିଦ୍ଧେଶ୍ୱର ଶିବ ମନ୍ଦିର ପରିସରରେ ନବନିର୍ମିତ ଶିଶୁ ଉଦ୍ୟାନ ମଙ୍ଗଳବାର ଲୋକାର୍ପିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଉଦ୍ୟାନ ଲୋକାର୍ପଣ କାର୍ଯ୍ୟକ୍ରମରେ ପୂର୍ବତନ ତିଳେଇବଣି ବ୍ଲକ ଉପାଧ୍ୟକ୍ଷ ଭୁପେନ୍ଦ୍ର ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ, ତିଳେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସ୍ଥାନୀୟ ସରପଞ୍ଚ ବୁଦ୍ଧଦେବ ଘଡେଇ, ଗାଁ ବୟୋଜ୍ୟେଷ୍ଠ ଚନ୍ଦ୍ରଶେଖର ପ୍ରଧାନ ଓ ଶିକ୍ଷାବିତ ସିନ୍ଧୁଚରଣ ପ୍ରଧାନଙ୍କ ସହ ସମିତି ସଭ୍ୟାସଭ୍ୟ ଶୁକ୍ରୁ ମୁଣ୍ଡା, ଏଲଏନ ଲାକ୍ରା, ବିର୍ସା ତିର୍କୀ, ଡମ୍ବରୁଧର ସାହୁ, ଭାରତୀ ପ୍ରଧାନ, ବିଜୟ ଠାକୁର, ପ୍ରକାଶ ରଞ୍ଜନ ଶତପଥୀ, ସସ୍ମିତା କାଲୋ, କୁମୁଦିନୀ ସେଠ୍, ସୁରଜ ଧରୁଆ, ପ୍ରଦୀପ ପ୍ରଧାନ, ଗୁରୁବାରୀ ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ସେଠୀ, ସୁମତୀ ପିଙ୍ଗ, ଚିନୁପ୍ରୀୟା ନାଏକ, ଅନିଲ ଲାକ୍ରା, କୁମୁଦିନୀ ପାତ୍ର ଓ ପୁଷ୍ପାଞ୍ଜଳୀ ବାଘ ପ୍ରମୁଖ ସମ୍ମାନିତ ଅତିଥିଭାବେ ଲୋକାର୍ପଣ କରିବାସହ ଶିଶୁ ଉଦ୍ୟାନର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ମନ୍ଦିରକୁ ଜମି ପ୍ରଦାନ କରିଥିବା ଗିରିଧାରୀ ପ୍ରଧାନ, ଭଗବାନ ବାଘ, ଅନନ୍ତ ଚରଣ ସାହୁ, ସନ୍ତୋଷ ନାଏକ, ଆଶିଷ ପ୍ରଧାନ, କୁନୁ ସାହୁ, ସନ୍ତୋଷ ପ୍ରଧାନ ଓ ଡିଲେଶ୍ୱର ଧଳ ପ୍ରମୁଖଙ୍କୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଫାଇନାଲରେ ଏମ୍ଏମ୍ସିସି ସମ୍ବଲପୁର

## ବୋରାସମ୍ବର କ୍ରିକେଟ କପ୍

ପଦ୍ମପୁର,୧୬।୧(ପ୍ରଦୀପ୍ତ ଦାଶ): ବରଗଡ଼ ଜିଲା ପଦ୍ମପୁର ରାଜବୋଡ଼ାସମ୍ବର ଖେଳପଡିଆରେ ବୋରାସମ୍ବର ସ୍ପୋର୍ଟିଂ ଆୟୋଜିତ ୨୮ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପ୍‌ର ମଙ୍ଗଳବାର ସେମିଫାଇନାଲ ମ୍ୟାଚ୍ ଆରୱାଇସିସି ରାଉଲକେଲା ଓ ଏମ୍ଏମ୍ସିସି ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍ ଆରମ୍ଭରେ ପ୍ରଥମେ ସମ୍ବଲପୁର ଦଳ ଟସ୍ ଜିଣି ବ୍ୟାଟିଂ କରିଥିଲା। ସମ୍ବଲପୁର ଦଳ ନିର୍ଦ୍ଧାରିତ ୩୫ ଓଭରରେ ୯ ଉଇକେଟ ହରାଇ ୨୩୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମନ ଖେତ୍ରି ୧୦ଟି ଛକା ସହ ୫୦ ବଲରୁ ୭୯ ରନ କରିଥିବା ବେଳେ ୱାଲ୍ଟର ଟପ୍ପୋ ୭୬ (୭୩) ରନ କରିଥିଲେ। ରାଉରକେଲା ଦଳରୁ ସୌମ୍ୟ ଲେଙ୍କା ୩ଟି ଉଇକେଟ ନେଇଥିଲେ। ପ୍ରତିପକ୍ଷ ୨୩୬ ରନ୍‌ର ଲକ୍ଷ୍ୟ ନେଇ ରାଉରକେଲା ଦଳ ୩୩ ଓଭରରେ ସମସ୍ତ ଉଇକେଟ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା। ଫଳରେ ସମ୍ବଲପୁର ଦଳ ୭୭ ରନ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ରାଉଲକେଲା ଦଳର ଜ୍ଞାନ ରଞ୍ଜନ ନାୟକ ୬୫ ରନ କରିଥିବା ବେଳେ ସମ୍ବଲପୁର ଦଳ ପକ୍ଷରୁ ରଜତ ଶର୍ମା ୩ଟି ଉଇକେଟ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଟ୍ରକ୍ ମାଲିକ ସଂଘ ସମ୍ପାଦକ ହେମନ୍ତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଅମନ୍ ଖେତ୍ରୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଶ୍ୟାମସୁନ୍ଦର ପଣ୍ଡା ଓ ବିଶ୍ୱମ୍ବର ମହାକୁଡ ଖେଳ ପରିଚାଳନା କରିଥିବାବେଳେ ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ଦିବ୍ୟ ପଣ୍ଡା, ରୋହିଣୀ ପାଣ୍ଡେ, ଏସ୍. ଜୟକିଶନ, କୁମାର ଆନନ୍ଦ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ଗ୍ରୁପ୍ 'ବି'ର ପ୍ରଥମ ମ୍ୟାଚ୍ ଶ୍ରୀଲତା କ୍ରିକେଟ ଏକାଡେମୀ ୱେଷ୍ଟବେଙ୍ଗଲ ଓ ଗୁଲ୍‌ବର୍ଗ ସିଟି ୧୧ କର୍ଣ୍ଣାଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ସମଲେଇ ପ୍ରକଳ୍ପ ଲୋକାର୍ପଣ ପାଇଁ ନିମନ୍ତ୍ରଣ



ସେବାୟତ ମାନେ ନିମନ୍ତ୍ରଣ କରୁଛନ୍ତି।

ଦେବଗଡ଼,୧୬।୧
(ଶଶାଙ୍କ ଶେଖର ଝାଙ୍କର)

ଜାନୁଆରୀ ୨୭ରେ ସମ୍ବଲପୁରରେ ହେବାକୁ ଥିବା ପ୍ରସିଦ୍ଧ ସମଲେଶ୍ୱରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଉତ୍ସବକୁ ଭବ୍ୟ ଓ ଦିବ୍ୟ କରିବା ନିମନ୍ତେ ବିଭିନ୍ନ ଜିଲାର ପ୍ରମୁଖ ମନ୍ଦିରକୁ ନିମନ୍ତ୍ରଣ କରାଯାଉଛି। ଏହି ପରିପ୍ରେକ୍ଷିରେ ଦେବଗଡ଼ ଜିଲାର କନକ ଦୁର୍ଗା ମନ୍ଦିର, ମା' ପଧାନୀ ବୁଢି, ତାରିଣୀ ମନ୍ଦିର ଧରମପୁର, ଠାକୁରାଣୀ ମନ୍ଦିର ପରା, କାଳୀ ମନ୍ଦିର ଆଉଁଳି, ମା' ସରଣୀପାଟ ମନ୍ଦିର ବିଜୟ ନଗର, ଦୁର୍ଗା ମନ୍ଦିର କଳା ମନ୍ଦିରକୁ ସମ୍ବଲପୁରରୁ ଆସିଥିବା ସେବାୟତ ବିରେନ୍ଦ୍ର ରାୟ, ପୂଜକ ପ୍ରକାଶ ରାୟ, ପବିତ୍ର ଦେଓ, ସହକାରୀ ଜିଲାପାଳ ସୂରଯୋ କୁମାର ବରାଳ ଆସି ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ମଠ ସାହି ସ୍ଥିତ ମା' କନକ ଦୂର୍ଗା ମନ୍ଦିରରେ ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏହି ୭ଟି ମନ୍ଦିରର ସେବାୟତ ନିମନ୍ତ୍ରଣ ପତ୍ର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରି ଦେଈ, ଉପ ନଗରପାଳ ପ୍ରଜିତ ଭୋଜ, ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଜିଲାର ମନ୍ଦିରରୁ ଆସିଥିବା ସେବକ ଓ କଳାକାର, ବରିଷ୍ଠ ନାଗରିକ, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ।

# ଝାଞ୍ଜୀ ପାହାଡ଼ରେ ମକର ମେଳା

ପଦ୍ମପୁର,୧୬।୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ବରିହାପାଲି ନିକଟସ୍ଥ ଝାଞ୍ଜ ପାହାଡ଼ କୁଠି ଖୋଲ ଗୁମ୍ଫାରେ ସୋମବାର ମକର ମେଳା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଅଞ୍ଚଳର ଆବାଳବୃଦ୍ଧବନିତା ପାହାଡ ଦେଶରେ ଥିବା ଗୁମ୍ଫାକୁ ଯାଇ ଭଗବାନଙ୍କ ଆଶୀର୍ବାଦ ଲାଭ କରିଥିଲେ। ପ୍ରାକୃତିକ ପରିବେଶରେ ହୋମଯଜ୍ଞ, ସାଂସ୍କୃତିକ ଦଳଙ୍କ ଆଧାମ୍ନିକ କାର୍ଯ୍ୟକ୍ରମ ପ୍ରଦର୍ଶନରେ ପରିବେଶ ଚଳଚଞ୍ଚଳ ହୋଇଉଠିଥିଲା। ଏହି ପବିତ୍ର ପୀଠର ଦେବଦର୍ଶନ, ସୁମଧୁର ଝରଣା ଭକ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନିକଟସ୍ଥ ଗଞ୍ଜାଗୁଡା, ପତ୍ରାପାଲି, ବରିହାପାଲି, ଆମ୍ବମୁଡା, ଖୁଜେନ, ବଞ୍ଚାପାଲି, ଚକାଖଲିଆ ଗ୍ରାମବାସୀଙ୍କ ଦ୍ୱାରା ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସୁଦାମ ପ୍ରଧାନ, ଦେବାର ବରିହା, ନବୀନ ମିର୍ଦ୍ଧା, ଦୁର୍ଯ୍ୟୋଧନ ସାହୁ, ଦେବେନ ସାହୁ, ସରୋଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଜୁନିୟର ରେଡ଼କ୍ରସ ଶିବିର ଉଦ୍‌ଘାଟିତ



ଜୁନିୟର ରେଡ୍‌କ୍ରସ ଶିବିରରେ ଉଦ୍‌ଘାଟନୀରେ ଉପସ୍ଥିତ ଅତିଥି।

ନାକଟିଦେଉଳ, ୧୬।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଡଙ୍ଗାଁ ଠାରେ ଓଡ଼ିଶା ରେଡ଼କ୍ରସ ଶାଖା ନିର୍ଦ୍ଦେଶ କ୍ରମେ ଓ ଜିଲା ଶିକ୍ଷା କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲା ଜୁନିୟର ରେଡ଼କ୍ରସ ଅଧକ୍ଷ୍ୟ ତଥା ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ ରେଡ଼କ୍ରସ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀମତୀ ମଙ୍ଗଳ ମା'ବାପାଙ୍କୁ ସମ୍ମାନ, ଚରିତ୍ର ଗଠନ ଏବଂ ସଫଳତା ପାଇଁ କଠିନ ପରିଶ୍ରମର ବିକଳ୍ପ ନାହିଁ ବୋଲି ଉଦ୍‌ବୋଧନ ଦେଇଥିଲେ। ଜିଲା ଶାରୀରିକ ଶିକ୍ଷାଧିକାରୀ ସୁଜାତା ପଟ୍ଟନାୟକ, ପୂର୍ବତନ ଜିଲା ଶାରୀରିକ ଶିକ୍ଷାଅଧିକାରୀ ଜଗବନ୍ଧୁ ବେହେରା, ନାକଟିଦେଉଳ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ପାତ୍ର, ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା, କିସିଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପଧାନ, ଜୁନିୟର ରେଡ଼କ୍ରସ ଅଧିକାରୀ ବିଶାମିତ୍ର ଦୀପ ମଞ୍ଚାସୀନ ହୋଇଥିଲେ। ନରେନ୍ଦ୍ର ଦେହୁରୀ, ନାରାୟଣ ପ୍ରଧାନ ଏବଂ ସତ୍ୟନାରାୟଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଦଳଗତ ନୃତ୍ୟନାଟିକା ଏବଂ କଣ୍ଠ ସଙ୍ଗୀତ ପରିବେଷଣ ମାଧ୍ୟମରେ ବିଦ୍ୟାଳୟର ଛାତ୍ରୀମାନେ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଶିବିରକୁ ରେଡ଼କ୍ରସ କାଉନସେଲର୍ ଏବଂ ପ୍ରଶିକ୍ଷାର୍ଥୀଙ୍କୁ ମିଶାଇ ମୋଟ ୨୫୦ ଜଣ ଶିବିରାର୍ଥୀ ଯୋଗଦାନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବକୁ ପରିଚାଳନା କରିବା ପାଇଁ ପ୍ରତାପ ଚନ୍ଦ୍ର ସେନାପତି, ତ୍ରିବିକ୍ରମ ରଣା, ରମେଶ ଚନ୍ଦ୍ର ବେରିହା, ଆନନ୍ଦ ଡନସନା, ଖିରେଶ୍ୱର କର୍ଣ୍ଣ, ପଙ୍କଜିନି ନାଏକ, ସୁଜାତା ବାରିକ, ରଞ୍ଜନ କୁମାର ସ୍ୱାଇଁ, କୁମୁଦ ପ୍ରଧାନ, ମିନୁ ଶର୍ମା, ସୁକାନ୍ତ ପ୍ରଧାନ, ପୃଥିବୀ ସୁଧାଂଶୁ, ହଳଧର ସାହୁ, ମଧୁସୂଦନ ରାଉଲ, ଶୋଭାଗିନୀ ମାଝି ଏବଂ ଜଟାଭୂଷଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ ପାଇଁ ସାହାଯ୍ୟ କରିଥିଲେ।

# ଇଭିଏମ୍, ଭିଭିପିଏଟି ପ୍ରଦର୍ଶନୀ କେନ୍ଦ୍ର ଶୁଭାରମ୍ଭ

ମଥୁରାନଗରୀ,୧୬।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନିର୍ବାଚନ ବିଭାଗରେ ଭୋଟର ସଚେତନତା ସୃଷ୍ଟି ଲାଗି ମଙ୍ଗଳବାର ଇଭିଏମ, ଭିଭିପିଏଟି ପ୍ରଦର୍ଶନୀ କେନ୍ଦ୍ରର ଶୁଭ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ଏହାର ଶୁଭାରମ୍ଭ କରିଥିଲେ। ଏହି କେନ୍ଦ୍ରକୁ ଅଧିକାରୀ, କର୍ମଚାରୀ ତଥା ଜନସାଧାରଣ ପରିଦର୍ଶନ କରି ସମ୍ପୂର୍ଣ୍ଣ ଭୋଟ୍‌ଦାନ ପ୍ରକ୍ରିୟା, ଇଭିଏମ୍ ଏବଂ ଭିଭିପାଟ୍ ମେଶିନ ବ୍ୟବହାରର ସମସ୍ତ ତଥ୍ୟ ପାଇପାରିବେ। ୨୦୨୪ ସାଧାରଣ ନିର୍ବାଚନ କିଭଳି ସୁରୁଖୁରୁରେ ହୋଇପାରିବ, ସେ ବିଷୟରେ ଅତିରିକ୍ତ ଜିଲାପାଳ ଲୁହା ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ତଥା ଜନସାଧାରଣଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ପ୍ରଜ୍ଞାନନ୍ଦନ ଗିରି, ଜ୍ୟୋତିରୂପା ଶତପଥୀ, ସହକାରୀ ଜିଲାପାଳ ନିଶିକାନ୍ତ ମେହେରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

# ଶେଣ୍ଢା ଭଲିବଲ କ୍ଲବ ଚାମ୍ପିୟନ

## ଦିବାରାତ୍ର ଭଲିବଲ ପ୍ରତିଯୋଗିତା

ଦେବଗଡ,୧୬।୧
(ଶଶାଙ୍କ ଶେଖର ଝାଙ୍କର)

ମକର ଉତ୍ସବ ଅବସରରେ ରିଆମାଳ ବ୍ଲକ ବୁଢାପାଳ ପଞ୍ଚାୟତର ଶେଣ୍ଢା ଭଲିବଲ କ୍ଲବ ଆନୁକୂଲ୍ୟରେ ଏକ ରାଜ୍ୟ ସ୍ତରୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶେଣ୍ଢା ହାଇସ୍କୁଲ ପଡିଆରେ ରାଜ୍ୟର ମୋଟ ୮ଟି ଦଳକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥିଭାବେ ବୁଢାପାଳ ସରପଞ୍ଚ ଦିଲ୍ଲୀପ କୁମାର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଟଙ୍କଧର ଦେହୁରୀ, ଶେଣ୍ଢା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ, ଶିକ୍ଷକ ପଞ୍ଚାନନ ଦେହୁରୀ, ମଙ୍ଗରାଜ ବେହେରା ଓ ମଳୟ କୁମାର ସାହୁ ଯୋଗ ଦେଇଥିଲେ। ଆୟୋଜକ ଶେଣ୍ଢା ଭଲିବଲ କ୍ଲବ ଓ ଅନୁଗୁଳ ଜିଲାର ଗୋବରା ଭଲିବଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେଇଥିଲା। ଫାଇନାଲ ମ୍ୟାଚରେ ଅନୁଗୁଳ ଜିଲାର ଗୋବରା ଭଲିବଲ ଦଳକୁ ପରାସ୍ତ କରି ଆୟୋଜକ ଶେଣ୍ଢା ଭଲିବଲ କ୍ଲବ ଚାମ୍ପିୟନ ହୋଇଥିଲା। ରାତିରେ କ୍ଲବ ସଭାପତି ଦେବାଶିଷ ଧରଙ୍କ ସଭାପତିତ୍ୱ ଓ ପ୍ରଦୀପ ବେହେରାଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସରପଞ୍ଚ ସଂଘ ସଭାପତି ତଥା ଓଡିଶା ସରପଞ୍ଚ ସଂଘର ମୁଖ୍ୟ ଉପଦେଷ୍ଟା ସତ୍ୟ ନାରାୟଣ ପାଣି, ସମ୍ମାନିତ ଅତିଥିଭାବେ ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି ଓ ସରପଞ୍ଚ ଦିଲ୍ଲୀପ କୁମାର ଆଚର୍ଯ୍ୟ, ସ୍ୱତନ୍ତ୍ର ନିମନ୍ତ୍ରୀତ ଅତିଥିଭାବେ ସୁମନ୍ତ ବେହେରା ଓ ଜିଲା ଭଲିବଲ ସଂଘ ସମ୍ପାଦକ ବସନ୍ତ କୁମାର ସାହୁ ଯୋଗଦେଇ ଚାମ୍ପିୟନ ଶେଣ୍ଢା ଭଲିବଲ କ୍ଲବ ଓ ରନର୍ସ ଅପ୍ ଗୋବରା ଭଲିବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ରୀଡା ଶିକ୍ଷକ ପ୍ରଦୀପ ଭୁଡିଆ, ଶିକ୍ଷକ ତପନ ଠାକୁର, କ୍ଲବର ସମ୍ପାଦକ ଆଶୁତୋଷ ବେହେରା, ସଦସ୍ୟ ସନ୍ତୋଷ ବେହେରା, ମାନସ ବେହେରା, ସୁଶୀଳା ବେହେରା, ଆଶିଷ ଧର, ଲକି ବେହେରା, ବାଣୀ ସୁନ୍ଦର ନାଏକ, ମିଲନ ସାହୁ, ଟିକନ ବେହେରା, କାହ୍ନୁ ଚରଣ ଦେହୁରୀ, ମନୋଜ ବେହେରା, ନିତେଶ ଶତପଥି, ପୌଲସ୍ତି ନାୟକ, ସରୋଜ ଠାକୁର ଓ ଅବିନାଶ ଶତପଥି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଧରଣୀଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଟିଟିଲାଗଡ଼,(ଶରତ ମିଶ୍ର): ଟିଟିଲାଗଡ଼-କେସିଙ୍ଗା ରାସ୍ତାର ରେଳଧାରଣା କଡରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକଙ୍କ ପରିଚୟ ମିଳିନାହିଁ। ଅନୁମାନିକ ୪୫ବର୍ଷ ହେବ ଏହି ଯୁବକଙ୍କ ଟ୍ରେନ ଧକ୍କାରେ ମୃତ୍ୟୁ ଘଟିଥିବା ଜିଆରପି କହିଛି। ଟିଟିଲାଗଡ଼ ଜିଆରପି ଏଏସଆଇ ଉମାକାନ୍ତ ଯୋଷୀ, ଆରପିଏଫ ଏଏସଆଇ ଦୟାମୟ ଲୁହା ଘଟଣାସ୍ଥଳରେ ଛାନଭିନ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଟିଟିଲାଗଡ଼ ଡାକ୍ତରଖାନା ଶବ ଗୃହରେ ସଂରକ୍ଷିତ ରଖାଯାଇଛି।

**ସଂକ୍ଷେପରେ**

## ପ୍ରଦର୍ଶନୀ ମେଳାରେ ୧୪୦ ବିଜ୍ଞାନ ପ୍ରକଳ୍ପ

ଟିଟିଲାଗଡ଼,୧୬।୧(ଶରତ ମିଶ୍ର)

ଇତିହାସ, ଭୂଗୋଳ, ଅର୍ଥନୀତି, ବିଜ୍ଞାନ, ସାହିତ୍ୟ ଓ ସଂସ୍କୃତିର ସମନ୍ୱିତ ଏକ ପ୍ରଦର୍ଶନୀ ମେଳା ଟିଟିଲାଗଡ ଓମଭେଲି ବିଦ୍ୟାଳୟ ପରିସରରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ଲାୟନ୍ସ ଦୀପକ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାର ଶୁଭାରମ୍ଭ କରିଥଲେ। ସମ୍ମାନୀତ ଅତିଥି ଭାବେ ଉପାଧକ୍ଷା ସଙ୍ଗୀତା ସାହୁ ଏବଂ ପରିଚାଳନା ନିର୍ଦ୍ଦେଶକା ବିଭାରାଜ ଗୁପ୍ତା ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ମହେଶର ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଦ୍ୱିଦିବସୀୟ ଏହି ମେଳାରେ ୧୪୦ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ୨୦ ଜଣ ଶିକ୍ଷାର୍ଥୀ ପତ୍ରବାଚନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକଭାବେ ଶିକ୍ଷକ ପ୍ରଦୀପ କୁମାର ମିଶ୍ର, ସୌମ୍ୟରଞ୍ଜନ କର, ଦୀପ୍ତିରଞ୍ଜନ ଷଡ଼ଙ୍ଗୀ ଏବଂ ରାଜେଶ ପଟେଲ ଦାୟିତ୍ୱ ତୁଲାଇଥିଲେ।

## ଭାଷା ସମ୍ମିଳନୀ, ପରିକ୍ରମା ପ୍ରକଳ୍ପ ଉପଲକ୍ଷେ ପ୍ରତିଯୋଗିତା

କଣ୍ଟାବାଞ୍ଜି, ୧୬।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର ମହକୁମାରେ ଥିବା ରାଜୀବ ଗାନ୍ଧୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମଙ୍ଗଳବାର ବିଭିନ୍ନ ପ୍ରତିଯୋଗୀତା ଆରମ୍ଭ ହୋଇଛି । ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ଉପଲକ୍ଷେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଉପରେ ପ୍ରତିଯୋଗୀତା ହୋଇଛି। ପ୍ରଥମ ଦିନର ଓଡ଼ିଆ ପ୍ରବନ୍ଧ ଓ ଓଡ଼ିଆ ହସ୍ତାକ୍ଷର ଲିଖନ ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଅଧକ୍ଷ ଅଶ୍ୱିନୀ କୁମାର ମେହେର, ଅଧ୍ୟାପକ ଅମୂଲ୍ୟ କୁମାର ପାଣିଗ୍ରାହୀ, ଦିଲୀପ କୁମାର ପ୍ରଧାନ, ଯୁଗଳ ପୁଟେଲ, ଅଧାପିକା ଶ୍ରାବଣୀ ବାରିକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୦ତାରିଖ ଯାଏ ବିଭିନ୍ନ ପ୍ରତିଯୋଗିତା କରାଯାଇ ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ସାଂସ୍କୃତିକ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ସଚେତନତା କରାଯିବ ବୋଲି ଅଧକ୍ଷ ମେହେର କହିଛନ୍ତି।

## ଇଭିଏମ୍ ସଚେତନତା ରଥର ଶୁଭାରମ୍ଭ

ଟିଟିଲାଗଡ଼, ୧୬।୧(ଶରତ ମିଶ୍ର)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହିକ୍ରମରେ ଲୋକଙ୍କୁ ଇଭିଏମ ଜରିଆରେ ନିଜ ପସନ୍ଦ ପ୍ରାର୍ଥୀଙ୍କୁ ଭୋଟଦାନ କରିବା ପାଇଁ ତାଲିମ ବ୍ୟବସ୍ଥା ହୋଇଛି। ସଚେତନତା ରଥକୁ ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଜିଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧୀକ୍ଷକ ରିଶିକେଶ ଖିଲାରି, ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଡିଏଭି କଲେଜରେ ପହଞ୍ଚି ସ୍ଥିତି ଏହି କାର୍ଯ୍ୟକ୍ରମର ତଦାରଖ କରିଥିଲେ। ପ୍ରତ୍ୟେକ ବ୍ଲକ, ପୌର ପରିଷଦରେ ଦୁଇଟି ଲେଖାଏ ରଥ ପ୍ରତ୍ୟେକ ୱାର୍ଡ ବୁଲି ଲୋକଙ୍କୁ ଇଭିଏମରେ ଭୋଟଦାନ କରିବା ତାଲିମ ପ୍ରଦାନ କରିବ। ଏହି ଅବସରରେ ଉପଜିଲାପାଳ କାର୍ଯ୍ୟାଳୟ ପରିସରରେ ନିର୍ମିତ ଅସ୍ଥାୟୀ ଷ୍ଟଲରେ ଲୋକଙ୍କୁ ଭୋଟ ଦେବା ତାଲିମ ଦିଆଯାଇଥିଲା। ଟିଟିଲାଗଡ଼ ସହକାରୀ ଜିଲାପାଳ ଚନ୍ଦ୍ରପ୍ରକାଶ ଦେହୁରୀ, ଉପଖଣ୍ଡ ନିର୍ବାଚନ କାର୍ଯ୍ୟାଳୟ କର୍ମଚାରୀ ଶ୍ୟାମ ସେଠ, ଝସକେତନ ବଢ଼ିଆ, ଦୟା ମହାପାତ୍ର, ଦେବେନ୍ଦ୍ର ନାଏକ, ଉତ୍ତମ ଚିନାଗୁନ, ସୁନୀଲ ତାଣ୍ଡି, ସୁରେଶ ସାହୁ ତଥା ବିଭିନ୍ନ ବ୍ଲକର ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ। ବିଭିନ୍ନ ରାଜନୈତିକ ଦଳରୁ ଘିନୁ ଆଡ଼ୁଆଡ଼, ପ୍ରଶାନ୍ତ ଷଡ଼ଙ୍ଗୀ, ଆଶିଷ ସାହୁ, ମୁକେଶ ଜୈନ, ଅଶୋକ ମିଶ୍ର, ରଣଜିତ ପୃଷ୍ଟି, ବିପିନ ଠାକୁର, ସୁରଥ ବେହେରା, ଧନପତି କାଲସାଇ, ଆଲୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜାଲ୍ ନିଯୁକ୍ତିପତ୍ର ସନ୍ଦେହ, ଯୁବତୀ ଅଟକ

ବଲାଙ୍ଗୀର,୧୬।୧(ବୀରେନ୍ଦ୍ର କୁମାର ଝାଙ୍କର)

- ପୋଲିସର ପଚରାଉଚରା
- ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବେ ଯୋଗ ଦେବାକୁ ଆସିଥିଲେ

ବଲାଙ୍ଗୀର ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବେ ଯୋଗଦେବାକୁ ଆସିଥିବା ଜଣେ ଯୁବତୀଙ୍କୁ ମଙ୍ଗଳବାର ଟାଉନ୍ ଥାନା ପୋଲିସ ଅଟକ ରଖିଛି। ସେ ଜାଲ ନିଯୁକ୍ତି ପତ୍ର ଆଣି ଚାକିରିରେ ଯୋଗଦେବାକୁ ଆସିଥିବା ସନ୍ଦେହ ହେବାରୁ ତାଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ମଙ୍ଗଳବାର ରାୟଗଡା ଜିଲାର ଜଣେ ଯୁବତୀ ବଲାଙ୍ଗୀର ଜିଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟକୁ ଆସି ସମ୍ପ୍ରସାରଣ ଅଧିକାରୀ ଭାବେ ଯୋଗ ଦେବାକୁ ନିଯୁକ୍ତି ପତ୍ର ଦେଖାଇଥିଲେ। ନିଯୁକ୍ତି ପତ୍ର ଦେଖିବା ପରେ ତାହା ଜାଲ ବୋଲି ସନ୍ଦେହ ହୋଇଥିଲା। ତାଙ୍କ କଥାବାର୍ତ୍ତା ମଧ୍ୟ ସନ୍ଦେହଜନକ ହେବାରୁ ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ ଘଟଣାକୁ ନେଇ ଟାଉନ୍ ଥାନାକୁ ଲିଖିତ ଜଣାଇଥିଲେ। ପୋଲିସ ଟିମ୍ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଆସି ସମ୍ପୃକ୍ତ ଯୁବତୀଙ୍କୁ ସେଠାରୁ ଟାଉନ୍ ଥାନାକୁ ନେଇଥିଲେ। ତାଙ୍କ କାଗଜପତ୍ର ଯାଞ୍ଚ କରିବା ସହ ପଚରାଉଚରା କରିଥିଲେ। ବାସ୍ତବରେ ଯୁବତୀ ଜଣକ ଆଣିଥିବା ନିଯୁକ୍ତ ପତ୍ର ଜାଲ ନାଁ ଅସଲି ତାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ତଦନ୍ତ ଜାରି ରହିଛି ଓ ପରେ ଏନେଇ ସବିଶେଷ ସୂଚନା ଦିଆଯିବ ବୋଲି ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ କହିଛନ୍ତି। ପୂର୍ବରୁ ଜାଲ ସାର୍ଟିଫିକେଟ ଦେଇ ଡାକବିଭାଗରେ ଚାକରି ହାତେଇବାକୁ ଥିବା ବଡଧରଣର ରାକେଟକୁ ତତ୍କାଳୀନ ଡାକବିଭାଗ ଅଧିକ୍ଷକ ସନ୍ଦେହ କରି ଥାନାରେ ଲିଖିତ ଜଣାଇବା ପରେ ଜାତୀୟସ୍ତରକୁ ଲମ୍ବି ଥିବା ଜାଲ ସାର୍ଟିଫିକେଟ ରାକେଟର ଗୁମର ଖୋଲିଥିଲା।

# ନବୀନତମ ଗାନ୍ଧୀ ଭବନ ଲାଇବ୍ରେରି ଲୋକାର୍ପିତ



ଲୋକାର୍ପଣ ଅବସରରେ ଜିଲାପାଳ ଚଞ୍ଚଳ ରାଣା ଓ ଅନ୍ୟମାନେ।

ବଲାଙ୍ଗୀର,୧୬।୧(ବୀରେନ୍ଦ୍ର କୁମାର ଝାଙ୍କର)

ମଙ୍ଗଳବାର ସନ୍ଧ୍ୟାରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଅଧିନ ନବୀନତମ ଗାନ୍ଧୀ ଭବନ ଲାଇବ୍ରେରୀ ଉଦ୍‌ଘାଟିତ ହୋଇଛି। ଜିଲାପାଳ ଚଞ୍ଚଳ ରାଣା ଏହାର ଉଦ୍‌ଘାଟନ କରିଥିଲେ। ଏଇ ଲାଇବ୍ରେରୀ ବଲାଙ୍ଗୀର ଜିଲାର ବିଭିନ୍ନ କ୍ଷେତ୍ରରେ ଆଶାୟୀ ଛାତ୍ରୀଛାତ୍ରମାନଙ୍କ ପାଇଁ ଉପାଦେୟ ହେବ ବୋଲି ଜିଲାପାଳ ରାଣା କହିଥିଲେ। ଜିଲାପାଳ ରାଣା କହିଥିଲେ ଯେ, ୫୦ ବର୍ଷର ଏହି କୋଠା ରୂପାନ୍ତୀକରଣ କରାଯିବା ପରେ ଛାତ୍ରୀଛାତ୍ରମାନେ ଅଧିକ ସୁବିଧାରେ ପାଠ ପଢ଼ିପାରିବେ। ଏହି କୋଠାକୁ ଗତ ୩ ମାସ ଭିତରେ ରୂପାନ୍ତରୀକରଣ କରାଯାଉଥିଲା। ବଲାଙ୍ଗୀର ବ୍ଲକ ପକ୍ଷରୁ ଏହାର କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ମହାନଦୀ କୋଲ ଫିଲଡ ଲିମିଟେଡ ସିଏସଆର ଫଣ୍ଡରୁ ସହାୟତା ରାଶି ଯୋଗାଇ ଦିଆଯାଇଛି। ଭବିଷ୍ୟତରେ ସଫଳ ହେବାକୁ ଆଶାୟୀ ଛାତ୍ରୀଛାତ୍ରମାନେ ସାମାଜିକ ଗଣମାଧ୍ୟମରେ ଅଧିକ ସକ୍ରିୟ ନ ରହି ସେମାନଙ୍କ ଲକ୍ଷ୍ୟପ୍ରାପ୍ତି ପାଇଁ ପ୍ରସ୍ତୁତିରେ ମନୋନିବେଶ କରିବା ଦିଗରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବଲାଙ୍ଗୀର ବିଡିଓ ଶରତ ଚନ୍ଦ୍ର ସେଠ୍, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ, ପାଠକ ଫୋରମର ସତ୍ୟ ପାଣିଗ୍ରାହୀ, ରଘୁନନ୍ଦନ ସିଂ, ଆଡଭୋକେଟ୍ ଜୟରାମ ମିଶ୍ର, ଗାନ୍ଧୀଭବନର ଘାସିରାମ ଖାଲସାଇ ତଥା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଜଳର ସୁଷମ ବଣ୍ଟନକୁ ଗୁରୁତ୍ୱ

ଖପ୍ରାଖୋଲ,୧୬।୧(ଅଭୟ ତ୍ରିପାଠୀ)



ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

**ବିଭାଜନସ୍ତରୀୟ ପାଣି ପଞ୍ଚାୟତ ସପ୍ତାହ**

ବଲାଙ୍ଗୀର ଜଳସେଚନ ବିଭାଜନ ପକ୍ଷରୁ ଖପ୍ରାଖୋଲ ଜଳସେଚନ ବିଭାଗ କାର୍ଯ୍ୟାଳୟ ପରିସରରେ ପାଣି ପଞ୍ଚାୟତ ପକ୍ଷ ମଙ୍ଗଳବାର ପାଳିତ ହୋଇଯାଇଛି। ବଲାଙ୍ଗୀର ଜଳସେଚନ ବିଭାଗ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଇ. ଗୋବର୍ଦ୍ଧନ ନାଏକ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ସାମାଜିକ କର୍ମୀ ଅଭୟ ତ୍ରିପାଠୀ, ସମ୍ମାନୀତ ଅତିଥି ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର, ସଦସ୍ୟ ଜୟ ଧରୁଆ, ବିଡିଓ ଡ଼ା ସପ୍ନେଶ୍ୱର ନାଏକ, ସହକାରୀ କୃଷି ଅଧିକାରୀ ସୁମନ୍ତ କୁମାର ଖମାରୀ, ଦୀନବନ୍ଧୁ ବେହେରା, ପାଣି ପଞ୍ଚାୟତ ଅଧକ୍ଷା ମଞ୍ଜୁଶ୍ରୀ ପ୍ରଧାନ, ଜୟକୃଷ୍ଣ ସମରଥ, ଦର୍ଲିପାଲି ସରପଞ୍ଚ କାନ୍ତି ବନଛୋର, ଶୋଭା ପାଥର ଯୋଗଦେଇଥିଲେ। ଏହି ଅବସରରେ ଜଳର ସୁପରିଚାଳନା ସହିତ ସୁଷମ ବଣ୍ଟନ କିପରି ହୋଇପାରିବ ସେନେଇ ଚାଷୀ ସଙ୍ଗଠିତ ହେବାକୁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଚାଷୀ ଧ୍ରୁବ ବିଶ୍ୱାଳ ଓ ଡ଼ଗରଜିତ ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଜିଲାର ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ତର୍କ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ଡିଓ ଖଗେଶ୍ୱର ରାଉତ, କନିଷ୍ଠ ଯନ୍ତ୍ରୀ ପଞ୍ଚୁ ମାଝି, ସୁରଜ ବେହୁରା, ଇନ୍ଦ୍ର ସାହୁ, ବବୁ ସାହୁଙ୍କ ସମେତ ଅପର ସୁକତେଲ ମଧ୍ୟମ ଜଳସେଚନ ଅଞ୍ଚଳର ପାଣି ପଞ୍ଚାୟତ ସଦସ୍ୟ, ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରୀତିଶ ସେଲମା ପରିଚାଳନା କରିଥିଲେ। ଏହି ଅବସରରେ ପ୍ରାଣୀ ସମ୍ପଦ ବିଭାଗ ଓ ମିଲେଟ ମିଶନ ତରଫରୁ ସରକାରୀ ଯୋଜନା ସମ୍ପର୍କରେ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

## ଖୋଲିଲା ପତ୍ର ନିର୍ମିତ ଖାଲି ଦୋକାନ

**ପ୍ଲାଷ୍ଟିକମୁକ୍ତ ପାଇଁ ହରିଶଙ୍କରରେ ବନ ବିଭାଗ ପ୍ରୟାସ**

ଖପ୍ରାଖୋଲ ୧୬।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ପ୍ଲାଟିକ୍, ଫମଖଲି, ଚଉକୁନି ବ୍ୟବହାର ବନ୍ଦ କରିବାକୁ ବନ ବିଭାଗ ଆରମ୍ଭ କରିଛି ଜଙ୍ଗଲଜାତ ପତ୍ର ନିର୍ମିତ ଖଲି, ଚଉକୁଣି ଦୋକାନ। ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ଉପବନାଞ୍ଚଳ ଅଧିକାରୀ ସୁନୀଲ କୁମାର ମିଶ୍ର ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଗାଁର ବନ ସୁରକ୍ଷା ସମିତିମାନଙ୍କ ଦ୍ୱାରା ଶିଆଳି, ଶାଳପତ୍ର ସଂଗ୍ରହ କରି ମେଶିନରେ ଖଲି, ଚଉକୁଣୀ ଆଦି ପ୍ରସ୍ତୁତ କରି ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ବିକ୍ରି କରି ପ୍ଲାଷ୍ଟିକମୁକ୍ତ ହରିଶଙ୍କର କରିବାକୁ ପ୍ରୟାସ କରିଥିବା ଅତିଥିମାନେ ମତ ରଖିଥିଲେ। ପ୍ରଥମ ଅସ୍ଥାୟୀ ଦୋକାନ ଚେକ୍‌ଗେଟ ନିକଟରେ କୁର୍ଥୁଲା ଗାଁର ମା’ ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ବିକ୍ରୟ ଦାୟିତ୍ୱ ନେଇଛି। ପୂର୍ବରୁ ପ୍ରଶାସନ ଦ୍ୱାରା ହରିଶଙ୍କରରେ ପାଉଚ ପାଣି ବିକ୍ରୟକୁ ନିଷିଦ୍ଧ କରାଯାଇଛି। ଏବେ ପ୍ଲାଷ୍ଟିକ ଖଲି ବଦଳରେ ପତ୍ରଖାଲି ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ଆଉପାଦେ ଆଗକୁ ବଢ଼ିଛି। ବନପାଳ ରଞ୍ଜିତ କୁମ୍ଭାର, ବନରକ୍ଷୀ ମହେନ୍ଦ୍ର କଳସାଏ, ଦୀପା ସାହୁ, ଆମ ଜଙ୍ଗଲ ଯୋଜନା ଡିଓ ତହସିଲ ବାଗ ଉପସ୍ଥିତ ଥିଲେ।

## ହାତୀବନ୍ଧା ଶିଶୁମନ୍ଦିର ରଜତ ଜୟନ୍ତୀ ପାଳନ କମିଟି ଗଠିତ

ସିନାପାଲି,୧୬।୧(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଅନ୍ତର୍ଗତ ହତିବନ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ ପାଳନ ନେଇ ସ୍ଥାନୀୟ ଶିଶୁମନ୍ଦିର ସଭା ଗୃହଠାରେ ଜୟନ୍ତୀ ପାଳନ କମିଟି ଗଠିତ ହୋଇଯାଇଛି। ସ୍ଥାନୀୟ ପରିଚାଳନା କମିଟି ପୂର୍ବତନ ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କୁ ପାଳନ କମିଟି ସଭାପତି ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଉପସଭାପତି ଭାବେ ସୁରେଶ୍ୱର ମେହେରଙ୍କୁ ଚୟନ କରାଯାଇଥିବା ବେଳେ ଶିଶୁମନ୍ଦିର ବର୍ତ୍ତମାନ ପରିଚାଳନା କମିଟି, ଅଭିଭାବକବୃନ୍ଦ, ଆଚାର୍ଯ୍ୟ ଆଚାର୍ଯ୍ୟା, ପୂର୍ବତନ ଛାତ୍ର ସଂସଦ, ପୂର୍ବତନ ଗୁରୁଜୀ ଗୁରୁମା ତଥା ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ଭୂମିକାରେ ରଜତ ଜୟନ୍ତୀ ପାଳନ କରାଯିବ ବୋଲି ଜଣାପଡିଛି।

## ରାଜ୍ୟସ୍ତରୀୟ ଫୁଟବଲ: ଜରାସିଂହା ବିଜୟୀ



ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

କଣ୍ଟାବାଞ୍ଜି,୧୬।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଚାଉଳସୁଖା ପଞ୍ଚାୟତ ସଦର ଗ୍ରାମରେ ମଙ୍ଗଳବାର ୨୭ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଛାୟାବତୀ ମେହେର, ସମ୍ମାନୀତ ଅତିଥିଭାବେ ପଦ୍ମଲୋଚନ ଭୋଇ, ଦୁଃଖିଶ୍ୟାମ ଭୋଇ, କୃଷ୍ଣଚନ୍ଦ୍ର ଭୋଇ, ପୁରୁଷୋତ୍ତମ ଭୋଇ, ସୁବାଷ ଚନ୍ଦ୍ର ଭୋଇ, ବିବେକ ମେହେର, ତ୍ରିନାଥ ମେହେର ଯୋଗଦେଇ ଖେଳାଳିମାନଙ୍କ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଜରାସିଂହା ଓ କେସିଙ୍ଗା ମଧ୍ୟରେ ହୋଇଥିଲା। ୧–୦ଗୋଲରେ ବିଜୟୀ ହୋଇଥିଲା ଜରାସିଂହା। ରେଫରୀ ଶ୍ରୀବତ୍ସ ବେହେରା ଖେଳ ପରିଚାଳନା କରିଥିବାବେଳେ ଲାଇନରେ ବୋଜରାଜ ଭୋଇ ଓ ଅମୂଲ୍ୟ ଭୋଇ ସହଯୋଗ କରିଥିଲେ। ଆୟୋଜକ କମିଟି ସଭାପତି ଧ୍ରୁବଲେଶ୍ୱର ତାଣ୍ଡି, ସମ୍ପାଦକ ମୂରଲି ତାଣ୍ଡି, ଉପସଭାପତି ସତ୍ୟ ହାତୀ, ସହସମ୍ପାଦକ ସଞ୍ଜୟ ରାଏ, ଉମେଶ କୁମାର ବୋଇ, ପଦ୍ମଭୁଷଣ ସାହୁ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ। ବୁଧବାର ହଳଦୀ ଓ ମଧ୍ୟପୁର ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ତୃତୀୟ ଶୁଳିଆ ମହୋତ୍ସବ ଉଦ୍‌ଯାପିତ

ଦେଓଗାଁ,୧୬।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରା ନିକଟସ୍ଥ ଶୁଳିଆପାହାଡ ପାଦଦେଶରେ ଚାଲିଥିବା ଶୁଳିଆ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ମୟ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର, ମୁଖ୍ୟବକ୍ତାଭାବେ କଳାହାଣ୍ଡିର ଆଦିବାସୀ ଗବେଷକ ଅଜିତ ଭୋଇ, ସମ୍ମାନୀତ ଅତିଥି ସମ୍ବଲପୁର ପଶ୍ଚିମ ଓଡିଶା ଆଦିବାସୀ ମହାସଂଘ ମହାସଚିବ ଶ୍ୟାମ ମୁଣ୍ଡା, ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ସତ୍ୟ ନାରାୟଣ ଭୋଇ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ମହମ୍ମଦ ଆକବର ଖାନ, ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ଉପସଭାପତି ସୁରେଶ କୁମାର ଭୋଇ, ତରଭା ଆଦିବାସୀ କଲ୍ୟାଣ ସଂଘ ସଭାପତି ବଳଭଦ୍ର କୁଅଁର, କଳାହାଣ୍ଡି ଆଦିବାସୀ କଲ୍ୟାଣ ସଂଘ ସଭାପତି ପ୍ରକାଶ ମାଝି, ଗୁଡଭେଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଘନଶ୍ୟାମ ପ୍ରଧାନୀ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଯୋଗେନ୍ଦ୍ର ମିର୍ଦ୍ଧା ପ୍ରମୁଖ ଯୋଗଦେଇଥିଲେ। ଅନୀଲ କୁମାର ନାଏକ ଓ ସାଥୀଙ୍କ ଦ୍ୱାରା ରାବଣ ଦରବାର ଅନୁଷ୍ଠିତ ହୋଇଥିଲା ।

## ଭିଭିପିଏଟି ସଚେତନତା କାର୍ଯ୍ୟକ୍ରମ



ଲୋକଙ୍କୁ ଭିଭିପିଏଟି ସଚେତନତା କରାଯାଉଛି।

ଦେଓଗାଁ,୧୬।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ କଛାରପାଲି ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକ ପ୍ରଶାସନ ପକ୍ଷରୁ ଭିଭିପିଏଟି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କିଛି ମାସ ପରେ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ଭୋଟର ଭେରିଫାଏବୁଲ ପେପର ଅଡିଟ ଟ୍ରେଲ ମାଧ୍ୟମରେ ଲୋକଙ୍କୁ ଡେମୋ ଦେଖାଇ ମେଶିନଦ୍ୱାରା କିପରି ମତସାବ୍ୟସ୍ତ କରିବେ ସେନେଇ ସଚେତନ କରାଯାଇଥିଲା। ନିର୍ବାଚନକୁ ସ୍ୱଚ୍ଛ, ତ୍ରୁଟିଶୂନ୍ୟ ଓ ନିଜେ ଦେଇଥିବା ଭୋଟର ସୁରକ୍ଷିତ ଦିଗରେ ଭିଭିପିଏଟି /ଇଭିଏମ ଉପରେ ଲୋକଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିପିଏମ ପ୍ରଦୀପ କୁମାର ଛତ୍ରିଆ, ଏବିଇଓ ହେମନ୍ତ ମାଝି ଉପସ୍ଥିତ ଥିଲେ ।

## ଓଡ଼ିଆ ଭାଷା, ସାହିତ୍ୟ ପ୍ରତିଯୋଗିତା

ବେଲପଡା,୧୬।୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ମଙ୍ଗଳବାର ନୂଆ-ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ସୁରେଶ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱ, ଅଧାପକ ବ୍ରଜକିଶୋର ମେହେରଙ୍କ ପରିଚାଳନା ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବେଲପଡା ନବୋଦୟ ବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ଼କ୍ଟର ଗୋବର୍ଦ୍ଧନ ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ସାହିତ୍ୟ ପତ୍ରିକା ବ୍ରତତୀର ସମ୍ପାଦକ ନିରଞ୍ଜନ ବେହେରା ଯୋଗଦେଇ ସାହିତ୍ୟ ପଠନରେ ମଣିଷର ସାଂସ୍କୃତିକ ବିକାଶ ହୁଏ ଓ ସାହିତ୍ୟ ଓ ସାଂସ୍କୃତିକ ସମ୍ପର୍କ ନିବିଡ଼ ରୁହେ ବୋଲି କହିଥିଲେ। ପ୍ରାଧାପକ ମନୋଜ ମହାଖୁଡ଼, ନୋଡାଲ ଅଫିସର ପ୍ରମୋଦ ବରିହା ଏହି ଅବସରରେ ବକ୍ତବ୍ୟ ରଖିଥିଲେ। ଅଧାପିକା ମଞ୍ଜରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କଲେଜ ପକ୍ଷରୁ କୁହାଯାଇଛି।



ଓଡ଼ିଆ ଭାଷା ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାରେ ଅତିଥିମାନେ।

# ଶୁଳିଆଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

ଦେଓଗାଁ,୧୬।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)



ଶୁଳିଆ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରାସ୍ଥିତ ବଡଖଳା, କୁମୁରିଆ ସାନଖଳା ଏବଂ ନୂଆଁଖଳାଠାରେ ପାରମ୍ପରିକ ରିତିନୀତି ଅନୁସାରେ ମଙ୍ଗଳବାର ପାଳିତ ହୋଇଛି ଶୁଳିଆ ଯାତ୍ରା । ଏହି ଯାତ୍ରାରେ ବିଭୁକୃପା ଲାଭ କରିବା ପାଇଁ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼ ଜମିଥିଲା। ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀଙ୍କୁ ଯାତ୍ରାସ୍ଥଳରେ ଦେଖିବାକୁ ମିଳିଥିଲା। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାମାଳ ବିଧାୟକ ମହିଧର ରଣା, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂଦେଓ, କଂଗ୍ରେସ ନେତା ସମରେନ୍ଦ୍ର ମିଶ୍ର, ସ୍ଥାନୀୟ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ରୀନା ମେହେର ପ୍ରମୁଖ ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ନିର୍ବାଚନ ବର୍ଷରେ ଯାତ୍ରାସ୍ଥଳୀମାନଙ୍କରେ ନେତାଙ୍କ ଶୁଭେଚ୍ଛା ବ୍ୟାନର ଲାଗିଥିବା ନଜରକୁ ଆସିଥିଲା।

**ବଣଭୋଜିର ଆସର**

ଶୁଳିଆଯାତ୍ରାରେ ଲୋକଙ୍କ ବେଶ ସମାଗମ ଥିଲା । ଏହାରି ଭିତରେ ଅନେକ ମାନସିକଧାରୀ ଯାତ୍ରାସ୍ଥଳକୁ ପୋଢ଼, ବୋଦା, ମେଣ୍ଢା, କୁକୁଡା ନେଇ ଶୁଳିଆ ବୁଢ଼ାଙ୍କୁ ଅର୍ପଣ କରିଥିଲେ। ପରେ ଆଖପାଖରେ ସପରିବାର ସାଙ୍ଗସାଥୀ ଧରି ରୋଷେଇ କରି ପ୍ରସାଦ ଭକ୍ଷଣ କରିଥିଲେ। ଏହିଦିନ ଏ ଆଖପାଖ ଅଞ୍ଚଳରେ ଋତୁକାଳୀନ ବଣଭୋଜି ପରି ମନେହେଉଥିଲା।

**ଯାତ୍ରାପୀଠକୁ ଯିବାରାସ୍ତା ଓସାରିଆ କରିବାକୁ ଦାବି**

ଶୁଳିଆଯାତ୍ରାରେ ହଜାର ହଜାର ଲୋକଙ୍କ ସମାଗମ ହୁଏ। ଖଇରଗୁରା ଛକରୁ ମୁଖ୍ୟଯାତ୍ରା ପୀଠସ୍ଥଳୀକୁ ଶ୍ରଦ୍ଧାଳୁମାନେ ଯିବାପାଇଁ ରାସ୍ତା ସଙ୍କୁଚିତ ହୋଇଥିବାରୁ ଭକ୍ତମାନେ ଛୋଟ ପିଲାଙ୍କୁ ଧରି ଯାଉଥିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ଏଣୁ ଏହି ରାସ୍ତାକୁ ପୂର୍ତ୍ତ ବିଭାଗ ଓସାରିଆ କରିବାକୁ ଦାବି ହୋଇଛି ।

# ଆନ୍ତଃରାଜ୍ୟ ଗ୍ୟାସ୍ ସିଲିଣ୍ଡର ଲୁଟ୍ ର୍ୟାକେଟ୍ ଠାବ

- ୯ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ
- ଗଠନ ହୋଇଥିଲା ୩ ପୋଲିସ ଟିମ୍
- ୫୦୦ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ
- ରିମାଣ୍ଡରେ ଆସିବେ ମୁଖ୍ୟ ଅଭିଯୁକ୍ତ

ମଥୁରାନଗରୀ/ସରଣ୍ଡା,୧୬।୧ (ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ପୋଲିସ ଆନ୍ତଃରାଜ୍ୟ ରନ୍ଧନ ଗ୍ୟାସ ସିଲିଣ୍ଡର ର୍ୟାକେଟ୍ ଠାବ କରିଛି । ଏହି ର୍ୟାକେଟ୍‌ରେ ସମ୍ପୃକ୍ତ ଏକ ଗ୍ୟାଙ୍ଗ୍ ପୋଲିସ ହାତରେ ଧରାପଡ଼ିଛନ୍ତି। ପୋଲିସ ଉକ୍ତ ଗ୍ୟାଙ୍ଗର ୯ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲା ଶାସନ ଥାନା ମାଝିପାଲିର ଦାନିଏଲ କେର୍‌କେଟା ଓରଫ ମୁଣ୍ଡା(୨୭), ସଞ୍ଜୟ ପ୍ରଧାନ(୩୫), ବରେଇପାଲି ଥାନା ଗୋପାଳପାଲି(ଟିକ୍ରାପଡ଼ା)ର ଆଶିଷ ସିଂ(୨୪), ସାପଲହର ନିବାସୀ ଡିଲେଶ୍ୱର ପରିଡ଼ା(୪୨), ଧନୁପାଲି ଥାନା ସୁନାପାଲି (ନୂଆପଡ଼ା)ର ଦେବାଶିଷ ସେନାପତି ଓରଫ ସୁନା(୨୬), ସମ୍ବଲପୁର ସଦର ଥାନା ଦଣ୍ଡେଇପାଲି(ସିନ୍ଦୁରପଙ୍କ)ର ତାପସ କୁମାର ଗଡ଼ତିଆ(୨୩), ଶାସନ ଥାନା କନଖଣ୍ଡାର ବିବେକାନନ୍ଦ ସାହୁ(୩୧), କ୍ଷେତରାଜପୁର ଥାନା ଦଲଦଲିପଡ଼ାର କାଲୁଆ ଓରଫ ଫିରୋଜ ଖାଁ(୪୩) ଏବଂ ହୀରାକୁଦ ଥାନା ହୀରାକୁଦ(ପୁରୁଣା ମାର୍କେଟ୍) ନିବାସୀ ନରେଶ କୁମାର ସାହୁ(୪୨)। ସେମାନଙ୍କ ବିରୋଧରେ ଅତାବିରା ଥାନାରେ ଦଫା ୪୫୭, ୩୯୪, ୩୪ ଆଇପିସିରେ ଏକ ମାମଲା (ନଂ.୪୪୦/୨୩) ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି ।

ଏ ନେଇ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ସୂଚନା ଦେଇ କହିଥିଲେ, ୨୦୨୩ ଡିସେମ୍ବର ୩ତାରିଖ ବିଳମ୍ବିତ ରାତିରେ ଅତାବିରାର ରନ୍ଧନ ଗ୍ୟାସ ସିଲିଣ୍ଡର ବିତରକ ସିଦ୍ଧାର୍ଥ ଶଙ୍କର ପଣ୍ଡାଙ୍କ ଗୋଦାମରେ ନିୟୋଜିତ ସୁରକ୍ଷାକର୍ମୀଙ୍କୁ ଅଭିଯୁକ୍ତମାନେ ଆକ୍ରମଣ କରିବା ସହିତ ଗୋଦାମ କବାଟ ଭାଙ୍ଗି ୧୫୮ଟି ରନ୍ଧନ ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ନେଇଯାଇଥିଲେ। ପୂର୍ବରୁ ଜିଲାର ବରପାଲିସ୍ଥିତ ଏକ ରନ୍ଧନ ଗ୍ୟାସ ସିଲିଣ୍ଡର ଗୋଦାମରେ ମଧ୍ୟ ଏଭଳି ଲୁଟ୍ ହୋଇଥିଲା। ଫଳରେ ଏହାକୁ ଗୁରୁତ୍ୱର ସହିତ ନିଆଯାଇ ଏସ୍‌ପି ପି.ଏସ୍ ମୀନାଙ୍କ ନିର୍ଦ୍ଦେଶରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ ପୋଲିସ ଟିମ୍ ଗଠନ କରାଯାଇଥିଲା ।

ଗତ ୧୫ତାରିଖରେ ସମ୍ବଲପୁର ପଟକୁ ରନ୍ଧନ ଗ୍ୟାସ୍ ସିଲିଣ୍ଡର ବୋଝେଇ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡ଼ି୧୫ଟି/୮୪୧୨) ଯାଉଥିଲା। ଅତାବିରା ଥାନା ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ଉକ୍ତ ଗାଡ଼ିକୁ ଅଟକାଇଥିଲା। ଯାଞ୍ଚବେଳେ ସେହି ଗାଡ଼ିରେ ୧୧୦ ରନ୍ଧନ ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଥିବା ଜାଣିବାକୁ ପାଇଥିଲା ଏବଂ ସେହି ଗାଡ଼ିରେ ବସିଥିବା ୩ଜଣଙ୍କୁ ପଚରାଉଚୁରା କରିଥିଲା। ପଚରାଉଚୁରା ସମୟରେ ଗ୍ୟାସ୍ ସିଲିଣ୍ଡରଗୁଡ଼ିକୁ ଅଭିଯୁକ୍ତମାନେ ଛତିଶଗଡ଼ ଅଞ୍ଚଳରୁ ଲୁଟ୍ କରି ନେଉଥିବା ପୋଲିସ ଜାଣିବାକୁ ପାଇ ଅଧିକ ଜେରା କରିଥିଲା। ଜେରାବେଳେ ଅତାବିରା ଗୋଦାମରୁ ଗ୍ୟାସ୍ ସିଲିଣ୍ଡର ଲୁଟ୍ ଘଟଣାରେ ମଧ୍ୟ ଅଭିଯୁକ୍ତମାନେ ସମ୍ପୃକ୍ତ ଥିଲେ ବୋଲି ସ୍ୱୀକାର କରିଥିବା ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି। ଗିରଫ ୯ ଅଭିଯୁକ୍ତଙ୍କ ମଧ୍ୟରୁ ବିବେକାନନ୍ଦ, କାଲୁଆ ଏବଂ ନରେଶ ଲୁଟ୍ ଗ୍ୟାସ୍ ସିଲିଣ୍ଡର ଗ୍ରହୀତା ହୋଇଥିବା ବେଳେ ଅନ୍ୟ ୬ଜଣ ଲୁଟ୍ ଘଟଣାରେ ସିଧାସଳଖ ସମ୍ପୃକ୍ତ ଅଛନ୍ତି। ଏହି ଅଭିଯୁକ୍ତମାନେ ବରଗଡ଼ ସମେତ, ସୋନପୁର, ଝାରସୁଗୁଡ଼ା, ବଲାଙ୍ଗୀର ଏବଂ ପଡ଼ୋଶୀ ଛତିଶଗଡ଼ରେ ଗ୍ୟାସ୍ ସିଲିଣ୍ଡର ଲୁଟ୍ ଘଟଣାରେ ସମ୍ପୃକ୍ତ ରହିଥିବା ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି। ଅଭିଯୁକ୍ତମାନେ ଧରାପଡ଼ିବା ପରେ ଛତିଶଗଡ଼ ପୋଲିସକୁ ଖବର ଦିଆଯାଇଛି ଏବଂ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରାଯିବ ବୋଲି ମଧ୍ୟ ଅତିରିକ୍ତ ଏସ୍‌ପି ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅତାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀ ଉପସ୍ଥିତ ଥିଲେ।


ଗିରଫ ୯ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।


ଅତାବିରା ଥାନାରେ ରହିଥିବା ଜବତ ଗ୍ୟାସ୍ ସିଲିଣ୍ଡର ।

## ସଂକ୍ଷେପରେ

### ଯୁବ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା

ସୋହେଲା, ୧୬।୧(ଅଶ୍ୱିନୀ କୁମାର ପାତ୍ର): ବରଗଡ଼ ଜିଲା ସୋହେଲା ଥାନା କରଣ୍ଡୋଲା ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ପ୍ରଧାନ ଶିକ୍ଷକ ଆଦିତ୍ୟ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଯୁବ ବୈଜ୍ଞାନିକ ଶେଷ କିଷାନ ଓ ତାଙ୍କ ସ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଷାନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନିଜ ଜୀବନର ସଂଘର୍ଷମୟ କାହାଣୀ କହିଥିଲେ। ଏହାସହ ସଫଳତା ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ପରେ ସେ ବିଦ୍ୟାଳୟର ପଞ୍ଚମ ଶ୍ରେଣୀରେ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ରିତିକା ଖମାରୀଙ୍କୁ ସମ୍ମାନିତ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟତ୍ରୀ ସୁନନ୍ଦା ପାତ୍ର ବିଜ୍ଞାନର ଉପକାରିତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କୁମରମଣି ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

### ଫାଇନାଲରେ ଏମ୍‌ଏମ୍‌ସିସି ସମ୍ବଲପୁର

#### ବୋରାସମ୍ବର କ୍ରିକେଟ କପ୍

ପଦ୍ମପୁର,୧୬।୧(ପ୍ରଦୀପ୍ତ ଦାଶ): ବରଗଡ଼ ଜିଲା ପଦ୍ମପୁର ରାଜବୋଡ଼ାସମ୍ବର ଖେଳପଡିଆରେ ବୋରାସମ୍ବର ସ୍ପୋର୍ଟିଂ ଆୟୋଜିତ ୨୮ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପ୍‌ର ମଙ୍ଗଳବାର ସେମିଫାଇନାଲ ମ୍ୟାଚ୍ ଆରଓ୍ୱାଇସିସି ରାଉଲକେଲା ଓ ଏମ୍‌ଏମ୍‌ସିସି ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍ ଆରମ୍ଭରେ ପ୍ରଥମେ ସମ୍ବଲପୁର ଦଳ ଟସ୍ ଜିଣି ବ୍ୟାଟିଂ କରିଥିଲା। ସମ୍ବଲପୁର ଦଳ ନିର୍ଦ୍ଧାରିତ ୩୫ ଓଭରରେ ୯ ଉଇକେଟ ହରାଇ ୨୩୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମନ ଖେତ୍ରି ୧୦ଟି ଛକା ସହ ୫୦ ବଲରୁ ୭୯ ରନ କରିଥିବା ବେଳେ ୱାଲ୍ଟର ଟପ୍ପୋ ୭୬ (୭୩) ରନ କରିଥିଲେ। ରାଉରକେଲା ଦଳରୁ ସୌମ୍ୟ ଲେଙ୍କା ୩ଟି ଉଇକେଟ ନେଇଥିଲେ। ପ୍ରତିପକ୍ଷ ୨୩୬ ରନ୍‌ର ଲକ୍ଷ୍ୟ ନେଇ ରାଉରକେଲା ଦଳ ୩୩ ଓଭରରେ ସମସ୍ତ ଉଇକେଟ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା। ଫଳରେ ସମ୍ବଲପୁର ଦଳ ୭୭ ରନ୍‌ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ରାଉଲକେଲା ଦଳର ଜ୍ଞାନ ରଞ୍ଜନ ନାୟକ ୬୫ ରନ କରିଥିବା ବେଳେ ସମ୍ବଲପୁର ଦଳ ପକ୍ଷରୁ ରଜତ ଶର୍ମା ୩ଟି ଉଇକେଟ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଟ୍ରକ୍ ମାଲିକ ସଂଘ ସମ୍ପାଦକ ହେମନ୍ତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଅମନ୍ ଖେତ୍ରୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଶ୍ୟାମସୁନ୍ଦର ପଣ୍ଡା ଓ ବିଶ୍ୱମ୍ବର ମହାକୁଡ ଖେଳ ପରିଚାଳନା କରିଥିବାବେଳେ ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ଦିବ୍ୟ ପଣ୍ଡା, ରୋହିଣୀ ପାଣ୍ଡେ, ଏସ୍. ଜୟକିଶନ, କୁମାର ଆନନ୍ଦ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ଗ୍ରୁପ୍ 'ବି'ର ପ୍ରଥମ ମ୍ୟାଚ୍ ଶ୍ରୀଲତା କ୍ରିକେଟ ଏକାଡେମୀ ୱେଷ୍ଟବେଙ୍ଗଲ ଓ ଗୁଲ୍‌ବର୍ଗ ସିଟି ୧୧ କର୍ଣ୍ଣାଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ଝାଞ୍ଜି ପାହାଡ଼ରେ ମକର ମେଳା

ପଦ୍ମପୁର,୧୬।୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ବରିହାପାଲି ନିକଟସ୍ଥ ଝାଞ୍ଜି ପାହାଡ଼ କୁଠି ଖୋଲ ଗୁମ୍ଫାରେ ସୋମବାର ମକର ମେଳା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଅଞ୍ଚଳର ଆବାଳବୃଦ୍ଧବନିତା ପାହାଡ ଦେଶରେ ଥିବା ଗୁମ୍ଫାକୁ ଯାଇ ଭଗବାନଙ୍କ ଆଶୀର୍ବାଦ ଲାଭ କରିଥିଲେ। ପ୍ରାକୃତିକ ପରିବେଶରେ ହୋମଯଜ୍ଞ, ସାଂସ୍କୃତିକ ଦଳଙ୍କ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରଦର୍ଶନରେ ପରିବେଶ ଚଳଚଞ୍ଚଳ ହୋଇଉଠିଥିଲା। ଏହି ପବିତ୍ର ପୀଠର ଦେବଦର୍ଶନ, ସୁମଧୁର ଝରଣା ଭକ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନିକଟସ୍ଥ ଗଞ୍ଜାଗୁଡା, ପତ୍ରାପାଲି, ବରିହାପାଲି, ଆମ୍ବମୁଡା, ଖୁଜେନ, ବଞ୍ଜାପାଲି, ଚକାଖଲିଆ ଗ୍ରାମବାସୀଙ୍କ ଦ୍ୱାରା ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସୁଦାମ ପ୍ରଧାନ, ଦେବାର ବରିହା, ନବୀନ ମିର୍ଦ୍ଧା, ଦୁର୍ଯ୍ୟୋଧନ ସାହୁ, ଦେବେନ ସାହୁ, ସରୋଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ଝାଞ୍ଜି ପାହାଡ଼ କୁଠି ଖୋଲ ଗୁମ୍ଫାରେ ଭକ୍ତଙ୍କ ଭିଡ଼।




ମଙ୍ଗଳବାର ବରଗଡ଼ ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟାରେ କଂସ ଦ୍ରୁମିଳା ରାକ୍ଷସକୁ ବଧ କରୁଛନ୍ତି (ବାମ)। ବସୁଦେବ ଶ୍ରୀକୃଷ୍ଣଙ୍କୁ ଧରି ଗୋପପୁର ଅଭିମୁଖେ ଯାଉଛନ୍ତି।

# ବରଗଡ଼ ଧନୁଯାତ୍ରା: ରଙ୍ଗମହଲ ଉଦ୍‌ଘାଟିତ

ମଥୁରାନଗରୀ,୧୬।୧(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ମଙ୍ଗଳବାର ଦ୍ୱିତୀୟ ଦିବସରେ ମଥୁରାନଗରୀସ୍ଥିତ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆରେ ରଙ୍ଗମହଲ ଉଦ୍‌ଘାଟିତ ହୋଇଛି। କଂସ ମହାରାଜ ମଥୁରା ଭ୍ରମଣ ସାରି ପହଞ୍ଚିବା ପରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝି, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ ଏବଂ ରଙ୍ଗମହଲର ଆବାହକ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରଙ୍ଗମହଲ ଉଦ୍‌ଘାଟନ ପରେ କଂସ ମହାରାଜଙ୍କ ସମ୍ମୁଖରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ପରେ କଂସ ରଙ୍ଗମହଲରୁ ଓହ୍ଲାଇ ସ୍ଥାନୀୟ ହାଟପଦାସ୍ଥିତ ରାଜ ଦରବାର ଅଭିମୁଖେ ଯାଇଥିଲେ। ସେଠାରେ ଦୈବବାଣୀ ଶୁଣିବା ପରେ ବିଚଳିତ କଂସ ନାଚଗୀତରେ ବିଭୋର ହୋଇଥିଲେ। ଅନ୍ୟପଟେ ସମଲେଶ୍ୱରୀ ମଣ୍ଡପ (କାରାଗାର)ରେ ବନ୍ଦୀ ଥିବା ଦେବକୀଙ୍କ କୋଳରେ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। ବସୁଦେବ ଶ୍ରୀକୃଷ୍ଣଙ୍କୁ ଧରି ଗୋପପୁର ଯାଇ ସେଠାରେ ତାଙ୍କୁ ଛାଡ଼ିବା ସହ ବିଜୁଳିକନ୍ୟାଙ୍କୁ ଧରି ନିଶାର୍ଦ୍ଧରେ କାରାଗାରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।


ରଙ୍ଗମହଲ ଉଦ୍‌ଘାଟନ ବେଳେ କଂସ ମହାରାଜ ଦୀପ ପ୍ରଜ୍ୱଳନ କରୁଛନ୍ତି।

### ଆଜିର କାର୍ଯ୍ୟକ୍ରମ

୧୭।୧।୨୦୨୪(ବୁଧବାର)

**ମଥୁରାନଗରୀ**

କଂସ ମହାରାଜଙ୍କ ଶ୍ୟାମେଶ୍ୱର ମହାଦେବଙ୍କ ଦର୍ଶନ, କାରାଗୃହ ପ୍ରବେଶ, ବିଜୁଳିକନ୍ୟାଙ୍କୁ ପାଷାଣରେ ପ୍ରହାର, ଦୈବବାଣୀ, ରାଜଦରବାରରେ କଂସଙ୍କ ମନ୍ତ୍ରଣା, ନାରଦଙ୍କ ଉପଦେଶ, ପୁତନା-ଷଡ଼ମଲ୍ଲ ଆବାହନ ଓ ଗୋପପୁର ପ୍ରେରଣ।

**ଗୋପପୁର**

ଅପରାହ୍ଣ ୪ଟାରେ ନନ୍ଦ ଦରବାର ଉଦ୍‌ଘାଟନ, ନନ୍ଦୋତ୍ସବ, କୃଷ୍ଣଙ୍କ ଦୋଳିଝୁଲା, ରାସନୃତ୍ୟ, ନଗର ସଂକୀର୍ତ୍ତନ ସହ କୃଷ୍ଣଙ୍କ ଗୋପପୁର ଭ୍ରମଣ।

## ଧନୁଯାତ୍ରା: କିଛି କଥା, କିଛି ବ୍ୟଥା

### ସ୍ଥାୟୀ ମଞ୍ଚ, ତୋରଣକୁ ଆଉ କେତେବର୍ଷ

ବରଗଡ଼ ଧନୁଯାତ୍ରା ମହୋତ୍ସବ ଚଳିତବର୍ଷ ୭୬ତମ ବର୍ଷରେ ପଦାର୍ପଣ କରିଛି ବୋଲି ମହୋତ୍ସବ ସମିତି ସୂଚନା ଦେଇଛି। ମଥୁରାନଗରୀର ୧୫ ଏବଂ ଗୋପପୁରର ୯ମଞ୍ଚ ଏଭଳି ସମୁଦାୟ ୨୪ମଞ୍ଚରେ ମହୋତ୍ସବ ଚାଲିଥାଏ। ତେବେ ମହୋତ୍ସବକୁ ଏତେବର୍ଷ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ଏଯାଏ ମହୋତ୍ସବର ସ୍ଥାୟୀ ମଞ୍ଚ କିମ୍ବା ତୋରଣଟିଏ ନିର୍ମାଣ ହୋଇପାରିନାହିଁ। ସେହିପରି କଂସଙ୍କ ସମେତ କଳକାରମାନେ ଅବସ୍ଥାନ କରୁଥିବା ରାଜମହଲ ମଧ୍ୟ ନିର୍ମାଣ ହୋଇପାରିନାହିଁ। ପୂର୍ବରୁ ମାରୱାଡ଼ି ଧର୍ମଶାଳା ରାଜମହଲ ହୋଇଆସୁଥିବାବେଳେ ଏଥର ତାହା ମଧ୍ୟ ଅନ୍ୟ ଏକ ଧର୍ମଶାଳାକୁ ସ୍ଥାନାନ୍ତର ହେବା ବିଡ଼ମ୍ବନାର ବିଷୟ। ଅନ୍ୟପଟେ ପ୍ରତିବର୍ଷ ମଞ୍ଚ, ତୋରଣ ପାଇଁ ପାଖାପାଖି ଯାହା ଖର୍ଚ୍ଚ ହେଉଛି ତାହା କହିଲେ ନ ସରେ। ଏଥର ଲୋକମଣ୍ଡପ ପଡ଼ିଆରେ ନିର୍ମିତ ରଙ୍ଗମହଲ ମଞ୍ଚର ବ୍ୟୟ ଅଟକଳ କେବଳ ୩୨ଲକ୍ଷ ଟଙ୍କା ବୋଲି କୁହାଯାଉଛି। ଏଭଳିସ୍ଥଳେ ବିଶ୍ୱ ଦରବାରରେ ପରିଚିତ ଧନୁଯାତ୍ରା ମହୋତ୍ସବ ପାଇଁ କାହିଁକି ସ୍ଥାୟୀ ମଞ୍ଚ କିମ୍ବା ତୋରଣଟିଏ ନିର୍ମାଣ ହୋଇପାରୁନାହିଁ, ସେଥିପାଇଁ ଆଉ କେତେବର୍ଷ ଲାଗିବ, ତାକୁ ନେଇ ସାଧାରଣରେ ନାନା ପ୍ରଶ୍ନ ଉଙ୍କି ମାରୁଛି ।

### ଅଳିଆଗଦାରେ ଶୋଭାଯାତ୍ରା

ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ବିଶ୍ୱ ପ୍ରସିଦ୍ଧ କୁହାଯାଏ । ହେଲେ ଏଭଳି ଏକ ମହୋତ୍ସବ ଚାଲିଥିବାବେଳେ ସହରର ପରିମଳ ବ୍ୟବସ୍ଥା ପଦାରେ ପଡ଼ିଥିଲା। ସୋମବାର ଧନୁଯାତ୍ରା ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରୁଥିବାବେଳେ ସମଲେଶ୍ୱରୀ ମନ୍ଦିର-ସମଲେଶ୍ୱରୀ କଲ୍ୟାଣ ମଣ୍ଡପ ରାସ୍ତାକଡ଼ରେ କୁଢ଼ କୁଢ଼ ମଇଳା ଆବର୍ଜନା ପଡ଼ିଥିଲା ଏବଂ ସେହି ଅଳିଆ ଗଦା ଉପରେ କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା । ଅନ୍ୟପଟେ ବିଗତବର୍ଷ ତୁଳନାରେ ଏଥର ଶୋଭାଯାତ୍ରାର ଶୋଭା ସେତେ ଆକର୍ଷଣୀୟ ନ ଥିଲା ବୋଲି ସବୁଠି ଚର୍ଚ୍ଚା ଚାଲିଛି।

### ଦୃଶ୍ୟାଭିନୟ ଆରମ୍ଭରୁ ସମ୍ବଲପୁରୀ ଝଲକ

ଧନୁଯାତ୍ରା ମହୋତ୍ସବକୁ ସମ୍ବଲପୁରୀ ଭାଷାରେ କରିବା ପାଇଁ ଏଥର ଦାବି ଜୋର୍ ଧରିଥିଲା। ଏଥିସକାଶେ କଳାକାରଙ୍କ ପାଇଁ କଟକଣା ନାହିଁ, କିନ୍ତୁ ଧନୁଯାତ୍ରାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟି ଦେଇ ଭାଷା ପ୍ରୟୋଗ ପାଇଁ ମହୋତ୍ସବ ସମିତି ପରାମର୍ଶ ଦେଇଥିଲା। ଅନ୍ୟପଟେ କଂସ ଅଭିନେତା ସମୟର ସ୍ୱଳ୍ପତା ଦର୍ଶାଇ ପୂର୍ବାଭ୍ୟାସର ଆବଶ୍ୟକତା ରହିଛି ବୋଲି ଗଣମାଧ୍ୟମ ଆଗରେ କହିଥିଲେ। ଏଭଳିସ୍ଥଳେ ସମ୍ବଲପୁରୀ ଭାଷାରେ ସମ୍ପୂର୍ଣ୍ଣ ଧନୁଯାତ୍ରା ମହୋତ୍ସବ ଦୋଛକିରେ ରହିଯାଇଥିଲା। ତେବେ ଧନୁଯାତ୍ରାର ପ୍ରଥମ ଦିବସରେ ଉଗ୍ରସେନ ମହାରାଜ ଭୂମିକାରେ ମଞ୍ଚକୁ ଓହ୍ଲାଇଥିବା ଆର୍ତ୍ତତ୍ରାଣ ମହାପାତ୍ର ସମ୍ବଲପୁରୀ ଭାଷାରୁ ନିଜ ଦୃଶ୍ୟାଭିନୟ ଆରମ୍ଭ କରିବାରୁ ଉତ୍ସାହ ଦେଖାଯାଇଥିଲା ।

### ସୋସିଆଲ ମିଡିଆରେ କଂସ-କଂସ ଲଢ଼େଇ

ଧନୁଯାତ୍ରା ମହୋତ୍ସବରେ ମାମୁଁ, ଭଣଜା ଅର୍ଥାତ୍ କଂସ, କୃଷ୍ଣଙ୍କ ଲଢ଼େଇ ଏବଂ ଶେଷରେ କଂସଙ୍କ ନିଧନ ପରେ ମହୋତ୍ସବର ପରିସମାପ୍ତି ହୋଇଥାଏ ବୋଲି ସଭିଁଏ ଜାଣିଛନ୍ତି। ହେଲେ ଏଥର ଧନୁଯାତ୍ରାକୁ ନେଇ ୨ କଂସ ଅଭିନେତାଙ୍କ ମଧ୍ୟରେ ସିଧାସଳଖ ନ ହେଲେ ମଧ୍ୟ ପରୋକ୍ଷରେ ଲଢ଼େଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ହୃଷୀକେଶ ଭୋଇ ଏବଂ ଅନ୍ୟ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ସୁଶିଲ କୁମାର ମେହେରଙ୍କ ଫେସବୁକ୍ ପେଜ୍‌କୁ ଦେଖିଲେ, ତାହା ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି ଲୋକେ ଆଲୋଚନା କରୁଛନ୍ତି।

**ଉପସ୍ଥାପନା : ପ୍ରେମାନନ୍ଦ ଖମାରୀ, ମଥୁରାନଗରୀ**

# ଜାତୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ


ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ଜାତୀୟ ହସ୍ତତନ୍ତ ମେଳାକୁ ଉଦ୍‌ଘାଟନ କରୁଛନ୍ତି ।

ମଥୁରାନଗରୀ,୧୬।୧(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଜାତୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ ହୋଇଛି। ବୟନିକା ପକ୍ଷରୁ ଆୟୋଜିତ ଏହି ହସ୍ତତନ୍ତ ମେଳାରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ପିତ ଆଚାର୍ଯ୍ୟ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି ଏବଂ ବୟନିକାର ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ଫେବୃୟାରୀ ୪ତାରିଖ ପର୍ଯ୍ୟନ୍ତ ଏହି ଜାତୀୟ ହସ୍ତତନ୍ତ ମେଳା ଚାଲିବ। ଏହି ମେଳାରେ ଉତ୍ତରପ୍ରଦେଶ, ଜମ୍ମୁ କଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, କର୍ଣାଟକ, ଉତ୍ତରାଖଣ୍ଡ ଏବଂ ହରିୟାଣାର ୮୦ଜଣ ହସ୍ତତନ୍ତ କାରିଗର ସାମିଲ ହୋଇ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ସହିତ ସୁଲଭ ମୂଲ୍ୟରେ ବିକ୍ରି କରୁଛନ୍ତି। ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଷଷ୍ଠଥର ପାଇଁ ବୟନିକା ପକ୍ଷରୁ ଏହି ମେଳା ଚାଲିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଉତ୍ସାହ ପ୍ରକାଶ ପାଇଛି।

# ଇଭିଏମ୍, ଭିଭିପିଏଟି ପ୍ରଦର୍ଶନୀ କେନ୍ଦ୍ର ଶୁଭାରମ୍ଭ

ମଥୁରାନଗରୀ,୧୬।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନିର୍ବାଚନ ବିଭାଗରେ ଭୋଟର ସଚେତନତା ସୃଷ୍ଟି ଲାଗି ମଙ୍ଗଳବାର ଇଭିଏମ, ଭିଭିପିଏଟି ପ୍ରଦର୍ଶନୀ କେନ୍ଦ୍ରର ଶୁଭ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ଏହାର ଶୁଭାରମ୍ଭ କରିଥିଲେ। ଏହି କେନ୍ଦ୍ରକୁ ଅଧିକାରୀ, କର୍ମଚାରୀ ତଥା ଜନସାଧାରଣ ପରିଦର୍ଶନ କରି ସମ୍ପୂର୍ଣ୍ଣ ଭୋଟ୍‌ଦାନ ପ୍ରକ୍ରିୟା, ଇଭିଏମ୍ ଏବଂ ଭିଭିପାଟ୍ ମେଶିନ ବ୍ୟବହାରର ସମସ୍ତ ତଥ୍ୟ ପାଇପାରିବେ। ୨୦୨୪ ସାଧାରଣ ନିର୍ବାଚନ କିଭଳି ସୁରୁଖୁରୁରେ ହୋଇପାରିବ, ସେ ବିଷୟରେ ଅତିରିକ୍ତ ଜିଲାପାଳ ଲୁହା ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ତଥା ଜନସାଧାରଣଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ପ୍ରଜ୍ଞାନନ୍ଦନ ଗିରି, ଜ୍ୟୋତିରୂପା ଶତପଥୀ, ସହକାରୀ ଜିଲାପାଳ ନିଶିକାନ୍ତ ମେହେରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

# ପଦ୍ମପୁର ଜିଲା ଦାବିରେ ୧୨ ଘଣ୍ଟିଆ ବନ୍ଦ

ପାଇକମାଲ/ପଦ୍ମପୁର,୧୬।୧ (ବଡ ଶତପଥୀ/ପ୍ରଦୀପ୍ତ ଦାଶ)

ପଦ୍ମପୁର ଜିଲା ଗଠନ ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ମଙ୍ଗଳବାର ବରଗଡ଼ ଜିଲା ପାଇକମାଲରେ ୧୨ ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ଏହି ବନ୍ଦକୁ ପାଇକମାଲ ବ୍ୟବସାୟୀ ସଂଘ, ନାଗରିକ କମିଟି, ଓକିଲ ସଂଘ, ସାମ୍ବାଦିକ ସଂଘ, ସଚେତନ ନାଗରିକ ଓ ଅନ୍ୟାନ୍ୟ ସଂଘ ସମର୍ଥନ ଜଣାଇଥିଲେ। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାଇକମାଲରେ ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିଥିଲା। ବ୍ଲକ୍ କାର୍ଯ୍ୟାଳୟ ଖୋଲିବା ପୂର୍ବରୁ କମିଟିର ସଦସ୍ୟମାନେ ବିଡିଓଙ୍କୁ ଅଫିସ ବନ୍ଦ ରଖିବା ପାଇଁ ବାଧ କରିଥିଲେ। ତେବେ ବନ୍ଦ ବେଳେ କୌଣସି ଅପ୍ରୀତିକର ଘଟଣା ଘଟିନାହିଁ। ପଦ୍ମପୁର ଜିଲା ସହ ପାଇକମାଲ ପିଏଚ୍‌ସିକୁ ସିଏଚ୍‌ସି ଘୋଷଣା, ପାଇକମାଲକୁ ଏନ୍‌ଏସି କରିବା ଦାବିରେ ଏହି ବନ୍ଦ ପାଳନ କରାଯାଇଥିଲା। ଆଇନଜିବୀ ରାମରତନ ପୁରୋହିତ, ବିନୋଦ କାଲିଆ, ରାଜକିଶୋର ସାହୁ, ମନୋଜ ତ୍ରିବେଦୀ, ଯୁଗଳ ମେହେର, ସୁଶାନ୍ତ ନାଗ, ଗୋବର୍ଦ୍ଧନ ଅଗ୍ରୱାଲ, ସୁବ୍ରତ ସାହୁ, ସରୋଜ ସାମଲ, ରୋଶନ ପାଣିଗ୍ରାହୀ, ବିଜୟ ସ୍ୱାଇଁ, ସନ୍ତୋଷ ପାଣିଗ୍ରାହୀ, କୁନ୍ଦନ ପ୍ରଧାନ, ରାଜେଶ ଅଗ୍ରୱାଲ, ଯୋଗେନ୍ଦ୍ର ଭୋଇ, ନୀଳମଣି ପଣ୍ଡା, ନରେଶ ଅଗ୍ରୱାଲ, ପ୍ରେମସାଗର ଫୌଜଦାର ଏବଂ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଏଥିରେ ସାମିଲ ହୋଇଥିଲେ। ସେହିପରି ବିଜେପୁର ବ୍ଲକରେ ମଧ୍ୟ ବନ୍ଦ ପାଳନ କରାଯାଇଥିଲା।

ପଦ୍ମପୁରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ନେଇ ଜିଲା ଗଠନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ମଙ୍ଗଳବାର ପଦ୍ମପୁର, ଝାରବନ୍ଧ ଓ ଗାଇସିଲେଟରେ ମଧ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦ କରିଥିଲେ। କେତେକ ଜରୁରୀ ସେବାକୁ ଛାଡି ଯାନବାହନ ଚଳାଚଳ, ଦୋକାନବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, ସ୍କୁଲ, କଲେଜ ପ୍ରମୁଖ ବନ୍ଦ ରହିଥିଲା। ଆନ୍ଦୋଳନରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ଆଇନଜୀବୀ ସନ୍ତୋଷ କୁମାର ଶତପଥୀ, ସମ୍ପାଦକ ଚିନ୍ମୟ କୁମାର ପଣ୍ଡା, ସଂଯୋଜକ ଅଜିତ କୁମାର ଶତପଥୀ ପ୍ରମୁଖ ନେତୃତ୍ୱ ନେଇଥିଲେ ।


ବନ୍ଦ ଡାକରା ଯୋଗୁ ପାଇକମାଲରେ ରାସ୍ତାଘାଟ ଶୂନ୍‌ଶାନ୍ ।

## ସଂକ୍ଷେପରେ

### ଏନ୍‌ଆଇଟିରେ ଭାରତୀୟ ସେନା ଦିବସ ପାଳିତ

ରାଉରକେଲା,୧୬।୧(ସଙ୍ଗୀତା ଜେନା): ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପକ୍ଷରୁ ୭୬ତମ ଭାରତୀୟ ସେନା ଦିବସ ପାଳିତ ହୋଇଛି। ସୈନିକମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ବେହେରା ଅଡିଟୋରିୟମ ଉକ୍ତ କାର୍ନିଭାଲ୍ ଆୟୋଜିତ ହୋଇଥିଲା। ଏନ୍‌ଆଇଟିର ଜାତୀୟ କ୍ୟାଡେଟ୍ କର୍ପସ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଶୁଭଙ୍କର ପାଲ୍, ଆର୍ମି ୱିଙ୍ଗ କ୍ୟାପଟେନ୍ ଡ. ଅଜିତ ବେହେରା, ନେଭି ୱିଙ୍ଗ ପ୍ରଫେସର ଅରୁଣ ପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କଲେଜର ୧୫୦ ଜଣ କ୍ୟାଡେଟ୍ ଏଥିରେ ଅଂଶଗ୍ରହଣ କରିଥିଲେ। ସ୍ୱପ୍ନିଲ ଅଗ୍ରୱାଲ, କିଲି ଶ୍ରୀନୁ, ଆଦର୍ଶ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଦେଶର ସୁରକ୍ଷା ପାଇଁ ସେନାର ଯୁଦ୍ଧ, ପ୍ରାକୃତିକ ବିପର୍ଯ୍ୟୟରେ ପ୍ରମୁଖ ଭୂମିକା ଓ ସାହସିକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

### ଚୋରି ଅଭିଯୋଗ, ଜଣେ ଗିରଫ

ରାଉରକେଲା,୧୬।୧(ସଙ୍ଗୀତା ଜେନା): ଦିତନଗର ଥାନା ଅତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳରେ ଗତ ୯ ତାରିଖରେ ଜଣଙ୍କ ଘରେ ପଶି ବାଇକ ଓ ଅନ୍ୟ ସାମଗ୍ରୀ ଚୋରି ଅଭିଯୋଗରେ ମଙ୍ଗଳବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିରମିତ୍ରପୁର ଥାନା ଯମୁନାଡ଼ିପା ଗ୍ରାମର ସୁଶାନ୍ତ ପାତ୍ର(୧୯)। ତାଙ୍କଠାରୁ ୨ଟି ବାଇକ ଜବତ ହୋଇଛି। ସୁଶାନ୍ତ ଓ ତାଙ୍କ ସହଯୋଗୀ ଏହି ଚୋରି କରିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ଏ ନେଇ ଏକ ମାମଲା (ନଂ.୧୦/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଯୁବତୀଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ବେଦବ୍ୟାସ/ରାଉରକେଲା,୧୬।୧ (ଆଲୋକ ସ୍ୱାଇଁ/ସଙ୍ଗୀତା ଜେନା): ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ରୁକୁମପାଢ଼ୀ ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ସକାଳେ ଜଣେ ଯୁବତୀଙ୍କ ମୃତଦେହକୁ ଜବତ କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଉକ୍ତ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ମୃତ ଯୁବତୀଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହାସହ ମୃତଦେହ ଜବତ କରି ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ରଖିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୬/୨୪) ରୁଜୁ କରିଛି। ଯୁବତୀ ଜଣଙ୍କ ଏକ ଧଳା ରଙ୍ଗ ପ୍ୟାଣ୍ଟ ଓ ଟି-ସାର୍ଟ ପିନ୍ଧିଥିବା ଦେଖାଯାଇଛି।

### ହୋମିଓପ୍ୟାଥିକ ଭେଷଜ କଲେଜରେ ରକ୍ତଦାନ ଶିବିର

ରାଉରକେଲା,୧୬।୧(ଦିନେଶ ମିଶ୍ର): ରାଉରକେଲା ସେକ୍ଟର-୨୧ ନୟାବଜାର ସ୍ଥିତ ଉତ୍କଳମଣି ହୋମିଓପ୍ୟାଥିକ ଭେଷଜ ମହାବିଦ୍ୟାଳୟ ପରିସରରେ ଛାତ୍ରମଙ୍ଗଳ ସମିତି ଓ ଜୀବନ ବିନ୍ଦୁ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ନିବେଦିତା ନାଥ, ଗଗନ ପଣ୍ଡା, ପପୁ ମହାନ୍ତି, ଅଭିକ୍ କୁମାର, ଡକ୍ଟର ଅନୀଲ କୁମାର ମିଶ୍ର, ଡକ୍ଟର ଏମ୍‌ଡି ଅବଦୁଲ କରିମ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ୮୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆରଜିଏଚ୍‌ର ବ୍ଲଡ ବ୍ୟାଙ୍କର ଡକ୍ଟର ସରେନ ଓ ଟେକ୍ନିସିଆନ ମାନେ ଉପସ୍ଥିତ ରହି ରକ୍ତସଂଗ୍ରହ କରିଥିଲେ। ଛାତ୍ରମଙ୍ଗଳ ସମିତି ସଭାପତି ହତେଶ କୁମାର ଗିରି, ତରୁଣ କୁମାର ପଣ୍ଡା, ବିଭାସ ରଞ୍ଜନ ଦାସ, ମଧୁସ୍ମିତା ଦଳେଇ, ମନିଷା ମହେଶ୍ୱରୀ, ସନ୍ତୋଷ ସାହୁ, ସ୍ମୃତିସାଗର ବଳ, ଅଭୟ କୁମାର ନାୟକ, ଅଜୟ ବିଶ୍ୱାଳ, ସଙ୍ଗୀତା ପାତ୍ର, ଅଳକାନନ୍ଦା ସ୍ୱାଇଁ, ଭାରତୀ ସିଂ, ଅଂଶୁମାନ ଷଡଙ୍ଗୀ, ଦିବାକର ଦଳେଇ, ସୋରେନ ସେଠୀ, ଡଲି ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ପାଣିପଞ୍ଚାୟତ କୃଷକଙ୍କ ଉନ୍ନତି ବାଟକୁ ଉନ୍ମୁକ୍ତ କରିଛି

**ରାଉରକେଲା ଉଠାଜଳସେଚନ ବିଭାଜନ**

ରାଉରକେଲା,୧୬।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉଠାଜଳସେଚନ ବିଭାଜନ ପକ୍ଷରୁ ମଙ୍ଗଳବାର ରାଉରକେଲା ଆଇଟିଡିଏ ହଲଠାରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ମନୋରଞ୍ଜନ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, ପାନପୋଷ କୃଷି ଜିଲା ଅଧିକାରୀ ରେଲିଜିୟସ ବେକ, ପାନପୋଷ ସହକାରୀ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଡ. ଦୁଷ୍ମନ୍ତ କୁମାର ବେହେରା, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡାକ୍ତର ସଞ୍ଜୟ କୁମାର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଓଡ଼ିଶା ସରକାର ସୁନ୍ଦରଗଡ ଜିଲାରେ ଯୁବ ଓ ମହିଳା ଚାଷୀମାନଙ୍କ ଅର୍ଥନୈତିକ ଅଭିବୃଦ୍ଧିରେ ସର୍ବଦା ଦୃଢ ପ୍ରତିବଦ୍ଧ। ଅଧିକ ଚାଷ ଜମିକୁ ଆବଶ୍ୟକ



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ପାଣି ମାଡିବ ଓ ପରିଶ୍ରମୀ ଆଦିବାସୀ ଚାଷୀ ଜିଲାର ପଥର ପାହାଡଭରା ଟାଣଜମିରୁ ଯେପରି ସୁନାର ଫସଲ ଅମଳ କରିବେ ସେ ନେଇ ବିପୁଳ ବ୍ୟୟବରାଦ ହେଉଛି। ଜିଲାରେ ସରକାରଙ୍କ ପାଣି ପଞ୍ଚାୟତ କୃଷି ଓ କୃଷକଙ୍କ ପାଇଁ ଉନ୍ନତି ବାଟକୁ ଉନ୍ମୁକ୍ତ କରିଛି। ଦାଦନ ଭଳି ଏକ ଜଟିଳ ପରିସ୍ଥିତିରୁ ଜିଲାର ଯୁବ ଓ ମହିଳା ଚାଷୀଙ୍କୁ ଉଦ୍ଧାର କରି ପାଣି ପଞ୍ଚାୟତ ଏକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ମୁଖ୍ୟ ଅତିଥି ନାୟକ କହିଥିଲେ।

ଏହାପରେ ବିଭାଜନ ଅଧୀନ ୯ବ୍ଲକର ପାଣି ପଞ୍ଚାୟତର ସମୀକ୍ଷା ହୋଇଥିଲା। ବିଭାଜନର ମୋଟ ୨୪ହଜାର ୯୫ହେକ୍ଟର ଜମି ଉଠାଜଳସେଚନରେ ଜଳସେଚିତ ହୋଇଥାଏ। ମାତ୍ର ରବିଋତୁରେ ସମୁଦାୟ ଜମିରୁ ୬୦ଭାଗ ଜମିକୁ ଉଠାଜଳସେଚନ ମାଧ୍ୟମରେ ପାଣି ବିତରଣ ହୁଏ। ବିଭାଜନ ଅନ୍ତର୍ଗତ ୯ଟି ବ୍ଲକରେ ମୋଟ ୧୦୪୨ଟି ପାଣି ପଞ୍ଚାୟତ ରହିଛି। ତନ୍ମଧ୍ୟରୁ ୮୯୯ପାଣି ପଞ୍ଚାୟତ କାର୍ଯ୍ୟକାରୀ ହେଉଛି। ବୋରୱେଲ ମାଧ୍ୟମରେ ବିଭାଜନର ୮ହଜାର ୮ହେକ୍ଟର ଜମିକୁ ପାଣି ମାଡୁଛି। ୪ହଜାର ୬୩୦ଟି ବୋରୱେଲ ଉଠାଜଳସେଚନ ପ୍ରକଳ୍ପ ଥିବାବେଳେ ୨୦୫ ପ୍ରକଳ୍ପ କାର୍ଯ୍ୟ କରୁଛି। ସେହିପରି କ୍ଷୁଦ୍ର ଉଠାଜଳସେଚନ ମାଧ୍ୟମରେ ୭୬ହେକ୍ଟର ଜମିକୁ ପାଣି ଯୋଗାଇବା ଲକ୍ଷ୍ୟ ଥିବାବେଳେ ୩୮ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପ ରହିଛି। ଚଳିତ ଆର୍ଥିକ ବର୍ଷରେ ନାବାର୍ଡ ପକ୍ଷରୁ ବିଭାଜନର ଚାଷୀଙ୍କ ପାଇଁ ନୂଆ ୭୦ଟି ଉଠାଜଳସେଚନ ପ୍ରକଳ୍ପ ମଞ୍ଜୁର ହୋଇଛି। ବିଦ୍ୟୁତ୍ ଏବଂ ସୋଲାର ଚାଳିତ ବୋରୱେଲ ସ୍ଥାପନ ପାଇଁ ଆର୍ଥିକ ବର୍ଷ ୨୦୨୩-୨୪ରେ ୬୭୯୦ଜଣ ଚାଷୀ ଅନ୍‌ଲାଇନ ଆବେଦନ କରିଥିବା ଜଣାପଡିଛି।

ଏହି ଅବସରରେ କୃଷି ଓ ଉଠାଜଳସେଚନ ବିଭାଗ ପକ୍ଷରୁ ସ୍କୁଲସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଗାମୀ ୧୮ତାରିଖରେ ଜିଲାସ୍ତରୀୟ ଓ ୩୦ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ଉଦ୍ୟାନ ବିଭାଗ ବୈଜ୍ଞାନିକ ଡା. ପ୍ରଧାନ କହିଥିଲେ, ଜଳ ହେଉଛି ପ୍ରକୃତିର ଅମୂଲ୍ୟ ଅବଦାନ। ଜଳବାୟୁ ପରିବର୍ତ୍ତନ ପ୍ରଥମ ପ୍ରଭାବ ପାଣି ଓ ଚାଷରେ ପଡେ। ତେଣୁ ଜଳ ନଷ୍ଟ ନ କରି ଜଳର ସୁବିନିଯୋଗ କରିବା ଲାଗି ସେ ଚାଷୀଙ୍କୁ ସଚେତନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୧ ଜଗନ୍ନାଥ ମନ୍ଦିରରେ ଶ୍ରୀମନ୍ଦିର ପରିକ୍ରମାର ସିଧା ପ୍ରସାରଣ

ରାଉରକେଲା,୧୬।୧(ସଙ୍ଗୀତା ଜେନା)

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ପାଇଁ ରାଉରକେଲା ମହାନଗର ନିଗମ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର, ବାସନ୍ତୀ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର, ଦେଓଗାଁ ଜଗନ୍ନାଥ ମନ୍ଦିର, ଫର୍ଟିଲାଇଜର ଜଗନ୍ନାଥ ମନ୍ଦିର, ସେକ୍ଟର -୬ ଜଗନ୍ନାଥ ମନ୍ଦିର, ଛେଣ୍ଡ ଜଗନ୍ନାଥ ମନ୍ଦିର, ଉଦିତନଗର ଜଗନ୍ନାଥ ମନ୍ଦିର, କୋଏଲନଗର ଜଗନ୍ନାଥ ମନ୍ଦିର, ବନ୍ଧମୁଣ୍ଡା ଜଗନ୍ନାଥ ମନ୍ଦିର, ହନୁମାନ ବାଟିକା, ଲେବର ଟେନାମେଣ୍ଟ ଶାରଳା ମନ୍ଦିରରେ ୨୦ଟି ଏଲ୍‌ଇଡ଼ି ସ୍କ୍ରିନ୍ ଲଗାଯିବ। ଏହାବ୍ୟତୀତ ସେକ୍ଟର-୩ ଜଗନ୍ନାଥ ମନ୍ଦିରରେ ଭଜନ, ପୂଜାର୍ଚ୍ଚନା ଓ ପ୍ରସାଦସେବନ କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି।

## ୨୦ ଘର କୈବର୍ତ୍ତ ସମାଜର ଜିଲା କାର୍ଯ୍ୟକାରୀ କମିଟି ବୈଠକ

ବଡ଼ଗାଁ,୧୬।୧(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ବ୍ଲକ ଜରଙ୍ଗଲୋଇସ୍ଥିତ ନାଏକ ପରିବାର ଭବନଠାରେ ସୋମବାର ୨୦ ଘର କୈବର୍ତ୍ତ ସମାଜର ଜିଲା କାର୍ଯ୍ୟକାରୀ କମିଟି ବୈଠକ ଜିଲା ସଭାପତି ସୁବଦେବ ବଢେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଜାତି ସମାଜର ଆରାଧ୍ୟ ଦେବୀ ମା' ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବୈଠକରେ ଜିଲା ସାଧାରଣ ସମ୍ପାଦକ ଧନଞ୍ଜୟ ନାଏକ ସମାଜ କର୍ମକର୍ତ୍ତା , ସଭ୍ୟା ସଭ୍ୟଙ୍କୁ ଅଭିବାଦନ ଜଣାଇ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ଓ ଅଗ୍ରଣୀ ପଶ୍ଚିମ ଓଡ଼ିଶା କୈବର୍ତ୍ତ ସମାଜ ସହିତ ୨୦ ଘର କୈବର୍ତ୍ତ ସମାଜ ଜିଲା କମିଟିର ସଂପର୍କ ବୃଦ୍ଧି ହୋଇଥିବାରୁ ସମସ୍ତେ ଖୁସି ପ୍ରକଟ କରିଥିଲେ। ଆଗାମୀ ଦିନରେ ସମାଜର ବିଭିନ୍ନ ସଂଘ , ସଂଗଠନ ସହିତ ସମ୍ପର୍କ ଆହୁରି ଦୃଢ଼ କରି ବିଭିନ୍ନ ଦିଗରେ ବିକାଶ କରିବାକୁ ମତ ପ୍ରକାଶ ପାଇଥିଲା। ଜିଲା ସଂଘକୁ ପଞ୍ଜିକରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୩୧ ତାରିଖ ସୁଦ୍ଧା ବାକିଥିବା ସମାଜ ଭଉଣୀ ଭାଇଙ୍କ ଆଧାର କାର୍ଡ ଓ ଫର୍ମ ଜିଲା କମିଟିରେ ଦାଖଲ କରିବାକୁ ସ୍ଥିର କରାଗଲା। କୈବର୍ତ୍ତ ସମାଜକୁ ଏସସି ତାଲିକାରୁ ବାଦ ଦେବାପାଇଁ ଯେଉଁ ଗୋଷ୍ଠୀ ପ୍ରୟାସ କରୁଛନ୍ତି ତାକୁ ନିନ୍ଦା କରିବା ସହ ପ୍ରତିହତ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମାଜ ଭାଇ ଭଉଣୀ ଏକ ହୋଇ ସଂଗ୍ରାମ କରିବାକୁ ଆହ୍ୱାନ ଦିଆଯାଇଥିଲା। ସୁନ୍ଦରଗଡରେ କୈବର୍ତ୍ତ ଭବନ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ବୈଠକରେ ଭେଷଜ ବାରିକ୍, ସୁରେଶ ସେଠ୍, ଭାଗବତିଆ ବାରିକ୍ , ପ୍ରଶାନ୍ତ କାଲୋ, ଦେବେନ୍ଦ୍ର ନାଏକ, ଶଶୀଭୂଷଣ ବାରିକ, ସଞ୍ଜୀବ କୁମାର ସେଠ୍, ପ୍ରେମାନନ୍ଦ ବେହେରା, ସୁମନ୍ତ କୁମାର ବଢେଇ ପ୍ରମୁଖ ସମାଜ କର୍ମକର୍ତ୍ତା ଆଲୋଚନା କରିଥିଲେ।




ଝିରପାଣିରେ ଅନୁଷ୍ଠିତ ଗୋଷ୍ଠୀ ସଚେତନତା କର୍ମଶାଳାରେ ଉପସ୍ଥିତ ଭିନ୍ନକ୍ଷମ ଏବଂ ଅନ୍ୟମାନେ ।

## ଗୋଷ୍ଠୀ ସଚେତନତା କର୍ମଶାଳାରେ ଭିନ୍ନକ୍ଷମ ସ୍ୱାବଲମ୍ବନ

ରାଉରକେଲା,୧୬।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନ 'ଶ୍ରଦ୍ଧା' ପକ୍ଷରୁ ଟାଟା ପାୱାର ପଶ୍ଚିମାଞ୍ଚଳ ଶାଖା ସହଯୋଗରେ ଝିରପାଣି, ଜାମସେରା, ବିଶ୍ରା ଏବଂ ବନ୍ଧମୁଣ୍ଡା ଆଦି ଗ୍ରାମପଞ୍ଚାୟତରେ ଭିନ୍ନକ୍ଷମ ଚିହ୍ନଟୀକରଣ ଓ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଡାକ୍ତର ଆଲୋକ ସାହୁ ଫିଜିଓଥେରାପି, ପ୍ରୀତି ବାରିକ ଓ ଅଳୀ ମହାରଣା ବୈଷୟିକ ଶିକ୍ଷା, ଶିକ୍ଷାବୃତ୍ତି ଓ ଅଭିଭାବକତ୍ୱ ପ୍ରମାଣପତ୍ର ଉପରେ ସୂଚନା ପ୍ରଦାନ କରିଥିଲେ। ସେହିପରି ଏହି ୪ ଗ୍ରାମପଞ୍ଚାୟତର ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ ସହ ସେମାନଙ୍କ ଦ୍ୱାରା ସର୍ଭେ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଗ୍ରାମପଞ୍ଚାୟତଗୁଡିକର ୯ଶହରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଛି। ଚିହ୍ନଟ ଭିନ୍ନକ୍ଷମମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ସେମାନଙ୍କୁ ବୈଷୟିକ ପ୍ରଶିକ୍ଷଣ ଓ ତାଲିମ ପ୍ରଦାନ କରାଯାଉଛି। ଝିରପାଣି ସରପଞ୍ଚ ଅଜିତ ତିର୍କି, ଜାମସେରାର ବେଦନା ଓରାମ, ବିଶ୍ରାର ସରୋଜ ନାୟକ ଓ ବନ୍ଧମୁଣ୍ଡାର ଅନୀତା ତିର୍କି କର୍ମଶାଳାର ନେତୃତ୍ୱ ନେଉଛନ୍ତି। ଅନୁଷ୍ଠାନର ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। 'ଶ୍ରଦ୍ଧା'ର ଶିକ୍ଷୟିତ୍ରୀ ପ୍ରୀତି ବାରିକ, ପ୍ରକଳ୍ପ ମ୍ୟାନେଜର ରେଣୁଲତା ମହାରଣା କାର୍ଯ୍ୟକ୍ରମ ବିଷୟରେ ବିବରଣୀ ପ୍ରସ୍ତୁତ କରିଛନ୍ତି। ୱାର୍ଡମେମ୍ବର ହାଲୁମା ଖାତୁନ, ଫ୍ଲୋରିଆ ଏକ୍କା, ଅଜିତ କଂସାରୀ, ଶକୁନ୍ତଳା ନାୟକ, ଲବଣୀଧର ମିଶ୍ର, ସ୍ୱେଚ୍ଛାସେବୀ ସୁନୀତା ତନ୍ତୀ, ସରୋଜିନୀ ଓରାମ, ସୁବାସିନୀ ଏକ୍କା, ଗାନ୍ଧୁର ଓରାମ, ପ୍ରକଳ୍ପ ସଂଯୋଜକ ସୁକୁମାର ପାଣ୍ଡବ ଏବଂ ସିପୁନ ବେହେରା ପ୍ରମୁଖ ସହଯୋଗ କରୁଛନ୍ତି।

### ମକର ସଂକ୍ରାନ୍ତି, ଟୁସୁ ପର୍ବ ପାଳିତ

ଲହୁଣୀପଡ଼ା,୧୬।୧(ଦାଶରଥୀ ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତି ପର୍ବ ପାଳିତ ହୋଇଯାଇଛି। ଏହି ପର୍ବକୁ କୁଡୁମୀ ସମ୍ପ୍ରଦାୟ ପକ୍ଷରୁ ଧୁମଧାମରେ ପାଳନ କରାଯାଏ। ଭିନ୍ନ ଭିନ୍ନ ସ୍ଥାନରେ ଟୁସୁ ଦେବୀଙ୍କ ପୂଜାର୍ଚ୍ଚନା, ଝୁମର ନୃତ୍ୟ ପ୍ରତିଯୋଗିତା ଏବଂ ଟୁସୁ ଦେବୀଙ୍କ ମେଳନ ଆୟୋଜନ କରି ପୁରସ୍କାର ମାଧ୍ୟମରେ ଉତ୍ସାହିତ ମଧ୍ୟ କରାଯାଏ। କୁଡୁମୀ ସମ୍ପ୍ରଦାୟର ଲୋକେ ସୁଖ, ଶାନ୍ତି ଓ ସମୃଦ୍ଧିର ଉତ୍ସବ ଟୁସୁ ପର୍ବକୁ ପାରମ୍ପରିକ ପର୍ବ ଭାବେ ପାଳନ କରିଥାନ୍ତି। ଏଥିପାଇଁ କୁଡୁମୀ ବହୁଳ ଗ୍ରାମ ଗୁଡିକରେ ଟୁସୁ ଦେବୀଙ୍କ ମୃଣ୍ମୟୀ ପ୍ରତିମା ସ୍ଥାପନ କରାଯାଇ ରୀତିନୀତି ଅନୁସାରେ ପୂଜା କରାଯାଇଥାଏ। କୁଡୁମୀ ମହିଳାମାନେ ଟୁସୁ ଦେବୀଙ୍କୁ ନେଇ ପରିକ୍ରମା କରୁଥିବା ଦେଖିବାକୁ ମିଳିଥିବାବେଳେ ମହିଳାଙ୍କ ଟୁସୁ ଗୀତ ମନ ମୋହିଥିଲା। ଟୁସୁଙ୍କ ମହିମା ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଟୁସୁ ଗୀତ ଗାଇ ଝିଅ ବୋହୂମାନେ ଟୁସୁଦେବୀଙ୍କୁ ମୁଣ୍ଡରେ ମୁଣ୍ଡାଇ ଗାଁ ପରିକ୍ରମା କରିଥାନ୍ତି। ଲହୁଣୀପଡ଼ା ଅଞ୍ଚଳରେ କୁଡୁମୀ ସମ୍ପ୍ରଦାୟର ଲୋକମାନେ ବସବାସ କରୁଥିବାରୁ ଟୁସୁ ପର୍ବ ପାଳିତ ହୋଇଥାଏ।

## ଡିଏଭି ସ୍କୁଲରେ ୨ ଦିନିଆ ପୁସ୍ତକମେଳା ଉଦ୍‌ଘାଟିତ




ମେଳାରେ ପୁସ୍ତକ ପ୍ରଦର୍ଶନୀ କରାଯାଇଛି।

ରାଉରକେଲା,୧୬।୧(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ଡା. ଏନ୍. କେ. ଖୋସଲା ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ଦୁଇଦିନିଆ ପୁସ୍ତକ ମେଳା ଅଧ୍ୟକ୍ଷ ଡକ୍ଟର ଲୋକନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି ପୁସ୍ତକ ମେଳାକୁ ସ୍କୁଲ ପରିଚାଳନା କମିଟି ସଦସ୍ୟା ମାନସୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ସ୍ଥିତ ସଦାଶିବ ବୁକ୍ ଡିପୋ ସହାୟତା କରିଥିଲା। ଏହି ମେଳାରେ ୭ଟି ଷ୍ଟଲରେ ରାମାୟଣ, ଭାଗବତ, ଚାଣକ୍ୟ ନୀତି, କର୍ମର ଗହନଗତି, ଆତ୍ମ ବିଶ୍ଳେଷଣ, ପିଲାଙ୍କ ନୀତିଶିକ୍ଷା ଭଳି ବିଭିନ୍ନ ଭାଷାରେ ୧୫ ହଜାରରୁ ଊର୍ଦ୍ଧ୍ୱ ବହି ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ମନୋରଞ୍ଜନ ସ୍ୱାଇଁ, ବିଜୟ କୁମାର ମିଶ୍ର, ପ୍ରବୀର କୁମାର ମିଶ୍ର, ବବିତା ଗୁପ୍ତା, ଜ୍ୟୋତ୍ସ୍ନା ମିଶ୍ର, ବୈଜୟନ୍ତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ରେଳଲାଇନ ମରାମତି ପାଇଁ ୬ ଟ୍ରେନ୍ ଗତିପଥ ପରିବର୍ତ୍ତନ

ରାଉରକେଲା,୧୬।୧(ସଙ୍ଗୀତା ଜେନା)

ପୂର୍ବତଟ ରେଳପଥରେ ନିର୍ମାଣ ଓ ମରାମତି କାର୍ଯ୍ୟ ଯୋଗୁ ରାଉରକେଲା ଦେଇ ଚଳାଚଳ କରୁଥିବା ୬ଟି ଟ୍ରେନ୍‌ର ଗତିପଥ ଆସନ୍ତା ୧୯ତାରିଖରୁ ପରିବର୍ତ୍ତନ ହୋଇଛି। ରାଉରକେଲା-ଜଗଦଲପୁର ଏକ୍ସପ୍ରେସ, ୨୦ରୁ ୨୭ତାରିଖ ଜଗଦଲପୁର- ରାଉରକେଲା ଏକ୍ସପ୍ରେସ, ୧୯ରୁ ୨୬ ତାରିଖ ହାୱଡ଼ା-ଜଗଦଲପୁର ଏକ୍ସପ୍ରେସ, ୧୯ରୁ ୨୭ତାରିଖ ଜଗଦଲପୁର- ହାୱଡ଼ା ଏକ୍ସପ୍ରେସ, ୨୧ରୁ ୨୫ ତାରିଖ ଟାଟା ନଗର-ଏର୍ଣାକୁଲମ୍ ଏକ୍ସପ୍ରେସ ଏବଂ ୨୧ରୁ ୨୪ ତାରିଖ ଏର୍ଣାକୁଲମ୍-ଟାଟାନଗର ଏକ୍ସପ୍ରେସର ଗତିପଥ ପରିବର୍ତ୍ତନ ହୋଇଛି। ୨୭ ତାରିଖ ପରେ ରେଳ ଚଳାଚଳ ସ୍ୱାଭାବିକ ହେବ ବୋଲି ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

## ରାଉରକେଲାରେ କାଉ ମଡ଼କ

ରାଉରକେଲା,୧୬।୧(ଦିନେଶ ମିଶ୍ର)

ରାଉରକେଲାରେ ଦୀର୍ଘଦିନ ପରେ ପୁଣି କାଉ ମଡ଼କ ଦେଖିବାକୁ ମିଳିଛି। ରାଉରକେଲା ସହରରେ ପ୍ରବଳ ଥଣ୍ଡା ଓ ଘନ କୁହୁଡି ଜାରି ରହିଥିବାବେଳେ ହଠାତ କାଉ ମରିବାକୁ ନେଇ ବ୍ଲାର୍ଡ ଫ୍ଲୁ ଆଶଙ୍କା କରାଯାଉଛି। ପୂର୍ବରୁ ଗତ ଦୁଇ ସପ୍ତାହ ତଳେ ଛେଣ୍ଡ ବାଗୁଡି ବସ୍ତିରେ ଦୁଇଟି କାଉ ମରିଥିବା ବେଳେ ପୁଣି ମଙ୍ଗଳବାର କଳିଙ୍ଗବିହାର ପ୍ରଧାନପାଲି ଅଞ୍ଚଳରେ ଗୋଟିଏ କାଉ ମରି ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏ ନେଇ ପ୍ରାଣୀ ବିଶେଷଜ୍ଞ ଡକ୍ଟର ପ୍ରସନ୍ନ ମହାରଣାଙ୍କୁ ପଚାରିବାରୁ ସେ କହିଥିଲେ, କାଉ ମଡକକୁ ନେଇ ବର୍ତ୍ତମାନ ସୁଦ୍ଧା ଆମ ପାଖରେ କୌଣସି ଖବର ନାହିଁ। ଏବେ କୋହଲା ପାଗ ସାଙ୍ଗକୁ ଘନ କୁହୁଡି ଓ ପ୍ରବଳ ଶୀତ ରହିଛି। ଅଧିକ ଥଣ୍ଡା ପଡିଲେ ମଧ୍ୟ ବିଭିନ୍ନ ସମୟରେ କିଛି ପକ୍ଷୀଙ୍କ ମୃତ୍ୟୁ ହେଉଥିବା ଆମ ପାଖରେ ରେକର୍ଡ ରହିଛି। ତେଣୁ ଏହା କୌଣସି ବ୍ଲାର୍ଡ ଫ୍ଲୁ ନୁହେଁ ବୋଲି ମହାରଣା କହିଥିଲେ।



ପ୍ରଧାନପାଲିରେ ଏକ କାଉ ମରି ପଡିଛି।

# କାମରେ ଆସୁନି ୱାଟର ସିଷ୍ଟମ

ବରାଉରକେଲା,୧୬।୧(ଦିନେଶ ମିଶ୍ର)

ରାଉରକେଲା ସହରରେ ପଥଚାରୀମାନଙ୍କୁ ପାନୀୟଜଳ ଯୋଗାଇ ଦେବା ପାଇଁ ଆରଏମ୍‌ସି ପକ୍ଷରୁ ପ୍ରମୁଖ ଛକମାନଙ୍କରେ ୱାଟର ସିଷ୍ଟମ ବ୍ୟବସ୍ଥା କରାଯାଇଥିଲା। ରାସ୍ତାରେ ଗଲାବେଳେ ପଥଚାରୀମାନେ ଏହାର ସୁବିଧା ନେଉଥିଲେ। ତେବେ ଏହି ବ୍ୟବସ୍ଥା ବର୍ତ୍ତମାନ ସହରର ଏକାଧିକ ସ୍ଥାନରେ ଅଚଳ ଅବସ୍ଥାରେ ପଡିରହିଛି। ବାସନ୍ତୀ କଲୋନୀ ସ୍ଥିତ ଡିଏଭି ଛକ, ସିଭିଲଟାଉନଶିପ୍ ଛକ, ଆରଏମ୍‌ସି ଛକ ନିକଟରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି।

ବାସନ୍ତୀ କଲୋନୀ ଡିଏଭି ଛକ ସହରର ପ୍ରମୁଖ ଛକ। ରାତି ପାହିଲେ ଏହି ଛକ ଦେଇ ହଜାର ହଜାର ଲୋକ ଯାତାୟାତ କରନ୍ତି। ଏହି ଛକରେ ୨୦୨୧ରେ ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ପକ୍ଷରୁ ୱାଟର ସିଷ୍ଟମ କରାଯାଇଥିଲା। ଏହି ୱାଟରସିଷ୍ଟମ ବ୍ୟବସ୍ଥା ଯୋଗୁ ଉକ୍ତ ଅଞ୍ଚଳବାସୀଙ୍କ ସହ ଡିଏଭି ଛକରେ ମୁତୟନ ଟ୍ରାଫିକ୍ ପୋଲିସ ଓ କଲେଜ




ଡିଏଭି ଛକରେ ଅଚଳ ଅବସ୍ଥାରେ ଥିବା ଜଳ ପ୍ରକଳ୍ପ।

ଛାତ୍ରୀଛାତ୍ରମାନେ ଉପକୃତ ହେଉଥିଲେ। ଏଥିରେ ୩ଟି ଟ୍ୟାପ୍ ଲାଗିଥିବାବେଳେ ଏହାର ଥଣ୍ଡାପାଣିକୁ ଲୋକେ ବ୍ୟବହାର କରୁଥିଲେ। କିନ୍ତୁ ବର୍ତ୍ତମାନ ଏହି ୱାଟର ସିଷ୍ଟମଟି ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ପଡିରହିଛି। ଏଥିରୁ ପାଣି ବାହାରୁ ନ ଥିଲେ ମଧ୍ୟ ଆରଏମ୍‌ସି କର୍ତ୍ତୃପକ୍ଷ ଏଥିପ୍ରତି କୌଣସି ଦୃଷ୍ଟି ଦେଇନାହାନ୍ତି। ଫଳରେ ପଥଚାରୀମାନେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସେହିପରି ସିଭିଲଟାଉନଶିପ୍ ଛକରେ ଆରଏମ୍‌ସି ପକ୍ଷରୁ ଏକ ୱାଟରସିଷ୍ଟମ ବ୍ୟବସ୍ଥା ରହିଛି। ଏହି ସିଷ୍ଟମ ବର୍ତ୍ତମାନ ଅଚଳ ଅବସ୍ଥାରେ ପଡି ରହିଥିବାରୁ ଏଥିରେ ଲାଗିଥିବା ଟ୍ୟାପ୍‌କୁ କେହି ଚୋରି କରି ନେଇଛନ୍ତି। ଏହି ୱାଟରସିଷ୍ଟମ ବ୍ୟବସ୍ଥା ଯୋଗୁ ଉକ୍ତ ଅଞ୍ଚଳର ବହୁ ବାଟୋଇ ଉପକୃତ ହେଉଥିଲେ। ଏହା ଅଚଳ ହୋଇ ପଡିବାରୁ ଏହାର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଚାରିପାଖରେ ଅନାବନା ଗଛ ଉଠି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ସେହିପରି ଆର୍‌ଏମ୍‌ସି ଛକରେ ଥିବା ୱାଟର ସିଷ୍ଟମ ବ୍ୟବସ୍ଥା ଆଜିକୁ ୩ରୁ ୫ମାସ ଧରି ଅଚଳ ଅବସ୍ଥାରେ ରହିଛି। ଏଥିରେ ଆରଏମ୍‌ସିକୁ ଆସୁଥିବା ବହୁ ଜନସାଧାରଣ ଉପକୃତ ହେଉଥିଲେ। ବିଶେଷ କରି ଖରାଦିନେ ଏଥିରୁ ଥଣ୍ଡାପାଣି ବାହାରୁଥିବାରୁ ଶୀତପଡା ବସ୍ତିବାସୀ ଓ ବାଟୋଇ ବୋତଲରେ ପାଣି ନେଇ ବ୍ୟବହାର କରୁଥିଲେ। ଏହା ବର୍ତ୍ତମାନ ଅଚଳ ହୋଇ ପଡିରହିଥିବାରୁ ହଇରାଣ ହେଉଛନ୍ତି। ସହରର ବିଭିନ୍ନ ଛକରେ ଲକ୍ଷାଧିକ ଟଙ୍କା ବିନିଯୋଗରେ କରାଯାଇଥିବା ୱାଟର ସିଷ୍ଟମଗୁଡିକ ଖରାଦିନ ପୂର୍ବରୁ ତୁରନ୍ତ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ଯେଉଁ ପ୍ରମୁଖ ଛକମାନଙ୍କରେ ୱାଟର ସିଷ୍ଟମ ବ୍ୟବସ୍ଥା ରହିଛି ତାକୁ ଆମେ ଫେବୃଆରୀ ଦ୍ୱିତୀୟ ସପ୍ତାହ ମଧ୍ୟରେ ଠିକ୍ କରିବୁ। ଆଗକୁ ଖରାଦିନ ଆସୁଥିବାରୁ ଆମେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ସହରରେ ପାନୀୟ ଜଳ ବ୍ୟବସ୍ଥା ପାଇଁ ଉଚିତ ପଦକ୍ଷେପ ନେବୁ ବୋଲି ଭୋଇ କହିଥିଲେ।

## ସଂକ୍ଷେପରେ

### କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**କୁଚିଣ୍ଡା, ୧୬।୧ (ବିରଞ୍ଚି ଦର୍ଶୀ):** ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଟୁଆଁ ଜୁନିୟର କଲେଜରେ ଆଠଦିନ ଧରି ହେବାକୁ ଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିରାଞ୍ଜଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆତ୍ମସୁରକ୍ଷା ତାଲିମର ଉପକାରିତା ବିଷୟରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ ସଭା ସଂଯୋଜନା କରିଥିଲେ। ତାଲିମ ଦାୟିତ୍ୱରେ ଥିବା ଅଧ୍ୟାପିକା ଭାବନା ପାଣ୍ଡେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଅଧ୍ୟାପକ ସୁଧୀର କୁମାର ନାଏକ, ଶିକ୍ଷା ଡେମୋଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ, ମାଷ୍ଟର ଟ୍ରେନର ସୁନିତା ବଗର୍ତ୍ତୀ ପ୍ରମୁଖ ଯୋଗଥିଲେ। ତାଲିମ ଶିବିରରେ ଯୁକ୍ତଦୁଇ ପ୍ରଥମ ବର୍ଷର ୩୦ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଶେଷରେ ଅଧ୍ୟାପକ ସତ୍ୟନାରାରଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଇକ୍ ଦୁର୍ଘଟଣା: ଯୁବକ ମୃତ

**ରେଢାଖୋଲ, ୧୬।୧ (ଅଚ୍ୟୁତାନନ୍ଦ ପୁରୋହିତ):** ସମ୍ବଲପୁର ଜିଲା ରେଢାଖୋଲ ଥାନା କୁକୁଡାବାହାଲି ପଞ୍ଚାୟତର କସିବାହାଲ ଗ୍ରାମର ୨ଜଣ ଯୁବକ ବାଇକ୍ ଯୋଗେ ଯାଉଥିବାବେଳେ କାକଣପଡା ଗ୍ରାମ ଦୁର୍ଗାମନ୍ଦିର ନିକଟରେ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଦୁର୍ଘଟଣା ଯୋଗୁ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ହେଲେ କସିବାହାଲ ଗ୍ରାମର ଯବାନୀ ପ୍ରଧାନ(୨୪) ଓ ଗୁରୁତର ଆହତ ହେଲେ ପିଣ୍ଟୁ ପ୍ରଧାନ (୨୩)। ଏ ନେଇ ରେଢାଖୋଲ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି। ଉଭୟେ ଏକ ବାଇକ୍‌ରେ ସୋମବାର ରାତିରେ କିଆକଟା ଥାନା ଅଧିନ ଉର୍ଡା ଗ୍ରାମକୁ ମକର ଯାତ୍ରା ଦେଖିବାକୁ ଯାଉଥିବାବେଳେ ଦୁର୍ଘଟଣା ହୋଇଥିଲା।

### ସମଲେଇ ପ୍ରକଳ୍ପ ଉଦ୍‌ଘାଟନ ନେଇ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୧୬।୧ (ଭବାନୀ ଶଙ୍କର ଭୋଇ):** ସମଲେଇ ପ୍ରକଳ୍ପ ଉଦ୍‌ଘାଟନ ସମ୍ପର୍କରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୭ରେ ସମଲେଇ ପ୍ରକଳ୍ପକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରସ୍ତୁତି ବୈଠକରେ ପ୍ରକଳ୍ପ ଉଦ୍‌ଘାଟନ ପାଇଁ ମଣ୍ଡପ ନିର୍ମାଣ, ପାସ ପ୍ରଦାନ, ପୋଲିସ କଣ୍ଟ୍ରୋଲ ରୁମ୍, ସିସିଟିଭି ସେଟଅପ୍, ଆମ୍ବୁଲାନ୍ସ ଓ ଡାକ୍ତରଙ୍କୁ ନେଇ ମେଡିକାଲ ରୁମ୍, ହେଲ୍ପ ଡେସ୍କ, ଗଣମାଧ୍ୟମ ପରିଚାଳନା, ସଫେଇ ଓ ପରିମଳ ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ ବିଭାଗୀୟ କମିଶନର ସୁରେଶ ଚନ୍ଦ୍ର ଦଳାଇ, ଉତ୍ତରାଞ୍ଚଳ ଆଇଜି ଡ. ଦୀପକ କୁମାର, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ରେହାନ କ୍ଷେତ୍ରୀ, ସମଲେଇ ପ୍ରକଳ୍ପ ଦାୟିତ୍ୱରେ ଥିବା ଉମାକାନ୍ତ ରାଜ , ଅତିରିକ୍ତ ଜିଲାପାଳ ରାଜସ୍ୱ ପ୍ରଦୀପ ସାହୁ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ସମଲେଇ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମ କିଭଳି ସୁରୁଖୁରୁରେ ଆୟୋଜନ କରାଯିବ ସେ ନେଇ ବୈଠକରେ ସମସ୍ତ ଯୋଜନା ବିଷୟରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଜମନକିରା, ୧୬।୧ (ରବୀନ୍ଦ୍ରପ୍ରସାଦ ଦାନୀ):** ସମ୍ବଲପୁର ଜିଲା ଜମନକିରା ବ୍ଲକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଅରୁଣ ପଟେଲଙ୍କ ଅଧ୍ୟକ୍ଷତାରେ ଯୁକ୍ତ୨ ବିଦ୍ୟାଳୟର ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ପଟେଲ ଯୋଗ ଦେଇ ଆତ୍ମସୁରକ୍ଷା ତାଲିମର ଉପକାରିତା ବିଷୟରେ ମତବ୍ୟକ୍ତ କରିଥିଲେ। ତାଲିମ ଶିବିର ଦାୟିତ୍ୱରେ ଥିବା ଅଧ୍ୟାପିକା ତୃପ୍ତି ମଲିକ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପିଇଟି ରଞ୍ଜନ କୁମାର ମହାକୁଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମାଷ୍ଟର ଟ୍ରେନର ସୁଜାତା ଭୁଏ ଉପସ୍ଥିତ ଥିଲେ। ମୋଟ ୧୩୩ ଛାତ୍ରୀ ତାଲିମ ଗ୍ରହଣ କରିବେ ବୋଲି କଲେଜ ତରଫରୁ ଜଣାପଡିଛି।

# ସମ୍ବଲପୁରରେ ଶହୀଦଙ୍କୁ ଅସମ୍ମାନ

- ମାଲମାଲ ବିଜ୍ଞାପନ ଆଢୁଆଳରେ ଲୁଚିଗଲା ଶହୀଦଙ୍କ ପ୍ରତିମୂର୍ତ୍ତି
- ବିଜ୍ଞାପନଦାତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ: କମିଶନର

**ସମ୍ବଲପୁର, ୧୬।୧ (ପ୍ରମୋଦ ବହିଦାର)**



ଶହୀଦଙ୍କ ପ୍ରତିମୂର୍ତ୍ତିକୁ ଘେରି ରହିଛି ବିଜ୍ଞାପନ।

ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ସହରର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳି ଗୋଲବଜାର ଛକରେ ଶହୀଦଙ୍କୁ ଅସମ୍ମାନ କରାଯାଉଥିବା ଦେଖିବାକୁ ମିଳିଛି। ଏଠାରେ ଥିବା ଶହୀଦସ୍ତମ୍ଭରେ ଦେଶର ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିବା ଭଗତ ସିଂ, ରାଜଗୁରୁ, ସୁଖଦେଓ ଓ ଚନ୍ଦ୍ରଶେଖର ଆଜାଦଙ୍କ ଭଳି ଦେଶର ବୀର ସନ୍ତାନଙ୍କ ପ୍ରତିମୂର୍ତ୍ତି ରହିଛି। ସହରର ସୌନ୍ଦର୍ଯ୍ୟକରଣ ଓ ବୀରସନ୍ତାନଙ୍କ ସ୍ମୃତିରେ ବିଭିନ୍ନ ଛକରେ ସେମାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ସ୍ଥାପନ କରାଯାଇଥାଏ। ଏହାବ୍ୟତୀତ ଲୋକଙ୍କ ଅବଗତି ନିମନ୍ତେ ସ୍ଥାନେସ୍ଥାନେ ଦେଶର ସୁଯୋଗ୍ୟ ଓ ବୀର ସନ୍ତାନମାନଙ୍କ ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଇଥାଏ। ଗୋଲବଜାର ଗୋଲେଇ ଛକରେ ଏଭଳି ମହତ ଉଦ୍ଦେଶ୍ୟରେ ସ୍ଥାପିତ ଶହୀଦଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ଚତୁର୍ଦ୍ଦିଗରେ ଲାଗିଥିବା ବିଜ୍ଞାପନିଗୁଡ଼ିକର ଆଢୁଆଳରେ ରହି ସେଗୁଡ଼ିକ ବର୍ତ୍ତମାନ ସେମାନଙ୍କ ଅସ୍ତିତ୍ୱ ହରାଇବା ପରିସ୍ଥିତିରେ ଉପନୀତ। ଏଠାରେ ଶହୀଦସ୍ତମ୍ଭର ଚାରିପାଖରେ ସୁରକ୍ଷା ପାଇଁ ଲାଗିଥିବା ଲୁହା ଗ୍ରୀଲରେ ଛାଇ ହୋଇ ରହିଥିବା ସାଧାରଣ ଓ ବ୍ୟବସାୟିକ ବିଜ୍ଞାପନ ଯୋଗୁ ପ୍ରତିମୂର୍ତ୍ତିଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଲୁଚି ଯାଇଥିବା ଦେଖିବାକୁ ମିଳିଛି। ଯାହା ସହରବାସୀଙ୍କୁ ବ୍ୟାପକ ଭାବେ ବ୍ୟଥିତ କରିଛି। ମାତ୍ର ଏହାଠାରୁ ବଳି ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହି ଯେ, ଏଭଳି ଏକ ବେଆଇନ୍ କାର୍ଯ୍ୟ ପ୍ରତି କାହାରି ନିଘା ନାହିଁ। ଏହା ବେଆଇନ ହୋଇଥିବାବେଳେ ଏଥିପାଇଁ ଜରିମାନାର ବ୍ୟବସ୍ଥା ମଧ୍ୟ ରହିଛି। ମାତ୍ର ଏହାକୁ କେହି ଭୃକ୍ଷେପ କରୁନାହାନ୍ତି। ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଦିବସର କିଛି ଦିନ ପୂର୍ବରୁ ସହରର ବିଭିନ୍ନ ସ୍ଥାନରେ ଥିବା ଏଭଳି ଶହୀଦସ୍ତମ୍ଭ ଓ ଶହୀଦପୀଠଗୁଡ଼ିକୁ ଉପର ଠାଉରିଆ ସଫେଇ କରି ଦେଇ ମହାନଗର ନିଗମ ତାର ଦାୟିତ୍ୱ ସମ୍ପନ୍ନ କରିବସିଯାଏ। ମାତ୍ର ଏହାବାଦ ଏହାର ରକ୍ଷଣାବେକ୍ଷଣ ପ୍ରତି ଆଉ ଧ୍ୟାନ ଦିଆଯାଇ ନ ଥାଏ। ଗୋଲବଜାର ଛକସ୍ଥ ଶହୀଦସ୍ତମ୍ଭରେ ସ୍ଥାପିତ ପ୍ରତିମୂର୍ତ୍ତିଗୁଡ଼ିକ ଭୂମିଠାରୁ ମାତ୍ର ୨ ରୁ ୩ ଫୁଟ୍ ଉଚ୍ଚରେ ରହିଛି। ପ୍ରତ୍ୟେକ ଥର ରାସ୍ତା ନିର୍ମାଣ ହେବା ପରେ ଏହାର ଉଚ୍ଚତା ଅଧଫୁଟ୍ ହ୍ରାସ ପାଇଥାଏ। ଯଦ୍ୱାରା ପ୍ରତିମୂର୍ତ୍ତିଗୁଡ଼ିକ ଖୁବ ଅଳ୍ପ ଦିନ ମଧ୍ୟରେ ଭୂଇଁ ଛୁଇଁବା ଅବଶ୍ୟମ୍ଭାବୀ। ତେଣୁ ଅନ୍ତତଃ ୫ ରୁ ୬ଫୁଟ୍ ଉଚ୍ଚରେ ପୁନଃସ୍ଥାପନ କରିବାକୁ ସାଧାରଣରେ ଦାବି ହେଉଛି। ଏସମ୍ପର୍କରେ ମହାନଗର ନିଗମ କମିଶନର ବେଦଭୂଷଣଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ କହିଲେ ଯେ, କୌଣସି ସ୍ଥାନରେ ଦେଶମାତୃକାର ଅମୃତ ସନ୍ତାନମାନଙ୍କ ସ୍ଥାପିତ ପ୍ରତିମୂର୍ତ୍ତି ସମ୍ମୁଖକୁ ଢ଼ାଙ୍କି ରଖିବା ଭଳି କୌଣସି ବସ୍ତୁ ରହିବା ଉଚିତ ନୁହେଁ ଓ ଏହା ବେଆଇନ ବୋଲି କହିଥିଲେ। ତେବେ ଏନେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ୨୨କୁ ରାଜ୍ୟ ସରକାର ଛୁଟି ଘୋଷଣା କରନ୍ତୁ

**ସମ୍ବଲପୁର, ୧୬।୧ (ଭବାନୀ ଶଙ୍କର ଭୋଇ)**

- ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ସମ୍ବଲପୁର ଶାଖା ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

ଜାନୁଆରୀ ୨୨ରେ ଅଯୋଧ୍ୟାଠାରେ ନବନିର୍ମିତ ଶ୍ରୀରାମ ମନ୍ଦିରରେ ବିଗ୍ରହ ସ୍ଥାପନ ଓ ପ୍ରାଣ ପ୍ରତିଷ୍ଠା ହେବ। ଏହାକୁ ନେଇ ଦେଶ ବ୍ୟାପି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ପକ୍ଷରୁ ରାଜ୍ୟସ୍ତରୀୟ, ଜିଲାସ୍ତରୀୟ, ବ୍ଲକ, ମ୍ୟୁନିସିପାଲିଟି, ମହାନଗର ନିଗମସ୍ତରୀୟ ଶାଖା ଗଠନ କରାଯାଇ ଜନଜାଗରଣ ଓ ଜନସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି ମର୍ମରେ ମଙ୍ଗଳବାର ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ସମ୍ବଲପୁର ମହାନଗର ଶାଖା ପକ୍ଷରୁ ସମ୍ବଲପୁର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦୁଇ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଶୁଭଉଦଘାଟନ ପାଇଁ ରାଜ୍ୟ ସରକାର ୧୭ ତାରିଖ ରାଜ୍ୟରେ ଛୁଟି ଘୋଷଣା କରିଛନ୍ତି। ଅନୁରୂପ ଭାବେ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାର ଶୁଭ ଅବସରରେ ଆସନ୍ତା ୨୨କୁ ମଧ୍ୟ ରାଜ୍ୟ ସରକାର ଛୁଟି ଘୋଷଣା କରନ୍ତୁ ବୋଲି ଶାଖା ଦାବି କରିଛି। ଏହା ସହିତ ସେହିଦିନ ରାଜ୍ୟରେ ମାଛ, ମାଂସ ଓ ମଦ ବିକ୍ରିକୁ ମଧ୍ୟ ନିଷେଧ କରିବାକୁ ଶାଖା ପକ୍ଷରୁ ଦାବି କରାଯାଇଛି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ସମ୍ବଲପୁର ମହାନଗର ଶାଖାର ମୁଖ୍ୟ ସଂଯୋଜକ ଦାମୋଦର କରଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ରାମକୃଷ୍ଣ ନାୟକ, ବିଶ୍ୱ ହିନ୍ଦୁ ପରିଷଦର ବିପିନ ଗଡ଼ନାୟକ ଓ ସତ୍ୟ ଥନାପତି, ବଜରଙ୍ଗ ଦଳର ରାମଚନ୍ଦ୍ର ନାଏକ ସମ୍ବଲପୁର ଜିଲାପାଳଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ।

# ଜିଲା ଭାଜପାର ମନ୍ଦିର ସଫେଇ ଅଭିଯାନ

**ସମ୍ବଲପୁର, ୧୬।୧ (ବି.ଶଙ୍କର)**

ଚଳିତ ଜାନୁଆରୀ ୨୨ରେ ଉତ୍ତର ପ୍ରଦେଶର ଅଯୋଧ୍ୟାରେ ନବନିର୍ମିତ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ସମଗ୍ର ଦେଶରେ ଆଧ୍ୟାତ୍ମିକ ଓ ଉତ୍ସାହର ବାତାବରଣ ପରିଲକ୍ଷିତ ହେଉଛି। ଜାତି, ବର୍ଣ୍ଣ, ଭାଷା, ପ୍ରାନ୍ତିୟ ବିଚାରଧାରା ଊର୍ଦ୍ଧ୍ୱକୁ ଉଠି ସମସ୍ତ ଦେଶବାସୀ ଏହି ଦିନକୁ ଐତିହାସିକ ଦିନ ଭାବରେ ପାଳନ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଦେଶର ସମସ୍ତ ମଠ, ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ପ୍ରସାଦ ବଣ୍ଟନ ହେବା ସହ ସମସ୍ତ ଘରେ ଦିପୋତ୍ସବ ପାଳନ କରିବା ପାଇଁ ଲୋକେ ପ୍ରସ୍ତୁତି କରିଛନ୍ତି। ଏହି କ୍ରମରେ ଐତିହାସିକ ସମ୍ବଲପୁର ଜିଲାରେ ଭାଜପା ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମଙ୍ଗଳବାର ସ୍ଥାନୀୟ ବୁଦ୍ଧ ହିଲସ୍ଥିତ ଶ୍ରୀରାମ ଓ ବାଲିବନ୍ଧାସ୍ଥିତ ସୋମନାଥ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ ହୋଇଯାଇଛି। ମନ୍ଦିର ଭିତରେ ଓ ବାହାରେ ରହିଥିବା ଅଳିଆ ଆବର୍ଜ୍ଜନାକୁ ସଫା କରିବା ସହ ଅଞ୍ଚଳକୁ


ସମ୍ବଲପୁର ବାଲିବନ୍ଧାସ୍ଥିତ ସୋମନାଥ ମନ୍ଦିରରେ ଭାଜପା ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କର୍ମୀମାନେ।

ନିର୍ମଳ ପାଣିରେ ଧୁଆ ଯାଇଥିଲା। ସେହିପରି ଜିଲାର ବିଭିନ୍ନ ମଣ୍ଡଳରେ ମଧ୍ୟ ସଫେଇ ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ସାକ୍ଷୀଗୋପିନାଥ ମଣ୍ଡଳର ମଣ୍ଡଳ ସଭାପତି ସରୋଜ କୁମାର ଘଡେଇ, ଶିବ କୁମାର ଅଗ୍ରୱାଲ, କର୍ଣ୍ଣେଲ ପ୍ରଭାତ ପଣ୍ଡା, ମାନସ ରଞ୍ଜନ ବକ୍ସି, ଅଶ୍ୱିନୀ ମାଝି, ପ୍ରଦୀପ କୁମାର ବେହେରା, ଟୁକୁ ମହାନ୍ତି, ଫଣ୍ଟୁସ ଅଗ୍ରୱାଲ, ଶିବ ନାରାୟଣ ସୋନି, ଯୁଗଳ ରେଢ୍ଡୀ, ଟେକଧର କର ପ୍ରମୁଖ ସାମିଲ ଥିଲେ। ସେହିପରି ସ୍ଥାନୀୟ ବାଲିବନ୍ଧାଠାରେ ଥିବା ସୋମନାଥ ବାବାଙ୍କ ମନ୍ଦିରରେ ମଧ୍ୟ ସଫେଇ ଅଭିଯାନ କରାଯାଇଛି। ଭାଜପା ମହାନଦୀ ମଣ୍ଡଳ ସଭାପତି ସୁଶାନ୍ତ କୁମାର ପୁରୋହିତ ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଅନିଲ ବେହେରା, ଫଣି ଭୂଷଣ ମିଶ୍ର, ସମୀର ରଞ୍ଜନ ବାବୁ, ସୁବ୍ରତ ପାଣିଗ୍ରାହି, ସୁଧାଂଶୁ ବେହେରା, ସୌମିକ ବାବୁ, ପ୍ରଦୀପ ସୂପକାର, ସୁନିଲ ମହାରଣା, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ସାମିଲ ଥିଲେ।

# ଅର୍ଥ ଅଭାବରୁ ୨ ବର୍ଷର ଶିଶୁର ଚିକିତ୍ସାରେ ବାଧା

**ସମ୍ବଲପୁର, ୧୬।୧ (ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ମହାନଗର ନିଗମର ୨୯ ନମ୍ବର ୱାର୍ଡରେ ଥିବା ଗାନ୍ଧୀ କଲୋନୀରେ ଗରମ ପେଜରେ ପଡି ୨ ବର୍ଷର ଶିଶୁ ତଫିକ ଅନସାରୀ ଗୁରୁତର ହୋଇଥିବା ବେଳେ ଅର୍ଥ ଅଭାବରୁ ଠିକ ଭାବେ ଚିକିତ୍ସା ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଜାନୁଆରୀ ପହିଲାରେ ଘରେ ଗରମ ପେଜ ଥୁଆ ହୋଇଥିବାବେଳେ ତଫିକ ତା ଉପରେ ପଡିଯିବାରୁ ଶରୀରର ଗୋଟିଏ ପାଖ ପୋଡି ଯାଇଥିଲା। ମୁହଁଠାରୁ ଗୋଡ ପର୍ଯ୍ୟନ୍ତ ଗୋଟିଏ ପାଖ ପୋଡି ଯାଇଥିଲା। ପରିବାର ଲୋକେ ତାକୁ ପ୍ରଥମେ ସଦର ଡାକ୍ତରଖାନା ଏବଂ ପରେ ବୁର୍ଲା ଭିମସାରକୁ ନେଇ ଚିକିତ୍ସା କରାଇଥିଲେ। ତେବେ ଛଅ ଦିନ ପରେ ଘରକୁ ନେଇ ନିୟମିତ ଡ୍ରେସିଂ କରି ଔଷଧ ଲଗାଇବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ତଫିକର ବାପା ଅବଦୁଲ ଅନସାରୀ ରୋଗାକ୍ରାନ୍ତ ରହିଥିବା ଯୋଗୁ କୌଣସି କାମ କରିପାରୁ ନ ଥିବାବେଳେ ମାଆ ସୁମନ ଛୁଆକୁ ଛାଡିଅନ୍ୟ ଘରକୁ କାମ କରିବାକୁ ଯାଇପାରୁନାହାନ୍ତି। ଏବେ ତଫିକର ମାଆ ବାପା ରୋଜଗାର କରିବାକୁ ଅକ୍ଷମ ହୋଇଯାଇଥିବାରୁ ଅର୍ଥ ଅଭାବରୁ ଠିକଭାବେ ଚିକିତ୍ସା ହୋଇପାରୁ ନ ଥିବା ଅଭିଯୋଗ ହୋଇଛି।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉତ୍ସବ


ଜୟନ୍ତପୁର କଲ୍ୟାଣ ମଣ୍ଡପଠାରେ ଆୟୋଜିତ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

**ସମ୍ବଲପୁର, ୧୬।୧ (ବି.ଶଙ୍କର)**

- କୃଷି ପାଇଁ ଜଳ ସମ୍ବନ୍ଧୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ

ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଅଧିନସ୍ଥ ସମ୍ବଲପୁର ଉଠାଜଳସେଚନ ନିଗମ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉତ୍ସବ ମଙ୍ଗଳବାର ଜୟନ୍ତପୁର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ତଥା ମାନେଶ୍ୱର ବ୍ଲକ ବିଜେଡି ସଭାପତି ଗୋପିରଞ୍ଜନ ବେହେରା ମୁଖ୍ୟ ଅତିଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତଚନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ଆରତୀ ତାଣ୍ଡିଆ, ଯୁଯୋମୁରା ବ୍ଲକ କୃଷି ସହକାରୀ ଅଧିକାରୀ ଇପ୍ସିତା ନାଏକ ଏବଂ ଉଠାଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ସୂର୍ଯ୍ୟନାରାୟଣ ତ୍ରିପାଠୀ, ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଦୀପ କୁମାର ସ୍ୱାଇଁ, ବିଦ୍ୟୁତ୍ ଉପନିର୍ବାହୀ ଯନ୍ତ୍ରୀ ଇଂ. ରବୀନ୍ଦ୍ର ନାଥ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ନିରଞ୍ଜନ ନାଏକ, ଇଂ. ଶ୍ୟାମସୁନ୍ଦର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ ବିଭାଗର ଅନ୍ୟ ଅଧିକାରୀଙ୍କ ସମେତ ଜିଲାର ବିଭିନ୍ନ ଉଠାଜଳସେଚନ ପ୍ରକଳ୍ପର ପାଣି ପଞ୍ଚାୟତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ ସଭାରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ କର୍ମଶାଳାରେ କୃଷି ପାଇଁ ଜଳ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଚାଷୀମାନେ କିପରି ଜଳର ସୁବିନିଯୋଗ କରି ଚାଷ କାର୍ଯ୍ୟକୁ ସୂଚାରୁ ରୂପେ ପରିଚାଳନା କରିବେ, ନେଇ ଉତ୍ସବରେ ଗୁରୁତ୍ୱାରୋପ କରାଯାଇଥିଲା। ମନୋମୁଖି ବିଦ୍ୟୁତ୍ ବିଲ ଦେବା, ଚାଷ ସମୟରେ ବିଦ୍ୟୁତ୍ କାଟିବା ଭଳି ଘଟଣା ଯୋଗୁ ଚାଷ କାର୍ଯ୍ୟରେ ବହୁତ ସମସ୍ୟା ଦେଖାଦେଉଛି। ଦୀର୍ଘବର୍ଷର ପୁରୁଣା ଉଠାଜଳସେଚନ ପ୍ରକଳ୍ପଗୁଡିକର କିପରି ମରାମତି କାର୍ଯ୍ୟ ହୋଇପାରିବ, ସେନେଇ ଚାଷୀମାନେ ସଭାରେ ମତ ରଖିଥିଲେ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ

**ସମ୍ବଲପୁର, ୧୬।୧ (ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଯୁଯୋମୁରା ଥାନା ଅନ୍ତର୍ଗତ କକ୍ଳେଶ୍ୱର ମନ୍ଦିର ନିକଟସ୍ଥ ଏକ ଫାର୍ମ ହାଉସରେ ଗତ ୨୦୨୨ ଜୁନ ୧୦ରେ ସଙ୍ଗଠିତ ବୀର ମାଝି ହତ୍ୟା ଘଟଣାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ସମ୍ବଲପୁର ଜିଲା ତଥା ସେସନ୍ସ ଜଜ ପ୍ରଦ୍ୟୁମ୍ନ କୁମାର ନାୟକ ଅଭିଯୁକ୍ତ ପବିତ୍ର ମିର୍ଦ୍ଧାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ସେ ଆଦେଶ ଦେଇଛନ୍ତି। ସୂଚନା ଅନୁସାରେ ଗତ ୨୦୨୨ ଜୁନ ୯ ରାତିରେ ଯୁଯୋମୁରା ଥାନା ଧମାକଟାର ପବିତ୍ର ମିର୍ଦ୍ଧା ସେହି ଗ୍ରାମର ବୀର ମାଝିଙ୍କୁ ତାଙ୍କ ଘରକୁ ଆସି କକ୍ଳେଶ୍ୱର ମନ୍ଦିର ନିକଟସ୍ଥ ଫାର୍ମ ହାଉସରେ କାର୍ଯ୍ୟ କରିବାକୁ ଡାକି ନେଇଥିଲେ। ତା'ପରଦିନ ଅର୍ଥାତ ଜୁନ ୧୦ରେ କୌଣସି କଥାକୁ ନେଇ ଉଭୟ ବୀର ଓ ପବିତ୍ର ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ପବିତ୍ର ଏକ ଠେଙ୍ଗାରେ ବୀର ମୁଣ୍ଡକୁ ଆଘାତ କରିଥିଲା। ଫଳରେ ବୀର ଗୁରୁତର ଆହତ ହୋଇ ସେଠାରେ ପଡ଼ିଯାଇଥିଲେ। ଏହା ଦେଖି ପାଖରେ ଥିବା ଯୁବକମାନେ ବୀରକୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ବୀରଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ବୀରଙ୍କ ଭ୍ରାତା ବିହାରୀ ମାଝି ଯୁଯୋମୁରା ଥାନାରେ ଏନେଇ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ଯୁଯୋମୁରା ଥାନାରେ ଦଫା ୩୦୨ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଦଳ ସହ ପୋଲିସ ପହଞ୍ଚି ଛାନଭିନ୍ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେହିପରି ଅଭିଯୁକ୍ତଙ୍କ ରକ୍ତଲଗା ଲୁଗା ଓ ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ମଧ୍ୟ ଜବତ କରିଥିଲା ପୋଲିସ। ଏହାକୁ ନେଇ ସମ୍ବଲପୁର ଏସ୍‌ଡିଜେଏମ୍ ସାହୁ ପ୍ରତ୍ୟକ୍ଷଦର୍ଶୀ ସାକ୍ଷ୍ୟ ପ୍ରମାଣକୁ ଆଧାର କରି କୋର୍ଟରେ ଏହି ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। କୋର୍ଟରେ ମାମଲାକୁ ସରକାରୀ ଓକିଲ ଦୀପ୍ତି ରଞ୍ଜନ ଷଣ୍ଡ ପରିଚାଳନା କରିଥିଲେ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ସମ୍ବଲପୁରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ସମ୍ବଲପୁର, ୧୬।୧ (ଭବାନୀ ଶଙ୍କର ଭୋଇ)**

ବୁଧବାର ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ସ୍ମରଣୀୟ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ବ୍ୟବସ୍ଥା କରିଛନ୍ତି। ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ପୁରୀ ସହର ଉତ୍ସବ ମୁଖର ହୋଇଥିବାବେଳେ ଏଥିରୁ ସମ୍ବଲପୁର ମଧ୍ୟ ବାଦ ପଡିନାହିଁ। ସମ୍ବଲପୁର ପ୍ରଶାସନ ପକ୍ଷରୁ ସହରର କମିଶନର କଲୋନୀସ୍ଥିତ ଜଗନ୍ନାଥ ମନ୍ଦିର, ବୁର୍ଲା ପ୍ଲାନେଟୋରିଅମ ନିକଟସ୍ଥ ଜଗନ୍ନାଥ ମନ୍ଦିର ଏବଂ ହୀରାକୁଦର ହିଣ୍ଡାଲକୋ ଗେଟ ନିକଟସ୍ଥ ଜଗନ୍ନାଥ ମନ୍ଦିରରେ ଲୋକାର୍ପଣ ଉତ୍ସବକୁ ସିଧାସଳଖ ଦେଖିବାପାଇଁ ବ୍ୟବସ୍ଥା କରାଯାଇଛି। ପୂର୍ବାହ୍ନ ୧୦ଟାରେ ଭକ୍ତମାନଙ୍କ ଉପସ୍ଥିତିରେ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା ପରେ ଭଜନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହା ପରେ ପୁରୀରୁ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ଦେଖିପାରିବେ ବୋଲି ସମ୍ବଲପୁର ମହାନଗର ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ ସୂଚନା ଦେଇଛନ୍ତି।

# ରୁଙ୍ଗ୍‌ଟା ମାଇନ୍ସ ଆଣ୍ଡ ଷ୍ଟିଲ୍ ପକ୍ଷରୁ ଡିଲର୍ସ ମିଟ୍


ସମ୍ବଲପୁର ଉପକଣ୍ଠସ୍ଥ ଏକ ହୋଟଲ ସମ୍ମିଳନୀ କକ୍ଷରେ ରୁଙ୍ଗ୍‌ଟା ମାଇନ୍ସ ଆଣ୍ଡ ଷ୍ଟିଲସ ପକ୍ଷରୁ ଡିଲର୍ସ ମିଟରେ ଅତିଥିମାନେ।

**ସମ୍ବଲପୁର, ୧୬।୧ (ବି.ଶଙ୍କର)**

ରୁଙ୍ଗ୍‌ଟା ମାଇନ୍ସ ଆଣ୍ଡ ଷ୍ଟିଲସ୍ ପକ୍ଷରୁ ଡିଲର୍ସ ମିଟ ସମ୍ବଲପୁର ଉପକଣ୍ଠସ୍ଥ ଏକ ହୋଟଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କମ୍ପାନୀର ଏଭିପି ତଥା ଟିଏମଟି ଆଣ୍ଡ ୱେୟାରରଡ ମାର୍କେଟିଂ ମୁଖ୍ୟ ଅରବିନ୍ଦ କୁମାର ଯୋଗଦେଇଥିଲେ। ଏଥିସହ କମ୍ପାନୀର ଓଡ଼ିଶା ମୁଖ୍ୟ ଶୁଭାଶିଷ ଦଳେଇ, ପଶ୍ଚିମ ଓଡ଼ିଶା ମୁଖ୍ୟ ଶଶାଙ୍କ ଆଚାର୍ଯ୍ୟ, ବିତରକ ଶ୍ରୀରାମ ଏଣ୍ଟରପ୍ରାଇଜେସ ସମ୍ବଲପୁରର ବାସୁଦେବ ଶର୍ମା ଓ ଅଙ୍କିତ ଶର୍ମା ମଞ୍ଚାସୀନ ଥିଲେ। ଏଥିରେ ସମ୍ବଲପୁର, ଝାରସୁଗୁଡା, ସୋନପୁର, ସୁନ୍ଦରଗଡ ଓ ବରଗଡର ପ୍ରାୟ ୧୫୦ ଡିଲର ଯୋଗଦେଇଥିଲେ। ଏହି ଅବସରରେ କମ୍ପାନୀର ଏଭିପି ବିଭିନ୍ନ ବିଷୟରେ ଡିଲରମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ କମ୍ପାନୀର ଷ୍ଟିଲ ଉତ୍ପାଦନ କ୍ଷେତ୍ରରେ ସମ୍ପ୍ରସାରଣ ଯୋଜନା ସମ୍ପର୍କରେ ସେ ସୂଚନା ଦେଇଥିଲେ।

# ଝାଡ଼ଖଣ୍ଡ ପ୍ରଥମ ପାଳିରେ ୪୮୭ ରନ୍ ଘୋଷଣା

**ସର୍ବଭାରତୀୟ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ**

- ସତ୍ୟା ଓ ରୋବିନ୍‌ଙ୍କ ଦ୍ୱିଶତକ
- ଦ୍ୱିତୀୟ ପାଳିରେ ଓଡ଼ିଶା ୧୯୨/୨
- ରଘୁନାଥ ମାଲାଙ୍କ ଅପରାଜିତ ଶତକ

**ସମ୍ବଲପୁର, ୧୬।୧ (ବି.ଶଙ୍କର)**


ସତ୍ୟା ସେଟ୍ଟୁ।


ରୋବିନ ମିଞ୍ଜ।


ଓମ ମୁଣ୍ଡେ।

ଓଡ଼ିଶା ଓ ଝାଡ଼ଖଣ୍ଡ କ୍ରିକେଟ ଦଳ ମଧ୍ୟରେ ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ୨୩ ବର୍ଷରୁ କମ ସର୍ବଭାରତୀୟ କର୍ନେଲ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ଭ୍ରମଣକାରୀ ଝଡ଼ଖଣ୍ଡ ଦଳ ୧୦୮.୨ ଓଭରରେ ମାତ୍ର ୩ଟି ଉଇକେଟ ହରାଇ ୪୮୭ ରନ କରି ପାଳିଘୋଷଣା କରିଛି। ଦଳର ନିର୍ଭରଯୋଗ୍ୟ ବ୍ୟାଟସମ୍ୟାନ ସତ୍ୟା ସେଟୁ ଧୁଆଁଧାର ବ୍ୟାଟିଂ କରି ଓଡ଼ିଶା ବୋଲରମାନଙ୍କୁ ଚାପରେ ରଖିଥିଲେ। ସେ ୩୦୧ ବଲର ସମ୍ମୁଖୀନ ହୋଇ ଅପରାଜିତ ୨୦୩ ରନ କରିଛନ୍ତି। ଏଥିରେ ସେ ୨୮ଟି ଚଉକା ଓ ୧ଟି ଛକ୍କା ମାରିଥିଲେ । ସେହିପରି ରୋବିନ ମିଞ୍ଜ ମଧ୍ୟ ଧୁଆଁଧାର ବ୍ୟାଟିଂ କରି ୧୯୯ ବଲର ସମ୍ମୁଖିନ ହୋଇ ୨୦୧ ରନ ସଂଗ୍ରହ କରିଛନ୍ତି। ଏଥିରେ ସେ ୨୩ଟି ଚଉକା ଓ ୯ଟି ଦର୍ଶନୀୟ ଛକ୍କା ମାରିଥିଲେ। ଯଦ୍ୱାରା ଦଳ ବିଶାଳ ସ୍କୋର କରିବାରେ ସଫଳ ହୋଇଛି। ଝାଡ଼ଖଣ୍ଡ ପାଳି ଘୋଷଣା ପରେ ଘରୋଇ ଓଡିଶା ଦଳ ଦ୍ୱିତୀୟ ପାଳି ବ୍ୟାଟିଂ କରିଥିଲା। ତୃତୀୟ ଦିନ ମ୍ୟାଚର ଷ୍ଟମ୍ପ ଅପସାରଣ ବେଳକୁ ଓଡିଶା ଦଳ ୭୨ ଓଭରରେ ୨ ଉଇକେଟ ହରାଇ ୧୯୨ ରନ ସଂଗ୍ରହ କରିଛି। ଯଦ୍ୱାରା ଓଡ଼ିଶା ୧୨୭ ରନରେ ଝାଡ଼ଖଣ୍ଡଠାରୁ ପଛରେ ରହିଛି। ତେଣୁ ମ୍ୟାଚ ଡ୍ର କରିବାକୁ ହେଲେ ବୁଧବାର ଓଡିଶାକୁ ସଂଘର୍ଷ କରିବାକୁ ପଡିବ। ଓଡିଶା ଦଳର ବ୍ୟାଟ୍ସମ୍ୟାନ ରଘୁନାଥ ମାଲା ୨୨୫ ବଲର ସମ୍ମୁଖିନ ହୋଇ ୧୦୩ ରନ ସଂଗ୍ରହ କରି ଅପରାଜିତ ରହିଛନ୍ତି। ଏଥିରେ ସେ ୧୬ଟି ଛଉକା ମାରିଛନ୍ତି। ଅନ୍ୟତମ ଓପନର ଓମ ମୁଣ୍ଡେ ୧୪୭ଟି ବଲର ସମ୍ମୁଖିନ ହୋଇ ୬୨ ରନର ଯୋଗଦାନ କରିଛନ୍ତି। ଏଥିରେ ସେ ୬ଟି ଛଉକା ମାରିଛନ୍ତି। ଝଡ଼ଖଣ୍ଡ ବୋଲର ମନିଶି ସିଂ ୨ଟି ଉଇକେଟ ହାସଲ କରିଛନ୍ତି। ଫଜିଲ ମହମ୍ମଦ ମ୍ୟାଚ ରେଫରୀ ରହିଥିବାବେଳେ ତାମିଲନାଡୁର ରାକେଶ ରାଘବନ ଓ ରାୟପୁରର ବିକାଶ ଭଟ୍ଟ ଅମ୍ପାୟାରିଂ କରିଥିଲେ । ସ୍କୋରର ଭାବେ ବିରାଜ ଦାଶ ଓ ସନ୍ଦିପ କୁମାର ରହିଛନ୍ତି।

# ଚିନାବାଦାମରେ ଘାସ ବଛା



ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ। ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ । ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୫୦୦ ମି.ଲି. ଟେବୁକୋନାଜୋଲ୍/ହେକ୍ସାକୋନାଜଲ୍ କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ।

# ଖରିଫ ଧାନ ଅମଳ ପରେ



ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇ ଦେବା ଉଚିତ। ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅକରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ ।

# ବୈଜ୍ଞାନିକ ଉପାୟରେ ଲାଭଜନକ ଛେଳି ପାଳନ



ଡା. ନିରାକାର ଜେନା

ଛେଳିପାଳନ ଏକ ସହଜ ଏବଂ ସରଳ ଚାଷ। ଏହାକୁ ସମସ୍ତ ବର୍ଗର, ସବୁ ବୟସର, ସବୁ ଧର୍ମର ଲୋକେ ସହଜରେ ପାଳନ କରିପାରନ୍ତି। ଏହାର ମାଂସକୁ ପ୍ରାୟ ସମସ୍ତେ ଖାଇଥାଆନ୍ତି ଏବଂ ଏହାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଚାଷ ଆରମ୍ଭ କରିବା ପାଇଁ କମ୍ ପୁଞ୍ଜିର ଆବଶ୍ୟକ ହୋଇଥାଏ । ତେଣୁ ଦିନକୁ ଦିନ ଆମ ରାଜ୍ୟର ଅନେକ ଯୁବତୀଯୁବକ, କ୍ଷୁଦ୍ର ନାମମାତ୍ର ଚାଷୀ ଏହି ଚାଷକୁ ଆଦରି ନେଇଛନ୍ତି। ଅନେକେ ମଧ୍ୟ ଛେଳିଚାଷ ପାଇଁ ଆଗଭର ହେଉଥିବାର ଦେଖିବାକୁ ମିଳୁଛି। ମାତ୍ର ଏହି ଚାଷ କରିବାରେ ସେମାନେ ବୈଜ୍ଞାନିକ ଜ୍ଞାନକୌଶଳ ଅବଲମ୍ବନ ନ କରି ପାରମ୍ପରିକ ଭିତ୍ତିରେ କରୁଛନ୍ତି। ଫଳରେ ଅଧିକ ଲାଭ ପାଇପାରୁନାହାନ୍ତି।

ଛେଳି ପାଳନ ପାଇଁ ଯଦି ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରାଯାଏ, ତା'ହେଲେ ଚାଷୀମାନେ ଅଧିକ ଲାଭବାନ୍ ହୋଇପାରିବେ। ଏହି ଉପାୟରେ ଛେଳିଚାଷ ପାଇଁ ଚାରୋଟି ଦିଗ ପ୍ରତି ଧ୍ୟାନଦେବା ଦରକାର। ସେଗୁଡ଼ିକ ହେଲା- (୧) ନିଜ ପାଖରେ ମହଜୁଦ ଥିବା ଛେଳି ପ୍ରଜାତିର ଉନ୍ନତୀକରଣ, (୨) ବୈଜ୍ଞାନିକ ପଦ୍ଧତିରେ ସ୍ୱାସ୍ଥ୍ୟ ପରଚାଳନା ଏବଂ (୩) ଅନ୍ୟାନ୍ୟ ରକ୍ଷଣାବେକ୍ଷଣ।

**ମହଜୁଦ ଥିବା ଛେଳି ପ୍ରଜାତିର ଉନ୍ନତୀକରଣ :** ସାଧାରଣତଃ ଚାଷୀମାନଙ୍କ ପାଖରେ ଦେଶୀ ପ୍ରଜାତିର ଛେଳି ଥାଆନ୍ତି। ସେମାନଙ୍କର ଓଜନ, ଗଠନ ଆଦିର ବୃଦ୍ଧି ତଥା ବିକାଶ କରିବା ଲାଗିବିଶେଷଭାବରେ ଧ୍ୟାନଦେବା ଉଚିତ। ତେଣୁ ଏଥିପାଇଁ ସେମାନଙ୍କର ପ୍ରଜନନ ଉପରେ ଗୁରୁତ୍ୱ ଦେବା ଦରକାର। ନିଜ ପାଖରେ ଥିବା ଛେଳିଛୁଆଙ୍କୁ ପ୍ରଜନନ ପାଇଁ ବୋଦା ଛାଡ଼ନ୍ତୁ ନାହିଁ। ଭିନ୍ନ ଏକ ପଲର ଛେଳିଛୁଆମାନଙ୍କ ମଧ୍ୟରୁ ପ୍ରଜନନ ନିମନ୍ତେ ବୋଦା ଚୟନକରି ବ୍ୟବହାର କରନ୍ତୁ। ପ୍ରତି ୨-୩ ବର୍ଷରେ ବୋଦା ବଦଳ କରିବା ଆବଶ୍ୟକ। ନିଜ ପାଖରେ ଥିବା ଦେଶୀ ପ୍ରଜାତିର ବ୍ଲାକ୍‌ବେଙ୍ଗଲ ଛେଳିମାନଙ୍କର ଉନ୍ନତୀକରଣ ତଥା ସଙ୍କରୀକରଣ ପାଇଁ ଶିରୋହୀ, ବରବୋରୀ, ଏବାଏର, ବିଟଲ୍, ଯମୁନାପାରୀ ଭଳି ଉନ୍ନତ ଧରଣର ପ୍ରଜାତିର ବୋଦାମାନଙ୍କ ଦ୍ୱାରା ପ୍ରଜନନ ବା ସଙ୍ଗମ କରାଇବା ଉଚିତ। ଏହାବ୍ୟତୀତ ଅଯଥାରେ ବୋଦା ପାଳି ଖର୍ଚ୍ଚାନ୍ତ ହୁଅନ୍ତୁ ନାହିଁ। ଉନ୍ନତ ପ୍ରଜାତିର ଛେଳିଛୁଆ ପାଇବା ପାଇଁ କୃତ୍ରିମ ପ୍ରଜନନ ପଦ୍ଧତି ମଧ୍ୟ ଆପଣେଇପାରିବେ। ତେଣୁ ଏହି ସମସ୍ତ ବୈଜ୍ଞାନିକ ପଦ୍ଧତିରେ ଛେଳିଛୁଆମାନଙ୍କର କୃତ୍ରିମ ପ୍ରଜନନ କରାଇ ଛେଳିପଲର ବଂଶାନୁକ୍ରମିକ ଗୁଣବତ୍ତାର ଉନ୍ନତି ହେବା ସହ ଉନ୍ନତ ପ୍ରଜାତିର ଛେଳି ପାଇଁ ଓଡ଼ିଶାର ଛେଳି ଚାଷୀଭାଇ ଏବଂ ଭଉଣୀମାନେ ଲାଭବାନ ହୋଇପାରିବେ।

"ଛେଳି ମୃତ୍ୟୁହାର ରୋକିବା ପାଇଁ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥାକୁ ଟିକିନିକି ଭାବରେ ନିୟମିତ ବୈଜ୍ଞାନିକ ଉପାୟରେ ପରିଚାଳନା କରିବା ଆବଶ୍ୟକ। ପ୍ରତି ୩ ମାସ ବ୍ୟବଧାନରେ ଡାକ୍ତରୀ ପରାମର୍ଶକରି ଛେଳିମାନଙ୍କୁ ନିୟମିତ କୃମିନାଶକ ଔଷଧ ଦେବା ଉଚିତ। ନିୟମିତ ପିପିଆର୍, ବସନ୍ତ, ଇଏନ୍‌ଟି ରୋଗ ପାଇଁ ଛେଳିମାନଙ୍କୁ ଟିକାକରଣ କରନ୍ତୁ। ଛେଳିମାନଙ୍କର ଟିକା ଓ କୃମି ଉପଚାର ପାଇଁ ଚିଠା ପ୍ରସ୍ତୁତ କରିବା ଉଚିତ। ଛେଳିମାନଙ୍କର ସ୍ୱାସ୍ଥ୍ୟର ଅବନତି ଘଟିଲେ କିମ୍ବା ଦେହ ଖରାପ ହେଲେ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ଥିବା ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇବା ଉଚିତ।"



**ବୈଜ୍ଞାନିକ ପ୍ରଣାଳୀରେ ସ୍ୱାସ୍ଥ୍ୟରକ୍ଷା:** ଛେଳିମାନଙ୍କର ଅକାଳ ମୃତ୍ୟୁହାର ରୋକି ପାରିଲେ ଛେଳିପାଳନରେ ଲାଭ ମିଳିଥାଏ। ତେଣୁ ଛେଳି ମୃତ୍ୟୁହାର ରୋକିବା ପାଇଁ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥାକୁ ଟିକିନିକି ଭାବରେ ନିୟମିତ ବୈଜ୍ଞାନିକ ଉପାୟରେ ପରିଚାଳନା କରିବା ଆବଶ୍ୟକ। ପ୍ରତି ୩ ମାସ ବ୍ୟବଧାନରେ ଡାକ୍ତରୀ ପରାମର୍ଶ କରି ଛେଳିମାନଙ୍କୁ ନିୟମିତ କୃମିନାଶକ ଔଷଧ ଦେବା ଉଚିତ। ନିୟମିତ ପିପିଆର୍, ବସନ୍ତ, ଇଏନ୍‌ଟି ରୋଗ ପାଇଁ ଛେଳିମାନଙ୍କୁ ଟିକାକରଣ କରନ୍ତୁ। ଛେଳିମାନଙ୍କର ଟିକା ଓ କୃମି ଉପଚାର ପାଇଁ ଚିଠା ପ୍ରସ୍ତୁତ କରିବା ଉଚିତ। ଛେଳିମାନଙ୍କର ସ୍ୱାସ୍ଥ୍ୟର ଅବନତି ଘଟିଲେ କିମ୍ବା ଦେହ ଖରାପ ହେଲେ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ଥିବା ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇବା ଉଚିତ।

**ବୈଜ୍ଞାନିକ ଉପାୟରେ ଖାଦ୍ୟ ଉପଚାର:** ଛେଳିମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ବୃଦ୍ଧି ପାଇଁ ଉପଯୁକ୍ତ ଖାଦ୍ୟ ବା ପୋଷଣ ଆବଶ୍ୟକ। ପ୍ରଜନନକ୍ଷମ ବୟସ୍କ ଛେଳିମାନଙ୍କୁ ଚରିବା ସହ ଦୈନିକ ୧୦୦-୩୫୦ ଗ୍ରାମ ମିଶ୍ରିତ ଦାନା ଦେବା ଉଚିତ। ଗର୍ଭ ଅବସ୍ଥାରେ ଥିବା ଛେଳିମାନଙ୍କୁ ଗର୍ଭଧାରଣର ପ୍ରଥମ ୪ମାସ ୩-୫ ଘଣ୍ଟା ଚରିବାକୁ ଛାଡ଼ିବା ସହ ୧୦ କି.ଗ୍ରା. ସବୁଜ ଘାସ ଖାଇବାକୁ ଦେବା ଉଚିତ। ମାତ୍ର ଗର୍ଭଧାରଣର ଶେଷ ମାସରେ ଛେଳି ୪-୫ ମାସ ଚରିବା ସହ ତାକୁ ୨୫୦ ଗ୍ରାମ ମିଶ୍ରିତ ଦାନା ଖାଇବାକୁ ଦେବା ଦରକାର। ଛୁଆ ଜନ୍ମ କରିବା ସମୟରେ କିମ୍ବା ଛୁଆ ଜନ୍ମକରିବା ସଙ୍ଗେ ସଙ୍ଗେ ଛେଳିମାନଙ୍କୁ ଦାନା ଖାଇବାକୁ ଦେବା ଅନୁଚିତ। ସେମାନଙ୍କୁ ଉକ୍ତ ସମୟରେ ଶୁଖିଲା କୁଟା, ଘାସ, ପତ୍ର ସହ ଉଷୁମପାଣି ପ୍ରଚୁର ପରିମାଣରେ ପିଇବାକୁ ଦେବା ଉଚିତ। ଛୁଆ ଜନ୍ମ କରିବାର ୭ଦିନ ପର୍ଯ୍ୟନ୍ତ ମାଈ ଛେଳିମାନଙ୍କୁ ସମୁଦାୟ ଖାଦ୍ୟକୁ ଭାଗକରି ଖାଇବାକୁ ଦିଅନ୍ତୁ। ସେହିପରି ଦୁଗ୍ଧ ପ୍ରଦାନ କରୁଥିବା ଛେଳିମାନଙ୍କୁ ୬-୮ ଘଣ୍ଟା ଦୈନିକ ଚରିବାକୁ ଛାଡ଼ିବା ସହ ସବୁଜଘାସ କିମ୍ବା ୪୦୦ ଗ୍ରାମ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ। ଫଳରେ ସେମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ଠିକ୍ ରହିବ।

ଅନ୍ୟପକ୍ଷରେ ପ୍ରଜନନକ୍ଷମ ବୋଦାମାନଙ୍କୁ ମାଈଛେଳିମାନଙ୍କ ସହ ୬-୮ଘଣ୍ଟା ଚରିବା ସହିତ ୫୦୦ ଗ୍ରାମ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା ସେମାନଙ୍କର ପ୍ରଜନନ କ୍ଷମତା ଠିକ୍ ରହିବ। ସେହିପରି ଛେଳି ଚାଷର ଭବିଷ୍ୟତ ହେଉଛନ୍ତି ଛେଳିଛୁଆ। ତେଣୁ ସେମାନଙ୍କୁ ଜନ୍ମହେବା ସଙ୍ଗେ ସଙ୍ଗେ କ୍ଷୀର ପିଇବାକୁ ଦିଅନ୍ତୁ। ତା' ସହ ୩ଦିନ ପର୍ଯ୍ୟନ୍ତ ମା' ସହ ରଖି କଷକ୍ଷୀର ପିଇବାକୁ ଛାଡ଼ିବା ଉଚିତ। ଜନ୍ମର ୧୪ ଦିନ ପରେ ଛେଳିଛୁଆମାନଙ୍କୁ ସବୁଜଘାସ ଖାଇବା ଶିଖାଇବା ଉଚିତ। ୧ମାସରୁ୩ ମାସ ପର୍ଯ୍ୟନ୍ତ ୫୦-୧୦୦ ଗ୍ରାମ କ୍ରିପ୍ ଦାନା ଏବଂ ୩ରୁ ୧ବର୍ଷ ପର୍ଯ୍ୟନ୍ତ ଛେଳିଛୁଆମାନଙ୍କୁ ୮ ଘଣ୍ଟା ଚରିବାକୁ ଛାଡ଼ିବା ସହ ୧୦୦-୨୦୦ ଗ୍ରାମ ଦାନା ଖାଇବାକୁ ଦେବା ଉଚିତ। ଏହାଦ୍ୱାରା ଛେଳିଛୁଆମାନଙ୍କର ମୃତ୍ୟୁହାର କମିବା ସହ ଭବିଷ୍ୟତରେ ସୁସ୍ଥ ସବଳ ଛେଳି ମିଳିଥାଏ। (କ୍ରମଶଃ..)

-ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ, ତିହିଡ଼ି, ଭଦ୍ରକ, ମୋ : ୯୪୩୭୮୯୦୦୨୬



# ରାଶି ଚାଷ

ଜାନୁୟାରୀ ଶେଷରୁ ଫେବୃଆରୀ ୧୫ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତକଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବରଖତ ଶେଷ ଓଡ଼ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲ୍‌ଫର ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍‌ଫରସ୍ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲ୍‌ଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।

## ଚାଷୀଙ୍କ ପାଇଁ...



ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲ୍‌ଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲ୍‌ଟରନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

## ଅଳ୍ପରେ..



- ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।
- ଫୁଲଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।
- ଗାଈମାନଙ୍କଠାରେ ପ୍ରସୂତି ସମସ୍ୟା ତଥା ଭୂତାଣୁଜନିତ ଫାଟୁଆ ରୋଗ ଦେଖାଦେଲେ, ଏହାର ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।
- କୁକୁଡ଼ା ପାଳନ କରୁଥିଲେ ଥଣ୍ଡାଜନିତ ଅସୁବିଧାରୁ ରକ୍ଷାପାଇବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରନ୍ତୁ। ଭୂତାଣୁଜନିତ ରୋଗ ପ୍ରତିଷେଧକ ବ୍ୟବସ୍ଥା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।
- ଆମ୍ବ ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍-୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ ।

# ସଫଳ କୃଷିର ମୁଖ୍ୟ ଦିଗ

(ଶେଷ ଭାଗ)

ରୋଗ ଓ ପୋକ ପରି ଘାସ, ଫସଲର ଏକ ବଡ଼ ଶତ୍ରୁ। କ୍ଷେତରେ ଚାଷ ହୋଇଥିବା ମୁଖ୍ୟ ଫସଲକୁ ଛାଡ଼ି ଅଳ୍ପ ଅଦରକାରୀ ତଥା ଅନାବଶ୍ୟକ ଗୁଳ୍ମ ଆଦିକୁ ଘାସ ସହ ତୁଳନା କରାଯାଇପାରେ । ଘାସ ଖାଦ୍ୟସାର, ଜଳ ଏବଂ ଆଲୋକ ପାଇଁ ମୁଖ୍ୟ ଫସଲ ସହ ପ୍ରତିଯୋଗିତା କରି ମୁଖ୍ୟ ଫସଲର ଅମଳ କମାଇବା ସଙ୍ଗେ ସଙ୍ଗେ ମାଟିର ଉର୍ବରତା କମାଇଥାଏ । ତେଣୁ କ୍ଷେତରୁ ଘାସ ଦମନ ପାଇଁ ଯାନ୍ତ୍ରିକ, ରାସାୟନିକ ଅବା ସମନ୍ୱୟ ଉପାୟରେ ଦୂରକରିବା ଉଚିତ୍ । ଯାନ୍ତ୍ରିକ ପଦ୍ଧତି ମାଧ୍ୟମରେ କୋଡ଼ାଖୁସା କିମ୍ବା ନିଜ ହାତରେ ଘାସ ନିୟନ୍ତ୍ରଣ କରାଯାଇପାରିବ । ବର୍ତ୍ତମାନ ଅନେକ ପ୍ରକାର ଘାସମରା ରାସାୟନିକ ଦ୍ରବ୍ୟ ବଜାରରେ ବିକ୍ରି ହେଉଛି । ଚାଷୀ ଏଥିରୁ ମାତ୍ର ଗୋଟିଏ ଔଷଧ କିଣି ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଠିକ୍ ମାତ୍ରା, ପ୍ରଣାଳୀ ଏବଂ ଉପଯୁକ୍ତ ସମୟରେ ପ୍ରୟୋଗକଲେ ଘାସ ନିୟନ୍ତ୍ରଣ ହୋଇପାରିବ ।

**ଜଳ ପରିଚାଳନା:** ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ସୀମିତ ବର୍ଷାଜଳକୁ ସଂରକ୍ଷଣ କରି ଆବଶ୍ୟକ ବେଳେ ବ୍ୟବହାର କରାଯାଇପାରିବ। ଗଡ଼ାଣିଆ ଜମିକୁ ସମତଳ କଲେ, ମାଟିକୁ ଓଲଟପାଲଟ ଏବଂ କୋଡ଼ାଖୁସା କଲେ ବର୍ଷାଜଳ ସଂରକ୍ଷିତ ହୁଏ। ମାଟିର ଜଳଧାରଣ ଶକ୍ତି ବଢ଼ାଇବା ପାଇଁ ଯଥେଷ୍ଟ ଶଢ଼ା ଗୋବରଖତ ପ୍ରୟୋଗର ଆବଶ୍ୟକତା ଅଛି । ମଧ୍ୟମ ଏବଂ ଖାଲ ଜମିରେ ସୀମିତ ବର୍ଷାଜଳକୁ ବାନ୍ଧି ରଖି ଛୋଟ କିସମ ଧାନ ଏବଂ ଡାଲିଜାତୀୟ ଫସଲ ଚାଷ କରାଯାଇପାରିବ ।

ବାଲିଆ କିସମ ମାଟିରେ ଜଳ ନିମ୍ନଗାମୀ ହୋଇ ଅଧିକ ନଷ୍ଟହୁଏ । ତେଣୁ ଏ ପ୍ରକାର ମାଟିରେ ହୋଇଥିବା ଫସଲ ପାଇଁ ସ୍ୱଳ୍ପ ପରିମାଣର ଜଳକୁ ଅଧିକ ଥର ସେଚନ କରିବା ସହ ଅଧିକ ଶଢା ଗୋବରଖତ ପ୍ରୟୋଗକରିବା ଉଚିତ । ମାଟି ଉପରେ ବୋହି ଯାଉଥିବା ଜଳକୁ ଅଟକାଇବା ପାଇଁ ବୃହତ୍ କିସମ କ୍ଷେତକୁ ଛୋଟ ଛୋଟ ପଟାଳିରେ ପରିଣତ କରି ମାଟିକୁ ସମତୁଳ କରିବାର ଆବଶ୍ୟକତା ଅଛି । ମାଟି ଶୁଖିଗଲେ ଗଛ ଝାଉଁଲେ, ଜଳସେଚନ କଲେ ଗଛ ସତେଜ ରହେ। କ୍ଷେତ୍ର ବୈଜ୍ଞାନିକମାନେ ପ୍ରତ୍ୟେକ ଫସଲ ପାଇଁ ଜଳର ଠିକ୍ ପରିମାଣ, ଠିକ୍ ସମୟ ଏବଂ ଠିକ୍ ପ୍ରଣାଳୀରେ ଜଳସେଚନ ପଦ୍ଧତିମାନ ନିର୍ଣ୍ଣୟ କରିଛନ୍ତି। ଉକ୍ତ ପଦ୍ଧତିରେ ଫସଲରେ ଜଳସେଚନ କଲେ ଫସଲରୁ ଅଧିକ ଅମଳ ମିଳିବା ସହ ଜଳ ପରି ମୂଲ୍ୟବାନ୍ ବସ୍ତୁର ସଦ୍ ବ୍ୟବହାର ହୋଇପାରିବ ।



**ଅନୁକୂଳ ଜଳବାୟୁ :** ଜଳବାୟୁ, ପ୍ରକୃତିତତ୍ତ୍ୱ ବର୍ଷା, ଉତ୍ତାପ, ଆର୍ଦ୍ରତା ଏବଂ ବାୟୁ ପ୍ରବାହକୁ ବୁଝାଏ । ଜଳବାୟୁର ଉକ୍ତ ଚାରିଗୋଟି ଉପାଦାନ ସନ୍ତୁଳିତ ହେଲେ କୃଷି କାର୍ଯ୍ୟ ସୁଚାରୁ ରୂପେ ହୋଇ ଅଧିକ ଫସଲ ଅମଳ ମିଳିଥାଏ। ବର୍ଷାର ବିତରଣ ଠିକ୍ ସମୟ ଏବଂ ଠିକ୍ ପରିମାଣରେ ହେଲେ କୃଷି କାର୍ଯ୍ୟରେ କୌଣସି ବିଘ୍ନ ହୁଏନାହିଁ। ଜମି କର୍ଷଣ, ବିହନ ବୁଣା ଏବଂ ଫସଲ ଅମଳ ସମୟରେ ସ୍ୱଳ୍ପ ବର୍ଷା ଏବଂ ଫସଲ ବର୍ଦ୍ଧନ ସମୟରେ ଅଧିକ ବର୍ଷା ହେଲେ ଫସଲ ଅମଳ ଆଶାନୁରୂପ ହୁଏ । କିନ୍ତୁ ବର୍ଷାର ଅନିୟମିତତା ଯୋଗୁ ମରୁଡ଼ି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟିହୋଇ ଫସଲ ଅମଳ କମୁଛି। ଉତ୍ତାପ, ମୁଖ୍ୟତଃ ସୂର୍ଯ୍ୟାଲୋକ ଏବଂ ବାଦଲ ସ୍ଥିତି ଉପରେ ନିର୍ଭରକରେ। ଫସଲର ଅଭିବୃଦ୍ଧି, ରୋଗପୋକ ଆକ୍ରମଣ ଏବଂ ଅମଳ ସମୟ ଠିକ୍ ଉତ୍ତାପ ଉପରେ ନିର୍ଭରକରେ। ଖରିଫ ଋତୁରେ ଉତ୍ତାପ ୩୦ରୁ ୩୫ ସେଲ୍‌ସିୟସ ମଧ୍ୟରେ ରହିଲେ ଅନେକ ଫସଲର ଅଭିବୃଦ୍ଧି ଉନ୍ନତ ମାନର ରହି ଅମଳ ବଢ଼େ। ଶୀତଦିନିଆ ଫସଲ ପାଇଁ ଅନୁକୂଳ ଉତ୍ତାପ ପ୍ରାୟ ୧୫ ରୁ ୨୦° ସେଲ୍‌ସିୟସ ମଧ୍ୟରେ ରହିଲେ ଭଲ ଅମଳ ମିଳେ । କିନ୍ତୁ ବର୍ତ୍ତମାନ ଜଳବାୟୁର ପରିବର୍ତ୍ତନ ଯୋଗୁ ଖରିଫ ଏବଂ ଶୀତଋତୁର ନିର୍ଦ୍ଧାରିତ ଉତ୍ତାପଠାରୁ ଅଧିକ ହେଉଛି। ସେହିପରି ବାୟୁମଣ୍ଡଳର ଆର୍ଦ୍ରତା ୬୫ ରୁ ୭୦ ଶତକଡ଼ା ମଧ୍ୟରେ ରହିଲେ ଫସଲରେ ରୋଗପୋକ ଆକ୍ରମଣ କମ୍ ଏବଂ ଫସଲର ଅଭିବୃଦ୍ଧି ଭଲ ହୁଏ । ପ୍ରବାହିତ ବାୟୁ ଅମଳ ସମୟ ଏବଂ ଖଳାରେ ସାଇତା ଫସଲ ଉପରେ ସାମୟିକ ପ୍ରଭାବ ପକାଏ। ସ୍ଥିର ବାୟୁ ପ୍ରବାହ ଅର୍ଥାତ୍ ଘଣ୍ଟା ପ୍ରତି ୨ ରୁ ୩ କି.ମି ବେଗ ଫସଲ ଉପରେ କୌଣସି ପ୍ରତିକୂଳ ପ୍ରବାହ ନ ଥିବା ବେଳେ ଏହା ଠାରୁ ଅଧିକ ବେଗରେ ପବନ ପ୍ରବାହ ଫସଲ ଉପରେ ବିପରୀତ ପ୍ରବାହ ଅର୍ଥାତ୍ ଘୂର୍ଣ୍ଣିବାୟୁ ଦ୍ୱାରା ଖଳାରେ ସାଇତା ଫସଲ ସ୍ଥାନାନ୍ତରିତ ଆଦି ହୁଏ ।

ଜଳବାୟୁ ପରିବର୍ତ୍ତନ ମୁଖ୍ୟତଃ ମନୁଷ୍ୟକୃତ। ଜଙ୍ଗଲ ଧ୍ୱଂସ, ଖଣିଜ ତୈଳ ଚାଳିତ ଅଧିକ ଯାନବାହନର ବ୍ୟବହାର, ଅଧିକରୁ ଅଧିକ କଳକାରଖାନା ପ୍ରତିଷ୍ଠା, କୋଇଲାଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ଏବଂ ଜନସଂଖ୍ୟା ବୃଦ୍ଧି ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହୋଇ ଅଧିକ ଉତ୍ତାପ, ମରୁଡ଼ି ଅବା ବର୍ଷା ସୃଷ୍ଟି କରୁଛି। ତେଣୁ ଆମେ ମନୁଷ୍ୟ ଏହାର ପ୍ରତିକାର ନିଜେ କରିବା ଉଚିତ । ଏହାବ୍ୟତୀତ ଚାଷୀ ପ୍ରତିଦିନ ଜଳବାୟୁର ସ୍ଥିତି ବେତାର, ଦୂରଦର୍ଶନ, ସମ୍ବାଦପତ୍ରଗୁଡ଼ିକରୁ ସଂଗ୍ରହକରି କୃଷି କାର୍ଯ୍ୟ ପ୍ରତି ସତର୍କ ହୋଇପାରିବେ ।

-ପ୍ର. ସୁବୋଧ କୁମାର ସାହୁ
ମୋ :୯୫୫୬୨୬୬୦୮୫

**ଜନ୍ମଦିନର ଶୁଭେଚ୍ଛା**

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କେଜ୍‌ରିୱାଲଙ୍କୁ ହନୁମାନ ଭରସା

**ନୂଆଦିଲ୍ଲୀ, ୧୬।୧**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଙ୍ଗଳବାର ସୁନ୍ଦରାକାଣ୍ଡ ଓ ହନୁମାନ ଚାଳିଶା ପାଠ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ରୋହିଣୀ ଅଞ୍ଚଳର ଏକ ମନ୍ଦିରରେ ଏଏପି ପକ୍ଷରୁ ଏହି ଦେଢ଼ ଘଣ୍ଟିଆ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ କେଜ୍‌ରିୱାଲ ତାଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲ ରାମଚରିତମାନସର ସୁନ୍ଦରାକାଣ୍ଡ ବୋଲିବା ସହ ହନୁମାନ ଚାଳିଶା ପାଠ କରିଥିଲେ। ଏଥିସହ ହୋମଯଜ୍ଞ ମଧ୍ୟ କରିଥିଲେ। କେଜ୍‌ରିୱାଲ କହିଛନ୍ତି, ସେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଭଗବାନଙ୍କ ନିକଟରେ ଜନସାଧାରଣଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଛନ୍ତି। ଦିଲ୍ଲୀର ୭୦ ନିର୍ବାଚନମଣ୍ଡଳୀରେ ସ୍ଥାନୀୟ ଲୋକଙ୍କୁ ନେଇ ପ୍ରତି ମଙ୍ଗଳବାର ଏଭଳି କାର୍ଯ୍ୟକ୍ରମର ଆୟୋଜନ

## ଦିଲ୍ଲୀର ୭୦ ଆସନରେ ଏଏପିର ହନୁମାନ ଚାଳିଶା ପାଠ

କରାଯିବ ବୋଲି ଏଏପି ପକ୍ଷରୁ ସୋମବାର ଘୋଷଣା କରାଯାଇଥିଲା। ଉତ୍ତର ପ୍ରଦେଶର ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା କରି ରାଜନୈତିକ ମାଇଲେଜ୍ ଉଠାଇବା ପାଇଁ ଭାଜପା ଉଦ୍ୟମ ଚଳାଇଥିବାବେଳେ ବିରୋଧୀ ଦଳଗୁଡ଼ିକର ନେତାମାନେ ସେଥିରେ ଯୋଗଦେବେ ନାହିଁ ବୋଲି ଘୋଷଣା କରିଛନ୍ତି। ଏପରି ସ୍ଥଳେ ଏଏପି ହନୁମାନଙ୍କ ଶରଣାପନ୍ନ ହେବା ଏହାର ଡ୍ୟାମେଜ୍ କଣ୍ଟ୍ରୋଲ ରଣନୀତି ବୋଲି କୁହାଯାଉଛି।


ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହ ସ୍ତ୍ରୀ ସୁନୀତା ଦେବୀ।

# କଂଗ୍ରେସର ସଂଯୋଜକ ତାଲିକାକୁ ଅନୁମୋଦନ କଲେ ଅଜୟ କୁମାର

**ଭୁବନେଶ୍ୱର, ୧୬।୧ (ସୁନିତ୍ ମିଶ୍ର)**

ଆସନ୍ତା ସାଧାରଣ ନିର୍ବାଚନ ୨୦୨୪ ନିମନ୍ତେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଶରତ ପଟ୍ଟନାୟକ ପ୍ରସ୍ତାବ ଦେଇଥିବା ୧୪୭ ନିର୍ବାଚନମଣ୍ଡଳୀ ସଂଯୋଜକମାନଙ୍କ ନାମ ତାଲିକାକୁ ଦଳର ପ୍ରଭାରୀ ଅଜୟ କୁମାର ଅନୁମୋଦନ କରିଛନ୍ତି। ସମସ୍ତ ସଂଯୋଜକ ଖୁବ୍‌ଶୀଘ୍ର ନିଜ ଦାୟିତ୍ୱରେ ଥିବା ନିର୍ବାଚନମଣ୍ଡଳୀରେ ନିର୍ବାଚନ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ସହ ଦଳର ପ୍ରାର୍ଥୀମାନଙ୍କୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତୁ ବୋଲି ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

**Classified Everyday**
**0674-2580101, 2549949**


MATRIMONIAL

**GROOM WANTED**

Beautiful Khandayat Girls 1991, 5'2" Serving OAS/1994 5'2" Serving OJS "SUNASANSAR". 9937512659, 8249969649. D-75295


REAL ESTATE

**SALE**

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2286

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-75292

Duplex sale at Bhubaneswar @ 57 lakhs only. Contact: 9777433701. D-75294

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-2271


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2272




Newly open SPA positively health benefits (expert therapist). Contact: 9124527170. D-75188

Newly open health benefits SPA special offer @ 799 Bapuji Nagar. 8018429809. D-75183

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

Newly health benefited SPA expert therapist at Mastercanteen. Contact: 7749034655. D-75185

Spa Kerala body Massage best Therapist @699/- Bhubaneswar. kajal-9337672475. D-2252

Newly open Jyoti SPA positively health benefits (expert therapist). 8458067955. D-75182

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Newly open health benefits SPA special offer @ 999 Bapujinagar. 8018429809. D-75189

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar date-12.01.2024, I Smt. Kusum Kumari Dhir, W/o Late Gatikrushna Dhir, resident of Plot No. M-49, Rajiv Nagar, At/ PO-Aiginia, Bhubaneswar, Odisha-751019 declare that I have changed my name from Ratanmani Dhir to Kusum Kumari Dhir. Henceforth I shall be known as Kusum Kumari Dhir for all purposes. D-75701

By virtue of an affidavit sworn before the Executive Magistrate, Bhubaneswar on 11th January 2024, I, Niranjan Sahoo, aged about 59 Years, Son of Late Bhramarbar Sahoo, resident of Plot No.1388, Sastri Nagar, Unit No.-4, P.O.-GPO, Bhubaneswar, Dist.-Khurda, Odisha, PIN-751001, do hereby solemnly affirm and declare as under: 1. That, I am the deponent of this affidavit. 2. That, I am serving as Club Operator in the Police Department (Home), Odisha and I am presently posted at Commissionerate of Police, Bhubaneswar. 3. That, my surname is as is mentioned in the Aadhaar Card and the PAN card as "Sahoo" is correct and true. 4. That, my surname has been wrongly mentioned as "Sahu" in my service book. 5. That, I state that "Niranjan Sahoo" and "Niranjan Sahu" is the name of one and the same person and that is myself. That, there is no other person in our locality named as "Niranjan Sahoo S/o- Late Bhramarbar Sahoo". 6. That, I shall be held responsible if my above statements are proved to be false in future. 7. That, this affidavit is required to be produced before the concerned authority for taking necessary action. I hereby state that whatever is stated herein above are true to the best of my knowledge and belief.
Niranjan Sahoo
D-2292

By virtue of an affidavit vide No. 68AA 608583 dtd. 15.1.24, I, Debanshu Das, Son of Goutam Das, 744, Saheed Nagar, Bhubaneswar- 751007 declare that Debanshu and Debanshu Das are one and same person that is myself & henceforth, I shall be known as Debanshu Das for all future purposes. D-71699

I Sabeha Saheen, D/o Moniruddin Sekha, W/o Syed Safat Hossain resident of plot No.71, Jadupur, Near Football Ground Khandagiri, Bhubaneswar Urban, PIN-751019, Odisha, declared by this affidavit that now onwards I shall be known as Sabeha Sahin for all future purposes. D-2290

I Annapurna Das alias Anusaya Das (38), W/o Late Panchanan Das, Vill/P.O- Haladia, P.S-Bansada, Dist.- Bhadrak. My husband have an LIC Policy bearing No 585917645, where in I am the nominee and my name is wrongly mentioned Annapurna Das. By this affidavit I declare that Annapurna Das and Anusaya Das is same and one person. D-2291

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

**LEGAL NOTICE**

ମାନ୍ୟବର, ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ, ଅତିରିକ୍ତ ରିଭିଜନ କୋର୍ଟ ନଂ.-୩ ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।
ଓ.ଏସ୍.ଏସ୍.କେଶ୍ ନଂ.- ୧୦୨୦/୨୦୧୮

ଶ୍ରୀମତୀ ରାଜ କୁମାରୀ ବେହେରା ......ବାଦିନୀ
ବନାମ
ଶ୍ରୀଯୁକ୍ତ ଅରକ୍ଷିତ ଦାସ ଓଗେର ......ପ୍ରତିବାଦୀମାନେ

ନୋଟିସ୍ ଅର୍ଡର-୫, ରୁଲ୍-୨୦ ସି.ପି.ସି. ମୁତାବକ
(ପ୍ରତିବାଦୀ ନଂ.-୩) ଅରକ୍ଷିତ ଦାସ, ପିତା: ମାର୍କଣ୍ଡ ଦାସ, (ପ୍ରତିବାଦୀ ନଂ.-୬) ପ୍ରଭାକର ବେହେରା, ପିତା: ନଟବର ବେହେରା, (ପ୍ରତିବାଦୀ ନଂ.-୭) ଯୋଗୀ ବେହେରା, ପିତା: ନରୋତ୍ତମ ବେହେରା, (ପ୍ରତିବାଦୀ ନଂ.୮) ରତ୍ନାକର ମହାପାତ୍ର, ପିତା: ଚନ୍ଦ୍ର ମହାପାତ୍ର, (ପ୍ରତିବାଦୀ ନଂ.-୯) ଗୋଲେଖ ବେହେରା, ପିତା: ହରି ବେହେରା, (ପ୍ରତିବାଦୀ ନଂ.-୧୦) ଚନ୍ଦ୍ର ବେହେରା, ପିତା: ହରି ବେହେରା ଉପରୋକ୍ତ ପ୍ରତିବାଦୀମାନଙ୍କର ଠିକଣା: ଗ୍ରାମ: ପଥରଗାଡ଼ିଆ, ଥାନା: ଚନ୍ଦକା (ଥାନା ନଂ.୪୦), ପୋ: ଦାରୁଠେଙ୍ଗ, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଯୋଗେ ନୋଟିସ୍ ପଠାଯାଇଥିଲା। କିନ୍ତୁ ଏହି ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦିନୀ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି।

**ଜମିର ତଫସିଲ**

ମୌଜା: ପଥରଗାଡ଼ିଆ, ଥାନା: ଚନ୍ଦକା (ଥାନା ନଂ.-୪୦) ତହସିଲ: ଭୁବନେଶ୍ୱର, ହାଲ୍ ଖାତା ନଂ.-୧୧୮, ହାଲ୍ ପ୍ଲଟ୍ ନଂ.-୫୨୦୨, ରକବା: ଏ୦.୦୫୪ ଡିସିମିଲ୍ ସମ୍ବନ୍ଧ ଏ୦.୩୨୬ ଡିସିମିଲ୍। ସାବକ: ମୌଜା: ପଥରଗାଡ଼ିଆ, ସାବକ ଖାତା ନଂ.-୩୨୫/୧୫୩, ସାବକ ପ୍ଲଟ୍ ନଂ.-୧୨୫୨, ରକବା ଏ୦.୦୫୪ ଡିସିମିଲ୍ ସମ୍ବନ୍ଧ ଏ୦.୧୦୮ ଡିସିମିଲ୍ ସମ୍ବନ୍ଧ ଏ୦.୩୮୦ ଡିସିମିଲ୍ ସମ୍ବନ୍ଧ ଏ୨.୨୬୬୦ ଡିସିମିଲ୍।

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଓ ଅତିରିକ୍ତ ରିଭିଜନ୍ ବନ୍ଦୋବସ୍ତ ନ୍ୟାୟାଳୟ, ଓଡ଼ିଶା ଭୁବନେଶ୍ୱର, ମୁଖ୍ୟ ନିର୍ଦ୍ଦେଶାଳୟ, ୯ମହଲା ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୨୭।୦୨।୨୦୨୪ରିଖ ଦିବା ଘ୩.୦୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମା ତଦବିର କରିବେ। ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ।
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୨୨୮୫

# ରାଜ୍ୟବାସୀଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି ସରକାର: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୬।୧ (ସୁନିତ୍ ମିଶ୍ର)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ ଭାରତ ବିକଶିତ ରାଷ୍ଟ୍ର ଦିଗରେ ଅଗ୍ରସର ହେଉଛି। ହେଲେ ଓଡ଼ିଶାରେ ଦୀର୍ଘ ୨୫ ବର୍ଷ ଶାସନରେ କେବଳ ମିଛ ରୂପାନ୍ତରଣର କଥା କୁହାଯାଉଛି। ଓଡ଼ିଶାରେ ରୂପାନ୍ତରଣ ହୋଇନାହିଁ ବରଂ ପ୍ରତାରଣା ଓ ଛଳନା କରାଯାଇଛି। ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ସୁବିଧା, ମହିଳା ସୁରକ୍ଷା ଓ ରୋଜଗାରର ଅବସ୍ଥା କ'ଣ ଅଛି। ରାଜ୍ୟରେ ସ୍ୱାସ୍ଥ୍ୟସେବା କେବଳ ପ୍ରଚାରରେ ସୀମିତ। ନବଜାତ ଶିଶୁଙ୍କ ଓଜନ ଅନୁସାରେ ଉଚ୍ଚତା ଓ ଉଚ୍ଚତାନୁଯାୟୀ ଓଜନ ହ୍ରାସ ହୋଇଛି। ଶିଶୁମାନେ ଅପପୁଷ୍ଟି ଓ ମହିଳା ରକ୍ତହୀନତାର ଶିକାର ହେଉଛନ୍ତି, ଯାହା ଚିନ୍ତାଜନକ। କେବଳ ବଡ଼ ବଡ଼ ଡାକ୍ତରଖାନା ପ୍ରତିଷ୍ଠା କରାଯିବା କଥା କୁହାଯାଉଥିବା ବେଳେ ମେଡିକାଲରେ ଡାକ୍ତର ନାହାନ୍ତି। କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ମେଡିକାଲ କଲେଜର ଅବସ୍ଥା ଶୋଚନୀୟ। ରାଜ୍ୟରେ ବେସରକାରୀ ଡାକ୍ତରଖାନାରେ କେବଳ ବିଲ୍ କରାଯାଇ ଲୋକଙ୍କୁ ଲୁଟିବାର ଷଡ଼ଯନ୍ତ୍ର କରାଯାଉଛି। ଓଡ଼ିଆ ଲୋକଙ୍କୁ ଲୁଟିବାକୁ ସରକାରୀ ଅଧିକାରୀ ଜାଲ ବିଛାଇଛନ୍ତି। ଏକଥା ପ୍ରଶ୍ନ କଲେ ରାଜ୍ୟ ସରକାର କହୁଛନ୍ତି ବିରୋଧୀ ସହିପାରୁନାହାନ୍ତି। ରାଜ୍ୟର ୫୩ ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ଯୋଗାଯାଇଛି। ଉଜ୍ଜ୍ୱଳା ଯୋଜନାକୁ ନେଇ ଏଠି ପ୍ରଶ୍ନ କରାଯାଉଛି। ଓଡ଼ିଶାର ମାଆ ଓ ମହିଳାମାନେ ଏହାର ବିଚାର କରିବେ। ପାନୀୟ ଜଳ ପାଇଁ ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁ ସବୁ ଘରେ ପିଇବା ପାଣି ପହଞ୍ଚି ପାରିନାହିଁ। ଠିକାଦାରଙ୍କ ପ୍ରିୟାପ୍ରୀତି ତୋଷଣ ମନୋଭାବ ଯୋଗୁ ଏହି ଅବସ୍ଥା। ଦୀର୍ଘ ୨୫ ବର୍ଷ ଶାସନରେ ରହିବା ସତ୍ତ୍ୱେ ରାଜ୍ୟରେ ରୋଜଗାର ନାହିଁ। ନୀଳବର୍ଣ୍ଣମାନଙ୍କ ଦ୍ୱାରା ପରିଚାଳିତ ସରକାର ମାସକୁ ପ୍ରାୟ ୨୫୦ କୋଟି ଟଙ୍କା ବେସରକାରୀ ହସ୍ପିଟାଲକୁ ଟେକିଦେଇ କେବଳ ପ୍ରଚାରରେ ସ୍ୱାସ୍ଥ୍ୟସେବା କରୁଛନ୍ତି। ଓଡ଼ିଶାରେ ଦୀର୍ଘ ବର୍ଷ ଧରି ସ୍ଥିର ସରକାର ଥିବା ସତ୍ତ୍ୱେ ପ୍ରାୟ ୫୦% ପିଲା ମାଟ୍ରିକ ଅଧାରୁ ପାଠ ଛାଡୁଛନ୍ତି। ଚଳିତବର୍ଷ ପ୍ରାୟ ୧୫ ହଜାର ପିଲା ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମ ପୂରଣକରି ପରୀକ୍ଷା ଦେବାକୁ ଯାଇନାହାନ୍ତି। ଏହା କ'ଣ ରୂପାନ୍ତରଣ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଢେଙ୍କାନାଳର କାମାକ୍ଷାନଗର ଏବଂ ଅନୁଗୋଳ ବଅଁରପାଳରେ କେନାଲରେ ପାଣି ନ ମାଡ଼ିବା କ'ଣ ରୂପାନ୍ତରଣ। ଓଡ଼ିଆ ଲୋକଙ୍କ ମୁଣ୍ଡ ପିଛା ହଜାର ହଜାର କୋଟି ଟଙ୍କା ଋଣ ଭାର କରାଯାଇଛି। ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ମହିଳା ଅତ୍ୟାଚାର କ୍ଷେତ୍ରରେ ସବୁଠାରୁ ଖରାପ ୩ ରାଜ୍ୟ ଭିତରେ ଓଡ଼ିଶା ରହିଛି। ମମିତା ମେହେର ହତ୍ୟାକାଣ୍ଡର କୌଣସି ଉତ୍ତର ମିଳିଲା ନାହିଁ। ସରକାରଙ୍କ ବଡ଼ପଣ୍ଡାମାନେ ମାରି ପୋତିଦେଲେ। ଅଭିଯୁକ୍ତର ଜେଲରେ ମୃତ୍ୟୁ ଘଟିଲା। ଭଞ୍ଜଲି ଅଞ୍ଚଳରେ ଥାନାରେ ପଶି ପୋଲିସକୁ ମାଡ଼ ହେଲା। ଏସବୁ ସତ୍ତ୍ୱେ ବିରୋଧୀ ଅନ୍ଧପୁଟୁଳି ବାନ୍ଧିଛନ୍ତି କହିଲେ ଲୋକେ ଜବାବ ଦେବେ। ପ୍ରଜାତନ୍ତ୍ରରେ ଲୋକେ ଅହଂକାରକୁ ବରଦାସ୍ତ କରିବେ ନାହିଁ। ଧୃତରାଷ୍ଟ୍ର କିଏ, ଆଗାମୀ ନିର୍ବାଚନରେ ଲୋକମାନେ ତାହାର ଜବାବ ଦେବେ ବୋଲି ସେ କହିଛନ୍ତି।

# ଧର୍ମେନ୍ଦ୍ରଙ୍କୁ କଡ଼ା ଜବାବ ଦେଲେ ପ୍ରଣବ

**ଭୁବନେଶ୍ୱର, ୧୬।୧ (ଅନିଲ ଦାସ)**

## ସତ ଆଇନା ଦେଖାଇଲେ ରାଗି ଯାଉଛନ୍ତି କେନ୍ଦ୍ରମନ୍ତ୍ରୀ

ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ଜବାବ ଦେଇଛନ୍ତି। ସମାଜିକ ଗଣମାଧ୍ୟମ 'ଏକ୍ସ'ରେ ପ୍ରଣବ ସିଧାସଳଖ ଧର୍ମେନ୍ଦ୍ରଙ୍କୁ ନିଶାଣ କରିବା ସହିତ ତାଙ୍କ ଅପାରଗତା ନେଇ ଆଇନା ବି ଦେଖାଇଛନ୍ତି। ପ୍ରଣବ ସିଧାସଳଖ କହିଛନ୍ତି ଯେ, ପ୍ରଧାନଙ୍କୁ ତାଙ୍କ ଅପାରଗତାର ଆଇନା ଦେଖାଇଲେ ସେ ଚିଡ଼ି ଯାଉଛନ୍ତି । ପ୍ରଶ୍ନ ପଚାରିଲେ ସେ ଜୋରରେ ରାଗିଯିବା ସହିତ ତାଙ୍କ ରକ୍ତଚାପ ବଢ଼ିଯାଉଛି। ତେଣୁ ଚିଡ଼ିଚିଡ଼ା ହୋଇ ବଢୁଥିବା ରକ୍ତଚାପକୁ କମାଇବା ପାଇଁ ପୂର୍ବ ଭଳି ନିୟମିତ ଯୋଗକରିବାକୁ ପ୍ରଣବ ବି ଧର୍ମେନ୍ଦ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଟୁଇଟ୍ କରି ପ୍ରଣବ କହିଛନ୍ତି ଯେ, ପ୍ରଧାନ କେନ୍ଦ୍ରରେ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି । ହେଲେ ନିଜ ମାଟି ପାଇଁ ଗୋଟେ ନୂଆ ବିଶ୍ୱବିଦ୍ୟାଳୟ କରିବା ତ ଦୂରର କଥା, ନିଜ ଜିଲ୍ଲା ଅନୁଗୋଳ କିମ୍ବା ପଡ଼ୋଶୀ ଢେଙ୍କାନାଳ ଓ ସମ୍ବଲପୁରରେ ଗୋଟିଏ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ କିମ୍ବା ଜବାହର ନବୋଦୟ ବିଦ୍ୟାଳୟଟିଏ କରିପାରିନାହାନ୍ତି । ସେହିଭଳି ଦକ୍ଷତା ବିକାଶ କେନ୍ଦ୍ରଟିଏ ବି ସ୍ଥାପନ କରିପାରି ନାହାନ୍ତି । କେବଳ ସେତିକି ନୁହେଁ, ନିଜ ଟୁଇଟ୍‌ରେ ପ୍ରଣବ ୫୫ ନମ୍ବର ଜାତୀୟ ରାଜପଥର ଦୁରବସ୍ଥା ସଂକ୍ରାନ୍ତରେ ଧର୍ମେନ୍ଦ୍ରଙ୍କୁ ମନେପକାଇ ଦେଇଛନ୍ତି । ସେ କହିଛନ୍ତି ଯେ, ଏହି ରାଜପଥ କାର୍ଯ୍ୟ ୧୦ ବର୍ଷ ହେଲା ସରି ପାରୁନାହିଁ। ଯାହା ଖବର ମିଳୁଛି ପ୍ରଧାନ ଏବେ ଖାଲଖମା ଯୋଗୁ ଜାତୀୟ ରାଜପଥ ବଦଳରେ ରାଜ୍ୟ ରାଜପଥରେ ଯିବାକୁ ଅଧିକ ଭରସା କରୁଛନ୍ତି । ସେହିଭଳି କାମାକ୍ଷା ପ୍ରସାଦ ସିଂହଦେଓ କେନ୍ଦ୍ରରେ ମନ୍ତ୍ରୀ ଥିବାବେଳେ ନିଜ ଜିଲ୍ଲା ପାଇଁ ଆଇଆଇଏମ୍‌ସି ସହ ଅନ୍ୟ କେନ୍ଦ୍ରୀୟ ପ୍ରକଳ୍ପ କିଭଳି କାର୍ଯ୍ୟକାରୀ କରାଇଥିଲେ ସେ ସଂକ୍ରାନ୍ତରେ ପ୍ରଣବ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମନେପକାଇ ଦେଇଛନ୍ତି । ଏଥିସହିତ ଏଭଳି ପ୍ରଶ୍ନ ଶୁଣି ରାଗିବା ଯୋଗୁ କିଭଳି ଧର୍ମେନ୍ଦ୍ରଙ୍କ ରକ୍ତଚାପ ବଢ଼ିଯାଇଛି ତାହା ଉଲ୍ଲେଖ କରିବା ସହିତ ଅନ୍ତର୍ଜାତୀୟ ଯୋଗ ଦିବସରେ ଯେଭଳି ଯୋଗ କରୁଥିଲେ ଅନୁରୂପ ଭାବେ ନିୟମିତ ଯୋଗ ଜାରି ରଖିବାକୁ ପ୍ରଣବ ପରାମର୍ଶ ଦେଇଛନ୍ତି ।



# ଜୟ ଜଗନ୍ନାଥ



## ଫୁଲମୟ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ

ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ବୁଧବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବ। ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟରେ ଗଜପତି ମହାରାଜା ଯଜ୍ଞରେ ପୂର୍ଣ୍ଣାହୁତି ଦେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକଳ୍ପକୁ ଲୋକାର୍ପଣ କରିବେ। ଏଥିପାଇଁ ଶ୍ରୀମନ୍ଦିର ଚାରିଦ୍ୱାର, ଯଜ୍ଞବେଦୀ ସ୍ଥଳ, ପରିକ୍ରମା ପ୍ରକଳ୍ପ ପରିସରରେ ଥିବା ମଠ ମନ୍ଦିର ଏବଂ ଐତିହ୍ୟ ସ୍ଥାନଗୁଡ଼ିକୁ ଫୁଲରେ ସଜ୍ଜିତ କରାଯାଉଛି। ସେହିପରି ଶ୍ରୀମନ୍ଦିର ଚାରିଦ୍ୱାରରେ କରାଯାଉଥିବା ବେଦ ପରାୟଣ ମଣ୍ଡପଗୁଡ଼ିକୁ ମଧ୍ୟ ସୁନ୍ଦର ଭାବରେ ସଜା ଯାଇଛି। ଗେଣ୍ଡୁ ଫୁଲ ସାଙ୍ଗକୁ ବିଭିନ୍ନ ଫୁଲର ସମାହାର ସଜାକୁ ବେଶ୍ ଆକର୍ଷଣୀୟ କରିଛି। ସତେ ଯେପରି ଶ୍ରୀମନ୍ଦିର ଚାରିପାଖ ଫୁଲର ଗାଲିଚା ପରି ପ୍ରତୀୟମାନ ହେଉଛି। ବିଭିନ୍ନ ଫୁଲର ସଜା ସାଙ୍ଗକୁ ମନ୍ତ୍ର ଓ ବେଦ ଧ୍ୱନୀରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି।







## ଚିତ୍ରଶିଳ୍ପୀଙ୍କ କଳାରେ ଶୋଭାପାଉଛି ଶ୍ରୀମନ୍ଦିର, ଐତିହ୍ୟ ପ୍ରକଳ୍ପ

ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଭକ୍ତ ଦୈନିକ ଶ୍ରୀକ୍ଷେତ୍ର ପୁରୀକୁ ଆସିଥାନ୍ତି। ତେବେ ଅନେକ ସମୟରେ ଭକ୍ତମାନେ ଦର୍ଶନକୁ ନେଇ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତେଣୁ ଭକ୍ତଙ୍କ ସମସ୍ୟାକୁ ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ କରାଯାଇଛି। କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ବୁଧବାର ଲୋକାର୍ପଣ ହେବ। ତେବେ ଏବେ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ବାତାବରଣକୁ ଦେଖି ବେଶ୍ ଆତ୍ମସନ୍ତୋଷ ଲାଭ କରୁଛନ୍ତି। ଖାଲି ଭକ୍ତ ନୁହେଁ କଳାକାର, କବି, ଚିତ୍ରକର ନୃତ୍ୟାଙ୍ଗନାମାନେ ପରିକ୍ରମା ପ୍ରକଳ୍ପର ଅପରୂପ ସୌନ୍ଦର୍ଯ୍ୟକୁ ଦେଖି ବିଭୋର ହେବା ସହ ସେ ତାଙ୍କ ଲେଖନୀ ମୁନରେ ପରିକ୍ରମା ପ୍ରକଳ୍ପର ସ୍ମୃତିକୁ ସାଉଁଟି ନେଉଛନ୍ତି। ମଙ୍ଗଳବାର ଓଡ଼ିଶା ଲଳିତ କଳା ଏକାଡେମୀର ଅନେକ ଛାତ୍ର, ଅଧ୍ୟାପକ ସେମାନଙ୍କ ତୂଳୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଚିତ୍ର ଓ ଶ୍ରୀମନ୍ଦିରର ଚିତ୍ରକୁ ଅତି ନିଖୁଣ ଭାବରେ ସ୍ଥାନ ଦେଇଛନ୍ତି, ଯାହାକୁ ଭକ୍ତ, ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକମାନେ ଅନେକ ସମୟ ଧରି ଦେଖିବା ସହ ଚିତ୍ର କଳାକୁ ବେଶ୍ ପ୍ରଶଂସା କରିଛନ୍ତି।




## ମଠ ମନ୍ଦିର କାନ୍ଥରେ କଳିଙ୍ଗ କଳା ସ୍ଥାପତ୍ୟ

ଶ୍ରୀକ୍ଷେତ୍ରରେ ଥିବା ମଠମନ୍ଦିରଗୁଡ଼ିକ ଶ୍ରୀମନ୍ଦିର ସହ ଓତଃପ୍ରୋତ ଭାବରେ ଜଡ଼ିତ। ମହାପ୍ରଭୁଙ୍କ ଅନେକ ସେବା ପୂଜାରେ ମଠଗୁଡ଼ିକର ଭୂମିକା ରହିଥାଏ। ମହାପ୍ରଭୁଙ୍କ ପନ୍ତି ଭୋଗଠାରୁ ଆରମ୍ଭ କରି ବେଶ ଆଦି ବିଭିନ୍ନ ମଠ ପକ୍ଷରୁ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଇଥାଏ। ସେହିପରି ଅନେକ ସେବା ମଧ୍ୟ ବିଭିନ୍ନ ମଠ ପକ୍ଷରୁ ସମ୍ପାଦିତ କରାଯାଇଥାଏ। ଏପରିକି ଅତୀତରେ ମଠଗୁଡ଼ିକ ଶ୍ରୀମନ୍ଦିରକୁ ସୁରକ୍ଷା ଯୋଗାଇବା ସହ ଧର୍ମ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ତେଣୁ ଶ୍ରୀକ୍ଷେତ୍ରରେ ବିଭିନ୍ନ ସ୍ଥାନ ସହ ଶ୍ରୀମନ୍ଦିର ଚାରିପାଖରେ ଅନେକ ମଠ ଗଢ଼ି ଉଠିଥିଲା। ତେବେ କାଳକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ମଠଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ରାଜ୍ୟ ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ କରିବା ସମୟରେ ପରିକ୍ରମା ପ୍ରକଳ୍ପ ପରିସରରେ ଆସୁଥିବା ମଠଗୁଡ଼ିକର ଉଚ୍ଛେଦ କରିଥିଲେ। ମଠଗୁଡ଼ିକର ବିଜେସ୍ଥଳ ଏବଂ ମହନ୍ତଙ୍କ ଗାଦିକୁ ଛାଡ଼ି ଅନ୍ୟସମସ୍ତ ସ୍ଥାନକୁ ଉଚ୍ଛେଦ କରାଯାଇଥିଲା। ପରିକ୍ରମାପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ସହ ମଠଗୁଡ଼ିକର ନବକଳେବର କରାଯାଇଛି। ମଠଗୁଡିକର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଛି। ସେହିପରି ମଠଗୁଡିକ କାନ୍ଥରେ କଳିଙ୍ଗ କଳା ସ୍ଥାପତ୍ୟକୁ ସ୍ଥାନିତ କରାଯିବା ସହ ମଠଗୁଡ଼ିକୁ ଖଣ୍ଡୋଲାଇଟ ପଥର ବ୍ୟବହାର କରାଯାଇ ନିର୍ମାଣ କରାଯାଇଛି। ଐତିହ୍ୟ କରିଡର ଭିତରେ ୧୭ଟି ମଠ ଓ ୩ ଗୋଟି ମଠର ଉନ୍ନତି କରଣ କରାଯାଇଛି। ସେହିପରି ଉଗ୍ରତାରା ମନ୍ଦିର, ମା' ଭଗବତୀ କୋଟ, କଟକୀ ମଠ, ରେବେସା ମଠ, ଉତ୍ତର ପାର୍ଶ୍ୱ ମଠ, ଶଙ୍ଖଚକ୍ର ମଠ, ତ୍ରିମାଳୀ ମଠ ସହ ଅନ୍ୟ ମଠ ମନ୍ଦିର ଗୁଡ଼ିକର ପୁନରୁଦ୍ଧାର କରାଯାଇଛି। ଏବେ ଏହି ମଠ, ମନ୍ଦିରଗୁଡ଼ିକୁ ପୁଷ୍ପରେ ସଜା ଯାଇଥିବାରୁ ବେଶ୍ ସୁନ୍ଦର ଦେଖାଯାଉଛି।



### ଆଧ୍ୟାତ୍ମିକ ଭାବ ସୃଷ୍ଟି କରୁଛି



"ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ କରାଯାଇଥିବା ସୌନ୍ଦର୍ଯ୍ୟକରଣ ଓ ଶୌଚାଳୟ ଆଦି କରାଯାଇଥିବା ସୁବିଧା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହାଛଡ଼ା ସରକାରଙ୍କ ଶ୍ରୀଦାଣ୍ଡ ପରିକଳ୍ପନା ଏକ ଅଭିନବ ପଦକ୍ଷେପ, ଯାହାକି ଭକ୍ତଙ୍କୁ ସିଧା ଶ୍ରୀମନ୍ଦିରରେ ପହଞ୍ଚାଇବ। ଏହାଛଡ଼ା ମନ୍ଦିର ଚତୁଃପାର୍ଶ୍ୱ ଯେପରି ସବୁଜମୟ କରାଯାଇଛି, ତାହା ଭକ୍ତମାନଙ୍କ ମନରେ ଏକ ଆଧ୍ୟାତ୍ମିକ ଭାବ ସୃଷ୍ଟି କରିବ। ବଡ଼ଦାଣ୍ଡକୁ ଅବରୋଧ ମୁକ୍ତ କରାଯାଇ ଯେପରି ଭକ୍ତମାନଙ୍କ ଚଳପ୍ରଚଳ ସୁଗମ କରାଯାଇଛି, ତାହା ସୁନ୍ଦର ବ୍ୟବସ୍ଥା। ଜାଗା ଆଖଡ଼ାର ଉନ୍ନତୀକରଣ ଓ ଅଭିନବ ପାର୍କିଂ ବ୍ୟବସ୍ଥା, ମଠଗୁଡ଼ିକର ଉନ୍ନତୀକରଣ ଇତ୍ୟାଦି ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ।

- ଚକ୍ରଧର ମହାପାତ୍ର, ସମାଜସେବୀ

### ସ୍ୱାଗତଯୋଗ୍ୟ ପଦକ୍ଷେପ



"ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ମେଘନାଦ ପାଚେରୀ ସମେତ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅବରୋଧ ମୁକ୍ତ ହୋଇ ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ ରୂପେ ନୂତନ ବାର୍ତ୍ତା ଦେବ। ଶ୍ରୀଜଗନ୍ନାଥ ପ୍ରେମୀମାନେ ଅନାୟାସରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ପ୍ରଦକ୍ଷୀଣ କରି ଦିବ୍ୟ ଅନୁଭୂତି ଲାଭ କରିପାରିବେ। ଦିନକୁଦିନ ଭକ୍ତମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି। ତେଣୁ ସେମାନଙ୍କୁ ମୌଳିକ ସୁବିଧା ଯୋଗାଇ ସୁରକ୍ଷିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିବାରେ ଏହା ବିଶେଷ ସହାୟକ ହେବ।

- ସତ୍ୟନାରାୟଣ ମିଶ୍ର, ପ୍ରାବନ୍ଧିକ

## ପରିକ୍ରମା ଲୋକାର୍ପଣର ନୀତି ନିର୍ଘଣ୍ଟ

ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍ ପ୍ରେଜେକ୍ଟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗଜପତି ମହାରାଜା ଯଜ୍ଞରେ ପୂର୍ଣ୍ଣାହୁତି ଦେବାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକଳ୍ପକୁ ଲୋକାର୍ପଣ କରିବେ। ଏନେଇ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ସକାଳ ୭ଟା ୩୦ରୁ ଅପରାହ୍ନ ୧ଟା ମଧ୍ୟରେ ସୂର୍ଯ୍ୟପୂଜା, ଧରିତ୍ରୀପୂଜା, ଗୋପୂଜା, ଶାଳା ପ୍ରବେଶ, ପଞ୍ଚକର୍ମ, ମଣ୍ଡଳପୂଜା, ହବନ, ଆରତି, ପୁଷ୍ପାଞ୍ଜଳି, ପ୍ରଦକ୍ଷିଣ ସହ ଦିନତମାମ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାରାୟଣ, ନାମ ସଂକୀର୍ତ୍ତନ କରାଯିବ। ସେହିପରି ଦିନ ୧ଟା ୧୫ରୁ ୧ଟା ୩୦ ମଧ୍ୟରେ ପ୍ରକଳ୍ପ ଲୋକାର୍ପଣ ହେବ। ୧ଟା ୩୦ରୁ ୨ଟା ମଧ୍ୟରେ ଗଜପତି ମହାରାଜାଙ୍କ ଦ୍ୱାରା ଯଜ୍ଞ ପୂର୍ଣ୍ଣାହୁତି ଓ ଆରତି ସହ ପୁଷ୍ପାଞ୍ଜଳି। ଅପରାହ୍ନ ୨ଟାରୁ ୨ଟା ୩୦ ଅନ୍ତଃ ପ୍ରଦକ୍ଷଣ ପଥରେ ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରା ହେବ। ୨ଟା ୩୦ରୁ ୩ଟା ପର୍ଯ୍ୟନ୍ତ ସଭା ମଞ୍ଚରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ସେହିପରି ମୁଖ୍ୟମନ୍ତ୍ରୀ ଗସ୍ତ ନେଇ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ହେଲିକ୍ୟାପ୍ଟର ଯୋଗେ ଆସି ପ୍ରଶାସନ ପକ୍ଷରୁ ମାଟିତୋଟା ନିକଟରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣକରି ୧ଟା ୧୫ରେ ଶ୍ରୀମନ୍ଦିର ଅଭିମୁଖେ ଆସିବେ। ୧ଟା ୨୦ରେ ପରିକ୍ରମା ପ୍ରକଳ୍ପ ସ୍ଥାନକୁ ଆସି ୧ଟା ୩୦ରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେବେ। ୧ଟା ୫୦ରେ ପରିକ୍ରମାକୁ ପ୍ରଦକ୍ଷିଣ କରିବେ। ସାଥିରେ ବେଦପାଠୀଙ୍କ ସହ ଗଜପତି ଓ ସେବାୟତମାନେ ଉପସ୍ଥିତ ରହିବେ। ପରେ ସମ୍ମାନିତ କାର୍ଯ୍ୟକ୍ରମ ପରେ ଏଲ୍ଇଡି ମାଧ୍ୟମରେ ପରିକ୍ରମା ପ୍ରୋଜେକ୍ଟ ପ୍ରଦର୍ଶିତ ହେବ।




## ପରିକ୍ରମା ପ୍ରକଳ୍ପର ମିନି ମଡେଲ

ଭକ୍ତମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଛୋଟ କଳାକୃତିକୁ ଦେଖିପାରିବେ। ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଏକ ଛୋଟ କଳାକୃତି ସ୍ଥାନିତ କରାଯାଇଛି। ଏହି କଳାକୃତି ପ୍ରାୟ ୧୫ ଫୁଟ ବ୍ୟାସାର୍ଦ୍ଧରେ ସ୍ଥାନ ପାଇଛି। ମୁମ୍ବାଇରୁ ଆସିଥିବା କାରିଗରମାନେ ଏହି କଳାକୃତିକୁ କାର୍ଡ ବୋର୍ଡ ସାହାଯ୍ୟରେ ପ୍ରସ୍ତୁତ କରିଛନ୍ତି। ସେହିପରି ଶଙ୍ଖ ନିର୍ମାଣ କରାଯାଇଛି। ଉକ୍ତ ଶଙ୍ଖଗୁଡ଼ିକରେ ଶ୍ରୀବିଗ୍ରହମାନଙ୍କ ସହ ବିଭିନ୍ନ ଦେବଦେବୀ ଓ ଭିନ୍ନ ଭିନ୍ନ କଳା ସ୍ଥାପତ୍ୟକୁ ସ୍ଥାନିତ କରାଯାଇଛି।








## ସଂକୀର୍ତ୍ତନରେ କମ୍ପୁଛି ଶ୍ରୀକ୍ଷେତ୍ର

ଶ୍ରୀମନ୍ଦିର ଈଶାନ୍ୟ କୋଣ ବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିସରର ଈଶାନ୍ୟ କୋଣରେ ଯଜ୍ଞ କାର୍ଯ୍ୟ ଜାରି ରହିଛି। ଗଜପତି ମହାରାଜାଙ୍କ ଦ୍ୱାରା ବରଣ ହୋଇଥିବା ବ୍ରାହ୍ମଣମାନଙ୍କ ବେଦ ଧ୍ୱନିର ମୁଖରିତ ହେଉଛି ଶ୍ରୀମନ୍ଦିର ଚାରିପାର୍ଶ୍ୱ। ଅପରପକ୍ଷରେ ମନ୍ତ୍ରଧ୍ୱନି ସାଙ୍ଗକୁ ସଂକୀର୍ତ୍ତନ ପରିବେଶକୁ ବେଶ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି। ବୁଧବାର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଥିବାରୁ ସଂକୀର୍ତ୍ତନ କରିବା ପାଇଁ ମଙ୍ଗଳବାରଠାରୁ କୀର୍ତ୍ତନିଆମାନଙ୍କ ଭିଡ଼ ପୁରୀରେ ପରିଲକ୍ଷିତ ହେଲାଣି। ପାରମ୍ପରିକ ପୋଷାକ ସହ ମୃଦଙ୍ଗ, ଖୋଳ, ଝାଞ୍ଜ, ଗିନି ଶବ୍ଦରେ ମୁଖରିତ ହେଉଛି ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ଚାରିପାଖ। ପରିକ୍ରମା ମାର୍ଗର ଅନ୍ତଃ ପରିକ୍ରମା ମାର୍ଗରେ ଭକ୍ତମାନେ ହରିନାମ ଗାନକରି କୀର୍ତ୍ତନ କରୁଛନ୍ତି, ଯାହା ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଭକ୍ତମାନଙ୍କ ପାଇଁ ବେଶ୍ ଆକର୍ଷଣ ସାଜିଛି। ନାମ ସଂକୀର୍ତ୍ତନ ପାଇଁ ସରକାରଙ୍କ ପକ୍ଷରୁ ଏପରି ମାର୍ଗ କରାଯାଇଥିବାରୁ କୀର୍ତ୍ତନ କରିବାକୁ ଭକ୍ତମାନେ ବେଶ୍ ଖୁସି ବ୍ୟକ୍ତ କରିବା ସହ ସରକାରଙ୍କ କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଛନ୍ତି।



## ଲୋକାର୍ପଣ ପାଇଁ ଶିଳା ପ୍ରସ୍ତୁତ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଜନ ସାଧାରଣଙ୍କ ଉଦ୍ଦେଶ୍ୟ ପରିକ୍ରମା ପ୍ରକଳ୍ପକୁ ଲୋକାର୍ପଣ କରିବେ। ମୁଖ୍ୟମନ୍ତ୍ରୀ ଲୋକାର୍ପଣ ଶିଳାନ୍ୟାସକୁ ଜନ ସାଧାରଣଙ୍କ ଉଦ୍ଦେଶ୍ୟରେ ଉନ୍ମୋଚନ କରିବେ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଲୋକାର୍ପଣ ଉତ୍ସବ ଯେଉଁଠାରେ କରାଯିବ ସେଠାରେ ଏକ ଶିଳାକୁ ସ୍ଥାପନ କରାଯାଇଛି। ଶିଳାକୁ ସ୍ଥାପନ କରାଯିବା ପରେ ଗତ ଶନିବାର ବ୍ରାହ୍ମଣଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ପାରମ୍ପରିକ ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ଯାଇ ଶିଳାନ୍ୟାସ ପଥରର ମାପଚୁପ ନେଇଥିଲେ। ଶିଳାନ୍ୟାସ ପଥରକୁ ଆବଦ୍ଧ କରିବା ସହ ଲୋକାର୍ପଣ ଉତ୍ସବ ପାଇଁ ଦରଜୀ ସର୍ଦ୍ଦାର କପଡ଼ା ପ୍ରସ୍ତୁତ କରି ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିଛନ୍ତି। ସେହିପରି ରବିବାର ଶିଳାରେ ଲୋକାର୍ପଣର ନାମଗୁଡ଼ିକ ଖୋଦିତ କରାଯାଇଥିଲା। ପଥର ଶିଳା ଉପରେ ଗୋଲ୍‌ଡେନ ରଙ୍ଗର ଲିପିକୁ ଖଞ୍ଜା ଯାଇଛି। ଶିଳାର ଉପରି ଭାଗରେ ଓଁ ଖୋଦେଇ କରାଯାଇଛି। ତା'ର ଠିକ୍ ତଳକୁ ଶ୍ରୀଶ୍ରୀ ଜଗନ୍ନାଥାୟ ନମଃ ଖୋଦିତ ହୋଇଛି। ଏଥିସହ ଶିଳାରେ ମାସ ତିଥିକୁ ସ୍ଥାନ ଦିଆଯାଇଛି। ଶେଷରେ ଲୋକାର୍ପଣର ତାରିଖ ଓ ବାର ଉଲେଲ୍ଲଖ କରାଯାଇଛି। ତେବେ ଶିଳା ଦେହରେ ସୁବର୍ଣ୍ଣ ରଙ୍ଗର ଲିପି ଲୋକାର୍ପଣ ଶିଳାକୁ ବେଶ ଆକର୍ଷଣ କରିଛି। ଉକ୍ତ ଶିଳା ନିକଟରେ ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ କରାଯାଇଥିବା ଶିଳାନ୍ୟାସର ଶିଳାକୁ ମଧ୍ୟ ସ୍ଥାନିତ କରାଯାଇଛି। ସେହିପରି ଶିଳାରେ ଲିପି ଖୋଦେଇ ହେବାପରେ ଶିଳାକୁ ଧଳା କପଡ଼ାରେ ଘୋଡ଼ା ଯାଇଛି। ସେହିପରି ସୋମବାର ଓ ମଙ୍ଗଳବାର ଶିଳାକୁ ବ୍ରାହ୍ମଣ ମାନେ ଅଭିମନ୍ତ୍ରିତ ଜଳରେ ସୋଧ କରିଛନ୍ତି। ବୁଧବାର ପୂର୍ଣ୍ଣାହୁତି ପରେ ମୁଖ୍ୟମନ୍ତ୍ରୀ ଉକ୍ତ ଶିଳାକୁ ଲୋକାର୍ପଣ କରିବା ସହ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟନ କରିବେ।





## ଶ୍ରୀସେତୁରେ କଳା ସ୍ଥାପତ୍ୟ

ରାଜ୍ୟର ପ୍ରଥମ ଟ୍ରମ୍ପେଟ ବ୍ରିଜ୍ ବା ଶ୍ରୀସେତୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ସେତୁକୁ ଲୋକମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ। ତେଣୁ ସେତୁ ନବବଧୂ ପରି ସଜେଇ ହୋଇଛି। ଅପରପକ୍ଷରେ ଶ୍ରୀସେତୁ କଳା ସ୍ଥାପତ୍ୟର ପଥର କଳାରେ ଶୋଭା ପାଉଛି। ଶ୍ରୀଜଗନ୍ନାଥ ସଂସ୍କୃତି ସହ ସନାତନ ଧର୍ମର ଧର୍ମଗୁରୁ, ଦେବଦେବୀଙ୍କ ମୂର୍ତ୍ତି ସ୍ଥାନ ପାଇଛି। ଏହି ଶ୍ରୀସେତୁ ନିର୍ମାଣ ଦ୍ୱାରା ଭକ୍ତମାନେ ସୁବିଧାରେ ଆସି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଅପରପକ୍ଷରେ ଟ୍ରାଫିକ୍ ସମସ୍ୟା ମଧ୍ୟ ଦୂର ହୋଇପାରିବ। ଶ୍ରୀସେତୁ ପୁରୀ-ଭୁବନେଶ୍ୱର ୩୦୬ନମ୍ବର ଜାତୀୟ ରାଜପଥର ବୀରହରେକୃଷ୍ଣପୁର-ମଙ୍ଗଳାଘାଟ ଛକ ବାଇପାସ୍ ରାସ୍ତାରୁ ଆରମ୍ଭ ହୋଇ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂଠାରେ ଶେଷ ହୋଇଛି। ସେତୁର ଲମ୍ବ ପ୍ରାୟ ୨.୫ କିମି ରହିଛି। ଭକ୍ତମାନେ ଶ୍ରୀସେତୁରରେ ଆସି ଶ୍ରୀଜଗନ୍ନାଥ ବଲ୍ଲଭ ବହୁତଳ ପାର୍କିଂରେ ପହଞ୍ଚି ସେଠାରେ ଗାଡ଼ି ପାର୍କିଂ କରିବେ। ସେଠାରୁ ସୁବିଧାରେ ବ୍ୟାଟେରି ଚାଳିତ ଗାଡ଼ିରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ବ୍ରିଜ୍ ତଳେ ଓ ଉପରେ ନାନାଦି ଗଛ ଲଗାଯାଇ ସବୁଜିମା ପରିବେଶ ସୃଷ୍ଟି କରାଯାଇଛି।





କ୍ୟାପିଟାଲ ଆରେନାରେ ମଙ୍ଗଳବାର ସ୍ପୋର୍ଟ୍ସ ଓଡ଼ିଶା ଓ ହୋପ୍ସ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ମନୀଷାଙ୍କ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପ୍ରଥମ ପଏଣ୍ଟ

**ଇଣ୍ଡିଆନ ଓମେନ୍ସ ଲିଗ୍**

**ଭୁବନେଶ୍ୱର, ୧୬।୧**
**(ତପନ ସ୍ୱାଇଁ)**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର କ୍ୟାପିଟାଲ ଫୁଟବଲ ଆରେନାରେ ମଙ୍ଗଳବାର ଅନୁଷ୍ଠିତ ସ୍ପୋର୍ଟ୍ସ ଓଡ଼ିଶା ଓ ଦିଲ୍ଲୀ ଭିତ୍ତିକ ଦଳ ହୋପ୍ସ ଏଫ୍‌ସି ମ୍ୟାଚ ୧–୧ ଗୋଲରେ ଡ୍ର ରହିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ସ୍ପୋର୍ଟ୍ସ ଓଡ଼ିଶା ୮ ଥର ଏବଂ ହୋପ୍ସ ଏଫ୍‌ସି ଏକାଧିକବାର ଗୋଲପୋଷ୍ଟକୁ ବଲ୍ ଶୁଟ୍ କରିଥିଲେ ହେଁ ଟାର୍ଗେଟ ମିସ୍ କରିଥିଲେ। ଫଳରେ ଦ୍ୱିତୀୟାର୍ଦ୍ଧ ଅଧିକ ରୋମାଞ୍ଚକ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ୬୭ତମ ମିନିଟରେ ଫ୍ରେଡରିକା ହେଡ୍ ଜରିଆରେ ଏକ ଗୋଲ ଦେଇ ହୋପ୍ସ ଏଫ୍‌ସିକୁ ଅଗ୍ରଣୀ କରିଥିଲେ। ମ୍ୟାଚର ଶେଷ ଭାଗରେ ୮୪ତମ ମିନିଟରେ ସ୍ପୋର୍ଟ୍ସ ଓଡ଼ିଶାର ମନୀଷା ନାଏକ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ବକ୍ସ ବାହାରୁ ଶୁଭଦ୍ରା ଶଟ୍ ପ୍ରତିପକ୍ଷ ଗୋଲପୋଷ୍ଟକୁ ଶଟ୍ ମାରିଥିଲେ। ବଲ୍‌ଟି ଗୋଲକିପରଙ୍କ ଦେହରେ ବାଜି ଫେରି ଆସୁଥିବାବେଳେ ମନୀଷା ରିବାଉଣ୍ଡ ଶଟ୍ ଜରିଆରେ ଏହାକୁ ଗୋଲରେ ପରିଣତ କରିଥିଲେ। ଫଳରେ ମ୍ୟାଚ ୧–୧ ଗୋଲରେ ବରାବର ରହିଥିଲା ଏବଂ ଚଳିତ ସିଜନରେ ସ୍ପୋର୍ଟ୍ସ ଓଡ଼ିଶା ପ୍ରଥମଥର ଏକ ପଏଣ୍ଟ ଅର୍ଜନ କରିଥିଲା। ଏହା ପୂର୍ବରୁ ସ୍ପୋର୍ଟ୍ସ ଓଡ଼ିଶା ୫ଟି ମ୍ୟାଚ ଖେଳିଥିଲେ ହେଁ ପଏଣ୍ଟ ଶୂନ୍ୟ ରହିଥିଲା। ମ୍ୟାଚ ଡ୍ର ରହିବାରୁ ହୋପ୍ସ ଏଫ୍‌ସି ୫ ମ୍ୟାଚରୁ ୪ ପଏଣ୍ଟରେ ପହଞ୍ଚିଛି।

## ପ୍ରଥମ ରାଉଣ୍ଡରୁ ବିଦାୟ ନେଲେ ଭାମ୍ବ୍ରି–ହାସେ ଯୋଡ଼ି

**ମେଲବୋର୍ନ, ୧୬।୧ (ପି.ଟି.):** ଭାରତର ୟୁକି ଭାମ୍ବ୍ରି ଓ ତାଙ୍କ ଡଚ୍ ପାର୍ଟନର ରବିନ ହାସେ ଅଷ୍ଟ୍ରେଲିଆନ ଓପନ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅଣସିଡ୍ ଇଣ୍ଡୋ–ଡଚ୍ ଯୋଡ଼ି ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ସେମାନଙ୍କ ଓପନିଂ ରାଉଣ୍ଡ ମ୍ୟାଚରେ କଲମ୍ବିଆର ନିକୋଲାସ ବାରିଣ୍ଟସ ଏବଂ ବ୍ରାଜିଲର ରାଫେଲ ମାଟୋସଙ୍କଠାରୁ ୬–୧, ୬––୭ (୮–୧୦) ୬–୭ (୭–୧୦)ରେ ହାରି ଯାଇଛନ୍ତି। ଏହି ମ୍ୟାଚ ୨ ଘଣ୍ଟା ୨୬ ମିନିଟ ଧରି ଚାଲିଥିଲା। ଭାମ୍ବ୍ରି ଗତବର୍ଷ ଦକ୍ଷିଣ ଆଫ୍ରିକାର ଲୟଡ ହାରିସଙ୍କୁ ସାଥୀ କରି ମାଲୋର୍କା ଡବଲ୍ସ ପ୍ରତିଯୋଗିତାରେ ତାଙ୍କର ପ୍ରଥମ ଏଟିପି ଟାଇଟଲ ହାସଲ କରିଥିଲେ।

## ବାଂଲାଦେଶ କ୍ରିକେଟରଙ୍କୁ ଆଇସିସିର ବାସନ୍ଦ

**ଡର୍ବାନ, ୧୬।୧ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦୁର୍ନୀତି ଅଭିଯୋଗରେ ବାଂଲାଦେଶ ଅଲରାଉଣ୍ଡର ନାସିର ହୋସେନଙ୍କୁ ୨ ବର୍ଷ ବାସନ୍ଦ କରିଛି। ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଦୁର୍ନୀତି ନିବାରଣ ସଂହିତାର ସେ ୩ଟି ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ଅଣାଯାଇଥିବା ସମସ୍ତ ଅଭିଯୋଗକୁ ସେ ସ୍ୱୀକାର କରିଛନ୍ତି। ଆଚରଣ ସଂହିତାର ଧାରା ୨.୩.୪ ଅନୁସାରେ ତାଙ୍କ ବିରୋଧରେ ଅଣାଯାଇଥିବା ପ୍ରଥମ ଅଭିଯୋଗ ହେଲା ସେ ୭୫୦ ଆମେରିକୀୟ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟର ଏକ ଆଇ–ଫୋନ୍‌ର ରସିଦ୍ ଉପହାର ଆକାରରେ ପାଇଥିଲେ। ଦୁର୍ନୀତି ନିବାରଣ ଅଫିସିଆଲକୁ ଏନେଇ ଆବଶ୍ୟକ ତଥ୍ୟ ପ୍ରଦାନରେ ସେ ଅଯଥା ବିଳମ୍ବ ଘଟାଇଥିଲେ। ଦ୍ୱିତୀୟତଃ ତାଙ୍କୁ କାହିଁକି ଏହି ଅଫର ଦିଆଯାଇଥିଲା ସେ ସମ୍ପର୍କିତ ପୂର୍ଣ୍ଣାଙ୍ଗ ବିବରଣୀ ସେ ଦେଇ ନ ଥିଲେ। ତୃତୀୟତଃ ତାଙ୍କୁ ମିଳିଥିବା ଉପହାର ସମ୍ପର୍କରେ ସେ ସମ୍ପୃକ୍ତ ଦୁର୍ନୀତି ନିବାରଣ ଅଧିକାରୀଙ୍କୁ ଅବଗତ କରି ନ ଥିଲେ। ୩୨ ବର୍ଷୀୟ ଏହି କ୍ରିକେଟର ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗଗୁଡ଼ିକୁ ସ୍ୱୀକାର କରିବା ସହ ଦଣ୍ଡକୁ ମାନି ନେଇଥିଲେ।

# ୩୫ ବର୍ଷ ପରେ ଇତିହାସ ରଚିଲେ ନାଗାଲ




**ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ**

**ମେଲବର୍ନ,୧୬।୧(ପି.ଟି.)**

ଟେନିସ୍ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନରେ ଇତିହାସ ରଚିଛନ୍ତି ଭାରତୀୟ ଟେନିସ୍ ତାରକା ସୁମିତ୍ ନାଗାଲ୍। କ୍ୱାଲିଫାଇଂ ରାଉଣ୍ଡରୁ ମୁଖ୍ୟ ଡ୍ରରେ ସାମିଲ ହୋଇଥିବା ନାଗାଲ ପ୍ରଥମ ରାଉଣ୍ଡରେ ଏକ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ବିଶ୍ୱ ମାନ୍ୟତାର ୨୭ ନମ୍ବର ସ୍ଥାନରେ ଥିବା କାଜାଖସ୍ତାନର ଆଲେକ୍‌ଜାଣ୍ଡର ବବ୍‌ଲିକ୍‌ଙ୍କୁ ପରାସ୍ତ କରିବା ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ନାଗାଲ ୬–୪, ୬–୨ ଓ ୭–୬(୫) ସେଟ୍‌ରେ ଏହି ମ୍ୟାଚ୍‌କୁ ଜିତି ନେଇଛନ୍ତି। ଏହି ମ୍ୟାଚ୍‌ଟି ୨ ଘଣ୍ଟା ୩୮ ମିନିଟ ଧରି ଚାଲିଥିଲା। ୨୦୨୧ ପରେ ନାଗାଲ ପ୍ରଥମ ଥର ପାଇଁ ଏକ ଗ୍ରାଣ୍ଡସ୍ଲାମ ଖେଳୁଥିବା ବେଳେ ବିଜୟୀ ହୋଇଛନ୍ତି। ଏହା ସହ ଦୀର୍ଘ ୩୫ ବର୍ଷର ବ୍ୟବଧାନରେ ଏକ ଗ୍ରାଣ୍ଡସ୍ଲାମରେ ସିଡେଡ ଖେଳାଳିଙ୍କ ବିପକ୍ଷରେ ଜଣେ ଭାରତୀୟ ଭାବରେ ବିଜୟୀ ହୋଇଛନ୍ତି ନାଗାଲ। ପୂର୍ବରୁ ୧୯୮୯ରେ ତତ୍କାଳୀନ ୧ ନମ୍ବର ଖେଳାଳି ତଥା ଅଷ୍ଟ୍ରେଲିଆନ୍ ଓପନର ଡିଫେଣ୍ଡିଂ ଚାମ୍ପିୟନ ସ୍ୱିଡ୍ ମାଟ୍ସ ୱିଲାଣ୍ଡରଙ୍କୁ ପରାସ୍ତ କରିଥିଲେ ରମେଶ କ୍ରିଷ୍ଣନ। ଡେଭିସ୍ ଖେଳିବା ପାଇଁ ରାଜି ନ ହେବା କାରଣରୁ ଏଆଇଟିଏ ପକ୍ଷରୁ ନାଗାଲଙ୍କୁ ୱାଇଲ୍ଡ କାର୍ଡ ମିଳି ନ ଥିଲା। ଫଳରେ ସେ କ୍ୱାଲିଫାଇଂ ରାଉଣ୍ଡ ଖେଳି ମୁଖ୍ୟ ଡ୍ର'ରେ ସାମିଲ ହୋଇଥିଲେ। ମଙ୍ଗଳବାର ପ୍ରଥମ ୨ ରାଉଣ୍ଡ ମୁକାବିଲାରେ ବବ୍‌ଲିକଙ୍କୁ ହରାଇବା ପରେ ତୃତୀୟ ସେଟ୍‌ଟି ଟାଇବ୍ରେକ୍‌ରେ ଫଇସଲା ହୋଇଥିଲା। ପ୍ରଥମ ସେଟ୍ ୪୨ ଓ ଦ୍ୱିତୀୟ ସେଟ୍‌କୁ ୪୩ ମିନିଟରେ ଜିତିଥିଲେ ନାଗାଲ। ତୃତୀୟ ସେଟ୍ ଟାଇବ୍ରେକରକୁ ଯାଇଥିବା ବେଳେ ଏହା ୧ ଘଣ୍ଟା ୧୮ ମିନିଟ୍ ଧରି ଚାଲିଥିଲା। ୨୬ ବର୍ଷୀୟ ନାଗାଲ ପରବର୍ତ୍ତୀ ରାଉଣ୍ଡରେ ବିଶ୍ୱ ମାନ୍ୟତାର ୧୪୦ ନମ୍ବର ସ୍ଥାନରେ ଥିବା ଜୁନଚେଙ୍ଗ ସାଙ୍ଗଙ୍କୁ ଭେଟିବେ। ଏହି ମ୍ୟାଚ୍ ଜିତିଲେ ସେ ପରବର୍ତ୍ତୀ ରାଉଣ୍ଡରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା କାର୍ଲୋସ୍ ଅଲକାରାଜଙ୍କୁ ଭେଟିବାର ସମ୍ଭାବନା ରହିଛି। ପ୍ରଥମ ରାଉଣ୍ଡ ବିଜୟ ପାଇଁ ନାଗାଲଙ୍କୁ ୧ ଲକ୍ଷ ୨୦ ହଜାର ଅଷ୍ଟ୍ରେଲୀୟ ଡଲାର ଓ କ୍ୱାଲିଫାଇଂ ରାଉଣ୍ଡ ବିଜୟ ପାଇଁ ୬୫ ହଜାର ଡଲାର ପୁରସ୍କାର ମିଳିବ।

# ବିଜୟରୁ ସ୍ୱିଟେକ୍, ଅଲ୍‌କାରାଜଙ୍କ ଅଭିଯାନ

**ମେଲବର୍ନ, ୧୬।୧ (ପି.ଟି.)**

ଅଷ୍ଟ୍ରେଲିଆନ୍ ଓପନ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଇଗା ସ୍ୱିଟେକ୍ ଓ କାର୍ଲୋସ୍ ଅଲ୍‌କାରାଜ ଗାର୍ଫିଆ। ପୁରୁଷ ସିଙ୍ଗଲ୍ସ ବର୍ଗରେ ଗାର୍ଫିଆ ୭–୬(୭), ୬–୧ ଓ ୬–୨ ରିଚାର୍ଡ ଗାସ୍କେଟ୍‌ଙ୍କୁ ପରାସ୍ତ କରି ନିଜର ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟ ସିଡେଡ୍ ଖେଳାଳିଙ୍କ ମଧ୍ୟରେ ଆଲେକ୍‌ଜାଣ୍ଡାର ଜେଭରେଭ ୪–୬, ୬–୩, ୭–୬(୭) ଓ ୬–୩ରେ ଡୋମିନିକ୍ କୋପଫରଙ୍କୁ, ଟମି ପଲ୍ ୬–୨, ୬–୩ ଓ ୬–୩ରେ ଗ୍ରେଗୋରୀ ବାରେରେଙ୍କୁ, ହୋଲଗର ରୁନ୍ ୬–୨, ୪–୬, ୭–୬(୭) ଓ ୬–୪ରେ ୟୋଶିହିତା ନିଶିକୋଇଙ୍କୁ, କାସ୍ପର ରୁଡ୍ ୬–୧, ୬–୩ ଓ ୬–୧ ସେଟ୍‌ରେ ଆଲବର୍ଟ ରାମୋସ୍ ଭିନୋଲାସଙ୍କୁ ଏବଂ ଗ୍ରୀଗୋର ଦିମିତ୍ରୋଭ ୪–୬, ୬–୩, ୭–୬(୭) ଓ ୬–୨ ରେ ମାର୍ଟନ ଫୁକସୋଭିସଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ମହିଳା ଖେଳାଳିଙ୍କ ମଧ୍ୟରେ ଟପ୍‌ସିଡ୍ ଇଗା ସ୍ୱିଟେକ୍ ୭–୬(୭–୨) ଓ ୬–୨ ସେଟ୍‌ରେ ସୋଫିଆ କେନିନଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡଟି ଟାଇବ୍ରେକରରେ ଫଇସଲା ହୋଇଥିବା ବେଳେ ଦ୍ୱିତୀୟ ରାଉଣ୍ଡକୁ ସହଜରେ ଜିତି ନେଇଥିଲେ ସ୍ୱିଟେକ୍। ଅନ୍ୟ ସିଡେଡ ଖେଳାଳିଙ୍କ ମଧ୍ୟରେ ଏଲିନା ରିବାକିନା ୭–୬(୮), ୬–୪ରେ କାରୋଲିନା ପ୍ଲିସକୋଭାଙ୍କୁ, ଜେସିକା ପେଗୁଲା ୬–୨, ୬–୪ରେ ରେବେକା ମାରିନୋଙ୍କୁ, ଏମା ରାଡୁକାନୁ ୬–୩, ୬–୨ରେ ସେଲ୍‌ବି ରୋଜର୍ସଙ୍କୁ ଏବଂ ଜେଲେନା ଓଷ୍ଟାପେଙ୍କୋ ୭–୬(୭) ଓ ୬–୧ରେ କିମ୍ବରଲି ବିରେଲଙ୍କୁ ପରାସ୍ତ କରିଛନ୍ତି।

କୋଷ୍ଠକାଠିନ୍ୟର ସମାଧାନ
9119788888

# ଗୋକୁଲମ୍‌କୁ ହରାଇଲା ଚେନ୍ନାଇନ୍

**କଳିଙ୍ଗ ସୁପର କପ୍**

**ଭୁବନେଶ୍ୱର, ୧୬।୧**
**(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ବିଜୟ ହାସଲ କରିଛି ଚେନ୍ନାଇନ୍ ଏଫ୍‌ସି। ପିଚ୍–୧ରେ ଆୟୋଜିତ ଗ୍ରୁପ୍ 'ସି' ମୁକାବିଲାରେ ଚେନ୍ନାଇନ୍ ୨–୦ ଗୋଲରେ ଗୋକୁଲମ୍ କେରଳକୁ ପରାସ୍ତ କରିଛି। ମ୍ୟାଚ୍ ଆରମ୍ଭରୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଗୋକୁଲମ୍। ୨୫ତମ ମିନିଟରେ କୋନୋର ଜନ୍ ଶିଲ୍ଡସ ଗୋଲ ଦେଇ ଚେନ୍ନାଇନ୍‌କୁ ଅଗ୍ରଣୀ କରିଥିଲେ। ଗୋଲ ପରିଶୋଧ ପାଇଁ ବିପକ୍ଷ ଦଳ ଜୋରଦାର ଉଦ୍ୟମ କରିଥିଲେ ମଧ୍ୟ ପ୍ରଥମାର୍ଦ୍ଧ ସୁଦ୍ଧା ଚେନ୍ନାଇନ୍ ୧–୦ରେ ଆଗୁଆ ରହିଥିଲା। ୬୪ତମ ମିନିଟରେ ଇରଫାନ ୟାଦୱାଦ ଆଉ ଏକ ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇଥିଲେ। ବିପଜ୍ଜନକ ଖେଳ ପାଇଁ ରଶିଦ ୬୯ତମ ମିନିଟରେ ରେଡ୍ କାର୍ଡ ପାଇବାରୁ ଗୋକୁଲମ୍ ୧୦ ଜଣିଆରେ ପରିଣତ ହୋଇଥିଲା। ତେବେ ଏହି ଦଳ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରିରଖି ଚେନ୍ନାଇନ୍‌କୁ ଅଧିକ ଗୋଲ ଦେବାରୁ ଦୂରେଇ ରଖିଥିଲା। ଚେନ୍ନାଇନ୍‌ର ଜଣେ ଓ ଗୋକୁଲମ୍‌ର ୩ ଖେଳାଳି ଏହି ମ୍ୟାଚରେ ୟେଲୋ କାର୍ଡ ପାଇଥିଲେ। ଉତ୍ତମ ଖେଳ ପ୍ରଦର୍ଶନ ପାଇଁ କୋନୋର ଜନ୍ ଶିଲ୍ଡସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚେନ୍ନାଇନ୍ ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ଗୋକୁଲମ୍ ୨ ମ୍ୟାଚରୁ ଡବଲ ପରାଜୟ ବରଣ କରିଛି।



କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଚେନ୍ନାଇନ୍ ଏଫ୍‌ସି ଓ ଗୋକୁଲମ୍ କେରଳ ମଧ୍ୟରେ ଅନୁଷ୍ଠିତ ସୁପର କପ୍ ଫୁଟବଲ ମ୍ୟାଚ।

## ଆଜି ତୃତୀୟ ଟି୨୦: କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**ବେଙ୍ଗାଲୁରୁ, ୧୬।୧ (ପି.ଟି.):** ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଖେଳା ଯାଉଥିବା ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ର ଅନ୍ତିମ ମ୍ୟାଚ୍ ବୁଧବାର ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ପୂର୍ବରୁ ସିରିଜ୍ ଜିତି ସାରିଥିବା ବେଳେ ଭାରତ ଏହି ମ୍ୟାଚ୍ ଜିତି କ୍ଲିନ୍ ସୁଇପ୍ କରିବାକୁ ପ୍ରୟାସ କରିବ। ଏହାସହିତ ସଞ୍ଜୁ ସାମସନ୍, କୁଲଦୀପ୍ ଯାଦବ ଓ ଆଭେଶ୍ ଖାନ୍‌ଙ୍କ ପରି ଖେଳାଳିଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ମିଳିବାର ସମ୍ଭାବନା ରହିଛି। ଜୁନ୍‌ରେ ଟି୨୦ ବିଶ୍ୱକପ୍ ପୂର୍ବରୁ ଏହା ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ରହିଥିବା ବେଳେ ଭାରତ ନିଜର ବେଞ୍ଚ ଷ୍ଟ୍ରେଙ୍ଗ୍ଥ ପରୀକ୍ଷା ନିଶ୍ଚୟ କରିବାକୁ ଚାହିଁବ। ଦୁଇଟି ଯାକ ମ୍ୟାଚ୍‌ରେ ଖାତା ଖୋଲିବାରେ ବିଫଳ ହୋଇଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ବ୍ୟାଟରୁ ଏକ ବଡ ଇନିଂସ ଆଶା କରିବେ ଭାରତୀୟ ସମର୍ଥକ। ସେହିପରି ୧୪ ମାସ ପରେ ପ୍ରତ୍ୟାବର୍ତ୍ତନ କରିଥିବା ବିରାଟ କୋହଲି ଏକ ଚମତ୍କାର ୨୯ ରନ୍‌ର ଇନିଂସ ଖେଳିଥିଲେ। କୋହଲିଙ୍କ ଷ୍ଟ୍ରାଇକ ରେଟ୍ ୧୮୧ ରହିଥିଲା। ଏହା ଭାରତପାଇଁ ଏକ ସବୁଜ ସଙ୍କେତ। ଭାରତ ପାଇଁ ଏହି ସିରିଜ୍‌ରେ ସବୁଠାରୁ ଭଲ ପ୍ରଦର୍ଶନ କରିଛନ୍ତି ଅଲରାଉଣ୍ଡର ଶିବମ ଦୁବେ।

**ମ୍ୟାଚ୍ ସ୍ଥାନ: ଏମ୍ ଚିନ୍ନାସ୍ୱାମୀ**
**ସମୟ : ସନ୍ଧ୍ୟା ୭.୦୦**
**ପ୍ରସାରଣ : ସ୍ପୋର୍ଟ୍ସ ୧୮**



10 ଗୁଣକାରୀ ଆୟୁର୍ବେଦିକ ତେଲ ଓ ସତ୍ତ୍ୱର ଯୋଗରେ ନିର୍ମିତ ଡା. ଅର୍ଥୋ ଷ୍ଟ୍ରଙ୍ଗ୍ ତେଲ ଗଣ୍ଠି ଭିତର ପର୍ଯ୍ୟନ୍ତ ଅବଶୋଷିତ ହୋଇ ବ୍ୟଥାକୁ ହ୍ରାସ କରିବାରେ ବିଶେଷ ସହାୟତା କରିଥାଏ । ମାତ୍ର 8–10ml ତେଲ ଦିନରେ କେବଳ ଥରେ କିମ୍ବା ଦୁଇଥର ହାଲୁକା ହାତରେ ପୀଡ଼ିତ ଅଙ୍ଗ ଉପରେ ମାଲିସ କରନ୍ତୁ । ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର ପ୍ରଭାବ ସ୍ୱଳ୍ପକାଳୀନ ନୁହେଁ ବରଂ ଦୀର୍ଘ ସମୟ ଧରି ବଜାୟ ରହିଥାଏ ।
24x7 Helpline: 78769 77777 | www.drorthooil.com
Dr. Juneja's ଡା.ଅର୍ଥୋ®
Ayurvedic Oil, Capsules, Spray & Ointment

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ